SUPREME AUDIT INSTITUTION OF INDIA
लोकहितार्थसत्यनिष्ठा
Dedicated to Truth in Public Interest

# ସ୍ଥାନୀୟ ନିକାୟଗୁଡ଼ିକ ଉପରେ

# ମାର୍ଚ୍ଚ 2022 ରେ ସମାପିତ ବର୍ଷ ପାଇଁ

# ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ସମୀକ୍ଷା ପ୍ରତିବେଦନ

ଓଡ଼ିଶା ସରକାର

ପ୍ରତିବେଦନ ସଂଖ୍ୟା 10 ବର୍ଷ 2024

(ସ୍ଥାନୀୟ ସରକାର)

© ଭାରତର  ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ

**www.cag.gov.in**

**https://cag.gov.in/ag1/odisha/en**

# ସ୍ଥାନୀୟ ନିକାୟଗୁଡ଼ିକଉପରେ

# ମାର୍ଚ୍ଚ 2022 ରେ ସମାପିତବର୍ଷ ପାଇଁ

# ଭାରତର  ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ସମୀକ୍ଷା ପ୍ରତିବେଦନ

**ଓଡ଼ିଶା ସରକାର**

ପ୍ରତିବେଦନ ସଂଖ୍ୟା  10 ବର୍ଷ 2024

## ସୂଚୀପତ୍ର



| | ପ୍ରସଙ୍ଗ | |
|---|---|---|
| | ଅନୁଚ୍ଛେଦ | ଅନୁଚ୍ଛେଦ |
| ମୁଖବନ୍ଧ | - | *iii* |
| ବିହଙ୍ଗାବଲୋକନ | - | *v* |
| **ଅଧ୍ୟାୟ 1**<br>**ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ବିହଙ୍ଗାବଲୋକନ** | | |
| ଉପକ୍ରମ | 1.1 | 1 |
| ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର ସାଙ୍ଗଠନିକ ବ୍ୟବସ୍ଥା | 1.2 | 1 |
| ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟକାରିତା | 1.3 | 3 |
| ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର କର୍ମଚାରୀ ନିଯୁକ୍ତି ପଦ୍ଧତି | 1.4 | 3 |
| ବିଭିନ୍ନ କମିଟିର କାର୍ଯ୍ୟକାରିତା | 1.5 | 4 |
| ପାଣ୍ଠିର ପ୍ରବାହିତ ବ୍ୟବସ୍ଥା | 1.6 | 4 |
| ରାଜ୍ୟ ଅର୍ଥ ଆୟୋଗ (ଏସ୍‌ଏଫ୍‌ସି)ଙ୍କ ସୁପାରିଶ | 1.7 | 6 |
| କେନ୍ଦ୍ରୀୟ ଅର୍ଥ ଆୟୋଗଙ୍କ ସୁପାରିଶ (ସିଏଫ୍‌ସି) | 1.8 | 7 |
| ଅଡିଟ୍ ଆଦେଶନାମା | 1.9 | 8 |
| ପ୍ରତିବେଦନ କରିବା ବ୍ୟବସ୍ଥା | 1.10 | 9 |
| ଦାୟିତ୍ୱାଧିନତା ସଂକ୍ରିୟା | 1.11 | 10 |
| ଉପଯୋଗ ପ୍ରମାଣ ପତ୍ର (ୟୁସି) ପ୍ରଦାନରେ ବିଳମ୍ବ | 1.12 | 10 |
| ବକେୟା ଅଗ୍ରୀମ | 1.13 | 10 |
| କ୍ୟାସ୍ ବହିର ଅବଶେଷ ମେଳ ନହେବା | 1.14 | 10 |
| ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଦ୍ୱାରା ହିସାବ ପରିଚାଳନା | 1.15 | 10 |
| **ଅଧ୍ୟାୟ 2**<br>**କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନରୁ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କୁ ମିଳିଥିବା ଅର୍ଥର ବିନିଯୋଗ** | | |
| ଉପକ୍ରମ | 2.1 | 13 |
| ପାଣ୍ଠି ପ୍ରବାହ | 2.2 | 13 |
| ଯୋଜନା | 2.3 | 14 |
| ପାର୍ଣ୍ଠି ପରିଚାଳନା | 2.4 | 15 |
| କାର୍ଯ୍ୟ ନିର୍ବାହ | 2.5 | 19 |
| ତଦାରଖ ଓ ପର୍ଯ୍ୟବେକ୍ଷଣ | 2.6 | 27 |
| **ଅଧ୍ୟାୟ 3**<br>**ରାଜ୍ୟ ଅର୍ଥ କମିଶନ ଅନୁଦାନରୁ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକ ଦ୍ୱାରା ପ୍ରାପ୍ତ ଅର୍ଥର ବିନିଯୋଗ** | | |
| ଉପକ୍ରମ | 3.1 | 29 |
| ପାଣ୍ଠିର ବ୍ୟବସ୍ଥା | 3.2 | 29 |
| ପାଣ୍ଠି ପରିଚାଳନା | 3.3 | 29 |
| କାର୍ଯ୍ୟ ନିର୍ବାହ | 3.4 | 33 |
| ତଦାରଖ ଏବଂ ପର୍ଯ୍ୟବେକ୍ଷଣ | 3.5 | 37 |
| **ଅଧ୍ୟାୟ 4**<br>**ଗୋପବନ୍ଧୁ ଗ୍ରାମୀଣ ଯୋଜନାର କାର୍ଯ୍ୟାନ୍ୱୟନ** | | |
| ଉପକ୍ରମ | 4.1 | 39 |

| | | |
|---|---|---|
| ସମୀକ୍ଷା ପରିସର ଏବଂ ପଦ୍ଧତି | 4.2 | 39 |
| ଯୋଜନା | 4.3 | 39 |
| ପାଣ୍ଠି ପରିଚାଳନା | 4.4 | 41 |
| କାର୍ଯ୍ୟ ନିର୍ବାହ | 4.5 | 43 |
| ତଦାରଖ ଏବଂ ପର୍ଯ୍ୟବେକ୍ଷଣ | 4.6 | 52 |

**ପରିଶିଷ୍ଟ**

| ପରିଶିଷ୍ଟ ସଂଖ୍ୟା | ବିଷୟ | ଅନୁଚ୍ଛେଦ | ପୃଷ୍ଠା |
|---|---|---|---|
| 1.1 | ରାଜ୍ୟ ସରକାରଙ୍କର ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ଉତ୍ତରାଧିକାରୀ ସୂତ୍ରେ ପ୍ରବର୍ତ୍ତିତ 29 ଟି କାର୍ଯ୍ୟ ସ୍ଥିତିର ବିବରଣ ( ମାର୍ଚ୍ଚ 2022 ସୁଦ୍ଧା) | 1.3 | 55 |
| 1.2 | ସ୍ଥାୟୀ କମିଟିର କାର୍ଯ୍ୟକାରିତା ବିବରଣୀ | 1.5 | 56 |
| 2.1 | ପରୀକ୍ଷିତ ୟୁନିଟ୍ ଗୁଡ଼ିକର ତାଲିକା | 2.2 &3.2 | 57 |
| 2.2 | ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ ପ୍ରଦାନରେ ବିଳମ୍ବ ହେତୁ ସୁଧର ଭାର (ମାର୍ଚ୍ଚ 2022 ସୁଦ୍ଧା) | 2.4.1 | 58 |
| 2.3 | ବକେୟା ଅଗ୍ରୀମ (ମାର୍ଚ୍ଚ 2022 ପର୍ଯ୍ୟନ୍ତ) | 2.4.4 | 59 |
| 2.4 | ସିଏଫ୍‌ସି ଅନୁଦାନକୁ ଯୋଜନାରେ ପରିବର୍ତ୍ତନ | 2.4.7 | 60 |
| 2.5 | ସରକାରୀ ରାଜସ୍ୱ (ମାର୍ଚ୍ଚ 2022 ସୁଦ୍ଧା) ପ୍ରେରଣ ନକରିବା | 2.4.8 | 63 |
| 2.6 | ଅର୍ଥ ଆୟୋଗ ଅନୁଦାନରୁ ଅଯୋଗ୍ୟ କାର୍ଯ୍ୟ/ ବ୍ୟୟ | 2.5.1 | 65 |
| 2.7 | ଅବାସ୍ତବ ଆକଳନ ଯୋଗୁଁ ଅସମ୍ପୂର୍ଣ୍ଣ ରହିଥିବା କାର୍ଯ୍ୟ | 2.5.2 | 71 |
| 2.8 | ରିଭର୍ସ ଓସ୍ମୋସିସ୍ ପ୍ଲାଣ୍ଟ ସ୍ଥାପନରେ ଅଯଥା ଖର୍ଚ୍ଚ | 2.5.3 | 72 |
| 2.9 | ଅଚଳ ହୋଇ ପଡ଼ିଥିବା ପ୍ରକଳ୍ପ | 2.5.3 | 73 |
| 3.1 | ମାର୍ଚ୍ଚ 2022 ସୁଦ୍ଧା ଅବ୍ୟବସ୍ଥିତ ଅଗ୍ରୀମର ବିବରଣ | 3.3.1 | 74 |
| 3.2 | ରୋକଡ଼ ବହିର ପ୍ରାରମ୍ଭିକ ଏବଂ ଶେଷ ଅବଶେଷ ମଧ୍ୟରେ ଅମେଳ | 3.3.2 | 75 |
| 3.3 | ସୁଧର ହିସାବକୁ ନ ନେବା | 3.3.3 | 76 |
| 3.4 | କାର୍ଯ୍ୟ ବିଲ୍‌ରୁ କାଟିକି ରଖାଯାଇଥିବା ପାଣ୍ଠି ସରକାରୀ ରାଜସ୍ୱକୁ ପ୍ରେରଣ ନହେବା | 3.3.4 | 77 |
| 3.5 | ଶ୍ରମିକ ମାନଙ୍କୁ ମଜୁରୀରେ କମ୍ ପ୍ରଦାନ | 3.4.2 | 79 |
| 4.1 | ପରିକଳ୍ପନା ପାଣ୍ଠିକୁ ଫ୍ଲେକ୍ସି ହିସାବ ଖାତାରେ ନ ରଖିବା ଯୋଗୁଁ ସୁଧରେ କ୍ଷତି | 4.4.3 | 80 |
| 4.2 | କାର୍ଯ୍ୟ ସାମଗ୍ରୀର ଅବାସ୍ତବ ମୂଲତଲବ କରିବା | 4.5.3.3 | 81 |
| 4.3 | ମଜୁରୀ ପ୍ରଦାନରେ ସ୍ୱଚ୍ଛତା | 4.5.5 | 83 |
| 4.4 | ସିମେଣ୍ଟ କଂକ୍ରିଟ୍ ରାସ୍ତା କାର୍ଯ୍ୟ ନିର୍ବାହରେ ଅଧିକ ବ୍ୟୟ | 4.5.7 | 84 |
| 4.5 | କେନାଲ କାର୍ଯ୍ୟରେ ଅଧିକ ଖର୍ଚ୍ଚ | 4.5.8 | 85 |

**ଶବ୍ଦକୋଷ**

| | | |
|---|---|---|
| ସଂକ୍ଷେପଣ ଶବ୍ଦକୋଷ | - | 87 |

# ମୁଖବନ୍ଧ

## ମୁଖବନ୍ଧ

ସିଏଜିଙ୍କର (ଡିପିସି) ଅଧିନିୟମ, 1971 ଅନୁସାରେ ଓଡ଼ିଶାର ରାଜ୍ୟପାଳଙ୍କୁ ପ୍ରଦାନ କରିବା ନିମନ୍ତେ ମାର୍ଚ୍ଚ 2022 ରେ ସମାପ୍ତ ହୋଇଥିବା ବର୍ଷ ପାଇଁ ଏହି ପ୍ରତିବେଦନ ପ୍ରସ୍ତୁତ ହୋଇଛି ।

ଏହି ପ୍ରତିବେଦନରେ ରାଜ୍ୟର ପଞ୍ଚାୟତି ରାଜ ଅନୁଷ୍ଠାନଗୁଡ଼ିକର ସମୀକ୍ଷାର ମହତ୍ୱପୂର୍ଣ୍ଣ ଫଳାଫଳ ଅନ୍ତର୍ଭୁକ୍ତ ହୋଇଛି ।

ଏଥିରେ 2021-22 ଆର୍ଥିକ ବର୍ଷର ନମୁନା ଯାଞ୍ଚ ସମୀକ୍ଷାରେ ନଜରକୁ ଆସିଥିବା ପ୍ରସଙ୍ଗ ସହିତ ଅନ୍ୟାନ୍ୟ ପ୍ରସଙ୍ଗ ଯାହା ପୂର୍ବ ବର୍ଷ ମାନଙ୍କରେ ଦୃଷ୍ଟିଗୋଚର ହୋଇଥିଲା, କିନ୍ତୁ ସେହି ବର୍ଷର ପ୍ରତିବେଦନରେ ସ୍ଥାନିତ ହୋଇନଥିଲା, ଆବଶ୍ୟକ ସ୍ଥଳେ ଅନ୍ତର୍ଭୁକ୍ତ କରାଯାଇଛି ।

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଦ୍ୱାରା ଜାରି କରାଯାଇଥିବା ସମୀକ୍ଷା ମାନ ଅନୁସାରେ, ଏହି ସମୀକ୍ଷା କରାଯାଇଛି ।

ଅନୁବାଦିତ ପାଠାନ୍ତରରେ ଯଦି କୌଣସି ସନ୍ଦେହ ଉପୁଜେ, ତେବେ ଇଂରାଜୀ ପାଠାନ୍ତରକୁ ପ୍ରାମାଣିକ ଭାବେ ଗ୍ରହଣ କରାଯିବା ବିଧେୟ ।

# ବିହଙ୍ଗାବଲୋକନ

## ବିହଙ୍ଗାବଲୋକନ

ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧିନରେ କାର୍ଯ୍ୟରତ । ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ସ୍ଥାନୀୟ ନିକାୟଙ୍କ ଉପରେ ଏହି ପ୍ରତିବେଦନରେ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର ନିମ୍ନୋକ୍ତ ତିନୋଟି ନିର୍ଦ୍ଦିଷ୍ଟ ବିଷୟ ଭିତ୍ତିକ ଜିଲ୍ଲା କେନ୍ଦ୍ରିକ ସମ୍ପାଦନ ସମୀକ୍ଷାର ଫଳାଫଳ ଅନ୍ତର୍ଭୁକ୍ତ ହୋଇଛି:

- 'କେନ୍ଦ୍ରୀୟ ଅର୍ଥ ଆୟୋଗଙ୍କଠାରୁ ପ୍ରାପ୍ତ ପାଣ୍ଠିର ବିନିଯୋଗ' ।
- 'ରାଜ୍ୟ ଅର୍ଥ ଆୟୋଗକଙ୍କଠାରୁ ପ୍ରାପ୍ତ ପାଣ୍ଠିର ବିନିଯୋଗ' ।
- 'ଗୋପବନ୍ଧୁ ଗ୍ରାମୀଣ ଯୋଜନାର କାର୍ଯ୍ୟାନ୍ୱୟନ' ।

କିଛି ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ଅବଲୋକନ ନିମ୍ନରେ ଆଲୋଚନା କରାଗଲା:

### କେନ୍ଦ୍ରୀୟ ଅର୍ଥ ଆୟୋଗ ଠାରୁ ପ୍ରାପ୍ତ ଅର୍ଥର ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଦ୍ୱାରା ବିନିଯୋଗ

- 63 ଟି ନମୁନା ଯାଞ୍ଚ ଗ୍ରାମ ପଞ୍ଚାୟତ ଗୁଡ଼ିକରେ କୌଣସିଟିରେ ପାଞ୍ଚ ବର୍ଷୀୟ ପ୍ରାଥମିକତା ମୂଳ ସେବା ଯଥା-ପାନୀୟ ଜଳ, ପରିମଳ ଏବଂ ରାସ୍ତାଘାଟ ଆଲୋକୀକରଣ ପାଇଁ ଯୋଜନା ପ୍ରସ୍ତୁତ କରାଯାଇନଥିଲା ।

  ***(ଅନୁଚ୍ଛେଦ 2.3)***

- 63 ଟି ନମୁନା ଯାଞ୍ଚ ଗ୍ରାମ ପଞ୍ଚାୟତ ମଧ୍ୟରୁ, 57 ଟି ଗ୍ରାମ ପଞ୍ଚାୟତ 3.4 କୋଟି ଟଙ୍କାର ଅନୁପାଳନ ଅନୁଦାନ ଆବଶ୍ୟକୀୟ ଯୋଗ୍ୟତା ନଥିବାରୁ ହରାଇଥିଲା ।

  ***(ଅନୁଚ୍ଛେଦ 2.4.5)***

- ଆର୍ଥିକ ବର୍ଷ 2017-22 ମଧ୍ୟରେ 10 ଟି ପଞ୍ଚାୟତ ସମିତିର 24 ଟି ଗ୍ରାମ ପଞ୍ଚାୟତ, 81.96 ଲକ୍ଷ ଟଙ୍କାର କେନ୍ଦ୍ରୀୟ ଅର୍ଥ ଆୟୋଗର ଅନୁଦାନକୁ ଅନ୍ୟାନ୍ୟ ଖର୍ଚ୍ଚରେ ବିନିଯୋଗ କରିଥିଲେ ।

  ***(ଅନୁଚ୍ଛେଦ 2.4.7)***

- ଗୋଟିଏ ପଞ୍ଚାୟତ ସମିତି ଏବଂ 42 ଟି ଗ୍ରାମ ପଞ୍ଚାୟତରେ 2.18 କୋଟି ଟଙ୍କା କେନ୍ଦ୍ରୀୟ ଅର୍ଥ ଆୟୋଗଙ୍କ ଅନୁପଯୁକ୍ତ ପ୍ରକଳ୍ପ ଏବଂ କାର୍ଯ୍ୟରେ ବିନିଯୋଗ କରାଯାଇଥିଲା ।

  ***(ଅନୁଚ୍ଛେଦ 2.5.1)***

- ଛଅଟି ଗ୍ରାମ ପଞ୍ଚାୟତରେ 40.90 ଲକ୍ଷ ଟଙ୍କା ବ୍ୟୟରେ ଲଗାଯାଇଥିବା 121 ଟି ସୋଲାର ରାସ୍ତାଘାଟ ଆଲୋକ ଛଅ ମାସ ପରେ ଯନ୍ତ୍ରର ଅଭାବରୁ ଅଚଳ ହୋଇଯାଇଥିଲା ।

  ***(ଅନୁଚ୍ଛେଦ 2.5.6.3)***

### ରାଜ୍ୟ ଅର୍ଥ ଆୟୋଗଙ୍କ ଠାରୁ ପ୍ରାପ୍ତ ଅର୍ଥର ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଦ୍ୱାରା ବିନିଯୋଗ

- ଦୁଇଟି ପଞ୍ଚାୟତ ସମିତି ଏବଂ ଦୁଇଟି ଗ୍ରାମ ପଞ୍ଚାୟତରେ, (2015-20 ମଧ୍ୟରେ ବଣ୍ଟାଯିବାକୁ ଥିବା) 34.04 ଲକ୍ଷ ଟଙ୍କାର ବକେୟା ଅଗ୍ରୀମ ବିଭିନ୍ନ ସରକାରୀ ଅଧିକାରୀ ମାନଙ୍କ ପାଖରେ ବାକି ପଡ଼ିଥିଲା ।

  ***(ଅନୁଚ୍ଛେଦ 3.3.1)***

- ଆର୍ଥିକ ବର୍ଷ 2017-22 ମଧ୍ୟରେ ରାଜସ୍ୱ ଶ୍ରମ କଲ୍ୟାଣ ସେସ୍, ଆୟକର ଇତ୍ୟାଦି, ନଅଟି ପଞ୍ଚାୟତ ସମିତି ଓ 38 ଟି ଗ୍ରାମ ପଞ୍ଚାୟତରେ ଅର୍ଥ ରାଶି 1.33 କୋଟି ଟଙ୍କାକୁ ଯଥାଯୋଗ୍ୟ ପ୍ରାଧିକାରୀଙ୍କ ନିକଟରେ ଜମା ନକରି, ନିଜସ୍ୱ ବ୍ୟାଙ୍କ ଖାତାରେ ଜମା ରଖାଯାଇଥିଲା ।

  ***(ଅନୁଚ୍ଛେଦ 3.3.4)***

- ଛଅଟି ପଞ୍ଚାୟତ ସମିତି ଏବଂ ଗୋଟିଏ ଗ୍ରାମ ପଞ୍ଚାୟତ ରାଜ୍ୟ ଅର୍ଥ ଆୟୋଗର ଅଗ୍ରାହ୍ୟ ପ୍ରକଳ୍ପଗୁଡ଼ିକରେ 1.09 କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା ।

  ***(ଅନୁଚ୍ଛେଦ 3.3.5)***

- 12 ଟି ଗ୍ରାମ ପଞ୍ଚାୟତରେ 2017-20 ଆର୍ଥିକ ବର୍ଷ ମଧ୍ୟରେ 1.05 କୋଟି ଟଙ୍କାର ସମ୍ପତ୍ତିଗୁଡ଼ିକ ଅକାମୀ ହୋଇ ପଡ଼ି ରହିଥିଲା, ଯାହାକି ଗ୍ରାମ ପଞ୍ଚାୟତ ଗୁଡ଼ିକରେ ରାଜସ୍ୱ କ୍ଷତି ହୋଇଥିଲା ।

***(ଅନୁଚ୍ଛେଦ 3.4.3)***

**ଗୋପବନ୍ଧୁ ଗ୍ରାମୀଣ ଯୋଜନାର କାର୍ଯ୍ୟାନ୍ୱୟନ**

- ତିନୋଟି ଜିଲ୍ଲା ପରିଷଦରେ, ଜିଲ୍ଲାପାଳଙ୍କ ଦ୍ୱାରା 19.64 କୋଟି ଟଙ୍କାର 1,002 ଟି ପ୍ରକଳ୍ପ ଜିଲ୍ଲା ଯୋଜନା କମିଟିର ଅନୁମୋଦନ ବିନା କରାଯାଇଥିଲା ଏବଂ ପଞ୍ଚାୟତ ସମିତିଗୁଡ଼ିକୁ ପାଣ୍ଠି ପ୍ରଦାନ କରାଯାଇଥିଲା ।

***(ଅନୁଚ୍ଛେଦ 4.3.3)***

- ଆର୍ଥିକ ବର୍ଷ 2017-22 ମଧ୍ୟରେ ପାଞ୍ଚଟି ପଞ୍ଚାୟତ ସମିତି, ଗୋପବନ୍ଧୁ ଗ୍ରାମୀଣ ଯୋଜନା ପାଣ୍ଠିରୁ 2.82 କୋଟି ଟଙ୍କା ପରିକଳ୍ପନା ଅଧିନରେ ନଥିବା ପ୍ରକଳ୍ପ ବାବଦରେ ଖର୍ଚ୍ଚ କରାଯାଇଥିଲା, ଯେଉଁଥିରୁ 0.40 କୋଟି ଟଙ୍କା ଭରଣା ପାଇଁ ବକେୟା ରହିଥିଲା ।

***(ଅନୁଚ୍ଛେଦ 4.4.2)***

- ଆର୍ଥିକ ବର୍ଷ 2017-18 ରୁ ରାଜସ୍ୱ, ଶ୍ରମ କଲ୍ୟାଣ ସେସ୍ ଇତ୍ୟାଦି ବାବଦରେ ଗୃହିତ 80.29 ଲକ୍ଷ ଟଙ୍କା ଯଥାଯୋଗ୍ୟ ପ୍ରାଧିକାରୀଙ୍କ ପାଖରେ ଜମା ନହୋଇ ଆଠଟି ପଞ୍ଚାୟତ ସମିତିର ବ୍ୟାଙ୍କ ଖାତାରେ ଜମା ରହିଥିଲା ।

***(ଅନୁଚ୍ଛେଦ 4.5.2)***

- 20 ଟି ପଞ୍ଚାୟତରେ 7.90 କୋଟି ଟଙ୍କା ବ୍ୟୟରେ ନିର୍ମିତ 219 ଟି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନଥିଲା, ଯାହାକି 30 ରୁ 1,438 ଦିନର ବିଳମ୍ବିତ ଥିଲା ।

***(ଅନୁଚ୍ଛେଦ 4.5.10)***

# ଅଧ୍ୟାୟ 1

## ରାଜ୍ୟରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ବିହଙ୍ଗାବଲୋକନ

# ଅଧ୍ୟାୟ 1

## ବିଭାଗ କ

## ରାଜ୍ୟରେ ପଞ୍ଚାୟତିରାଜ ଅନୁଷ୍ଠାନ (ପିଆର୍‌ଆଇ) ଗୁଡ଼ିକର କାର୍ଯ୍ୟକାରିତାର ସମୀକ୍ଷା

### 1.1 ଉପକ୍ରମ

ଓଡ଼ିଶା ଗ୍ରାମ ପଞ୍ଚାୟତ ଅଧିନିୟମ, 1948 ନିୟମ ପ୍ରଣୟନ ସହିତ ଓଡ଼ିଶାରେ 1948 ମସିହାରୁ ପଞ୍ଚାୟତିରାଜ ଅନୁଷ୍ଠାନ (ପିଆର୍‌ଆଇ) ଗୁଡ଼ିକର ସୃଷ୍ଟି ହୋଇଥିଲା । ପରବର୍ତ୍ତୀ ସମୟରେ 1961 ମସିହାରେ ଓଡ଼ିଶା ପଞ୍ଚାୟତ ସମିତି ଅଧିନିୟମ ଓ ଜିଲ୍ଲା ପରିଷଦ ଅଧିନିୟମ 1959 ପ୍ରବର୍ତ୍ତନ ହେବାରୁ ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ସ୍ଥାପିତ ହେଲା । ସ୍ୱାୟତ୍ତ ଭାବରେ ଗ୍ରାମାଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଓ ସାମାଜିକ ନ୍ୟାୟକୁ ନିଶ୍ଚିତ କରିବା ନିମିତ୍ତ ପିଆରଆଇଗୁଡ଼ିକୁ କ୍ଷମତାପନ୍ନ କରିବା ପାଇଁ ଉପରୋକ୍ତ ଅଧିନିୟମ ଗୁଡ଼ିକୁ 73ତମ ସମ୍ବିଧାନ ସଂଶୋଧନ ଅଧିନିୟମ, 1992 ଅନୁସାରେ ସଂଶୋଧନ କରାଯାଇଥିଲା ।

***ସାରଣୀ 1.1: ରାଜ୍ୟର ପାର୍ଶ୍ୱଚିତ୍ର***

| ସଙ୍କେତକ | ରାଜ୍ୟ ପରିସଂଖ୍ୟାନ | ଏକକ |
|---|---|---|
| କ୍ଷେତ୍ରଫଳ | 1,55,707 | ବର୍ଗ କିଲୋମିଟର |
| ତହସିଲ | 317 | ସଂଖ୍ୟା |
| ମୋଟ ଜନସଂଖ୍ୟା (ଜନଗଣନା 2011) | 419.74 | ଲକ୍ଷ |
| ଗ୍ରାମାଞ୍ଚଳ ଜନସଂଖ୍ୟା | 83 | ପ୍ରତିଶତ |
| ଗ୍ରାମାଞ୍ଚଳ ଲିଙ୍ଗ ଅନୁପାତ | 989 | 1,000 ପୁରୁଷ ପ୍ରତି ମହିଳା |
| ସାନ୍ଦ୍ରତା | 270 | ବ୍ୟକ୍ତି/ ବର୍ଗ କିଲୋମିଟର |
| ପୁରୁଷ ସାକ୍ଷରତା | 81.59 | ପ୍ରତିଶତ |
| ମହିଳା ସାକ୍ଷରତା | 64.01 | ପ୍ରତିଶତ |
| ଗ୍ରାମାଞ୍ଚଳ ସାକ୍ଷରତା ହାର | 70.22 | ପ୍ରତିଶତ |
| ଅନୁସୂଚିତ ଜାତି ଜନସଂଖ୍ୟା | 17.13 | ପ୍ରତିଶତ |
| ଅନୁସୂଚିତ ଜନଜାତି ଜନସଂଖ୍ୟା | 22.85 | ପ୍ରତିଶତ |
| ଜିଲ୍ଲା ପରିଷଦ | 30 | ସଂଖ୍ୟା |
| ପଞ୍ଚାୟତ ସମିତି | 314 | ସଂଖ୍ୟା |
| ଗ୍ରାମ ପଞ୍ଚାୟତ | 6,794 | ସଂଖ୍ୟା |

***ଉତ୍ସ: ଭାରତର ଜନଗଣନା 2011 ଓ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗରୁ ସଂଗୃହୀତ ସୂଚନା***

### 1.2 ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର ସାଙ୍ଗଠନିକ ବ୍ୟବସ୍ଥା

ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ତିନୋଟି ସ୍ତରରେ ବିଭକ୍ତ କରାଯାଇଛି, ଯଥା: ଜିଲ୍ଲା ପରିଷଦ(ଜେଡ୍‌ପି), ପଞ୍ଚାୟତ ସମିତି(ପିଏସ୍) ଏବଂ ଗ୍ରାମ ପଞ୍ଚାୟତ (ଜିପି) । ପିଆରଆଇ ଗୁଡ଼ିକର ସାଙ୍ଗଠନିକ ବ୍ୟବସ୍ଥାକୁ ପରପୃଷ୍ଠାରେ ସୂଚିତ କରାଗଲା ।

**ଚାର୍ଟ 1.1: ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର ସାଙ୍ଗଠନିକ ବ୍ୟବସ୍ଥା**




ପିଆର୍‌ଆଇର ତିନୋଟି ସ୍ତର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ (ପିଆର୍‌ଆଇଆଣ୍ଡଡିଡବ୍ଲୁ)ର ପ୍ରଶାସନିକ ନିୟନ୍ତ୍ରଣରେ କାର୍ଯ୍ୟ କରନ୍ତି, ଯାହାର ମୁଖ୍ୟ, ସଚିବ ଅଟନ୍ତି । ରାଜ୍ୟ ସ୍ତରରେ ତାଙ୍କୁ ନିର୍ଦ୍ଦେଶକ (ପଞ୍ଚାୟତିରାଜ), ନିର୍ଦ୍ଦେଶକ (ସ୍ୱତନ୍ତ୍ର ପ୍ରକଳ୍ପ) ଓ ନିର୍ଦ୍ଦେଶକ, ପାନୀୟ ଜଳ ଏବଂ ପରିମଳ ସହଯୋଗ କରନ୍ତି ।

ରାଜ୍ୟର ସମସ୍ତ 30 ଟି ଜିଲ୍ଲାରେ ଗୋଟିଏ ଲେଖାଏଁ ଜିଲ୍ଲା ପରିଷଦ (ଜେଡ୍‌ପି) ଅଛି । ଜିଲ୍ଲା ପରିଷଦକୁ ଏକ ନିର୍ବାଚିତ ନିକାୟ ପରିଚାଳନା କରେ, ଯାହାର ଅଧକ୍ଷ ଜିଲ୍ଲା ପରିଷଦର ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରୁ ନିର୍ବାଚିତ ହୁଅନ୍ତି । ଜିଲ୍ଲାପାଳ, ପରିଷଦର ପଦପ୍ରଯୁକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ[1] (ସିଇଓ) ଭାବରେ କାଯ୍ୟ କରନ୍ତି । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ କର୍ତ୍ତୃପକ୍ଷ (ଡିଆର୍‌ଡିଏ)ର ପ୍ରକଳ୍ପ ନିର୍ଦ୍ଦେଶକ ପଦପ୍ରଯୁକ୍ତ ନିର୍ବାହୀ ଅଧିକାରୀ (ଇଓ) ଭାବରେ ଜିଲ୍ଲା ପରିଷଦର ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟ ତୁଲାଇଥାନ୍ତି ।

ବ୍ଲକ୍ ସ୍ତରରେ କାର୍ଯ୍ୟ କରୁଥିବା ପଞ୍ଚାୟତ ସମିତି ଅଧକ୍ଷଙ୍କ ଅଧକ୍ଷତାରେ ଏକ ନିର୍ବାଚିତ ସଂସ୍ଥା ପରିଚାଳିତ ହୁଏ । ସମିତି ଅଧକ୍ଷ ବ୍ଲକର ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରୁ ଯଥାବିଧି ନିର୍ବାଚିତ ହୁଅନ୍ତି । ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ପଞ୍ଚାୟତ ସମିତିର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଭାବରେ କାର୍ଯ୍ୟ କରନ୍ତି ।

ଗ୍ରାମ ପଞ୍ଚାୟତ ସ୍ତରରେ ସରପଞ୍ଚଙ୍କ ଅଧକ୍ଷତାରେ ନିର୍ବାଚିତ ସଭ୍ୟ ମାନଙ୍କ ଦ୍ୱାରା ଗ୍ରାମ ପଞ୍ଚାୟତ ଗଠିତ ହୋଇଥାଏ । ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ସରପଞ୍ଚଙ୍କର ପର୍ଯ୍ୟବେକ୍ଷଣରେ ନିଜର ଦାୟିତ୍ୱ ସଂପାଦନ କରିଥାନ୍ତି । ସେ ଗ୍ରାମ ପଞ୍ଚାୟତର ସାଧାରଣ ଅଧିକ୍ଷଣ ଏବଂ ସାମୁହିକ ନିୟନ୍ତ୍ରଣ ପାଇଁ ଉତ୍ତରଦାୟୀ ଅଟନ୍ତି ।

ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର ସମସ୍ତ ସ୍ତର ନିମନ୍ତେ ଶେଷ ଥର ଫେବୃଆରୀ 2022 ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ପଞ୍ଚାୟତ ଅନୁଷ୍ଠାନର ନିର୍ବାଚିତ ନିକାୟର ଗଠନ ପ୍ରକ୍ରିୟା **ଚାର୍ଟ 1.2** ରେ ପ୍ରଦତ୍ତ ହେଲା: -

**ଚାର୍ଟ 1.2: ପଞ୍ଚାୟତିରାଜ ଅନୁଷ୍ଠାନର ନିର୍ବାଚିତ ନିକାୟର ଗଠନ ପ୍ରକ୍ରିୟା**




[1] ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପରିଷଦର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଉପାଧି 03 ଜୁନ୍ 2022 ଠାରୁ ମୁଖ୍ୟ ଉନ୍ନୟନ ଅଧିକାରୀ ସହିତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରୁପେ ପରିବର୍ତ୍ତନ କରାଯାଇଅଛି ।

### *1.3 ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟକାରିତା*

ସମ୍ବିଧାନର ଧାରା, 243 ରେ ରାଜ୍ୟ ସରକାରଙ୍କଠାରୁ କ୍ଷମତା, ସମ୍ବଳ ଏବଂ ଦାୟିତ୍ୱ ନିର୍ବାଚିତ ସ୍ଥାନୀୟ ନିକାୟମାନଙ୍କୁ ହସ୍ତାନ୍ତର କରିବା ନିମନ୍ତେ ଉଲ୍ଲେଖ କରାଯାଇଛି । ଏଥିରେ ଭାରତୀୟ ସମ୍ବିଧାନର ଏକାଦଶ ଅନୁସୂଚୀରେ ଥିବା 29 ଟି କାର୍ଯ୍ୟକ୍ରମକୁ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ହସ୍ତାନ୍ତର କରିବା ପାଇଁ ଆଇନ୍ ପ୍ରଣୟନ/ ମୂଳ ଆଇନକୁ ସଂଶୋଧନ କରିବା ନିମନ୍ତେ ରାଜ୍ୟ ବିଧାନସଭାକୁ କ୍ଷମତା ଅର୍ପଣ କରାଯାଇଅଛି । ଏହାଦ୍ୱାରା ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଗ୍ରାମ୍ୟ ଜୀବନର ଅର୍ଥନୈତିକ ପ୍ରଗତି ଓ ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ଯୋଜନା ଏବଂ କାର୍ଯ୍ୟକ୍ରମ ପ୍ରଣୟନର ଏକ ମଞ୍ଚ ଭାବରେ ଉଭା ହୋଇପାରିବେ ।

ମାର୍ଚ୍ଚ 2022 ସୁଦ୍ଧା, ରାଜ୍ୟ ସରକାର 19 ଟି ବିଭାଗର 29 ଟି କାର୍ଯ୍ୟକ୍ରମ ମଧ୍ୟରୁ 11 ଟି ବିଭାଗର 21 ଟି କାର୍ଯ୍ୟକ୍ରମକୁ ପଞ୍ଚାୟତି ରାଜ ଅନୁଷ୍ଠାନଗୁଡ଼ିକୁ ହସ୍ତାନ୍ତର କରିଛି ***(ପରିଶିଷ୍ଟ 1.1)*** । କେନ୍ଦ୍ରୀୟ ଅର୍ଥ ଆୟୋଗ ଓ ରାଜ୍ୟ ଅର୍ଥ ଆୟୋଗଙ୍କ ଦ୍ୱାରା ସୁପାରିଶ କରିଥିବା ପାଣ୍ଠି ସହିତ ରାଜ୍ୟରେ ସହାୟତା ସରକାର ମଧ ପାଣ୍ଠି ପ୍ରଦାନ କରିଥାଆନ୍ତି । ଏହି ପାଣ୍ଠି ଗୁଡ଼ିକ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟ ସଂପାଦନ ପାଇଁ ଉଦ୍ଦିଷ୍ଟ ।

### 1.4 ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର କର୍ମଚାରୀ ନିଯୁକ୍ତି ପଦ୍ଧତି

ଜିଲ୍ଲାପାଳ ଜିଲ୍ଲା ପରିଷଦର ପ୍ରମୁଖ କାର୍ଯ୍ୟନିର୍ବାହୀ ଅଧିକାରୀ ଅଟନ୍ତି । ଜେଡ୍‌ପି ଅଧିନିୟମ, 1991ର ବିଭାଗ 13(i) ନିୟମରେ ବିହିତ ହୋଇଥିବା ଅନୁସାରେ ସେହିସବୁ କାର୍ଯ୍ୟ ସମ୍ପାଦନ ଏବଂ କ୍ଷମତା ପ୍ରୟୋଗ କରିଥାନ୍ତି । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ଜିଲ୍ଲା ପରିଷଦର ପଦପ୍ରଯୁକ୍ତ, ସଚିବ ଅଟନ୍ତି । ପ୍ରତ୍ୟେକ ବ୍ଲକର ମୁଖ୍ୟ ଜଣେ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ଅଟନ୍ତି, ଯାହାଙ୍କୁ ଜଣେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ଏବିଡିଓ) ସହାୟତା କରିଥାନ୍ତି ।

ସେହିପରି, ପ୍ରତ୍ୟେକ ଗ୍ରାମ ପଞ୍ଚାୟତର ଜଣେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଥାଆନ୍ତି, ଯିଏକି ଜଣେ ରାଜ୍ୟ ସରକାରୀ କର୍ମଚାରୀ । ସେ ଗ୍ରାମ ପଞ୍ଚାୟତ ବୈଠକର ବିବରଣୀ ନଥିପତ୍ରର ରକ୍ଷଣାବେକ୍ଷଣ କରିଥାନ୍ତି । ସେ ମଧ ସେହି ସମସ୍ତ ନଥିପତ୍ର ଏବଂ ଦସ୍ତାବିଜ, ନଗଦ ଅର୍ଥ ଏବଂ ମୂଲ୍ୟବାନ ସମ୍ପତ୍ତିର ଜିମାଦାର ଅଟନ୍ତି । ସେ ମଧ ନିଧାର୍ଯ୍ୟ କରାଯାଇଥିବା ଅନ୍ୟାନ୍ୟ କ୍ଷମତାର ସଦୁପଯୋଗ କରିବା ସହ ଅନ୍ୟାନ୍ୟ ଦାୟିତ୍ୱ ଏବଂ କାର୍ଯ୍ୟକ୍ରମକୁ ଗ୍ରାମ ପଞ୍ଚାୟତ, 2014 ନିୟମ ଅନୁସାରେ ନିର୍ବାହ କରନ୍ତି ।

ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତ ମାନଙ୍କରେ ମାର୍ଚ୍ଚ 2022 ସୁଦ୍ଧା ମଞ୍ଜୁରୀପ୍ରାପ୍ତ ପଦବୀ ଓ ଅଧିକୃତ ପଦବୀ ***ସାରଣୀ 1.2*** ରେ ପ୍ରଦତ୍ତ ହେଲା:

***ସାରଣୀ 1.2: ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତରେ ଥିବା ମଞ୍ଜୁରୀ ପ୍ରାପ୍ତ ପଦବୀ ଓ ଅଧିକୃତ ପଦବୀର ବିବରଣୀ***

| ପଦବୀ | ମଞ୍ଜୁରୀ ପ୍ରାପ୍ତ ପଦବୀ | ଅଧିକୃତ ପଦବୀ | ଶୂନ୍ୟ ପଦବୀ (ପ୍ରତିଶତ) |
|---|---|---|---|
| ଗୋଷ୍ଠୀ ଉନ୍ନୟନ ଅଧିକାରୀ | 314 | 308 | 6 *(2)* |
| ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ | 314 | 212 | 102 *(32)* |
| କନିଷ୍ଠ ଯନ୍ତ୍ରୀ (ଜେଇ)/ ଗ୍ରାମ ପଞ୍ଚାୟତ ବୈଷୟିକ ସହାୟକ (ଜିପିଟିଏ) | 4,134 | 1,792 | 2,342 *(57)* |
| ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ | 6,798 | 4,280 | 2,518 *(37)* |

***ଉତ୍ସ: ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗରୁ ସଂଗୃହୀତ ସୂଚନା***

ଉପରୋକ୍ତ ସାରଣୀରୁ ଦେଖାଯାଏ ଯେ ପଞ୍ଚାୟତ ସମିତି ଗୁଡ଼ିକରେ 32 ପ୍ରତିଶତ ପଦବୀ ଓ ଗ୍ରାମ ପଞ୍ଚାୟତଗୁଡ଼ିକରେ 57 ପ୍ରତିଶତ ଜେଇ/ ଜିପିଟିଏ ଏବଂ 37 ପ୍ରତିଶତ ପଦବୀ ଖାଲିଥିଲା । ଏଗୁଡ଼ିକ ପ୍ରଶାସନିକ ସମ୍ବନ୍ଧୀୟ ପଦବୀ ଥିଲା । ଅଧିକ ପରିମାଣର ଖାଲି ପଦବୀ ପିଆର୍‌ଆଇର କାର୍ଯ୍ୟକାରିତାକୁ ପ୍ରଭାବିତ କରିବାର ସମ୍ଭାବନା ରହିଥିଲା ।

## *1.5 ବିଭିନ୍ନ କମିଟିର କାର୍ଯ୍ୟକାରିତା*

ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟ ନିଷ୍ପାଦନ ପାଇଁ ସାତଟି ସ୍ଥାୟୀ କମିଟିସବୁ ପ୍ରତ୍ୟେକ ସ୍ତରରେ ଓଡ଼ିଶା ଗ୍ରାମ ପଞ୍ଚାୟତ (ସ୍ଥାୟୀ କମିଟି ଗଠନ) ନିୟମ, 3, 2002, ଓଡ଼ିଶା ପଞ୍ଚାୟତ ସମିତି (ସ୍ଥାୟୀ କମିଟି ଗଠନ) ନିୟମ, 3, 2000 ଅନୁସାରେ ଗଠନ କରାଯାଇଥାଏ । ସଭାଧକ୍ଷ ଏବଂ ସଭ୍ୟ, ନିର୍ବାଚିତ ପ୍ରତିନିଧିମାନଙ୍କ ମଧ୍ୟରୁ ନିର୍ବାଚିତ ହୁଅନ୍ତି । ***ପରିଶିଷ୍ଟ 1.2*** ରେ ସ୍ଥାୟୀ କମିଟିର ଭୂମିକା ଏବଂ ଦାୟିତ୍ୱ ଉଲ୍ଲେଖ କରାଯାଇଅଛି ।

ପୁନଶ୍ଚ, ଗ୍ରାମ ଉନ୍ନୟନ ମନ୍ତ୍ରାଳୟ ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ତତ୍‌କାଳିକ ସତର୍କତା ପର୍ଯ୍ୟାଲୋଚନ କମିଟିକୁ ଅଧିଗ୍ରହଣ କରି ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା କମିଟି (ଦିଶା), ଗଠନ କରିବା ପାଇଁ ନିର୍ଦ୍ଦେଶନାମା ଜାରି (ଜୁଲାଇ 2016) କରିଥିଲା । ଦିଶା କମିଟିଗୁଡ଼ିକ ରାଜ୍ୟ ଏବଂ ଜିଲ୍ଲା ସ୍ତରରେ (କ) ବ୍ୟୟ ଗୁଡ଼ିକର ମୂଲ୍ୟବୋଧ ନିଶ୍ଚିତତା (ଖ) ବିଭିନ୍ନ ଯୋଜନାଗୁଡ଼ିକରେ ପବ୍ଲିକ୍ ପାଣ୍ଠିର ବହୁଳ ବ୍ୟବହାର (ଗ) ଯୋଜନା ଗୁଡ଼ିକର ନିର୍ଦ୍ଦେଶିତ ମାର୍ଗଦର୍ଶିକା ଅନୁସାରେ କାର୍ଯ୍ୟକାରିତା ଏବଂ (ଘ) ବିଭିନ୍ନ କାର୍ଯ୍ୟକ୍ରମରେ ସଂଯୋଜନାର ବ୍ୟବହାର ଇତ୍ୟାଦିକୁ ଅନୁଧ୍ୟାନ କରନ୍ତି ।

ରାଜ୍ୟ ସ୍ତରରେ ମୁଖ୍ୟମନ୍ତ୍ରୀ ଦିଶା କମିଟିର ସଭାଧକ୍ଷ ଏବଂ ସଚିବ, ପିଆର୍‌ଆଣ୍ଡଡିଡବ୍ଲୁ ବିଭାଗର ସଭ୍ୟସଚିବ ଅଟନ୍ତି । ଅନ୍ୟାନ୍ୟ ସଭ୍ୟମାନଙ୍କ ମଧ୍ୟରେ ଚାରି ଜଣ ଲୋକସଭା ସଭ୍ୟ, ଜଣେ ରାଜ୍ୟସଭା ସଭ୍ୟ, ଛଅ ଜଣ ବିଧାନ ସଭା ସଭ୍ୟ ଏବଂ ବିଭାଗୀୟ ସଚିବମାନେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଉତ୍ତର ଦାୟୀ ରହନ୍ତି । କମିଟି ପ୍ରତି ଛଅ ମାସରେ ଅତିକମରେ ଥରେ ବସିବା ଆବଶ୍ୟକ ।

ଜିଲ୍ଲା ସ୍ତରୀୟ ଦିଶା କମିଟିର ସଭାଧକ୍ଷ ଜିଲ୍ଲାରୁ ନିର୍ବାଚିତ ଜଣେ ଲୋକସଭା ସଭ୍ୟ ହେବେ । ଅନ୍ୟାନ୍ୟ ଏମ୍‌ପିମାନେ ସହଯୋଗୀ ସଭାଧକ୍ଷ ଭାବେ ଉଲ୍ଲେଖିତ ହେବେ । ଜିଲ୍ଲାପାଳ ସଭ୍ୟ ସଚିବ ରୂପେ କାର୍ଯ୍ୟ କରିବେ । ଅନ୍ୟାନ୍ୟ ସଭ୍ୟମାନଙ୍କ ମଧ୍ୟରେ, ଜିଲ୍ଲାର ସମସ୍ତ ନିର୍ବାଚିତ ବିଧାନ ସଭା ସଭ୍ୟ, ଜଣେ ରାଜ୍ୟ ସରକାରଙ୍କର ପ୍ରତିନିଧି, ପାଞ୍ଚ ଜଣ ଗ୍ରାମ ପଞ୍ଚାୟତ ମୁଖ୍ୟ, ଜିଲ୍ଲା ପରିଷଦର ସଭାଧକ୍ଷ, ପଞ୍ଚାୟତ ସମିତିର ସଭାଧକ୍ଷ, ପ୍ରକଳ୍ପ ନିର୍ଦ୍ଦେଶକ, ଡିଆର୍‌ଡିଏ, ଜିଲ୍ଲା ସ୍ତରୀୟ ସମସ୍ତ କାର୍ଯ୍ୟର ନୋଡାଲ କାର୍ଯ୍ୟକାରିଣୀ ଏବଂ ଜିଲ୍ଲାର ଅଗ୍ରଣୀ ବ୍ୟାଙ୍କ ଅଧିକାରୀମାନଙ୍କୁ ନେଇ ଗଠିତ ହେବ । କମିଟିର ବୈଠକ ଅତିକମରେ ତିନି ମାସରେ ଥରେ ହେବା ଦରକାର ।

2021-22 ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟ ସ୍ତରରେ କୌଣସି ଦିଶା ସଭା ହୋଇନଥିଲା । ଜିଲ୍ଲା ସ୍ତରରେ ହେବାକୁ ଥିବା 4ଟି ସଭାରୁ 13 ଟି ଜିଲ୍ଲାରେ ଗୋଟିଏ ଲେଖାଏଁ ସଭା ଏବଂ 4 ଟି ଜିଲ୍ଲାରେ ଦୁଇଟି ଲେଖାଏଁ ସଭା ହୋଇଥିଲା । 13 ଟି ଜିଲ୍ଲାରେ କୌଣସି ସଭା ହୋଇନଥିଲା ।

## *1.6 ପାଣ୍ଠିର ପରିଚାଳନା ବ୍ୟବସ୍ଥା*

ରାଜ୍ୟରେ ପିଆର୍‌ଆଇ ଗୁଡ଼ିକର ପାଣ୍ଠିର ମୁଖ୍ୟ ଉତ୍ସ ହେଲା କେନ୍ଦ୍ର ସରକାରଙ୍କର ବିଭିନ୍ନ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା । ଏଗୁଡ଼ିକ ହେଲା (କ) ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ରୋଜଗାର ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) (ଖ) ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ) (ଗ) ଜାତୀୟ ଗ୍ରାମୀଣ ଜୀବିକା ମିଶନ (ଏନ୍‌ଆର୍‌ଏଲ୍‌ଏମ୍), (ଘ) ସ୍ୱଚ୍ଛ ଭାରତ ମିଶନ (ଏସ୍‌ବିଏମ୍), (ଙ) ଜାତୀୟ ଗ୍ରାମୀଣ ପାନୀୟ ଜଳ କାର୍ଯ୍ୟକ୍ରମ (ଏନ୍‌ଆର୍‌ଡବ୍ଲୁଡିପି)/ ଜଳ ଜୀବନ ମିଶନ (ଜେଜେଏମ୍) ଇତ୍ୟାଦି । ରାଜ୍ୟ ଅର୍ଥ ଆୟୋଗ (ଏସ୍‌ଏଫ୍‌ସି) ଏବଂ କେନ୍ଦ୍ରୀୟ ଅର୍ଥ ଆୟୋଗ (ସିଏଫ୍‌ସି) ଦ୍ୱାରା ସୁପାରିଶ କ୍ରମେ ମିଳୁଥିବା ଅନୁଦାନ ମଧ୍ୟ ଏହି ଉତ୍ସର ଏକ ଅଂଶ । ରାଜ୍ୟ ପ୍ରାୟୋଜିତ ଯୋଜନା ଯଥା ବକ୍ସି ଜଗବନ୍ଧୁ ସମସ୍ତ ଅଧିବାସୀମାନଙ୍କୁ ନିଶ୍ଚିତ ପାନୀୟ ଜଳ (ବସୁଧା), ଆମ ଗାଁ ଆମ ବିକାଶ (ଏଜିଏବି) ଏବଂ ଗୋପବନ୍ଧୁ ଗ୍ରାମୀଣ ଯୋଜନା (ଜିଜିୱାଇ)ରେ ମଧ୍ୟ ପାଣ୍ଠି ପ୍ରାପ୍ତ ହୋଇଥିଲା ।

କେନ୍ଦ୍ର ସରକାର (ଜିଓଆଇ) ଏବଂ ଓଡ଼ିଶା ସରକାର (ଜିଓଓ) ଙ୍କ ବିଭିନ୍ନ ଯୋଜନାରେ ପିଆର୍ ଆଣ୍ଡ ଡିଡବ୍ଲ୍ୟୁ ବିଭାଗକୁ ମିଳିଥିବା ପାଣ୍ଠି ଏବଂ ପି ଆର୍ ଆଇ ଗୁଡିକୁ ଦିଆଯାଇଥିବା ପାଣ୍ଠି **ସାରଣୀ *1.3*** ଓ **ସାରଣୀ *1.4*** ରେ ପ୍ରଦତ୍ତ ହେଲା ।

**ସାରଣୀ 1.3: ବିଭିନ୍ନ ଯୋଜନାରୁ 2017-22 ମଧ୍ୟରେ ଉପଲବ୍ଧ ପାଣ୍ଠିର ବିବରଣୀ**

*(ଟଙ୍କା କୋଟିରେ)*

| ପରିକଳ୍ପନା | 2017-18 | 2018-19 | 2019-20 | 2020-21 | 2021-22 *(% ବୃଦ୍ଧି 2017-18)* |
|---|---|---|---|---|---|
| ପିଏମ୍ଏୱାଇ | 4,004.64 | 4,502.92 | 3,496.38 | 4,628.76 | 2,377.71 |
| ଏମ୍‌ଜିଏନ୍ଆର୍‌ଇଜିଏସ୍ | 810.86 | 891.97 | 989.32 | 1,600.14 | 6,852.36*(745%)* |
| ଏନ୍ଆର୍‌ଏଲ୍ଏମ୍ | 493.49 | 610.29 | 897.19 | 804.63 | 1,074.36*(118%)* |
| ଜିଜିୱାଇ | 300.00 | 500.00 | 00 | 00 | 24.37 |
| ଏଜିଏବି | 00 | 00 | 00 | 1,188.25 | 1,554.68 |
| ଏନ୍ଆର୍‌ଡିଡବ୍ଲୁପି | 00 | 253.35 | 720.97 | 1,204.01 | 6,000.00 |
| ବସୁଧା | 00 | 00 | 00 | 00 | 850.00 |
| ଏସ୍‌ବିଏମ୍ | 00 | 1,986.97 | 2,336.27 | 80.96 | 215.40 |
| ଏସ୍ଏଫ୍‌ସି | 1,509.01 | 1,645.25 | 1,762.12 | 2,461.54 | 2,533.55 *(68)* |
| **ମୋଟ** | **7,118.00** | **10,390.75** | **10,202.25** | **11,968.29** | **21,482.43*(202)*** |

***ଉତ୍ସ:** ପଞ୍ଚାୟତିରାଜ ଓ ଡିଡବ୍ଲୁ ବିଭାଗ*

ସାରଣୀ 1.3 ରୁ ଜଣାଗଲା ଯେ 2017-18 ଆର୍ଥିକ ବର୍ଷ ତୁଳନାରେ 2021-22 ଆର୍ଥିକ ବର୍ଷରେ ଗ୍ରହଣ କରାଯାଇଥିବା ପାଣ୍ଠି 202 ପ୍ରତିଶତ ଅଧିକ ଥିଲା । ଅଧିକ ପାଣ୍ଠି ବୃଦ୍ଧି ଏମ୍‌ଜିଏନ୍ଆର୍‌ଇଜିଏସ୍, ଏନ୍ଆର୍‌ଏଲ୍ଏମ୍, ରାଜ୍ୟ ଅର୍ଥ ଆୟୋଗ ଏବଂ ନୂଆ ଯୋଜନା ମଧ୍ୟରେ ଏଜିଏବି, ଏନ୍ଆର୍‌ଡିଡବ୍ଲୁପି/ ଜେଜେଏମ୍, ବସୁଧା ଏବଂ ଏସ୍‌ବିଏମ୍‌ରେ ହୋଇଥିଲା ।

***ସାରଣୀ 1.4: 2017-18 ରୁ 2021-22 ମଧ୍ୟରେ ପିଆର୍‌ଆଇ ଗୁଡ଼ିକୁ ଦିଆଯାଉଥିବା ପାଣ୍ଠିର ବିବରଣୀ***

*(ଟଙ୍କା କୋଟିରେ)*

| ପରିକଳ୍ପନା | 2017-18 | 2018-19 | 2019-20 | 2020-21 | 2021-22 (% ବୃଦ୍ଧି *2017-18)* |
|---|---|---|---|---|---|
| ପିଏମ୍ଏୱାଇ | 4,004.64 | 4,502.92 | 3,496.38 | 4,628.76 | 1,138.02 |
| ଏମ୍‌ଜିଏନ୍ଆର୍‌ଇଜିଏସ୍ | 810.86 | 891.97 | 989.32 | 1,600.14 | 5,984.98 *(638)* |
| ଏନ୍ଆର୍‌ଏଲ୍ଏମ୍ | 493.49 | 610.29 | 897.19 | 804.63 | 843.86 *(71)* |
| ଜିଜିୱାଇ | 300.00 | 500.00 | 00 | 00 | 33.22 |
| ଏଜିଏବି | 00 | 00 | 00 | 1,188.25 | 1,305.55 |
| ଏନ୍ଆର୍‌ଡିଡବ୍ଲୁପି | 00 | 253.35 | 720.97 | 1,204.01 | 2,636.95 |
| ବସୁଧା | 00 | 00 | 00 | 00 | 944.32 |
| ଏସ୍‌ବିଏମ୍ | 00 | 1,986.97 | 2,336.27 | 80.96 | 207.73 |
| ଏସ୍ଏଫ୍‌ସି | 1,509.01 | 1,645.25 | 1,762.12 | 2,461.54 | 2,533.55*(68)* |
| **ମୋଟ** | **7,118.00** | **10,390.75** | **10,202.25** | **11,968.29** | **15,628.18 *(120)*** |

***ଉତ୍ସ:** ପଞ୍ଚାୟତିରାଜ ଓ ଡିଡବ୍ଲୁ ବିଭାଗ*

ସାରଣୀ 1.4 ରୁ ଜଣାଗଲା ଯେ 2021-22 ଆର୍ଥିକ ବର୍ଷରେ 2017-18 ଆର୍ଥିକ ବର୍ଷ ତୁଳନାରେ ବ୍ୟୟ 120 ପ୍ରତିଶତ ବୃଦ୍ଧି ହୋଇଥିଲା । ଅଧିକ ବୃଦ୍ଧି ଏମ୍‌ଜିଏନ୍ଆର୍‌ଇଜିଏସ୍, ଏନ୍ଆର୍‌ଏଲ୍ଏମ୍, କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନ ଏବଂ ନୂତନ ଯୋଜନା ଯେପରି ଏଜିଏବି, ଏନ୍ଆର୍‌ଡିଡବ୍ଲୁପି/ ଜେଜେଏମ୍, ବସୁଧା ଏବଂ ସ୍ୱଚ୍ଛ ଭାରତ ମିଶନରେ ହୋଇଥିଲା ।

ପୁନଶ୍ଚ, 2021-22 ଆର୍ଥିକ ବର୍ଷରେ ଗ୍ରହଣ କରାଯାଇଥିବା 21,482.43 କୋଟି ଟଙ୍କା ବଦଳରେ 15,628.18 କୋଟି ଟଙ୍କା ବ୍ୟୟ କରାଯାଇଥିଲା, ଯାହାକି 27 ପ୍ରତିଶତ ବ୍ୟୟ କରାଯାଇ ନଥିଲା ।

ଶେଷ ପାଞ୍ଚ ବର୍ଷ ମଧ୍ୟରେ ପିଆର୍‌ଆଇମାନଙ୍କ ପାଇଁ ଯୋଜନା ଏବଂ ଅଣ-ଯୋଜନା କ୍ଷେତ୍ରରେ ବଜେଟ୍ ବ୍ୟବସ୍ଥା ***ଚାର୍ଟ 1.3*, *1.4*** ଏବଂ ***ସାରଣୀ 1.5*** ରେ ଦର୍ଶାଗଲା

*ଚାର୍ଟ 1.3 : ପଞ୍ଚାୟତିରାଜ ଅନୁଷ୍ଠାନ ପାଇଁ 2017-22 ଆର୍ଥିକ ବର୍ଷ ମଧ୍ୟରେ ଯାଜନା କ୍ଷେତ୍ରରେ ବଜେଟ୍ ବ୍ୟବସ୍ଥା ଏବଂ ଅର୍ଥ ପ୍ରଦାନ*

*( ଟଙ୍କା କୋଟିରେ)*




*ଚାର୍ଟ 1.4 : ପଞ୍ଚାୟତିରାଜ ଅନୁଷ୍ଠାନ ପାଇଁ 2017-22 ଆର୍ଥିକ ବର୍ଷ ମଧ୍ୟରେ ଯାଜନା କ୍ଷେତ୍ରରେ ବଜେଟ୍ ବ୍ୟବସ୍ଥା ଏବଂ ଅର୍ଥ ପ୍ରଦା*

*( ଟଙ୍କା କୋଟିରେ)*




*ଚାର୍ଟ 1.5: ପଞ୍ଚାୟତିରାଜ ଅନୁଷ୍ଠାନ ପାଇଁ 2017-22 ଆର୍ଥିକ ବର୍ଷ ମଧ୍ୟରେ ଯୋଜନା ଏବଂ ଅଣ-ଯୋଜନା କ୍ଷେତ୍ରରେ ବଜେଟ୍ ବ୍ୟବସ୍ଥା*

**(ଟଙ୍କା କୋଟିରେ)**

| ବର୍ଷ | ଯୋଜନା | | ଅଣଯୋଜନା | |
|---|---|---|---|---|
| | ବଜେଟ୍ ବ୍ୟବସ୍ଥା | ପ୍ରଦାନ (ପ୍ରତିଶତରେ) | ବଜେଟ୍ ବ୍ୟବସ୍ଥା | ପ୍ରଦାନ (ପ୍ରତିଶତରେ) |
| 2017-18 | 9,855.94 | 7,774.10 *(79)* | 3,789.64 | 3,407.57 *(90)* |
| 2018-19 | 12,744.02 | 11,958.62 *(94)* | 4,132.07 | 3,769.64 *(91)* |
| 2019-20 | 14,280.68 | 12,144.42 *(85)* | 5,416.18 | 4,712.89 *(87)* |
| 2020-21 | 15,052.67 | 10,243.99 *(68)* | 5,099.29 | 5,019.48 *(98)* |
| 2021-22 | 18,764.44 | 11,176.10 *(60)* | 5,159.74 | 5,072.02 *(98)* |

ଉତ୍ସ: ପିଆର୍‌ଆଣ୍ଡଡିଡବ୍ଲୁ ବିଭାଗ ଦ୍ୱାରା ଉପଲବ୍ଧ କରାଯାଇଥିବା ଏମ୍‌ଆଇଏସ୍‌ର ତଥ୍ୟ

ଉପରୋକ୍ତ **ସାରଣୀ 1.5** ରୁ ଜଣାଗଲା ଯେ ଯୋଜନା କ୍ଷେତ୍ରରେ ପାଣ୍ଠି 2017-22 ଆର୍ଥିକ ବର୍ଷ ମଧ୍ୟରେ ଯୋଜନା କ୍ଷେତ୍ରରେ ବଜେଟ୍ ବ୍ୟବସ୍ଥା 60 ରୁ 94 ପ୍ରତିଶତ ଥିଲା । ସେହିଭଳି ଅଣଯୋଜନା କ୍ଷେତ୍ରରେ 87 ରୁ 98 ପ୍ରତିଶତ ପାଣ୍ଠି 2017-22 ମଧ୍ୟରେ 87 ରୁ 98 ପ୍ରତିଶତ ଥିଲା ।

### *1.7 ରାଜ୍ୟ ଅର୍ଥ ଆୟୋଗ (ଏସ୍‌ଏଫ୍‌ସି)ଙ୍କ ସୁପାରିଶ*

ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗ (2015-20) ତଳ ସ୍ତରରେ ଥିବା ଗଣତାନ୍ତ୍ରିକ ଅନୁଷ୍ଠାନକୁ ଦାୟିତ୍ୱ ସମ୍ପନ୍ନ ସ୍ଥାନୀୟ ସରକାର ହିସାବରେ ବିକଶିତ କରିବା ଦିଗରେ ରାଜ୍ୟ ସରକାରଙ୍କୁ ସହାୟତା ଓ ପରାମର୍ଶ ଦେବାକୁ ପ୍ରଚେଷ୍ଟା କରିଥିଲେ

। ସେଥିରୁ କେତେକ ସୁପାରିଶ ସ୍ଥାନୀୟ ନିକାୟମାନଙ୍କୁ ସେମାନଙ୍କର ଆର୍ଥିକ ମୂଳଦୁଆକୁ ସୁଦୃଢ଼ କରିବା ସମ୍ପର୍କିତ ଥିଲା । ସୁପାରିଶ ଗୁଡ଼ିକୁ ଚାରୋଟି ମୁଖ୍ୟ ଶୀର୍ଷରେ ବିଭକ୍ତ କରାଯାଇଛି:

1. ପ୍ରତିଷ୍ଠାନିକ ଏବଂ ସଂଚରଣାତ୍ମକ ଦୃଢ଼ୀକରଣ
2. ସମ୍ବଳ ସୃଷ୍ଟି ଏବଂ ତତ୍‌ସଂକ୍ରାନ୍ତିୟ ଆଇନଗତ ବାଧା
3. ସାଧାରଣ ପ୍ରସଙ୍ଗ ଏବଂ
4. ପାଣ୍ଠି ହସ୍ତାନ୍ତର

ସେହିଭଳି, ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ (2021-26) ଙ୍କ ଦ୍ୱାରା ପ୍ରଦତ୍ତ ସୁପାରିଶ ଗୁଡ଼ିକୁ ଚାରୋଟି ମୁଖ୍ୟ ଶୀର୍ଷରେ ବିଭକ୍ତ କରାଯାଇଛି:

1. ପାଣ୍ଠି ହସ୍ତାନ୍ତର
2. ଆନୁଷ୍ଠାନିକ ଦୃଢ଼ୀକରଣ
3. ସ୍ଥାନୀୟ ସରକାରଙ୍କର ନିଜସ୍ୱ ରାଜସ୍ୱର ଉତ୍ସ ବୃଦ୍ଧି ଦିଗରେ ପଦକ୍ଷେପର ଆବଶ୍ୟକତା ଏବଂ
4. ସାଧାରଣ ପ୍ରସଙ୍ଗ

ପିଆର୍‌ଆଇ ଗୁଡ଼ିକ ପାଇଁ 2017-18 ରୁ 2021-22 ଆର୍ଥିକ ବର୍ଷ ଅବଧିରେ ରାଜ୍ୟ ଅର୍ଥ ଆୟୋଗ ମାନଙ୍କ ଦ୍ୱାରା ସୁପାରିଶ କରିଥିବା ମୋଟ ସମ୍ବଳ ସ୍ଥାନାନ୍ତରଣ ***ସାରଣୀ 1.6*** ରେ ପ୍ରଦତ୍ତ ହେଲା ।

***ସାରଣୀ 1.6: ରାଜ୍ୟ ଅର୍ଥ ଆୟୋଗ ସୁପାରିଶ କରିଥିବା ସମ୍ବଳ ହସ୍ତାନ୍ତର***

*(ଟଙ୍କା କୋଟିରେ)*

| ବଣ୍ଟନ ପଦ୍ଧତି | 2017-18 | 2018-19 | 2019-20 | 2020-21 | 2021-22 | ସମୁଦାୟ |
|---|---|---|---|---|---|---|
| **ହସ୍ତାନ୍ତର** | 493.77 | 493.77 | 493.77 | 915.09 | 915.09 | 3,311.49 |
| **କର ସମର୍ପଣ** | 620.16 | 672.84 | 730.79 | 759.55 | 797.07 | 3,580.41 |
| **ଅନୁଦାନ** | 455.12 | 539.20 | 581.72 | 978.99 | 1,018.99 | 3,402.82 |
| **ମୋଟ** | **1,569.05** | **1,705.81** | **1,806.28** | **2,653.63** | **2,731.15** | **10,294.72** |

*ଉତ୍ସ: ଚତୁର୍ଥ ଓ ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ତଥ୍ୟ*

2021-22 ଆର୍ଥିକ ବର୍ଷରେ ରାଜ୍ୟ ସରକାର 2,533.55 କୋଟି ଟଙ୍କା ପାଣ୍ଠି ରାଜ୍ୟ ଅର୍ଥ ଆୟୋଗ ବାବଦରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ପ୍ରଦାନ କରିଥିଲେ ।

## *1.8 କେନ୍ଦ୍ରୀୟ ଅର୍ଥ ଆୟୋଗଙ୍କ ସୁପାରିଶ (ସିଏଫ୍‌ସି)*

ଚତୁର୍ଦ୍ଦଶ ଅର୍ଥ ଆୟୋଗ (2015-20) ଗ୍ରାମୀଣ ସ୍ଥାନୀୟ ନିକାୟଗୁଡ଼ିକୁ ଏକ ମୂଳ ଅନୁଦାନ ଏବଂ କାର୍ଯ୍ୟ ସମ୍ପାଦନ ଅନୁଦାନ ପାଇଁ ସୁପାରିଶ କରିଥିଲେ । ଏହି ଅନୁଦାନଗୁଡ଼ିକ ମୌଳିକ ନାଗରିକ ସେବାରେ ବ୍ୟବହାର କରିବା ଲକ୍ଷ୍ୟ ଥିଲା । ଏଗୁଡ଼ିକ ମଧ୍ୟରେ ଜଳଯୋଗାଣ, ସଫେଇ ବ୍ୟବସ୍ଥା, ନାଳନର୍ଦ୍ଦମା ପରିଚାଳନା, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା, ଜନ ସମ୍ପ୍ରଦାୟ ସମ୍ପତ୍ତି ପ୍ରତିପାଳନ, ରାସ୍ତା, ଚଲା ରାସ୍ତା, ରାସ୍ତାର ଆଲୋକୀକରଣ, ମଶାଣି ଏବଂ ସମାଧିସ୍ଥଳ ଇତ୍ୟାଦିର ରକ୍ଷଣାବେକ୍ଷଣ ଅନ୍ତର୍ଭୁକ୍ତ ଥିଲା । ରାଜ୍ୟ ଗୁଡ଼ିକୁ ପାଞ୍ଚ ବର୍ଷ ପାଇଁ ମୂଳ ଅନୁଦାନର ସୁବିଧା ଦିଆଯାଇଥିଲା । ତେବେ କାର୍ଯ୍ୟ ସମ୍ପାଦନ ଅନୁଦାନ ଗୁଡ଼ିକ 2016-17 ମସିହାରୁ କେତେକ ମାନଦଣ୍ଡ ପୂରଣ ପରେ ଦିଆଯିବାର ଥିଲା ।

ସେହିଭଳି, ପଞ୍ଚଦଶ ଅର୍ଥ ଆୟୋଗ 60 ପ୍ରତିଶତ ଟାଏଡ୍ ଅନୁଦାନ, ଜାତୀୟ ପ୍ରାଥମିକତା ଥିବା କେତେକ କାର୍ଯ୍ୟ ଯଥା- (କ) ଜଳ ଯୋଗାଣ (ଖ) ବର୍ଷାଜଳ ସଂରକ୍ଷଣ ଓ ଜଳ ଚକ୍ର ଏବଂ (ଗ) ସଫେଇ କାର୍ଯ୍ୟକୁ ସୁପାରିଶ କରିଥିଲେ ଏବଂ 40 ପ୍ରତିଶତ ମୂଳ ଅନୁଦାନ (ଅନ୍‌ଟାଏଡ୍ ଅନୁଦାନ) ରେ ଗ୍ରାମୀଣ ସ୍ଥାନୀୟ ନିକାୟ ଗୁଡ଼ିକ ଦ୍ୱାରା ବିନିଯୋଗ କରାଯିବାକୁ ସୁପାରିଶ କରିଥିଲେ ।

ଚତୁର୍ଦ୍ଦଶ ଓ ପଞ୍ଚଦଶ ଅର୍ଥ ଆୟୋଗ ଦ୍ୱାରା ସୁପାରିଶ କରାଯାଇଥିବା ବାର୍ଷିକ ଅନୁଦାନ ବଣ୍ଟନ **ସାରଣୀ 1.7** ରେ ଦର୍ଶାଯାଇଛି ।

***ସାରଣୀ 1.7: କେନ୍ଦ୍ରୀୟ ଅର୍ଥ ଆୟୋଗଙ୍କ ସୁପାରିଶ***

*(ଟଙ୍କା କୋଟିରେ)*

| କ୍ର.ସଂ. | ବିଷୟ | 2017-18 | 2018-19 | 2019-20 | 2020-21 | 2021-22 | ମୋଟ |
|---|---|---|---|---|---|---|---|
| 1 | ମୂଳ ଅନୁଦାନ | 1,528.71 | 1,768.44 | 2,389.54 | 2,258.00[2] | 667.60 | 8,612.29 |
| 2 | କାର୍ଯ୍ୟ ସମ୍ପାଦନ ଅନୁଦାନ | 196.40 | 223.04 | 292.05 | 0 | 1,001.40 | 1,712.89 |
| ମୋଟ | | **1,725.11** | **1,991.48** | **2,681.59** | **2,258.00** | **1,669.00** | **10,325.18** |

*ଉତ୍ସ: ଚତୁର୍ଦ୍ଦଶ ଏବଂ ପଞ୍ଚଦଶ ଅର୍ଥ ଆୟୋଗ ତଥ୍ୟ*

ସୁପାରିଶ ଅନୁସାରେ ରାଜ୍ୟ ସରକାର 1,669 କୋଟି ଟଙ୍କା ଅର୍ଥ ଆୟୋଗ ବାବଦରେ 2021-22 ଆର୍ଥିକ ବର୍ଷରେ ପାଣ୍ଠି ପ୍ରାପ୍ତ କରିଥିଲେ ।

## *1.9 ଅଡିଟ୍ ଆଦେଶ ନାମା*

### *1.9.1 ପ୍ରାଥମିକ ଅଡିଟର*

ନିର୍ଦ୍ଦେଶକ, ସ୍ଥାନୀୟ ପାଣ୍ଠି ସମୀକ୍ଷା (ଡିଏଲ୍ଏଫ୍ଏ) ହେଉଛନ୍ତି ରାଜ୍ୟ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର ପ୍ରାଥମିକ ଅଡିଟର । ଏହା ରାଜ୍ୟର ଅର୍ଥ ବିଭାଗ ଅଧିନରେ ଏକ ନିର୍ଦ୍ଦେଶାଳୟ ଏବଂ ଓଡ଼ିଶା ସ୍ଥାନୀୟ ନିଧି ସମୀକ୍ଷା ଅଧିନିୟମ, 1948 ଅନୁସାରେ କାର୍ଯ୍ୟ କରେ । ଡିଏଲ୍ଏଫ୍ଏ 26 ଟି ଜିଲ୍ଲା ଅଡିଟ୍ ଅଫିସ୍ ମାଧମରେ ସମସ୍ତ 30 ଟି ଜିଲ୍ଲାର ପିଆର୍ଆଇ ଗୁଡ଼ିକୁ ଅଡିଟ୍ କରିଥାନ୍ତି । ମାର୍ଚ୍ଚ 2022 ସୁଦ୍ଧା ଡିଏଲ୍ଏଫ୍ଏ ଦ୍ୱାରା ଅଡିଟ୍ ହୋଇଥିବା ପିଆର୍ଆଇ ଗୁଡ଼ିକର ସ୍ଥିତି ସାରଣୀ ***1.8*** ରେ ପ୍ରଦତ୍ତ ହେଲା ।

***ସାରଣୀ 1.8: ଡିଏଲ୍ ଏଫ୍ଏ ଦ୍ୱାରା ମାର୍ଚ୍ଚ 2022 ସୁଦ୍ଧା ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ଅଡିଟ୍ ସ୍ଥିତି***

| ବର୍ଷ | ଅଡିଟ୍ ପାଇଁ ଯୋଜନା ଥିବା ପିଆର୍ଆଇ ସଂଖ୍ୟା | | | ମୋଟ ଅଡିଟ୍ ହୋଇଥିବା ପିଆର୍ଆଇ ସଂଖ୍ୟା | | | କମ୍ତି (ପ୍ରତିଶତରେ) | | |
|---|---|---|---|---|---|---|---|---|---|
| | ଜିପି | ପିଏସ୍ | ଜେଡ୍ପି | ଜିପି | ପିଏସ୍ | ଜେଡ୍ପି | ଜିପି | ପିଏସ୍ | ଜେଡ୍ପି |
| **2019-20** | 3,941 | 314 | 30 | 3,425 | 305 | 30 | 516 *(13)* | 9 *(3)* | 0 *(0)* |
| **2020-21** | 3,762 | 314 | 30 | 2,543 | 304 | 27 | 1,219 *(32)* | 10 *(3)* | 3 *(10)* |
| **2021-22**[3] | 590 | 273 | 30 | 493 | 257 | 30 | 97 *(16)* | 16 *(6)* | 0 *(0)* |

*ଉତ୍ସ: ସ୍ଥାନୀୟ ପାଣ୍ଠି ସମୀକ୍ଷା ନିର୍ଦ୍ଦେଶକ, ଓଡ଼ିଶାଙ୍କ ଠାରୁ ପ୍ରାପ୍ତ ତଥ୍ୟ*

ସରକାର/ ଡିଏଲ୍ଏଫ୍ଏ ଅଡିଟ୍ ହୋଇନଥିବା ଗ୍ରାମ ପଞ୍ଚାୟତ ଗୁଡ଼ିକର ବକେୟା ହ୍ରାସ କରିବା ପାଇଁ ଭାରତର ସାର୍ବଜନିକ ସମୀକ୍ଷକ ଅନୁଷ୍ଠାନ (ଆଇପିଏଆଇ)ଙ୍କୁ ଗ୍ରାମ ପଞ୍ଚାୟତ ଗୁଡିକର ଅଡିଟ୍ ପାଇଁ ନିୟୋଜନ କରିଥିଲେ (ସେପ୍ଟେମ୍ବର 2010) । ଆଇପିଏଆଇ 2021-22 ଆର୍ଥିକ ବର୍ଷରେ 338 ଟି ଗ୍ରାମ ପଞ୍ଚାୟତ (ଡିଏଲ୍ଏଫ୍ଏ ଦ୍ୱାରା ଅତିରିକ୍ତ 493 ଗ୍ରାମ ପଞ୍ଚାୟତ ବାଦ୍) ଡିଏଲ୍ଏଫ୍ଏ ତରଫରୁ ସମୀକ୍ଷା କରିଥିଲେ ।

### *1.9.2 ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଦ୍ୱାରା ସମୀକ୍ଷା*

ତ୍ରୟୋଦଶ ଅର୍ଥ ଆୟୋଗଙ୍କ ସୁପାରଶ ଆଧାରରେ ରାଜ୍ୟ ସରକାର ଅପ୍ରେଲ 2011 ରେ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି)ଙ୍କୁ (କାର୍ଯ୍ୟ, କ୍ଷମତା ଓ ସେବା ସର୍ତ୍ତ) ଅଧିନିୟମ, 1971 ର ଧାରା 20(କ) ଅନୁସାରେ ସମସ୍ତ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ଅଡିଟ୍ ପାଇଁ ନ୍ୟସ୍ତ କରିଥିଲେ (ଅପ୍ରେଲ 2011) । ଏହା ବ୍ୟତୀତ, ସ୍ଥାନୀୟ ନିକାୟଗୁଡ଼ିକୁ ସମୀକ୍ଷା କରିବା ପାଇଁ ରାଜ୍ୟ ଅଡିଟ୍ ସଂସ୍ଥା ଯଥା: ସ୍ଥାନୀୟ ସମୀକ୍ଷା ପାଣ୍ଠି ସମୀକ୍ଷା (ଏଲ୍ଏଫ୍ଏ) କୁ ବୈଷୟିକ ଦିଗ୍ଦର୍ଶନ ଓ ସହାୟତା (ଟିଜିଏସ୍) ଯୋଗାଇବା ପାଇଁ ସିଏଜିଙ୍କୁ ଅନୁରୋଧ

[2] ଉଭୟ ଟାଏଡ୍ ଏବଂ ଅନ୍‌ଟାଏଡ୍ ଅନୁଦାନ

[3] ଆର୍ଥିକ ବର୍ଷ 2019-20 ଏବଂ 2020-21 ତୁଳନାରେ କମ୍ ସଂଖ୍ୟକ କାର୍ଯ୍ୟାଳୟ ଆର୍ଥିକ ବର୍ଷ 2021-22 ଯୋଜନା କରିଥିଲେ, କାରଣ: i) କର୍ମଚାରୀ ଅଭାବ, ସେବା ନିବୃତ୍ତ, ସ୍ଥାନାନ୍ତର ଏବଂ ପଦୋନ୍ନତି ଅନ୍ୟ ପଦବୀକୁ ii) କେନ୍ଦ୍ରୀୟ ଅର୍ଥ ଆୟୋଗ ହିସାବର ସମୀକ୍ଷା ଅନଲାଇନ୍ ମାଧମରେ କରିବା ପାଇଁ ପଞ୍ଚାୟତିରାଜ ମନ୍ତ୍ରାଳୟ(ଏମ୍ଓପିଆର୍) ନିର୍ଦ୍ଦେଶ ଦେଇଥିଲେ ।

କରାଯାଇଥିଲା । ସରକାର ଜୁଲାଇ 2011 ରେ ସରକାରୀ ଗେଜେଟ୍‌ରେ ବୈଷୟିକ ଦିଗ୍‌ଦର୍ଶନ ଓ ସହାୟତାର ମାନଦଣ୍ଡକୁ ଅଧିସୂଚୀତ କଲେ । ଟିଜିଏସ୍ ବ୍ୟବସ୍ଥା ଅନୁସାରେ ଡିଏଲ୍ଏଫ୍ଏ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆଗଲା, ବିଷୟ ଭିତ୍ତିକ ଅଡିଟ୍ ପାଇଁ ପରାମର୍ଶ ଦିଆଗଲା ଏବଂ ନିର୍ଦ୍ଦେଶାବଳୀ ଜାରି କରାଗଲା ।

## 1.10 ପ୍ରତିବେଦନ କରିବା ବ୍ୟବସ୍ଥା

### *1.10.1 ପ୍ରାଥମିକ ଅଡିଟରଙ୍କ ଅଡିଟ୍ ପ୍ରତିବେଦନ*

ତ୍ରୟୋଦଶ ଅର୍ଥ ଆୟୋଗଙ୍କ ସୁପାରଶ ଏବଂ ଓଏଲ୍ଏଫ୍ଏ(ସଂଶୋଧିତ) ନିୟମ 2015 ର ବ୍ୟବସ୍ଥା ଅନୁସାରେ ଡିଏଲ୍ଏଫ୍ଏ ପୂର୍ବ ବର୍ଷର ଏକ ସଂକଳିତ ପ୍ରତିବେଦନ ପ୍ରତିବର୍ଷ ସେପ୍ଟେମ୍ବର 30 ସୁଦ୍ଧା ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କ ପାଖରେ ଦାଖଲ କରିବେ ଯାହାକି ରାଜ୍ୟ ବିଧାନ ସଭାରେ ଆଗତ ହେବ । 2020-21 ବର୍ଷର ବାର୍ଷିକ ପ୍ରତିବେଦନ ଓଡ଼ିଶା ବିଧାନ ସଭାରେ 13 ଜୁଲାଇ 2022 ରେ ଆଗତ ହୋଇଥିଲା ।

### *1.10.2 ସ୍ଥାନୀୟ ନିକାୟଗୁଡ଼ିକ ଉପରେ ସିଏଜିଙ୍କ ପ୍ରତିବେଦନ*

ମାର୍ଚ୍ଚ 2021 ରେ ସମାପିତ ବର୍ଷ ପାଇଁ ସ୍ଥାନୀୟ ସମୀକ୍ଷା ପ୍ରତିବେଦନ 03 ଅକ୍ଟୋବର 2023 ରେ ରାଜ୍ୟ ବିଧାନ ସଭାରେ ଉପସ୍ଥାପିତ କରାଯାଇଥିଲା ।

### *1.10.3 ଅଡିଟ୍ ଅବଲୋକନ ଉପରେ ଜବାବ/ ଉତ୍ତର*

2021-22 ଆର୍ଥିକ ବର୍ଷରେ 5,500 ଟି ଅନୁଚ୍ଛେଦ ଏବଂ 500 ଟି ନିରୀକ୍ଷଣ ପ୍ରତିବେଦନର ତ୍ରିକୋଣୀୟ କମିଟି ବୈଠକ[4]ଏବଂ ମୁଖ୍ୟାଳୟ ସ୍ତରରେ ପୁନରୀକ୍ଷଣ ଦ୍ୱାରା ମୀମାଂସିତ ହୋଇଥିଲା । 31 ମାର୍ଚ୍ଚ 2022 ସୁଦ୍ଧା, 2,987 ନିରୀକ୍ଷଣ ପ୍ରତିବେଦନ ସଂପର୍କିତ 10,714 ଟି ଅନୁଚ୍ଛେଦ ଅମୀମାସିତ ରହିଥିଲା ।

2005-06 ରୁ 2014-15 ମଧ୍ୟରେ ପ୍ରଧାନ ମହାଲେଖାକାର (ଅଡିଟ୍-I), ଓଡ଼ିଶାଙ୍କ ତରଫରୁ ପଞ୍ଚାୟତିରାଜ ଅନୁଷ୍ଠାନ ଉପରେ ନଅଟି ବାର୍ଷିକ ବୈଷୟିକ ନିରୀକ୍ଷଣ ପ୍ରତିବେଦନ ଜାରି କରିଥିଲେ । 2016 ଏବଂ 2017 ସମାପିତ ବର୍ଷ ପାଇଁ ସ୍ଥାନୀୟ ନିକାୟଗୁଡ଼ିକ ଉପରେ ସିଏଜି ପ୍ରତିବେଦନ 2016-17 ଏବଂ 2021-22 ଆର୍ଥିକ ବର୍ଷ ମଧ୍ୟରେ ପ୍ରସ୍ତୁତ ହୋଇଥିଲା ଏବଂ ବିଧାନ ସଭାରେ ଯଥାକ୍ରମେ 16 ସେପ୍ଟେମ୍ବର 2017 ଏବଂ 26 ମାର୍ଚ୍ଚ 2018 ଏବଂ 03 ଅକ୍ଟୋବର 2023 ରେ ଉପସ୍ଥାପିତ ହୋଇଥିଲା । 2019-2020 ଆର୍ଥିକ ବର୍ଷ ପାଇଁ ପଞ୍ଚାୟତିରାଜ ଅନୁଷ୍ଠାନ ଉପରେ ହୋଇଥିବା ଅଡିଟ୍ ଅବଲୋକନଗୁଡ଼ିକ ସିଏଜିଙ୍କର ଜିଆଣ୍ଡଏସ୍ଏସ୍ଏ ପ୍ରତିବେଦନ, ଯଥାକ୍ରମେ 03 ଅପ୍ରେଲ 2021 ଏବଂ 10 ଡିସେମ୍ବର 2021 ରେ ରାଜ୍ୟ ବିଧାନ ସଭାରେ ଉପସ୍ଥାପିତ ହୋଇଥିଲା । ଏହିସବୁ ପ୍ରତିବେଦନ ଗୁଡ଼ିକର ଜବାବରେ ପଞ୍ଚାୟତିରାଜ ବିଭାଗ ସାଧାରଣ ଅଡିଟ୍ ଆପତ୍ତି ପ୍ରଭୃତିରୁ ଦୂରରେ ରହିବା ପାଇଁ ଏକ ମାର୍ଗଦର୍ଶିକା ପିଡି, ଡିଆର୍‌ଡିଏ ଏବଂ ବିଡିଓ ମାନଙ୍କୁ ଜାରି କରିଥିଲା । ବିଭାଗ ମଧ୍ୟ ଅଡିଟ୍ ରିପୋର୍ଟ ଗୁଡ଼ିକର ଅନୁପାଳନ ସମୀକ୍ଷା ପାଇଁ ଜିଲ୍ଲା ଅଡିଟ୍ ପର୍ଯ୍ୟାଲୋଚନା କମିଟି ଗଠନ କରିଥିଲା (ଫେବୃଆରୀ 2015) ।

[4] ତ୍ରିକୋଣୀୟ କମିଟି ବୈଠକ କାର୍ଯ୍ୟକାରୀ ଏଜେନ୍ସି, ସେମାନଙ୍କର ବିଭାଗୀୟ ପ୍ରତିନିଧି ଓ ଅଡିଟ୍ ମଧ୍ୟରେ ପୂର୍ବ ବଳକା ଅନୁଚ୍ଛେଦ ଓ ନିରୀକ୍ଷଣ ପ୍ରତିବେଦନ ମୀମାଂସିତ କରିବା ପାଇଁ ହୁଏ ।

## ଭାଗ ଖ
## ଦାୟିତ୍ୱଧିନତା ସଂକ୍ରିୟା ଏବଂ ଅର୍ଥନୈତିକ ପ୍ରତିବେଦନ ପ୍ରସଙ୍ଗ

### 1.11 ଦାୟିତ୍ୱଧିନତା ସଂକ୍ରିୟା

#### *(i) ଲୋକପାଳ (ଓମ୍ବୁଡସ୍‌ମ୍ୟାନ୍)*

ଲୋକପାଳ ଏକ ଅନୁଷ୍ଠାନ ଯାହା ଏମ୍‌ଜିଏନ୍‌ଆର୍‌ଇଜିଏ ଧାରା 27 ଅନୁସାରେ ଗଠିତ ଓ ଏହା ଜିଲ୍ଲା ସ୍ତରରେ ଏମ୍‌ଜିଏନ୍‌ଆର୍‌ଇଜି ଅଧିନିୟମ ଏବଂ ଯୋଜନା ସମ୍ବନ୍ଧୀୟ ଅଭିଯୋଗ ଗୁଡ଼ିକର ଶୁଣାଣି ପାଇଁ ଏକ ସାଧୀନ ଅଭିଯୋଗ ପ୍ରତିକାର ସଂସ୍ଥା ରୂପେ କାର୍ଯ୍ୟ କରେ । ଏହା ସମୁଚିତ ପଦାଧିକାରୀମାନଙ୍କୁ ପ୍ରତିକାର ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ଭୁଲ୍ କରୁଥିବା ପଦାଧିକାରୀମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ ଓ ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥାଏ । ଲୋକପାଳଙ୍କର କାର୍ଯ୍ୟକାଳ ଦୁଇ ବର୍ଷ ଅଟେ, ଯାହାକି ଆହୁରି ଏକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ । 2021-22 ଆର୍ଥିକ ବର୍ଷରେ 26 ଜଣ ଲୋକପାଳ ଏମ୍‌ଜିଏନ୍‌ଆର୍‌ଇଜି ଅଧିନିୟମ ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକର ପ୍ରତିକାର ନିମନ୍ତେ ନିଯୁକ୍ତି ପାଇଥିଲେ ।

#### *(ii) ଲୋକାୟୁକ୍ତ*

ରାଷ୍ଟ୍ରପତି ଜାନୁଆରୀ 2015 ରେ ଓଡ଼ିଶା ଲୋକାୟୁକ୍ତ ବିଲ୍‌କୁ ଅନୁମୋଦନ କରିଥିଲେ । ତଦନୁସାରେ ରାଜ୍ୟ ସରକାର (ମାର୍ଚ୍ଚ 2019) ରେ ଲୋକାୟୁକ୍ତ ପ୍ରତିଷ୍ଠା କରିଥିଲେ । ଓଡ଼ିଶା ଲୋକାୟୁକ୍ତ, 2014 ନିୟମର ଧାରା 3 ଅନୁସାରେ ଜଣେ ସଭାଧ୍ୟକ୍ଷ ଏବଂ ପାଞ୍ଚ ଜଣ ସଭ୍ୟଙ୍କୁ ନେଇ ଗଠିତ ହେବ । 2021-22 ବର୍ଷ ମଧ୍ୟରେ ସଂସ୍ଥାଟି ତିନି ଜଣ ସଭ୍ୟ ଏବଂ ଜଣେ ସଭାଧକ୍ଷଙ୍କୁ ନେଇ କାର୍ଯ୍ୟ କରିଥିଲା ।

#### *(iii) ସାମାଜିକ ସମୀକ୍ଷା*

ରାଜ୍ୟ ସରକାର ଓଡିଶା ସାମାଜିକ ସମୀକ୍ଷା ଦାୟିତ୍ୱଧିନତା ଏବଂ ସ୍ୱଚ୍ଛତା ସମିତି ନାମକ ଏକ ସାଧୀନ ସାମାଜିକ ସମୀକ୍ଷା ସମିତି (ଏସ୍‌ଏୟୁ) ଗଠନ କରିଛନ୍ତି । ମାର୍ଚ୍ଚ 2022 ସୁଦ୍ଧା ଏହା ଜଣେ ନିର୍ଦ୍ଦେଶକ ଏବଂ ପାଞ୍ଚ ଜଣ ସାମାଜିକ ଅଡିଟ୍ ବିଶେଷଜ୍ଞଙ୍କୁ ନେଇ କାର୍ଯ୍ୟ କରୁଥିଲା । ପୁନଶ୍ଚ, 30 ଜଣ ଜିଲ୍ଲା ଉତ୍ସ ବ୍ୟକ୍ତିମାନେ ଜିଲ୍ଲା ସ୍ତରରେ, 285 ବ୍ଲକ ଉତ୍ସ ବ୍ୟକ୍ତିମାନେ ପଞ୍ଚାୟତ ସମିତି ସ୍ତରରେ ଏବଂ 9,592 ଗ୍ରାମ ଉତ୍ସ ବ୍ୟକ୍ତିମାନେ ଗ୍ରାମ ପଞ୍ଚାୟତ ସ୍ତରରେ କାର୍ଯ୍ୟ କରିଥିଲେ । 2021-22 ଆର୍ଥିକ ବର୍ଷରେ 6,798 ଟି ସାମାଜିକ ସମୀକ୍ଷା ବର୍ଷକୁ ଦୁଇ ଥର ହିସାବରେ ଗ୍ରାମ ପଞ୍ଚାୟତ ସ୍ତରରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟଗୁଡ଼ିକ ଅନ୍ୟାନ୍ୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମଗୁଡ଼ିକ ପାଇଁ କରାଯାଇଥିଲା ।

### 1.12 ଉପଯୋଗ ପ୍ରମାଣ ପତ୍ର (ୟୁସି) ପ୍ରଦାନରେ ବିଳମ୍ବ

ଏହା ଦେଖାଗଲା ଯେ 2021-22 ଆର୍ଥିକ ବର୍ଷରେ ଅଡିଟ୍ ହୋଇଥିବା 16 ଟି ପଞ୍ଚାୟତ ସମିତି ମଧ୍ୟରୁ 13 ଟିରେ ବ୍ୟୟ କରାଯାଇଥିବା 437.62 କୋଟି ଟଙ୍କା ମଧ୍ୟରୁ 262.53 କୋଟି ଟଙ୍କାର ୟୁସି ପ୍ରଦାନ କରାଯାଇ ନଥିଲା ।

### 1.13 ବକେୟା ଅଗ୍ରୀମ

16 ଟି ପଞ୍ଚାୟତ ସମିତିର ଅଡିଟ୍‌ରୁ ଏହା ଦେଖାଗଲା ଯେ ମାର୍ଚ୍ଚ 2022 ସୁଦ୍ଧା 48.90 କୋଟି ଟଙ୍କାର ଅଗ୍ରୀମ ଅସମାୟୋଜିତ ହୋଇ ରହିଥିଲା । ପଞ୍ଚାୟତ ସମିତି ମାନଙ୍କରେ ଅଗ୍ରୀମ ଖାତା ନଥିବାରୁ ଅଗ୍ରୀମ ପ୍ରଦାନର ଅବଧି ଓ କାରଣ ପ୍ରଭୃତି ଅଡିଟରେ ଠିକ୍ ଭାବେ ଆକଳନ କରାଯାଇ ପାରିନଥିଲା ।

### 1.14 କ୍ୟାସ୍ ବହିର ଅବଶେଷ ମେଳ ନହେବା

2021-22 ଆର୍ଥିକ ବର୍ଷରେ ସମୀକ୍ଷା କରାଯାଇଥିବା 16 ଟି ପଞ୍ଚାୟତ ସମିତି ରୁ ନଅଟି ପଞ୍ଚାୟତ ସମିତିରେ 11.91 କୋଟି ଟଙ୍କାର କ୍ୟାସ୍ ବହିର ଅବଶେଷ ଏବଂ ବ୍ୟାଙ୍କ ଖାତା ମଧ୍ୟରେ ତାରତମ୍ୟ ରହିଥିଲା ।

### *1.15 ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଦ୍ୱାରା ହିସାବ ପରିଚାଳନା*

- ପଞ୍ଚାୟତ ସମିତିର ହିସାବ ସଂପୃକ୍ତ ପଞ୍ଚାୟତ ସମିତି ଦ୍ୱାରା ରଖାଯାଏ ଓ ଗ୍ରାମ ପଞ୍ଚାୟତ ମାନଙ୍କର ହିସାବରକ୍ଷଣ ପାଇଁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ନିଯୁକ୍ତି ହୋଇଥାଆନ୍ତି । ଓଡ଼ିଶା ସ୍ଥାନୀୟ ପାଣ୍ଠି ସମୀକ୍ଷା

ନିୟମାବଳୀ, 1951 ର ନିୟମ 20 (ଏଚ୍) ଅନୁଯାୟୀ ପଞ୍ଚାୟତିରାଜ ବିଭାଗ ଗୁଡ଼ିକର ହିସାବ ନିର୍ଦ୍ଦେଶକ, ସ୍ଥାନୀୟ ପାଣ୍ଠି ସମୀକ୍ଷା ଦ୍ୱାରା ପ୍ରମାଣିତ କରାଯାଏ ।

- 893 ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କ ହିସାବ ସମୀକ୍ଷାର ଯୋଜନା କରାଯାଇଥିବା ବେଳେ 780 ହିସାବ ସ୍ଥାନୀୟ ପାଣ୍ଠି ସମୀକ୍ଷା, 2021-22 ବର୍ଷରେ ପ୍ରମାଣିତ କରିଥିଲେ ।
- ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ (ଏମ୍ଓଆର୍ଡି) ଅପ୍ରେଲ 2020 ରେ ଇ-ଗ୍ରାମ ସ୍ୱରାଜ ନାମକ ଏକ ସରଳ କାର୍ଯ୍ୟ ହିସାବ ପଦ୍ଧତି ପଞ୍ଚାୟତିରାଜ ଅନୁଷ୍ଠାନ ମାନଙ୍କର ହିସାବ ପରିଚାଳନା ପାଇଁ ପ୍ରଚଳନ କରିଥିଲେ । ମାର୍ଚ୍ଚ 2022 ସୁଦ୍ଧା ସମସ୍ତ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ସେମାନଙ୍କର ଭାଉଚର ଇ-ଗ୍ରାମ ସ୍ୱରାଜ୍ୟରେ ଅପ୍‌ଲୋଡ୍ କରିଥିଲେ ।

# ଅଧ୍ୟାୟ 2

# କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନରୁ ପଞ୍ଚାୟତିରାଜ ମାନଙ୍କୁ ମିଳିଥିବା ଅର୍ଥର ବିନିଯୋଗ

# ଅଧ୍ୟାୟ 2

# କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନରୁ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କୁ ମିଳିଥିବା ଅର୍ଥର ବିନିଯୋଗ

## 2.1 ଉପକ୍ରମ

ସମ୍ବିଧାନର ଧାରା, 280 ଅନୁଯାୟୀ , ରାଷ୍ଟ୍ରପତି ଚତୁର୍ଦ୍ଦଶ ଅର୍ଥ କମିଶନ (2015-20) ଗଠନ କରିଥିଲେ । ଏହି କମିଶନ ଗ୍ରାମାଞ୍ଚଳ ସ୍ଥାନୀୟ ସଂସ୍ଥା ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାକୁ ଅନୁଦାନ ସହାୟତା ପାଇଁ ଦୁଇ ପ୍ରକାର ଯଥା (i) ଏକ ମୌଳିକ ଅନୁଦାନ ଏବଂ (ii) ଏକ କାର୍ଯ୍ୟ ସଂପାଦନ ଅନୁଦାନରେ ପ୍ରଦାନ କରିଥାନ୍ତି । ଏହି ଅନୁଦାନକୁ ମୌଳିକ ନାଗରିକ ସେବା ପ୍ରଦାନରେ ବିନିଯୋଗ କରିବାକୁ ଲକ୍ଷ୍ୟ ରଖାଯାଇଥିଲା, ଯେଉଁଥିରେ ଜଳ ଯୋଗାଣ, ପରିମଳ, ସେରେଜ ପରିଚାଳନା, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ବାତ୍ୟା ଜଳ ନିଷ୍କାସନ, ଗୋଷ୍ଠୀଗତ ସମ୍ପତ୍ତିର ରକ୍ଷଣାବେକ୍ଷଣ, ରାସ୍ତାଘାଟର ରକ୍ଷଣାବେକ୍ଷଣ, ପାଦଚଲା ରାସ୍ତା, ରାସ୍ତାଘାଟ ଆଲୋକି କରଣ, ଶ୍ମଶାନ ଓ ଶ୍ମଶାନ ଘାଟର ରକ୍ଷଣାବେକ୍ଷଣ ସାମିଲ ଥିଲା । ରାଜ୍ୟଗୁଡିକୁ ପାଞ୍ଚ ବର୍ଷ ପାଇଁ ମୌଳିକ ଅନୁଦାନ ପ୍ରଦାନ କରାଯାଇଥିବାବେଳେ ନିର୍ଦ୍ଦିଷ୍ଟ କାର୍ଯ୍ୟ ଦକ୍ଷତା ପାରାମିଟର ପୂରଣ ଆଧାରରେ 2016-17 ଆର୍ଥିକ ବର୍ଷରୁ କାର୍ଯ୍ୟ ସଂପାଦନ ଅନୁଦାନ ପ୍ରଦାନ କରାଯାଇଛି । ସେହିପରି, ପଞ୍ଚଦଶ ଅର୍ଥ ଆୟୋଗ[5], 40 ପ୍ରତିଶତ ମିଳିତ ଅନୁଦାନ ଏବଂ 60 ପ୍ରତିଶତ ଅନୁଦାନ ସହ (କ) ପରିମଳ ବ୍ୟବସ୍ଥା ଏବଂ ଖୋଲାରେ ମଳତ୍ୟାଗ ମୁକ୍ତ (ଓଡିଏଫ୍) ସ୍ଥିତିର ରକ୍ଷଣାବେକ୍ଷଣ (ଖ) ପାନୀୟ ଜଳ ଯୋଗାଣ, ବର୍ଷାଜଳ ସଂରକ୍ଷଣ ଓ ଜଳ ପୁନଃଚକ୍ରଣକୁ ଆବଦ୍ଧ କରିବାକୁ ସୁପାରିଶ କରିଥିଲେ ।

## 2.2 ପାଣ୍ଠି ପ୍ରବାହ

ଭାରତ ସରକାର (ଜିଓଆଇ) ରାଜ୍ୟ ସରକାରମାନଙ୍କୁ ଚତୁର୍ଦ୍ଦଶ ଏବଂ ପଞ୍ଚଦଶ ଅର୍ଥ ଆୟୋଗ ଅନୁଯାୟୀ ଅନୁଦାନ ପ୍ରଦାନ କରିଥିଲେ । ତଦନୁଯାୟୀ, ରାଜ୍ୟ ସରକାର ଗୁଡିକ ସ୍ଥାନୀୟ ନିକାୟ ସଂସ୍ଥା (ଏଲବି), ଅର୍ଥାତ୍ ପଞ୍ଚାୟତିରାଜ ସଂସ୍ଥା (ପିଆରଆଇ) ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲବି) ପାଇଁ ଉଦ୍ଦିଷ୍ଟ ଅନୁଦାନ ପ୍ରଦାନ କରିଥିଲେ । ଓଡ଼ିଶାର ପଞ୍ଚାୟତିରାଜ ସଂସ୍ଥାର ଅର୍ଥ ବ୍ୟବସ୍ଥାର କେନ୍ଦ୍ରୀୟ ଅର୍ଥ ଅନୁଦାନର ପ୍ରବାହ ଚିତ୍ର, **ଚାର୍ଟ 2.1** ରେ ଦର୍ଶାଯାଇଛି ।

*ଚାର୍ଟ 2.1: କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନର ପ୍ରବାହ*




[5] 2020-21 ଆର୍ଥିକ ବର୍ଷ ପାଇଁ ଅନ୍‌ଟାଏଡ୍ ଅନୁଦାନ ଏବଂ ଟାଏଡ୍ ଅନୁଦାନର ଅନୁପାତ 50 ପ୍ରତିଶତ ଥିଲା

ଅଡିଟ୍ ଦ୍ୱାରା 2017-18 ରୁ 2021-22 ଆର୍ଥିକ ବର୍ଷକୁ ନେଇ ସାତଟି ଜିଲ୍ଲା ପରିଷଦ (ଜେଡପି), 21ଟି ପଞ୍ଚାୟତର ସମିତି (ପିଏସ) ଏବଂ 63 ଟି ଗ୍ରାମ ପଞ୍ଚାୟତର ରେକର୍ଡ ଯାଞ୍ଚ କରାଯାଇଥିଲା, ଯାହା ***ପରିଶିଷ୍ଟ- 2.1*** ରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି ଏବଂ କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନରେ ଉପଯୋଗରେ ଯାହା ତ୍ରୁଟି ପରିଲକ୍ଷିତ ହୋଇଛି ତାହା ପରବର୍ତ୍ତୀ ଅନୁଚ୍ଛେଦରେ ବର୍ଣ୍ଣନା କରାଯାଇଛି ।

### *2.2.1 ରାଜ୍ୟ ଦ୍ୱାରା ପଞ୍ଚାୟତି ରାଜ ଅନୁଷ୍ଠାନଗୁଡ଼ିକୁ ପାଣ୍ଠି ପ୍ରାପ୍ତି ଓ ପ୍ରଦାନ*

2017-22 ଆର୍ଥିକ ବର୍ଷ ମଧ୍ୟରେ କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନ ଆକାରରେ ରାଜ୍ୟ 9,81**0.09** କୋଟି ଟଙ୍କା ଭାରତ ସରକାରଙ୍କ ଠାରୁ ପ୍ରାପ୍ତ କରିଥିଲା ଏବଂ 9,810.09 କୋଟି ଟଙ୍କା ପଞ୍ଚାୟତି ରାଜ ଅନୁଷ୍ଠାନଗୁଡ଼ିକୁ ପ୍ରଦାନ କରିଥିଲା, ଯାହା ବିସ୍ତୃତ ଭାବରେ **ସାରଣୀ 2.1** ରେ ବର୍ଣ୍ଣିତ ହୋଇଛି ।

***ସାରଣୀ 2.1: 2017-22 ମଧ୍ୟରେ ରାଜ୍ୟ ଦ୍ୱାରା ପାଣ୍ଠିର ପ୍ରାପ୍ତି ଓ ପ୍ରଦାନ***

**(ଟଙ୍କା କୋଟିରେ)**

| ଆର୍ଥିକ ବର୍ଷ | ପ୍ରାପ୍ତି | ପ୍ରଦାନ |
|---|---|---|
| 2017-18 | 1,725.11 | 1,725.11 |
| 2018-19 | 1,768.44 | 1,768.44 |
| 2019-20 | 2,389.54 | 2,389.54 |
| 2020-21 | 2,258.00 | 2,258.00 |
| 2021-22 | 1,669.00 | 1,669.00 |
| ମୋଟ | **9,810.09** | **9,810.09** |

*ଉତ୍ସ: ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗରୁ ସଂଗୃହୀତ ସୂଚନା*

2017-22 ଆର୍ଥିକ ବର୍ଷରେ ନମୁନା ଯାଞ୍ଚ ହୋଇଥିବା ୟୁନିଟ୍‌ରେ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କ ପାଖରେ ଉପଲବ୍ଧ ଥିବା 325.14 କୋଟି ଟଙ୍କା ଥିଲା ଏବଂ 216.36 କୋଟି ଟଙ୍କା (ପ୍ରାରମ୍ଭିକ ଜମା: 17.44 କୋଟି ଟଙ୍କା ଏବଂ ପ୍ରାପ୍ତି: 307.70 କୋଟି ଟଙ୍କା)ଖର୍ଚ୍ଚ ହୋଇଥିଲା, ଯାହା **ସାରଣୀ 2.2** ରେ ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଛି ।

***ସାରଣୀ 2.2: ନମୁନା ଯାଞ୍ଚ ହୋଇଥିବା ପିଆର୍‌ଆଇରେ ପାଣ୍ଠିର ପ୍ରାପ୍ତି ଓ ଖର୍ଚ୍ଚ***

**(ଟଙ୍କା କୋଟିରେ)**

| ଆର୍ଥିକ ବର୍ଷ | ପ୍ରାରମ୍ଭିକ ଜମା | ପ୍ରାପ୍ତି | ମୋଟ | ବ୍ୟୟ (ପ୍ରତିଶତ) | ଶେଷ ଜମା |
|---|---|---|---|---|---|
| 2017-18 | 17.44 | 19.22 | 36.66 | 15.79 *(43)* | 20.87 |
| 2018-19 | 20.87 | 20.60 | 41.47 | 22.40 *(54)* | 19.07 |
| 2019-20 | 19.07 | 29.39 | 48.46 | 22.01*(45)* | 26.45 |
| 2020-21 | 26.45 | 117.71 | 144.16 | 49.77 *(35)* | 94.39 |
| 2021-22 | 94.39 | 120.78 | 215.17 | 106.39 *(49)* | 108.78 |
| ମୋଟ | | **307.70** | | **216.36** | |

*ଉତ୍ସ: ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗରୁ ସଂଗୃହୀତ ସୂଚନା*

ଏହି ପାଞ୍ଚ ବର୍ଷରେ ବ୍ୟୟର ପରିମାଣ 35 ରୁ 54 ପ୍ରତିଶତ ମଧ୍ୟରେ ଥିଲା । ପ୍ରକଳ୍ପର ଚୂଡ଼ାନ୍ତକରଣରେ ବିଳମ୍ବ, ପ୍ରକଳ୍ପ ପାଇଁ ସ୍ଥାନ ଚୟନ ଏବଂ କାର୍ଯ୍ୟ ନିଷ୍ପାଦନ କରିବାରେ ବିଳମ୍ବ ହେତୁ ପାଣ୍ଠିର ସ୍ୱଳ୍ପ ଉପଯୋଗିତା ହୋଇଥିଲା ।

## 2.3 ଯୋଜନା

ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗର ନିର୍ଦ୍ଦେଶ (ଅଗଷ୍ଟ 2015) ଅନୁଯାୟୀ ଚତୁର୍ଦ୍ଦଶ ଅର୍ଥ ଆୟୋଗ ଅନୁଦାନର ବିନିଯୋଗ ନିମନ୍ତେ, ପ୍ରତ୍ୟେକ ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ଆବଶ୍ୟକତା ଆଧାରରେ, ପାଞ୍ଚ-ବର୍ଷିଆ ପର୍ସ୍ପେକ୍ଟିଭ୍ ଯୋଜନା ଓ ବାର୍ଷିକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରି ପ୍ରକଳ୍ପ ହାତକୁ ନେବା ପାଇଁ କ୍ଷମତା ପ୍ରଦାନ କରାଯାଥିଲା । ଦୀର୍ଘମିଆଦୀ ପ୍ରାଥମିକତା ଏବଂ ତୁରନ୍ତ ପ୍ରାଥମିକତାକୁ ଦୃଷ୍ଟିରେ ରଖି ପାନୀୟ ଜଳ, ପରିମଳ ଏବଂ ରାସ୍ତା ଆଲୋକୀକରଣ ପାଇଁ ସର୍ବୋଚ୍ଚ ପ୍ରାଥମିକତା ସହିତ ବାର୍ଷିକ କାର୍ଯ୍ୟ ଯୋଜନା (ଏଏପି) ପ୍ରସ୍ତୁତ କରାଯିବା ପାଇଁ ଏବଂ ଏହାକୁ ପୂର୍ବ ବର୍ଷର ଫେବୃଆରୀ 28 ତାରିଖ ସୁଦ୍ଧା ଚୂଡ଼ାନ୍ତ କରିବା ଆବଶ୍ୟକ ଥିଲା । ସେହିପରି ଓଡ଼ିଶା ସରକାରଙ୍କ ଦ୍ୱାରା ଜାରି

କରାଯାଇଥିବା ମାର୍ଗଦର୍ଶିକା (ମଇ 2021) ଅନୁଯାୟୀ ପଞ୍ଚଦଶ ଅର୍ଥ ଆୟୋଗ ପାଇଁ ମଧ୍ୟ ଏଏପି ପ୍ରସ୍ତୁତ ହେବା କଥା।

ଏହାଛଡ଼ା, ପିଆର୍‌ଏବଂ ଡିଡବ୍ଲ୍ୟୁ ବିଭାଗର ନିର୍ଦ୍ଦେଶ (ଅକ୍ଟୋବର 2015) ଅନୁସାରେ ଗ୍ରାମ ପଞ୍ଚାୟତର ଏଏପିକୁ ସଂପୃକ୍ତ ବିଡିଓଙ୍କ ଦ୍ୱାରା ଯାଞ୍ଚ କରାଯାଇ ମାର୍ଗଦର୍ଶିକା ପାଳନକୁ ସୁନିଶ୍ଚିତ କରାଯିବ। ଯଦି ବିଡିଓ ଉପଲବ୍ଧି କରିବେ ଯେ, ଯୋଜନା ମାର୍ଗଦର୍ଶିକା ଅନୁସାରେ ହୋଇଛି, ତେବେ ସେ ଏଏପି ଉପରେ କାର୍ଯ୍ୟ କରିବାକୁ ଗ୍ରାମ ପଞ୍ଚାୟତକୁ ଜଣାଇବେ।

ଅଡିଟ୍‌ରେ ଯୋଜନା ସଂପର୍କିତ ଚୟନ ହୋଇଥିବା 63 ଟି ଗ୍ରାମ ପଞ୍ଚାୟତର ରେକର୍ଡ ଯାଞ୍ଚ କରି ନିମ୍ନୋକ୍ତ ତ୍ରୁଟି ପରିଲକ୍ଷିତ ହୋଇଥିଲା:

- କୌଣସି ଗୋଟିଏ ହେଲେ ଗ୍ରାମ ପଞ୍ଚାୟତ ପଞ୍ଚବାର୍ଷିକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିନଥିଲେ।
- ପାନୀୟ ଜଳ, ପରିମଳ, ରାସ୍ତାଘାଟ ଅଲୋକୀକରଣ ଓ ବର୍ଜ୍ୟବସ୍ତୁ ପରିଚାଳନା ଆଦି ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଅଗ୍ରାଧିକାର ନଦେଇ ଗ୍ରାମ ପଞ୍ଚାୟତ ଗୁଡ଼ିକ ଏଏପି ପ୍ରସ୍ତୁତ କରିଥିଲେ। ଏହା ବଦଳରେ, ମୁଖ୍ୟତଃ ରାସ୍ତା ନିର୍ମାଣ, କମ୍ୟୁନିଟି ସେଣ୍ଟର, ଗାଧୋଇବା ଘାଟ ଆଦି ପ୍ରକଳ୍ପକୁ ଗୁରୁତ୍ୱ ଦିଆଯାଇଥିଲା।
- ଗ୍ରାମ ପଞ୍ଚାୟତ ଦ୍ୱାରା ପ୍ରସ୍ତୁତ ଏଏପିକୁ ବିଡିଓମାନେ ଆବଶ୍ୟକୀୟ ତନଖି ଓ ଯାଞ୍ଚ କରିନଥିଲେ। ଫଳସ୍ୱରୂପ, ଅନୁପଯୋଗୀ ପ୍ରକଳ୍ପଗୁଡ଼ିକୁ ଏଥିରେ ସାମିଲ୍ କରାଯାଇଥିଲା, ଯାହା ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଛି।

ଗ୍ରାମ ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ) କହିଥିଲେ (ଅଗଷ୍ଟ 2022) ଯେ, ଭବିଷ୍ୟତରେ ମୌଳିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଏପି ପ୍ରସ୍ତୁତ କରାଯିବ।

***ସୁପାରିଶ:***

***1. ମୌଳିକ ନାଗରିକ ସେବା, ଯଥା:- ପିଇବା ପାଣି, ପରିମଳ ବ୍ୟବସ୍ଥା ଓ ଷ୍ଟ୍ରିଟ୍ ଲାଇଟ୍ ଇତ୍ୟାଦିକୁ ପ୍ରାଥମିକତା ଦେଇ ବାର୍ଷିକ କାର୍ଯ୍ୟଯୋଜନା ପ୍ରସ୍ତୁତ କରାଯାଇପାରେ।***

## 2.4 ପାଣ୍ଠି ପରିଚାଳନା

### *2.4.1 ପଞ୍ଚାୟତିରାଜ ଅନୁଷ୍ଠାନକୁ ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ ପ୍ରଦାନରେ ବିଳମ୍ବ*

ପଞ୍ଚଦଶ ଅର୍ଥ ଆୟୋଗର ସୁପାରିଶକୁ କାର୍ଯ୍ୟକାରୀ କରିବା ଲାଗି କାର୍ଯ୍ୟକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ, ପ୍ରତି କିସ୍ତିରେ ମିଳୁଥିବା ଅନୁଦାନ, କେନ୍ଦ୍ର ସରକାରଙ୍କ ଠାରୁ ଏହାର ପ୍ରାପ୍ତିର 10 ଟି କାର୍ଯ୍ୟ ଦିବସ ମଧ୍ୟରେ, ରାଜ୍ୟ ଦ୍ୱାରା ବଣ୍ଟନ କରାଯିବାର ଆବଶ୍ୟକତା ଥିଲା। 10 ଟି କାର୍ଯ୍ୟ ଦିବସରୁ ଅଧିକ ବିଳମ୍ବ ହେଲେ, ପୂର୍ବ ବର୍ଷର ବଜାର ଋଣ /ରାଜ୍ୟ ବିକାଶ ଋଣ ଉପରେ ହାରାହାରି ସୁଧ ହାର ଅନୁଯାୟୀ ରାଜ୍ୟ ସରକାରଙ୍କୁ ଉପରୋକ୍ତ କିସ୍ତିକୁ ସୁଧ ସହିତ ପ୍ରଦାନ କରିବାକୁ ପଡିବ।

2020-21 ଆର୍ଥିକ ବର୍ଷରେ ଜିଓଓ ପଞ୍ଚାୟତିରାଜ ଅନୁଷ୍ଠାନ ମାନଙ୍କର ବିଭିନ୍ନ ସ୍ତରରେ ବଣ୍ଟନ କରିବା ପାଇଁ ଉଭୟ ଟାଏଡ ଓ ଅନଟାଏଡ ଅନୁଦାନ ବାବଦରେ ପ୍ରଥମ ଓ ଦ୍ୱିତୀୟ କିସ୍ତିର 2,258 କୋଟି ଟଙ୍କା ପଞ୍ଚଦଶ ଅର୍ଥ କମିଶନ ଅଧିନରେ ପ୍ରାପ୍ତ କରିଥିଲା। ତେବେ ବିଭାଗ ପକ୍ଷରୁ ପ୍ରଥମ ଓ ଦ୍ୱିତୀୟ କିସ୍ତିର ଅନଟାଏଡ୍ ଗ୍ରାଣ୍ଟ ଓ ପ୍ରଥମ କିସ୍ତିର ଟାଏଡ ଗ୍ରାଣ୍ଟ 51 ଦିନ ବିଳମ୍ବରେ ବଣ୍ଟନ କରାଯାଇଥିଲା। ବିଭାଗ ପକ୍ଷରୁ ଦେୟ ଦେଉଥିବା ୟୁନିଟ୍ ଗୁଡିକର ଭୁଲ/ ଅସ୍ତିତ୍ୱହୀନ ଆକାଉଣ୍ଟ ନମ୍ବର, ଅବୈଧ ଗ୍ରହଣକାରୀ ଆଇଏଫ୍‌ଏସ୍‌ସି କୋଡ୍, ଟାଇପୋଗ୍ରାଫିକାଲ୍ ତ୍ରୁଟି ଇତ୍ୟାଦିକୁ ବିଳମ୍ବ ପାଇଁ ଦାୟୀ କରିଛି। ଯେହେତୁ ମାର୍ଚ୍ଚ 2020 ସୁଦ୍ଧା ବଜାର ଋଣ ଉପରେ ହାରାହାରି ସୁଧହାର[6] ସାତ ପ୍ରତିଶତ ଥିଲା, ବିଭାଗକୁ ସୁଧ ପାଇଁ 26 ଲକ୍ଷ 58 ହଜାର ଟଙ୍କା ଦେବାକୁ ଥିଲା, ଯାହା ***ପରିଶିଷ୍ଟ 2.2*** ରେ ବର୍ଣ୍ଣନା କରାଯାଇଛି।

ଏହି ବିଷୟରେ ବିଭାଗର ଉତ୍ତରକୁ ଅପେକ୍ଷା କରାଯାଇଛି (ଜୁଲାଇ 2024)।

6 ଓଡ଼ିଶାର ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ଜାରି ହୋଇଥିବା (ଫେବୃଆରୀ 2021) ସରକାରୀ ଋଣ ଉପରେ ଥିବା ଷ୍ଟାଟସ ପେପର

### 2.4.2 ଗ୍ରାମ ପଞ୍ଚାୟତ ଦ୍ୱାରା କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନର ସଠିକ ବିନିଯୋଗ ନ ହେବା

ଓଡିଶା ସାଧାରଣ ଆର୍ଥିକ ନିୟମାବଳୀ, 2002 ର ନିୟମ 171 (3) ଅନୁଯାୟୀ, ମଞ୍ଜୁରୀ ଜାରି ହେବାର ଏକ ବର୍ଷ ମଧ୍ୟରେ ପ୍ରଦାନ କରାଯାଇଥିବା ଅର୍ଥ ବିନିଯୋଗ କରାଯିବା କଥା । ଆହୁରି ମଧ୍ୟ ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗର ନିର୍ଦ୍ଦେଶ (ଅଗଷ୍ଟ 2015) ଅନୁସାରେ, ପ୍ରଥମ କିସ୍ତିରେ 14 ତମ ଅର୍ଥ ଆୟୋଗ ଅଧୀନରେ ଆବଣ୍ଟିତ ଅର୍ଥକୁ ବର୍ଷର 31 ଡିସେମ୍ବର ସୁଦ୍ଧା ଏବଂ ଦ୍ୱିତୀୟ କିସ୍ତିର ଆବଣ୍ଟିତ ଅର୍ଥକୁ ପରବର୍ତ୍ତୀ ବର୍ଷର 15 ଏପ୍ରିଲ ସୁଦ୍ଧା ବିନିଯୋଗ କରାଯିବା କଥା ।

2017-22 ଆର୍ଥିକ ବର୍ଷ ମଧ୍ୟରେ ସମସ୍ତ ପରୀକ୍ଷିତ ହୋଇଥିବାଗ୍ରାମ ପଞ୍ଚାୟତ ଦ୍ୱାରା ପାଣ୍ଠିର ପ୍ରାପ୍ତି ଏବଂ ଉପଯୋଗ ***ସାରଣୀ-2.3*** ରେ ସବିଶେଷ ଉଲ୍ଲେଖ କରାଯାଇଛି ।

***ସାରଣୀ 2.3: ପରୀକ୍ଷାମୂଳକ ଗ୍ରାମ ପଞ୍ଚାୟତ ଦ୍ୱାରା କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନଡ ପ୍ରାପ୍ତି ଏବଂ ଉପଯୋଗ***

***(ଟଙ୍କା କୋଟିରେ)***

| ଆର୍ଥିକ ବର୍ଷ | ପ୍ରାରମ୍ଭିକ ଜମା | ଅନୁଦାନ ପ୍ରାପ୍ତି | ଅନ୍ୟାନ୍ୟ ପ୍ରାପ୍ତି[7] | ମୋଟ | ବ୍ୟୟ (ପ୍ରତିଶତ) | ଶେଷ ଜମା |
|---|---|---|---|---|---|---|
| 2017-18 | 17.44 | 17.86 | 1.36 | 36.66 | 15.79 *(43)* | 20.87 |
| 2018-19 | 20.87 | 19.61 | 0.99 | 41.47 | 22.40 *(54)* | 19.07 |
| 2019-20 | 19.07 | 28.29 | 1.10 | 48.46 | 22.01*(45)* | 26.45 |
| 2020-21 | 26.45 | 17.82 | 1.50 | 45.77 | 23.13 *(51)* | 22.64 |
| 2021-22 | 22.64 | 11.59 | 1.07 | 35.30 | 16.80 *(48)* | 18.50 |

***ଉତ୍ସ: ସଂପୃକ୍ତ ପଞ୍ଚାୟତ ସମିତିର ରେକର୍ଡ***

**ସାରଣୀ 2.3** ରୁ ସ୍ପଷ୍ଟ ହେଉଛି ଯେ, 2017-22 ଆର୍ଥିକ ବର୍ଷରେ ଗ୍ରାମ ପଞ୍ଚାୟତ ଗୁଡିକର ବର୍ଷ ଭିତ୍ତିକ ଖର୍ଚ୍ଚ ଦକ୍ଷତା 43 ରୁ 54 ପ୍ରତିଶତ ମଧ୍ୟରେ ରହିଥିଲା । ପ୍ରକଳ୍ପର ଚୁଡାନ୍ତ ରୂପାୟନ, ସ୍ଥାନ ଚୟନ ଓ ପ୍ରକଳ୍ପର କାର୍ଯ୍ୟକାରିତାରେ ବିଳମ୍ବ ଯୋଗୁଁ ଅର୍ଥର ସଠିକ୍ ବିନିଯୋଗ ହୋଇପାରିନଥିଲା ।

ଏହି ଗ୍ରାମ ପଞ୍ଚାୟତ ଗୁଡିକର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ମାନେ କହିଥିଲେ (ଅଗଷ୍ଟ 2022) ଯେ, ସେମାନେ ଅବ୍ୟବହୃତ ଅର୍ଥକୁ ବିନିଯୋଗ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବେ ।

### 2.4. ଜିଲ୍ଲା ପରିଷଦ ଏବଂ ପଞ୍ଚାୟତ ସମିତି ଦ୍ୱାରା 15ତମ ଆର୍ଥିକ ଆୟୋଗ ଅନୁଦାନ ଉପଯୋଗର ନିମ୍ନଗତି

ଓଡିଶା ସାଧାରଣ ଆର୍ଥିକ ନିୟମାବଳୀ 2002 ର ନିୟମ 171 (3) ଅନୁଯାୟୀ, ପ୍ରଦାନ କରାଯାଇଥିବା ଅର୍ଥକୁ ମଞ୍ଜୁରୀ ଆଦେଶ ଜାରି ହେବା ଦିନ ଠାରୁ ଏକ ବର୍ଷ ମଧ୍ୟରେ ବିନିଯୋଗ କରାଯିବା କଥା ।

2020-22 ଆର୍ଥିକ ବର୍ଷ ମଧ୍ୟରେ ପରୀକ୍ଷଣ କରାଯାଇଥବା ଜିଲ୍ଲା ପରିଷଦ ଗୁଡିକରେ 15 ତମ କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁସାରେ ଅନୁଦାନର ଉପଲବ୍ଧତା ଏବଂ ତାର ଉପଯୋଗ ***ସାରଣୀ-2.4*** ରେ ଦର୍ଶାଯାଇଛି ।

***ସାରଣୀ 2.4: ନମୁନା ଯାଞ୍ଚ ହୋଇଥିବା ଜିଲ୍ଲା ପରିଷଦରେ 15 ତମ କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନର ପ୍ରାପ୍ତି ଓ ଉପଯୋଗ***

***(ଟଙ୍କା କୋଟିରେ)***

| ଆର୍ଥିକ ବର୍ଷ | ପ୍ରାରମ୍ଭିକ ଜମା | ଅନୁଦାନ ପ୍ରାପ୍ତି | ଅନ୍ୟାନ୍ୟ ପ୍ରାପ୍ତି | ମୋଟ | ବ୍ୟୟ (ଉପଯୋଗର ପ୍ରତିଶତ) | ଶେଷ ଜମା |
|---|---|---|---|---|---|---|
| 2020-21 | 0.00 | 71.19 | 0.55 | 71.74 | 24.09 *(34)* | 47.65 |
| 2021-22 | 47.65 | 52.62 | 1.40 | 101.67 | 48.20 *(47)* | 53.47 |

***ଉତ୍ସ: ସଂପୃକ୍ତ ଜିଲ୍ଲା ପରିଷଦର ରେକର୍ଡ***

[7] ଅର୍ଜିତ ସୁଧ, ଖାଲି ଅଖା ବସ୍ତା ଇତ୍ୟାଦି ବିକ୍ରୟରୁ ଅର୍ଜିତ

ଅଡିଟ୍‌ରୁ ଜଣାପଡ଼ିଲା ଯେ, 2020-21 ଏବଂ 2021-22 ଆର୍ଥିକ ବର୍ଷରେ ପରୀକ୍ଷଣ କରାଯାଇଥିବା ଜିଲ୍ଲା ପରିଷଦଗୁଡିକ ଉପଲବ୍ଧ ପାଣ୍ଠିର ସର୍ବାଧିକ 47 ପ୍ରତିଶତ ବିନିଯୋଗ କରିବାରେ ସକ୍ଷମ ହୋଇଥିଲେ । ସେହିଭଳି 2020-22 ମଧ୍ୟରେ ପରୀକ୍ଷଣ କରାଯାଇଥିବା ପଞ୍ଚାୟତ ସମିତିମାନଙ୍କ ଦ୍ୱାରା ଅନୁଦାନର ଉପଯୋଗ 10 ରୁ 53 ପ୍ରତିଶତ ମଧ୍ୟରେ ରହିଥିଲା, ଯାହା ***ସାରଣୀ 2.5*** ରେ ସବିଶେଷ ଦର୍ଶାଯାଇଛି ।

***ସାରଣୀ 2.5: ପଞ୍ଚାୟତ ସମିତି ସ୍ତରରେ 15 ତମ ଆର୍ଥିକ ଅନୁଦାନର ପ୍ରାପ୍ତି ଓ ଉପଯୋଗ***

***(ଟଙ୍କା କୋଟିରେ)***

| ଆର୍ଥିକ ବର୍ଷ | ପ୍ରାରମ୍ଭିକ ଜମା | କେନ୍ଦ୍ରୀୟ ଆର୍ଥିକ ଆୟୋଗ ଅନୁଦାନ ପ୍ରାପ୍ତି | ସୁଧ ଏବଂ ଅନ୍ୟାନ୍ୟ ପ୍ରାପ୍ତି | ମୋଟ | ବ୍ୟୟ (ଉପଯୋଗର ପ୍ରତିଶତ) | ଶେଷ ଜମା |
|---|---|---|---|---|---|---|
| 2020-21 | 0 | 26.41 | 0.24 | 26.65 | 2.55*(10)* | 24.10 |
| 2021-22 | 24.10 | 53.08 | 1.02 | 78.20 | 41.39 *(53)* | 36.81 |

***ଉତ୍ସ: ପରୀକ୍ଷଣ କରାଯାଇଥିବା ପଞ୍ଚାୟତ ସିମିତିର ରେକର୍ଡ***

ଏଏପି ପ୍ରସ୍ତୁତିରେ ବିଳମ୍ବ, କାର୍ଯ୍ୟ ସଂପୂର୍ଣ୍ଣ ନହେବା ସହିତ ଜିଲ୍ଲା ଓ ପଞ୍ଚାୟତ ସମିତି ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ପର୍ଯ୍ୟାପ୍ତ ତଦାରଖ ନ ହେବା ଯୋଗୁଁ ଅନୁଦାନ ବିନିଯୋଗର ଗତି କମ୍ ହୋଇଥିଲା, ଯାହା ଅନୁଚ୍ଛେଦ 2.3, 2.5.2 ଏବଂ 2.6.2 ରେ ଆଲୋଚନା କରାଯାଇଛି ।

### *2.4.4 ବକେୟା ଅଗ୍ରୀମର ବ୍ୟବସ୍ଥାପନ ନ ହେବା*

ଓଡିଶା ପଞ୍ଚାୟତ ସମିତି ଆକାଉଣ୍ଟିଂ ପ୍ରୋସୀଡିୟର (ଓପିଏସଏପି) ନିୟମାବଳୀ, 2002 ଅନୁଯାୟୀ ବିଭାଗୀୟ ଅଧିକାରୀମାନଙ୍କୁ ମଞ୍ଜୁରୀ ପ୍ରାପ୍ତ ଏବଂ ପ୍ରଦାନ କରାଯାଇଥିବା ଅଗ୍ରୀମ ଅର୍ଥକୁ ନିୟମିତ ଏବଂ ତୁରନ୍ତ ସଜାଡିବା ଆବଶ୍ୟକ । ଏହି ଅଗ୍ରୀମ ରେଜିଷ୍ଟରକୁ ପ୍ରତିବର୍ଷ ସଂପୃକ୍ତ ବ୍ଲକ ଉନ୍ନୟନ ଅଧିକାରୀ ମାନଙ୍କ ଦ୍ୱାରା ଯାଞ୍ଚ ହେବା ସହ ସେମାନଙ୍କ ଦସ୍ତଖତ ଓ ତାରିଖ ସହିତ ସତ୍ୟପାଠ କରିବା ଉଚିତ୍ । ଅର୍ଥ ବିଭାଗ ଆହୁରି ମଧ୍ୟ ନିର୍ଦ୍ଦେଶ ଦେଇଥିଲେ (ମାର୍ଚ୍ଚ 2002) ଯେ, ଏକ ବର୍ଷରୁ ଅଧିକ ସମୟ ଧରି ବ୍ୟବସ୍ଥାପନ ହୋଇନଥିବା ଅଗ୍ରୀମକୁ ସରକାରୀ ଖାତାରେ କ୍ଷତି ବୋଲି ବିବେଚନା କରଯାଇ ଏଭଳି କ୍ଷତିର ଭରଣା କରିବା ପାଇଁ ଯଥା ସମ୍ଭବ ପୁନରୁଦ୍ଧାର / ସମାୟୋଜନ ମାଧ୍ୟମରେ ଏହା ଉପରେ ଆବଶ୍ୟକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ୍ ।

କୋରାପୁଟ ଜିଲ୍ଲାର ତିନିଟି ପରୀକ୍ଷଣ ହୋଇଥିବା ପଞ୍ଚାୟତ ସମିତିର କୌଣସି ତଥ୍ୟ ଯଥା – ଅଗ୍ରୀମଧାରୀଙ୍କ ନାମ, ଅବଧି ଓ ଉଦ୍ଦେଶ୍ୟ ଇତ୍ୟାଦି ନ ଥାଇ ଅଗ୍ରୀମ ବାବଦରେ 9.32 ଲକ୍ଷ ଟଙ୍କା ବକେୟା ରହିଥିବା ସମୀକ୍ଷାକୁ ଜଣା ପଡିଥିଲା । ସେହିପରି ତିନିଟି ଜିଲ୍ଲାର ପରୀକ୍ଷଣ ହୋଇଥିବା ପାଞ୍ଚଟି ଗ୍ରାମ ପଞ୍ଚାୟତରେ ପୂର୍ବତନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏପ୍ରିଲ 2012 ରୁ 4.36 ଲକ୍ଷ ଟଙ୍କା ଅଗ୍ରୀମ ପ୍ରଦାନ କରାଯାଇଥିବା ବେଳେ ସେଥିମଧ୍ୟରୁ 2.87 ଲକ୍ଷ ଟଙ୍କା ଅଗ୍ରୀମ (***ପରିଶିଷ୍ଟ-2.3***) ବାକି ରହିଥିଲା (ମାର୍ଚ୍ଚ 2022 ସୁଦ୍ଧା) । ଏହାଛଡା, ଗ୍ରାମ ପଞ୍ଚାୟତ ଦ୍ୱାରା ନା ଅଗ୍ରୀମ ରେଜିଷ୍ଟର ଖୋଲାଯାଇଥିଲା, ନା ବ୍ଲକ ଉନ୍ନୟନ ଅଧିକାରୀମାନେ ବକେୟା ଅଗ୍ରୀମର ସମୀକ୍ଷା କରିଥିଲେ । ଠିକ୍ ସମୟରେ ଅଗ୍ରୀମ ଅର୍ଥର ସମାୟୋଜନ ନ ହେଲେ ଅର୍ଥ ହେରଫେର ହେବାର ଆଶଙ୍କାକୁ ଏଡାଇ ଦିଆଯାଇପାରିବ ନାହିଁ ।

ସଂପୃକ୍ତ ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତରେ ବିଡିଓ ଏବଂ ପିଇଓ ମାନେ ବକେୟା ଅଗ୍ରୀମକୁ ସମାଯୋଜନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ (ଅଗଷ୍ଟ 2022) ।

### *2.4.5 କାର୍ଯ୍ୟ ସମ୍ପାଦନ ଅନୁଦାନରେ କ୍ଷତି*

ନିର୍ଦ୍ଦିଷ୍ଟ ସର୍ତ୍ତ ଯେପରିକି; ସମୀକ୍ଷା ହୋଇଥିବା ହିସାବ ଦାଖଲ କରିବା, ନିଜସ୍ୱ ରାଜସ୍ୱ ବୃଦ୍ଧି, ପ୍ରସ୍ତୁତ କରିବା ଏବଂ ଏମଓପିଆର୍ ୱେବସାଇଟରେ କ୍ଷେତ୍ର ଭିତ୍ତିକ ବ୍ୟୟ ବରାଦ ଅପଲୋଡ୍ କରିବା ଇତ୍ୟାଦି ସର୍ତ୍ତ ପୂରଣ ହେଲେ, 2016-20 ଆର୍ଥିକ ବର୍ଷ ଠାରୁ କାର୍ଯ୍ୟ ଅନୁଦାନ ପ୍ରଦାନ ପାଇଁ ଚତୁର୍ଦ୍ଦଶ ଅର୍ଥ କମିଶନ ସୁପାରିଶ କରିଥିଲେ । ଉପରୋକ୍ତ ମାନଦଣ୍ଡ ପୂରଣ କରିବା ପରେ ଗ୍ରାମ ପଞ୍ଚାୟତ ଗୁଡିକୁ 100 ପ୍ରତିଶତ ପର୍ଯ୍ୟନ୍ତ ୱେଟେଡ ସ୍କୋର ପ୍ରଦାନ

ଯାଇ ପ୍ରାପ୍ତ ସ୍କୋର[8] ଅନୁଯାୟୀ କାର୍ଯ୍ୟ ସଂପାଦନ ଅନୁଦାନ ବଣ୍ଟନ କରାଯିବାର ଥିଲା ।

ଅଡିଟ୍ 2017-18 ରୁ 2019-20 ପର୍ଯ୍ୟନ୍ତ ରେକର୍ଡ ଯାଞ୍ଚ କରିଥିଲା ଏବଂ ଲକ୍ଷ୍ୟ କରିଥିଲା ଯେ, ଚତୁର୍ଦ୍ଦଶ ଅର୍ଥ ଆୟୋଗ ଅଧିନରେ ଯାଞ୍ଚ ହୋଇଥିବା 63ଟି ଗ୍ରାମ ପଞ୍ଚାୟତ 65.18 କୋଟି ଟଙ୍କାର ମୌଳିକ ଅନୁଦାନ ପାଇଥିଲେ । ସେହି ଆଧାରରେ ମାର୍ଚ୍ଚ 2020 ସୁଦ୍ଧା ଛଅଟି ଗ୍ରାମ ପଞ୍ଚାୟତ ସର୍ବନିମ୍ନ କାର୍ଯ୍ୟ ସମ୍ପାଦନ ଅନୁଦାନ 3.62 କୋଟି ଟଙ୍କା ଥିବା ସ୍ଥଳେ, ମାତ୍ର 0.58 କୋଟି ଟଙ୍କା ଲାଭ କରିଥିଲେ । ଅବଶିଷ୍ଟ 57ଟି ଗ୍ରାମ ପଞ୍ଚାୟତ ବାଧ୍ୟତା ମୂଳକ ଯୋଗ୍ୟତା ମାନଦଣ୍ଡ ପୂରଣ ନକରିବା କାରଣରୁ 3.04 କୋଟି ଟଙ୍କାର କାର୍ଯ୍ୟ ସମ୍ପାଦନ ଅନୁଦାନ ଲାଭ କରିବାକୁ ଯୋଗ୍ୟ ବିବେଚିତ ହୋଇପାରି ନଥିଲେ, ଯାହା **ସାରଣୀ 2.6** ରେ ବର୍ଣ୍ଣିତ ହୋଇଛି ।

***ସାରଣୀ 2.6: କାର୍ଯ୍ୟ ସମ୍ପାଦନ ଅନୁଦାନରେ କ୍ଷତି***

*(ଟଙ୍କା କୋଟିରେ)*

| ଆର୍ଥିକ ବର୍ଷ | ପ୍ରାପ୍ତ ହୋଇଥିବା ମୌଳିକ ଅନୁଦାନ | ସର୍ବନିମ୍ନ କାର୍ଯ୍ୟ ସମ୍ପାଦନ[9] ଅନୁଦାନ | ପ୍ରାପ୍ତ ହୋଇଥିବା କାର୍ଯ୍ୟ ସମ୍ପାଦନ ଅନୁଦାନ | କାର୍ଯ୍ୟ ସମ୍ପାଦନ ଅନୁଦାନରେ କ୍ଷତି |
|---|---|---|---|---|
| 2017-18 | 17.44 | 0.97 | 0.42 | 0.55 |
| 2018-19 | 19.61 | 1.09 | 0 | 1.09 |
| 2019-20 | 28.13 | 1.56 | 0.16 | 1.40 |
| ମୋଟ | **65.18** | **3.62** | **0.58** | **3.04** |

*ଉତ୍ସ: ସଂପୃକ୍ତ ଗ୍ରାମ ପଞ୍ଚାୟତର ରେକର୍ଡ*

ଏହିସବୁ ତଥ୍ୟକୁ ନିଶ୍ଚିତ କରି ସଂପୃକ୍ତ ପିଇଓ ମାନେ ଦର୍ଶାଇଲେ (ଡିସେମ୍ବର 2022) ଯେ, ଆବଶ୍ୟକ ସର୍ତ୍ତ ପୂରଣ ହୋଇନଥିବାରୁ , ଗ୍ରାମ ପଞ୍ଚାୟତ ମାନଙ୍କୁ କାର୍ଯ୍ୟ ସଂପାଦନ ଅନୁଦାନ ମିଳିପାରିନଥିଲା ।

### *2.4.6 ଉପଯୋଗ ପ୍ରମାଣପତ୍ର ଦାଖଲ ନ କରିବା*

ପିଆର୍ ଏବଂ ଡିଡବ୍ଲୁ ବିଭାଗ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା (ଅଗଷ୍ଟ 2015) ଅନୁସାରେ 14 ତମ ସିଏଫସି ଅନୁଦାନ ବାବଦରେ ଗ୍ରାମ ପଞ୍ଚାୟତଗୁଡିକୁ ସଂପୃକ୍ତ ଗ୍ରାମ ସଭାରେ ଅନୁମୋଦନ ଲାଭ ପରେ ଜିଲ୍ଲା ପଞ୍ଚାୟତ ଅଧିକାରୀ (ଡିପିଓ) ମାନଙ୍କୁ ଉପଯୋଗ ପ୍ରମାଣ ପତ୍ର ଦାଖଲ କରିବାକୁ ଥିଲା । ତା'ପରେ ସମସ୍ତ ଗ୍ରାମ ପଞ୍ଚାୟତରୁ ସଂଗୃହୀତ ଉପଯୋଗ ପ୍ରମାଣପତ୍ର ଗୁଡିକ, ଜିଲ୍ଲା ପରିଷଦରେ ସିଡିଓଙ୍କ ଦ୍ୱାରା ବିଧିବଦ୍ଧ ଭାବେ ପ୍ରତି ହସ୍ତାକ୍ଷର କରାଯାଇ, ଡିପିଓଙ୍କ ଦ୍ୱାରା ସରକାରଙ୍କୁ ପ୍ରଦାନ କରାଯିବାକୁ ଥିଲା ।

ଅଡିଟ୍‌ରୁ ଦର୍ଶାଯାଇଛି ଯେ 2017-20 ଆର୍ଥିକ ବର୍ଷରେ ଯାଞ୍ଚ ହୋଇଥିବା 63ଟି ଗ୍ରାମ ପଞ୍ଚାୟତ ରୁ 60ଟି ଗ୍ରାମ ପଞ୍ଚାୟତ ସିଏଫସି ଅନୁଦାନ ଭାବେ 62.19 କୋଟି[10] ଟଙ୍କା ପାଇଛନ୍ତି । କିନ୍ତୁ ମାର୍ଚ୍ଚ 2022 ସୁଦ୍ଧା ଯାଞ୍ଚ ହୋଇଥିବା ଗ୍ରାମ ପଞ୍ଚାୟତ ଗୁଡିକ ଡିପିଓଙ୍କୁ କୌଣସି ଉପଯୋଗ ପ୍ରମାଣପତ୍ର (ୟୁସି) ଦାଖଲ କରିନଥିଲେ କିମ୍ବା ଉଚ୍ଚ କର୍ତ୍ତୃପକ୍ଷ ଯଥା ଡିପିଓ/ ସିଡିଓ, ଜେଡ୍‌ପି ଆଦି ୟୁସି ଦାଖଲ କରିବାକୁ ପ୍ରବର୍ତ୍ତାଇ ନଥିଲେ । ତେଣୁ ଅନୁଦାନରେ ପ୍ରକୃତ ବିନିଯୋଗ କେତେ ତାହା ରାଜ୍ୟ ସରକାର ଜାଣି ପାରିଲେ ନାହିଁ । ଯେହେତୁ ପିଇଓ ତଥା ଡିପିଓ ମାନେ ଉପଯୋଗ ପ୍ରମାଣପତ୍ର ଏକତ୍ରିତ କରି ଦାଖଲ କରିବା ପାଇଁ ସୁନିଶ୍ଚିତ କରିବାର ଥିଲା, ଉପଯୋଗ ପ୍ରମାଣପତ୍ର ଦାଖଲରେ ଅବହେଳା ପାଇଁ ସେମାନଙ୍କୁ ଉତ୍ତରଦାୟୀ କରାଯାଉ ।

ଏହି ତଥ୍ୟକୁ ନିଶ୍ଚିତ କରି ସଂପୃକ୍ତ ପିଇଓ କହିଥିଲେ (ଡିସେମ୍ବର 2022) ଯେ, ୟୁସି ଗୁଡିକୁ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିବେ ।

---

[8] 49 ପର୍ଯ୍ୟନ୍ତ ସ୍କୋର: ପିଜି ଆବଣ୍ଟନର 50 ପ୍ରତିଶତ ହେବା ଉଚିତ୍, 50 ରୁ 60 ପର୍ଯ୍ୟନ୍ତ ସ୍କୋର: 70 ପ୍ରତିଶତ, 61 ରୁ 70 ପର୍ଯ୍ୟନ୍ତ ସ୍କୋର: 80 ପ୍ରତିଶତ 70 ରୁ ଊର୍ଦ୍ଧ୍ୱ ସ୍କୋର: 100 ପ୍ରତିଶତ

[9] ମୌଳିକ ଅନୁଦାନ: 65.18 କୋଟି ଟଙ୍କା (ମୋଟ ଅନୁଦାନର 90 ପ୍ରତିଶତ), ମୌଳିକ ଅନୁଦାନ ( 65.18 କୋଟି ଟଙ୍କା X

100/90) :72.42 କୋଟି ଟଙ୍କା, ସର୍ବାଧିକ କାର୍ଯ୍ୟ ସମ୍ପାଦନ ଅନୁଦାନ (72.42 କୋଟି ଟଙ୍କାର 10 ପ୍ରତିଶତ):7.24 କୋଟି ଟଙ୍କା, ସର୍ବନିମ୍ନ କାର୍ଯ୍ୟ ସମ୍ପାଦନ ଅନୁଦାନ (7.24 କୋଟି ଟଙ୍କାର 50 ପ୍ରତିଶତ):3.62 କୋଟି ଟଙ୍କା

[10] ଆର୍ଥିକ ବର୍ଷ 2017-18: 16.54 କୋଟି ଟଙ୍କା, ଆର୍ଥିକ ବର୍ଷ 2018-19: 18.44 କୋଟି ଟଙ୍କା, ଆର୍ଥିକ ବର୍ଷ 2019-20: 27.21 କୋଟି ଟଙ୍କା

### *2.4.7 ପାଣ୍ଠିଗୁଡ଼ିକର ସ୍ଥାନାନ୍ତରଣ*

ଓପିଏସଏପି ନିୟମାବଳୀ, 2002 ର ନିୟମ 10 (1) ଅନୁଯାୟୀ , ସରକାରଙ୍କ ପକ୍ଷରୁ ପଞ୍ଚାୟତ ସମିତି ନିକଟରେ ଅନୁଦାନ ବାବଦରେ ରଖାଯାଇଥିବା ଅର୍ଥକୁ ଅନ୍ୟ କାର୍ଯ୍ୟରେ ଲଗାଯାଇ ପାରିବ ନାହିଁ ।

ଅଡିଟ୍‌ରୁ ଜଣାଗଲା ଯେ, 2017-22 ଆର୍ଥିକ ବର୍ଷରେ 10 ଟି ପଞ୍ଚାୟତ ସମିତିର ଯାଞ୍ଚ ହୋଇଥିବା 63ଟି ଗ୍ରାମ ପଞ୍ଚାୟତ ମଧ୍ୟରୁ 24ଟି ଗ୍ରାମ ପଞ୍ଚାୟତ 81.96 ଲକ୍ଷ ଟଙ୍କା ସିଏଫସି ପାଣ୍ଠିରୁ ଅନ୍ୟ ଖର୍ଚ୍ଚ ଯଥା ଜିପି ଫଣ୍ଡ[11], ରାଜ୍ୟ ଅର୍ଥ କମିଶନ ଅନୁଦାନ (ଏସଏଫସି), ହରିଶ୍ଚନ୍ଦ୍ର ସହାୟତା ଯୋଜନା[12] (ଏଚଏସୱାଇ), ଜେନେରାଲ କ୍ୟାସବୁକ୍ ଟିଏସସି[13] ଇତ୍ୟାଦି ଉଦ୍ଦେଶ୍ୟରେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା । ଏହି ରାଶିର କୌଣସି ଅଂଶକୁ ପୁନଃ ସଂଗ୍ରହ କରାଯାଇ ନଥିଲା, ଯଦିଓ ମାର୍ଚ୍ଚ 2022 ସୁଦ୍ଧା 195 ରୁ 1823 ଦିନ ବିତିଯାଇଥିଲା, ଯାହା ***ପରିଶିଷ୍ଟ- 2.4*** ରେ ସବିଶେଷ ଉଲ୍ଲେଖ କରାଯାଇଛି ।

ଏହି ତଥ୍ୟକୁ ନିଶ୍ଚିତ କରି ସଂପୃକ୍ତ ପିଇଓ ମାନେ କହିଥିଲେ (ଡିସେମ୍ବର 2022) ଯେ, ସ୍ଥାନାନ୍ତର ହୋଇଥିବା ଅର୍ଥକୁ ପୁନଃ ସଂଗ୍ରହ କରାଯିବ ।

### *2.4.8 ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ସରକାରୀ ରାଜସ୍ୱ ପୈଠ ନ ହେବା*

ଓଟିସି ଭଲ୍ୟୁମ୍ -1 ଅନୁଯାୟୀ, ରାଜ୍ୟର ରାଜସ୍ୱ ବାବଦରେ ସରକାରୀ କର୍ମଚାରୀ ମାନଙ୍କୁ ମିଳୁଥିବା ସମସ୍ତ ଅର୍ଥକୁ ତିନିଦିନ ମଧ୍ୟରେ ରାଜକୋଷ କିମ୍ବା ବ୍ୟାଙ୍କ ମାନଙ୍କରେ ଜମା କରିବାକୁ ହେବ ।

ଅଡିଟ୍‌ରୁ ଲକ୍ଷ୍ୟ କରାଗଲା ଯେ 2017-22 ଆର୍ଥିକ ବର୍ଷରେ 11ଟି ପଞ୍ଚାୟତ ସମିତିର ଯାଞ୍ଚ ହୋଇଥିବା ଜିପି ମଧ୍ୟରୁ 28ଟି ଜିପିରେ କାର୍ଯ୍ୟବିଲରୁ ରୟାଲଟି, ଲେବର ସେସ୍ ଓ ଭାଟ୍ ବାବଦରେ 63.98 ଲକ୍ଷ ଟଙ୍କା ଆଦାୟ କରାଯାଇଥିଲା । ଏହି ଅର୍ଥରୁ 18.22 ଲକ୍ଷ ଟଙ୍କା ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଜମା ହୋଇଥିବା ବେଳେ ଅବଶିଷ୍ଟ 45.76 ଲକ୍ଷ ଟଙ୍କା ମାର୍ଚ୍ଚ 2022 ସୁଦ୍ଧା ଜମା ନକରି ଜିପିର ବ୍ୟାଙ୍କ ଖାତାରେ ପଡିରହିଥିଲା, ଯାହା **ପରିଶିଷ୍ଟ 2.5** ରେ ସବିଶେଷ ଦର୍ଶାଯାଇଛି । ଫଳସ୍ୱରୂପ ସରକାରୀ ରାଜସ୍ୱରେ ଅନିୟମିତତା ପରିଲକ୍ଷିତ ହୋଇଥିଲା ।

ଏହି ତଥ୍ୟକୁ ନିଶ୍ଚିତ କରି ସଂପୃକ୍ତ ପିଇଓମାନେ ଦର୍ଶାଇଥିଲେ (ଡିସେମ୍ବର 2022) ଯେ, ସରକାରୀ ରାଜସ୍ୱ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଜମା କରାଯିବ । ସେପ୍ଟେମ୍ବର 2024 ସୁଦ୍ଧା କୌଣସି ଉତ୍ତର ମିଳିନଥିଲା ।

***ସୁପାରିଶ:***

***2. ଗ୍ରାମ ପଞ୍ଚାୟତ ମାନଙ୍କ ଦ୍ୱାରା ଉପଯୋଗ ପ୍ରମାଣପତ୍ର ଦାଖଲ ହୋଇନଥିବାରୁ ସଂପୃକ୍ତ ପିଇଓ ଏବଂ ଡିପିଓ ମାନଙ୍କୁ ଉତ୍ତରଦାୟୀ କରାଯାଉ ।***

***3. ଅନୁଦାନକୁ ସମୟୋଚିତ ଭାବରେ ଏବଂ ଉଦ୍ଦିଷ୍ଟ ଉଦ୍ଦେଶ୍ୟରେ ବିନିଯୋଗ କରାଯାଉ ।***

## 2.5 କାର୍ଯ୍ୟ ନିର୍ବାହ

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ଯୋଗାଣ ବିଭାଗର ନିର୍ଦ୍ଦେଶାବଳୀ (ଅଗଷ୍ଟ 2015) ଅନୁଯାୟୀ , ସିଏଫସି ଅନୁଦାନକୁ ବିନିଯୋଗ କରିବା ପାଇଁ ପାଞ୍ଚ ବର୍ଷିୟ ପରସ୍ପେକ୍ଟିଭ ଯୋଜନା ଏବଂ ବାର୍ଷିକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରି ଆବଶ୍ୟକତା ଆଧାରରେ ପ୍ରକଳ୍ପ ଗ୍ରହଣ କରିବାକୁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ କୁ ସଶକ୍ତିକରଣ କରାଯିବ ।

### *2.5.1 ଅଗ୍ରହଣୀୟ କାର୍ଯ୍ୟ ସମ୍ପାଦନ*

କାର୍ଯ୍ୟାନ୍ୱୟନ ଗାଇଡ ଲାଇନ ଅନୁଯାୟୀ , ଚତୁର୍ଦ୍ଦଶ ଏଫସି ଅନୁଦାନ ପାଇଁ, ମୌଳିକ ନାଗରିକ ସେବା ଯୋଗାଇବା ପାଇଁ ମୌଳିକ ଅନୁଦାନର ବିନିଯୋଗ କରାଯିବାର ଥିଲା । ଜଳ ଯୋଗାଣ ପରି ସେପ୍ଟିକ ପରିଚାଳନା ସମେତ ପରିମଳ ବ୍ୟବସ୍ଥା, ସେରେଜ୍ ଓ କଠିନ ବର୍ଜ୍ୟବସ୍ତୁ ପରିଚାଳନା, ବାତ୍ୟା ଜଳ ନିଷ୍କାସନ ଗୋଷ୍ଠୀଗତ ସମ୍ପତ୍ତିର ରକ୍ଷଣାବେକ୍ଷଣ ଏବଂ ରାସ୍ତାଘାଟର ମରାମତି କରାଯିବା, ପାଦଚଲା ରାସ୍ତା, ରାସ୍ତାଘାଟ ଆଲୋକୀକରଣ, ଶ୍ମଶାନ ଓ

[11] ଏହି ପାଣ୍ଠି ମୁଖ୍ୟତଃ ଜିପିର ନିଜସ୍ୱ ରାଜସ୍ୱ/ ଉତ୍ସକୁ ନେଇ ଗଠିତ

[12] ଏହା ଗୋଟିଏ ଗରିବ ବ୍ୟକ୍ତିର ମୃତ୍ୟୁ ପରେ ଶବଦାହ ପାଇଁ ସହାୟତା ଦେବା ପାଇଁ ଗୋଟିଏ ରାଜ୍ୟ ଯୋଜନା ଅଟେ

[13] ଟିଏସ୍‌ସି: କୋଭିଡ୍ ରୋଗୀଙ୍କ ପାଇଁ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର

ଶ୍ମଶାନ ଘାଟକୁ ଏହା ଅନ୍ତର୍ଭୁକ୍ତ କରାଯାଇଥିଲା । ସେହିପରି ପଞ୍ଚଦଶ ଅର୍ଥ ଆୟୋଗର ଅନୁଦାନ ପାଇଁ କାର୍ଯ୍ୟାନ୍ୱୟନ ନିର୍ଦ୍ଦେଶାବଳୀ ଅନୁଯାୟୀ, ମୌଳିକ ଅନୁଦାନକୁ ମୁକ୍ତ ରଖାଯାଇଥିଲା ଏବଂ ଏହା ସ୍ଥାନୀୟ ସଂସ୍ଥାଗୁଡ଼ିକ ଦ୍ୱାରା ସ୍ଥାନ ନିର୍ଦ୍ଦିଷ୍ଟ ଆବଶ୍ୟକତା ପାଇଁ ବ୍ୟବହାର କରାଯାଇପାରିବ । କିନ୍ତୁ, ଏହା ବେତନ କିମ୍ବା ଅନ୍ୟାନ୍ୟ ପ୍ରତିଷ୍ଠାନ ଖର୍ଚ୍ଚ ପାଇଁ ବ୍ୟବହାର କରାଯାଇ ପାରିବ ନାହିଁ ।

ଅଡିଟ୍‌ରୁ ଲକ୍ଷ୍ୟ କରାଗଲା ଯେ, ନମୁନା ଯାଞ୍ଚ ହୋଇଥିବା 63 ଟି ଗ୍ରାମ ପଞ୍ଚାୟତ ମଧ୍ୟରୁ 25 ଟି ଜିପି କାର୍ଯ୍ୟାଳୟର ସୌନ୍ଦର୍ଯ୍ୟକରଣ, କମ୍ପ୍ୟୁଟର କ୍ରୟ, ମୁଦ୍ରା କର, ଇନ୍‌ଭଟର ଇତ୍ୟାଦି କାର୍ଯ୍ୟରେ 1.37 କୋଟି ଟଙ୍କା ବିନିଯୋଗ କରିଥିଲେ, ଯାହା ଚତୁର୍ଦ୍ଦଶ ଏଫ୍‌ସି ଅନୁଦାନରେ ଗ୍ରହଣୀୟ ନଥିଲା ।

ସେହିପରି 17 ଟି ଜିପି ଓ ଗୋଟିଏ ପଞ୍ଚାୟତ ସମିତି ସିସି ଟିଭି କ୍ୟାମେରା ଲଗାଇବା, ସରକାରୀ କ୍ୱାର୍ଟର ନିର୍ମାଣ, ଅଫିସ୍ କଣ୍ଟିଜେନ୍ସି ଆଦି କ୍ରୟ କରିବା ଇତ୍ୟାଦି କାର୍ଯ୍ୟ ପାଇଁ 0.81 କୋଟି ଟଙ୍କା ବ୍ୟୟ କରିଥିଲେ, ଯାହା 15 ତମ ଏଫ୍‌ସି ଅନୁଦାନରେ ଗ୍ରହଣୀୟ ନଥିଲା ।

ତେଣୁ, ସିଏଫ୍‌ସି ଅନୁଦାନରୁ 2.18 କୋଟି ଟଙ୍କା ଅଗ୍ରହଣୀୟ ବ୍ୟୟ ବରାଦ କରାଯାଇଥିଲା, ଯାହା ***ପରିଶିଷ୍ଟ 2.6*** ରେ ଉଲ୍ଲେଖ କରାଯାଇଛି ।

ଏହି ତଥ୍ୟକୁ ନିଶ୍ଚିତ କରି ସଂପୃକ୍ତ ପିଏସ୍ ଏବଂ ପିଇଓ କହିଲେ (ଡିସେମ୍ବର 2022) ଯେ, ଭବିଷ୍ୟତରେ ସେମାନେ ଅଗ୍ରହଣୀୟ ପ୍ରକଳ୍ପରେ କୌଣସି ଖର୍ଚ୍ଚ କରିବେ ନାହିଁ ।

ମାର୍ଗଦର୍ଶିକାରେ ଥିବା ବ୍ୟବସ୍ଥାକୁ ଉଲ୍ଲଂଘନ କରି ବ୍ୟୟ ବରାଦ କରାଯାଇଥିବାରୁ ଏହି ଉତ୍ତର ଗ୍ରହଣୀୟ ନଥିଲା ଏବଂ ସେଥିପାଇଁ ଅଗ୍ରହଣୀୟ ବ୍ୟୟକୁ ଅନୁମୋଦନ କରିଥିବା ବ୍ୟକ୍ତିଙ୍କୁ ଉତ୍ତରଦାୟୀ କରାଯାଉ ।

### *2.5.2 ଅବାସ୍ତବ ଆକଳନ ପ୍ରସ୍ତୁତି ଯୋଗୁଁ ଅପବ୍ୟୟ*

ଓଡ଼ିଶା ଗ୍ରାମ ପଞ୍ଚାୟତ ନିୟମାବଳୀ, 2014, 29(1) ଅନୁଯାୟୀ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ଦାୟୀତ୍ୱ ହେଉଛି, ସମ୍ପୂର୍ଣ୍ଣ ତଦାରଖ କରିବା, ଗ୍ରାମ ପଞ୍ଚାୟତ ଦ୍ୱାରା ହାତକୁ ନିଆଯାଇଥିବା ସମସ୍ତ କାର୍ଯ୍ୟର ସଠିକ୍ କାର୍ଯ୍ୟାନ୍ୱୟନ ଏବଂ ସେମାନଙ୍କର ପ୍ରଗତି ଉପରେ ତୀକ୍ଷ୍ଣ ନଜର ରଖିବା ସମ୍ବନ୍ଧରେ ଉଲ୍ଲେଖ କରିଥାଏ ।

ତେବେ, ଅଡିଟ୍‌ରେ ସାତଟି ଗ୍ରାମ ପଞ୍ଚାୟତରେ ସାତଟି କାମରେ ଦେଖିଲା ଯେ, ଯାହାର ଆନୁମାନିକ ମୂଲ୍ୟ 43.86 ଲକ୍ଷ ଟଙ୍କା ହୋଇଥିବା ବେଳେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଆର୍ଥିକ ବର୍ଷ 2018-21 ମଧ୍ୟରେ କାର୍ଯ୍ୟ ଆରମ୍ଭ ହୋଇଥିଲା । 43.13 ଲକ୍ଷ ଟଙ୍କା ବିନିଯୋଗ ପରେ ମାର୍ଚ୍ଚ 2022 ସୁଦ୍ଧା ପ୍ରକଳ୍ପ ଗୁଡ଼ିକ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଥିଲା, ଯାହା ***ପରିଶିଷ୍ଟ 2.7*** ରେ ଉଲ୍ଲେଖ କରାଗଲା । ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ପଞ୍ଚାୟତ ସମିତି ମୁଜାଗଡ଼ ଗ୍ରାମ ପଞ୍ଚାୟତକୁ ଛାଡ଼ିଦେଲେ ଅନ୍ୟ ଛଅଟି ପ୍ରକଳ୍ପର ଜେପିଆଇ (ମେଇ 2022 ରୁ ଜାନୁଆରୀ 2023 ମଧ୍ୟରେ) ସମୀକ୍ଷା କରାଯାଇଥିଲା ଏବଂ ଲକ୍ଷ୍ୟ କରାଗଲା ଯେ ଏହି ପ୍ରକଳ୍ପଗୁଡ଼ିକ କେବଳ ପ୍ରାରମ୍ଭିକ ପର୍ଯ୍ୟାୟ ପର୍ଯ୍ୟନ୍ତ ଶେଷ ହୋଇଥିଲା । ଏପରିକି ସେମାନଙ୍କର ସମ୍ପୂର୍ଣ୍ଣ ଆନୁମାନିକ ଖର୍ଚ୍ଚର ବିନିଯୋଗ ପରେ ମଧ ସେହି କାର୍ଯ୍ୟଗୁଡ଼ିକ ଅସମ୍ପୂର୍ଣ୍ଣ ରହିଥିବା **ଫଟୋଗ୍ରାଫ୍** 2.1 ଏବଂ 2.2 ରେ ଦର୍ଶାଯାଇଛି । ଏହା ସୂଚାଇ ଦେଲା ଯେ, ଏହି ଆକଳନ ଅବାସ୍ତବ ଥିଲା କାରଣ ଏହି ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟକାରିତା ପାଇଁ ପାଣ୍ଠିର ମୋଟ ଆବଶ୍ୟକତାକୁ ବିବେଚନା କରାଯାଇ ନଥିଲା । ଏହିପରି, ସମଗ୍ର ପ୍ରକଳ୍ପ ମୂଲ୍ୟକୁ ବିଚାର ନକରି ଆକଳନ ପ୍ରସ୍ତୁତିର ଫଳସ୍ୱରୂପ ପ୍ରକଳ୍ପଗୁଡ଼ିକ ଅସମ୍ପୂର୍ଣ୍ଣ ରହିଥିଲା । ଯାହା ଶେଷରେ 43.13 ଲକ୍ଷ ଟଙ୍କାର ନିଷ୍ଫଳ ବ୍ୟୟ ସହିତ ସେହି ଗ୍ରାମ ପଞ୍ଚାୟତର ପ୍ରାୟ 46,000 ଜନସାଧାରଣଙ୍କୁ ସୁଯୋଗ ଲାଭରୁ ବଞ୍ଚିତ କରାଯାଇଥିଲା ।

| ଫଟୋଗ୍ରାଫ୍ ସଂଖ୍ୟା 2.1 | ଫଟୋଗ୍ରାଫ ସଂଖ୍ୟା- 2.2 |
|---|---|
|  |  |
| କୋରାପୁଟ ଜିଲ୍ଲାର ଦଶମନ୍ତପୁର ପଞ୍ଚାୟତ ସମିତିର ଦଶରଥପୁର ଗ୍ରାମ ପଞ୍ଚାୟତର ଅସମ୍ପୂର୍ଣ୍ଣ କଲ୍ୟାଣ ମଣ୍ଡପ | ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ପଞ୍ଚାୟତ ସମିତିର ଖୁଆଡ଼ ଗ୍ରାମ ପଞ୍ଚାୟତର ଅସମ୍ପୂର୍ଣ୍ଣ କଲ୍ୟାଣ ମଣ୍ଡପ |

ଏହି ତଥ୍ୟକୁ ନିଶ୍ଚିତ କରି ପିଇଓ କହିଲେ (ଡିସେମ୍ବର 2022) ଯେ, ଅସମ୍ପୂର୍ଣ୍ଣ ପ୍ରକଳ୍ପ ଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ପାଇଁ ଅତିରିକ୍ତ ଅର୍ଥ ମଞ୍ଜୁର କରିବା ଲାଗି ସରକାରଙ୍କୁ ପ୍ରସ୍ତାବ ଦେବେ।

ଉତ୍ତର ଗ୍ରହଣୀୟ ନଥିଲା, ଯେହେତୁ ଅବାସ୍ତବ ଆକଳନ ପ୍ରସ୍ତୁତ ପାଇଁ କୌଣସି କାରଣ ଦର୍ଶାଯାଇ ନଥିଲା । ତେଣୁ, ଏହିପରି ଅବାସ୍ତବ ଆକଳନ ଏବଂ ଅପବ୍ୟୟରେ ସଂପୃକ୍ତ କର୍ମଚାରୀମାନଙ୍କ ବିରୁଦ୍ଧରେ ଯଥୋଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

### *2.5.3 କାର୍ଯ୍ୟ ସମ୍ପାଦନ ପାଇଁ ଅପବ୍ୟୟ*

ଓଡ଼ିଶା ବିତ୍ତୀୟ ଦାୟୀତ୍ୱ ଓ ବଜେଟ୍ ପରିଚାଳନା 2005, ଅନୁଯାୟୀ ସରକାରୀ ସମ୍ବଳକୁ ଏଭଳି ଉପାୟରେ ବ୍ୟବହାର କରାଯିବା ଉଚିତ୍ ଯାହା ଅର୍ଥର ଶ୍ରେଷ୍ଠ ମୂଲ୍ୟ ପ୍ରଦାନ କରିବ ଏବଂ ଏହି ସମ୍ବଳରୁ ସୃଷ୍ଟି ହୋଇଥିବା ସମ୍ପତ୍ତିର ଉପଯୋଗ ଅଧିକରୁ ଅଧିକ ଲାଭ ଉଠାଇବା ପାଇଁ ବ୍ୟବହାର କରିବା ଉଚିତ୍ । ଯେକୌଣସି ଜଳଯୋଗାଣ ବ୍ୟବସ୍ଥାର ଲକ୍ଷ୍ୟ ହାସଲ କରିବାକୁ, ଜଳଯୋଗାଣ ବ୍ୟବସ୍ଥା ସ୍ଥାପନ ପୂର୍ବରୁ, ଜମିର ସ୍ଥିତି, ଜଳର ଉତ୍ସ, ନିୟମିତ ରକ୍ଷଣାବେକ୍ଷଣ ଯଥା-ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ଇତ୍ୟାଦିକୁ ନିଶ୍ଚିତ କରାଯିବା ଉଚିତ୍ ।

- ଅଡିଟ୍‌ରେ ଲକ୍ଷ୍ୟ କରାଯାଇଥିଲା ଯେ, ପରୀକ୍ଷଣ କରାଯାଇଥିବା 63 ଟି ପରୀକ୍ଷିତ ଗ୍ରାମ ପଞ୍ଚାୟତ ମଧ୍ୟରୁ ଛଅଟିରେ 14 ତମ ଆର୍ଥିକ ଅନୁଦାନ ମଧ୍ୟରୁ ଆର୍ଥିକ ବର୍ଷ 2016-20 ମଧ୍ୟରେ ନିକଟସ୍ଥ ଅଞ୍ଚଳର 27,000 ଲୋକଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ରିଭର୍ସ ଓସ୍ମୋସିସ୍ (ଆରଓ) ପ୍ଲାଣ୍ଟ ସ୍ଥାପନ କରାଯାଇଥିଲା । ଏହି ପ୍ଲାଣ୍ଟଗୁଡ଼ିକର ମୂଲ୍ୟ (ବିଲ୍ଡିଂ ପ୍ଲାଣ୍ଟ ବିଦ୍ୟୁତକରଣ, ନଳକୂପ ଖୋଳିବା ସମେତ) 36.90 ଲକ୍ଷ ଟଙ୍କା ଥିଲା, ଯାହା ***ପରିଶିଷ୍ଟ 2.8*** ରେ ବର୍ଣ୍ଣନା କରାଯାଇଛି । ଯାହାହେଉ, ଏହି ଆକଳନକୁ ପ୍ରସ୍ତୁତ କରିବା ସମୟରେ ଜଳର ଉତ୍ସ ଏବଂ ଏହି ଉପକରଣଗୁଡ଼ିକର ରକ୍ଷଣାବେକ୍ଷଣ ଇତ୍ୟାଦିକୁ ବିଚାର କରାଯାଇନଥିଲା । ଆହୁରି ମଧ୍ୟ, ସିଏଫ୍‌ସି ପାଣ୍ଠିରୁ ଏଭଳି ଖର୍ଚ୍ଚ ଗ୍ରହଣୀୟତା ସତ୍ତ୍ୱେ ଗ୍ରାମ ପଞ୍ଚାୟତ ଗୁଡ଼ିକ ରକ୍ଷଣାବେକ୍ଷଣ ପାଇଁ ଯୋଗାଣକାରୀ ସହିତ କୌଣସି ଚୁକ୍ତି କରିନଥିଲେ କିମ୍ବା ସେମାନେ ନିଜେ ଆରଓ ପ୍ଲାଣ୍ଟର ରକ୍ଷଣାବେକ୍ଷଣ କରିନଥିଲେ।

- ଏହି ଆରଓ ପ୍ଲାଣ୍ଟର ଜେପିଆଇରୁ ସମୀକ୍ଷା (ଡିସେମ୍ବର 2022) ଅନୁଧାନ କରିଛି ଯେ, ଉତ୍ସର ବିଫଳତା, ଆବଶ୍ୟକୀୟ ଉପକରଣର କ୍ରୟ ଏବଂ ମରାମତି ନହେବା ଇତ୍ୟାଦି କାରଣରୁ ଏହି ସମସ୍ତ ୟୁନିଟ୍ ଅଚଳ ହୋଇପଡ଼ିଥିଲା । ଗ୍ରାମ ପଞ୍ଚାୟତଗୁଡ଼ିକ ଦ୍ୱାରା ଏହି ତ୍ରୁଟିଗୁଡ଼ିକର ସଂଶୋଧନ ପାଇଁ କୌଣସି ପ୍ରୟାସ କରାଯାଇ ନଥିଲା, ଯାହାଫଳରେ ଏହି ଉପକରଣଗୁଡ଼ିକ ବ୍ୟବହାର ଯୋଗ୍ୟ ହୋଇପାରି ନଥିଲା । ଫଳରେ 36 ଲକ୍ଷ 90 ହଜାର ଟଙ୍କା ବିନିଯୋଗ ସତ୍ତ୍ୱେ ଏହି ପ୍ଲାଣ୍ଟଗୁଡ଼ିକ ଏହି ପଞ୍ଚାୟତରେ ପାଖାପାଖି 27,000 ଅଞ୍ଚଳବାସୀଙ୍କୁ ପାନୀୟଜଳ ଯୋଗେଇବାରେ ବିଫଳ ହୋଇଥିଲେ।

**ଫୋଟୋଗ୍ରାଫ୍ ସଂଖ୍ୟା- *2.3***



**ଫୋଟୋଗ୍ରାଫ୍ ସଂଖ୍ୟା - *2.4***



**ସୁନ୍ଦରଗଡ଼ ଜିଲ୍ଲାର କୋଇରା ବ୍ଲକର କେ,କଳଙ୍ଗ ଗ୍ରାମପଞ୍ଚାୟତରେ ଅଣ-କାର୍ଯ୍ୟକ୍ଷମ ରିଭର୍ସ ଆସ୍‌ମୋସିସ୍ ପ୍ଲାଣ୍ଟ**

**ଫୋଟୋଗ୍ରାଫ୍ ସଂଖ୍ୟା - *2.5***




**ଫୋଟୋଗ୍ରାଫ୍ ସଂଖ୍ୟା - *2.6***




**ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ବ୍ଲକ କୁଚଡେଗା ଗ୍ରାମ ପଞ୍ଚାୟତରେ ଅଣ-କାର୍ଯ୍ୟକ୍ଷମ ରିଭର୍ସ ଆସମୋସିସ୍ ପ୍ଲାଣ୍ଟ**

ସେହିପରି ଚରୋଟି ଗ୍ରାମ ପଞ୍ଚାୟତରେ (ଫେବୃଆରୀ 2018ରୁ ଅକ୍ଟୋବର 2021 ମଧ୍ୟରେ) 17.25 ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଛଅଟି ଜଳ ଯୋଗାଣ କାର୍ଯ୍ୟ ସମାପ୍ତ ହୋଇଥିଲା, (***ପରିଶିଷ୍ଟ-2.9***) ଅଡିଟ୍ ଜେପିଆଇରୁ ଅନୁଧ୍ୟାନ କଲା ଯେ, ଏହି ଉପକରଣ ଗୁଡିକର ରକ୍ଷଣାବେକ୍ଷଣ ସିଏପସି ପାଣ୍ଠିରୁ ପଞ୍ଚାୟତ ଦ୍ୱାରା ଗ୍ରହଣୀୟତା ସତ୍ତ୍ୱେ, ଏହି ସଂପତ୍ତି ଗୁଡିକ କାର୍ଯ୍ୟକ୍ଷମ ହୋଇନଥିଲେ, ଯାହାର ମୁଖ୍ୟ କାରଣ ଥିଲା ଆବଶ୍ୟକୀୟ ମରାମତିର ଅଭାବ ଏବଂ ଯନ୍ତ୍ର ଗୁଡିକ ମରାମତି ନକରିବା ।

**ଫୋଟୋଗ୍ରାଫ୍ ସଂଖ୍ୟା *2.7 & 2.8***





***ତ୍ରିରଙ୍ଗା ଗ୍ରାମ ପଞ୍ଚାୟତର ସୋଲେଇ ଆଦିବାସୀ ସାହି ଏବଂ ତୋଟା ସାହିରେ ଅଚଳ ଜଳ ଯୋଗାଣ ପ୍ରକଳ୍ପ***

ଏହି ତଥ୍ୟକୁ ନିଶ୍ଚିତ କରି ସଂପୃକ୍ତ ପିଇଓମାନେ (ଡିସେମ୍ବର 2022) ଉଲେଖ କରିଥିଲେ ଯେ କାର୍ଯ୍ୟ ସଂପର୍କରେ ଦେଖାଦେଇଥିବା ତ୍ରୁଟିକୁ ସୁଧାରିବା ପାଇଁ ପଦକ୍ଷେପ ନିଆଯିବ ।

### *2.5.4 ମାର୍କେଟ କମ୍ପ୍ଲେକ୍ସର ଅଣ-ଉପଯୋଗିତା*

ପିଆର୍ ଆଣ୍ଡ ଡିଡବ୍ଲ୍ୟ ବିଭାଗର ନିର୍ଦ୍ଦେଶ (ଜୁନ 2015) ଅନୁସାରେ ଗ୍ରାମ ସଭା ଡକାଯାଇ, ସମ୍ପତ୍ତିର ମାସିକ ଭଡା ନିର୍ଦ୍ଧାରଣ ପାଇଁ , ଜିପିଙ୍କ ଅନୁମୋଦନ କରାଯିବାର ଥିଲା ଅଧିକନ୍ତୁ ପିଆର୍ ଆଣ୍ଡ ଡିଡବଲ୍ୟୁ ବିଭାଗର ନିର୍ଦ୍ଦେଶ (ଜାନୁଆରୀ 2016) ଅନୁଯାୟୀ, ବ୍ୟବସାୟିକ କୋଠା / ଦୋକାନଗୁଡିକ ଆବଣ୍ଟନ ପାଇଁ ନିଲାମ ରଖାଯିବାର ଥିଲା ।

63ଟି ପରୀକ୍ଷିତ ଜିପି ମଧ୍ୟରୁ ସାତଟି[14] ଜିପି (ନଭେମ୍ବର 2018 ରୁ ମଇ 2022 ମଧ୍ୟରେ) ସାତଟି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ 63.79 ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ ।

ଅଡିଟ୍‌ରେ ଲକ୍ଷ୍ୟ କରାଯାଇଥିଲା ଯେ ମାସିକ ଭଡା ନିର୍ଦ୍ଧାରଣ ପାଇଁ ଗ୍ରାମ ପଞ୍ଚାୟତଗୁଡ଼ିରେ ଗ୍ରାମ ସଭା ଡକାଯାଇ ନଥିଲା କିମ୍ବା ରାଜସ୍ୱ ଆଦାୟ ପାଇଁ ସମ୍ପତ୍ତି ନିଲାମ କରାଯାଇ ନଥିଲା । ତେଣୁ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣରେ 63 ଲକ୍ଷ 79 ହଜାର ଟଙ୍କା ବ୍ୟୟ ବରାଦ ହୋଇଥିଲେ ମଧ ତାହା ଫଳପ୍ରଦ ହୋଇପାରି ନଥିଲା ଏବଂ ଏହି ଗ୍ରାମ ପଞ୍ଚାୟତ ମାନଙ୍କ ପାଇଁ କୌଣସି ରାଜସ୍ୱ ଆଦାୟ ହୋଇପାରି ନଥିଲା ।

| *ଫୋଟୋଗ୍ରାଫ୍ ସଂଖ୍ୟା- 2.9* | *ଫୋଟୋଗ୍ରାଫ୍ ସଂଖ୍ୟା - 2.10* |
|---|---|
|  |  |
| *ଚମ୍ପୁଆ ପଞ୍ଚାୟତ ସମିତିର ଭୂଇଁପୁର ଗ୍ରାମ ପଞ୍ଚାୟତରେ ମାର୍କେଟ୍ କମ୍ପ୍ଲେକ୍ସ ନଭେମ୍ବର 2018 ଠାରୁ ଅକାମୀ ହୋଇପଡ଼ିଛି* | *ବସ୍ତା ପଞ୍ଚାୟତ ସମିତିର ପତ୍ରଝଡ଼ା ଗ୍ରାମ ପଞ୍ଚାୟତରେ ମାର୍କେଟ୍ କମ୍ପ୍ଲେକ୍ସ ଅଗଷ୍ଟ 2020 ଠାରୁ ଅକାମୀ ହୋଇପଡ଼ିଛି* |

ଏହି ତଥ୍ୟଗୁଡିକୁ ନିଶ୍ଚିତ କରି ସଂପୃକ୍ତ ପିଇଓମାନେ (ଡିସେମ୍ବର 2022) କହିଥିଲେ ଯେ, ଅଧିକ ଭଡା ନିର୍ଦ୍ଧାରଣ ହେତୁ, କେହି ସମ୍ପତ୍ତି ବ୍ୟବହାର କରିବାକୁ ଆଗେଇ ଆସି ନଥିଲେ । ଉତ୍ତର ଗ୍ରହଣୀୟ ନୁହେଁ, କାରଣ ପରୀକ୍ଷିତ ଜିପିର ପିଇଓ ମଧ୍ୟରୁ କେହି ମଧ ସେମାନଙ୍କ ଗ୍ରାମ ସଭାରେ ଭଡା ନିର୍ଦ୍ଧାରଣ ସମ୍ବନ୍ଧୀୟ କୌଣସି ଦସ୍ତାବିଜ ପ୍ରଦାନ କରିପାରି ନଥିଲେ ।

ପୁନଶ୍ଚ, ଗ୍ରାମ ପଞ୍ଚାୟତ ଦ୍ୱାରା ମାର୍କେଟ କମ୍ପ୍ଲେକ୍ସକୁ ବ୍ୟବହାର କରିବାରେ ବିଫଳତା କେବଳ ଅପଚୟ ନୁହେଁ ବରଂ ଯେଉଁ ଟଙ୍କାକୁ ଅନ୍ୟ ଉତ୍ପାଦନକାରୀ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇପାରିଥାନ୍ତା, ତାହାକୁ ଅବରୋଧ କରାଯାଇଥିଲା । ଏପରି ଅପଚୟ ଖର୍ଚ୍ଚ ପାଇଁ ଦାୟୀ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଉ ।

### *2.5.5 ପରିବହନ ଖର୍ଚ୍ଚର ଅନିୟମିତ ଦେୟ*

ଅର୍ଥ ବିଭାଗର ନିର୍ଦ୍ଦେଶ ଅନୁସାରେ (ଜୁଲାଇ 2018), ପକ୍କା ସଡକ ଓ ନିର୍ମାଣ ସାମଗ୍ରୀ କ୍ରୟ ବିକ୍ରୟ କରିବା, ବିଭାଗ କର୍ତ୍ତୃପକ୍ଷଙ୍କ ସହ ପଞ୍ଜିକୃତ ବିକ୍ରେତାଙ୍କ ଠାରୁ ତିଆରି ହେବାର ଥିଲା । ଟେଣ୍ଡର / କୋଟେସନ୍ ଟେଣ୍ଡର ଆଧାରରେ, ପଞ୍ଜୀକୃତ ଡିଲର/ସପ୍ଲାୟାରମାନଙ୍କୁ କୋଡାଲ ପ୍ରକ୍ରିୟା ଏବଂ ଦେୟ ଆକାଉଣ୍ଟ ପେଇ ଚେକ୍ ମାଧ୍ୟମରେ ପ୍ରଦାନ କରାଯିବାର ଥିଲା ।

ପରୀକ୍ଷିତ ହୋଇଥିବା ପିଏସ୍ ଓ ଜିପି ମଧ୍ୟରୁ ସମୀକ୍ଷା ଦୃଷ୍ଟିଗୋଚରରେ ଗୋଟିଏ ପିଏସ (ଭଞ୍ଜନଗର) ରେ ଏବଂ

[14] ପାଟମୁଣ୍ଡା, କୁଚେଦେଗା, ପାନପୋଷ, ପତ୍ରଝଡ଼ା, ତ୍ରିଜଙ୍ଗା, ଭୂଇଁପୁର ଏବଂ ମୁଜାଗଡ଼

ଗ୍ରୋଟିରେ ଜିପି[15], 20 ଟି କାମ ସମ୍ପୂର୍ଣ୍ଣ କରିଥିଲେ । ଆର୍ଥିକ ବର୍ଷ 2017-22 ମଧ୍ୟରେ ସେମାନେ 35.89 ଲକ୍ଷ ଟଙ୍କା ବିନିଯୋଗ କରିଥିଲେ । ସେଥିମଧ୍ୟରୁ 7.11 ଲକ୍ଷ ଟଙ୍କା ହାତ ରସିଦ ମାଧ୍ୟମରେ ଖର୍ଚ୍ଚ ହୋଇଥିଲା । ବିଭିନ୍ନ ସ୍ଥାନକୁ ସାମଗ୍ରୀ ପରିବହନ ଖର୍ଚ୍ଚ ବାବଦରେ ଅଡିଟ୍ ଆହୁରି ମଧ୍ୟ ଲକ୍ଷ୍ୟ କରିଥିଲା ଯେ, 7.11 ଲକ୍ଷ ଟଙ୍କା ମଧ୍ୟରୁ 5.86 ଲକ୍ଷ ଟଙ୍କା ମୋଟର ବାଇକ୍ ଏବଂ ଅସ୍ତିତ୍ୱହୀନ ଯାନ ଦ୍ୱାରା ସାମଗ୍ରୀ ପରିବହନ ପାଇଁ ପ୍ରଦାନ କରାଯାଇଥିବା ଦର୍ଶାଯାଥିଲା । ତେଣୁ ଭାଉଚର ପ୍ରକୃତତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା ।

ଏହି ତଥ୍ୟକୁ ନିଶ୍ଚିତ କରି ପିଇଓ (ଡିସେମ୍ବର 2022) ରେ କହିଲେ ଯେ, ଭବିଷ୍ୟତରେ ଭାଉଚର ଦାଖଲ କରିବା ସମୟରେ ଉପଯୁକ୍ତ ଯତ୍ନ ନିଆଯିବ । ଏହି ଉତ୍ତର ଗ୍ରହଣୀୟ ନୁହେଁ, ଯେହେତୁ ଏହି ଭାଉଚର ଗୁଡିକର ସତ୍ୟତା ସନ୍ଦେହରେ ଥିଲା ଏବଂ ପରବର୍ତ୍ତୀ ଅନୁସନ୍ଧାନ ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଯାଞ୍ଚ କରାଯାଉ ।

### 2.5.6 *ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନରେ ଅନିୟମିତତା*

ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗର ନିର୍ଦ୍ଦେଶ (ଅଗଷ୍ଟ 2015) ଅନୁସାରେ ଜନ ବହୁଳ ଗ୍ରାମ ଗୁଡିକରେ ରାସ୍ତା ଲାଇଟ୍ ଯୋଗାଇ ଦିଆଯିବାକୁ ପ୍ରାଥମିକତା ଭିତ୍ତିରେ ଜନବହୁଳ ଅଞ୍ଚଳରେ ଷ୍ଟ୍ରିଟ୍ ଲାଇଟ୍ ଯୋଗାଇ ଦିଆଯିବାକୁ ସ୍ଥିର ହୋଇଥିଲା । ଏହି ପ୍ରକଳ୍ପଗୁଡିକ ବୈଷୟିକ ଭାବେ କନିଷ୍ଠ ଯନ୍ତ୍ରୀ (ବିଦ୍ୟୁତ୍) ଙ୍କ ଦ୍ୱାରା ଅନୁମୋଦିତ ହେବା ଆବଶ୍ୟକ ଥିଲା ଏବଂ ଗ୍ରାମ ପଞ୍ଚାୟତ ଦ୍ୱାରା ଅନୁମୋଦିତ ହେବାର ଥିଲା । । ଆବଶ୍ୟକ ପଡିଲେ ଲାଇଟ ପୋଷ୍ଟର ଭୌତିକ ନିରୀକ୍ଷଣ ପାଇଁ ଦେୟ ଏବଂ କାର୍ଯ୍ୟ ସମ୍ପାଦନ ପାଇଁ ବିଦ୍ୟୁତ୍ ଡିଭିଜନ ନିକଟରେ ପାଣ୍ଠି ରଖାଯାଇଥିଲା ।

ସାମଗ୍ରୀ କ୍ରୟ ଉପରେ ଅର୍ଥ ବିଭାଗ ଦ୍ୱାରା ଜାରି କରାଯାଇଥିବା (ଫେବୃଆରୀ 2012) ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 12 (i) ଅନୁଯାୟୀ, ପାଞ୍ଚ ଲକ୍ଷ କିମ୍ବା ତା'ଠାରୁ ଅଧିକ ଆନୁମାନିକ ମୂଲ୍ୟର ସାମଗ୍ରୀ କ୍ରୟ ପାଇଁ ଟେଣ୍ଡରର ବିଜ୍ଞାପନ କରାଯାଇପାରେ । ପୁନଶ୍ଚ ଓପିଡବ୍ଲ୍ୟୁଡି କୋଡର ଦ୍ୱିତୀୟ ଭାଗ, ***ପରିଶିଷ୍ଟ-VII*** (2015 ରେ ସଂଶୋଧିତ) ଦର୍ଶାଏ ଯେ, ସାଧାରଣ ଭାବରେ ପାଞ୍ଚ ଲକ୍ଷରୁ ଅଧିକ ମୂଲ୍ୟର ସମସ୍ତ କାର୍ଯ୍ୟ ପାଇଁ ଟେଣ୍ଡର ଆମନ୍ତ୍ରିତ ହେବ ।

ଆର୍ଥିକ ବର୍ଷ 2017-22 ମଧ୍ୟରେ 24[16] ଜିପିରେ କାର୍ଯ୍ୟକାରୀ ହୋଇଥିବା 235 ଟି ପ୍ରକଳ୍ପର ସମୀକ୍ଷା କରାଯାଇ ନିମ୍ନୋକ୍ତ ଅନିୟମିତତା ଲକ୍ଷ୍ୟ କରାଯାଇଥିଲା ।

#### 2.5.6.1 *ବିନା ପ୍ରଶାସନିକ ଅନୁମୋଦନ ଓ ବୈଷୟିକ ମଞ୍ଜୁରୀରେ କାର୍ଯ୍ୟ ସମ୍ପାଦନ*

ଓପିଡବ୍ଲ୍ୟୁଡି କୋଡ୍ ଭଲ୍ୟୁମ୍-I ଅନୁଯାୟୀ ଆକଳନ ବ୍ୟତୀତ, ସରକାରୀ କାର୍ଯ୍ୟ ଆରମ୍ଭ କରିବା ପାଇଁ ତିନୋଟି ଜରୁରୀ ଆବଶ୍ୟକତା ରହିଛି । ସେଗୁଡ଼ିକ ହେଉଛି, (i) ପ୍ରଶାସନିକ ଅନୁମୋଦନ (ii ) ବୈଷୟିକ ମଞ୍ଜୁରୀ ଏବଂ (iii) ପାଣ୍ଠି ଆବଣ୍ଟନ ।

ଅଡିଟ୍‌ରୁ ଜଣାପଡ଼ିଲା ଯେ 55ଟି ମାମଲାରେ ପ୍ରକଳ୍ପ ଗ୍ରହଣ କରିବା ପୂର୍ବରୁ ଅନୁମୋଦିତ ବୈଷୟିକ କର୍ତ୍ତୃପକ୍ଷଙ୍କ ଦ୍ୱାରା କୌଣସି ଆକଳନ ପ୍ରସ୍ତୁତ କରାଯାଇ ନଥିଲା କିମ୍ବା କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରକଳ୍ପଗୁଡିକୁ ପ୍ରଶାସନିକ ଏବଂ ବୈଷୟିକ ଭାବେ ଅନୁମୋଦନ କରାଯାଇ ନଥିଲା ।

ଏହି ତଥ୍ୟଗୁଡିକ ନିଶ୍ଚିତ କରି ସଂପୃକ୍ତ ପିଇଓ (ଡିସେମ୍ବର 2022) କହିଥିଲେ ଯେ, ଅଜ୍ଞାତ କାରଣରୁ, ଷ୍ଟ୍ରିଟ୍ ଲାଇଟ୍ କାର୍ଯ୍ୟକାରୀ କରିବା ପାଇଁ ଆକଳନ ପ୍ରସ୍ତୁତ କରାଯାଇ ନଥିଲା । ଏହି ଉତ୍ତର ଗ୍ରହଣୀୟ ନିହେଁ, କାରଣ ବିନା ଆକଳନ ଏବଂ ପ୍ରଶାସନିକ ଅନୁମୋଦନରେ କାର୍ଯ୍ୟ ସମ୍ପାଦନ କରିବା କୋଡାଲ ବ୍ୟବସ୍ଥାର ଉଲଂଘନ ଥିଲା ।

#### 2.5.6.2 *କାର୍ଯ୍ୟାଦେଶ ପ୍ରଦାନରେ ସ୍ୱଚ୍ଛ ଅନୁପାଳନ ନ କରିବା*

ପରୀକ୍ଷିତ କରାଯାଇଥିବା ତିନୋଟି[17] ଗ୍ରାମ ପଞ୍ଚାୟତରେ, ଅଡିଟ୍ ଲକ୍ଷ୍ୟ କଲା ଯେ ପାଞ୍ଚଟି ଷ୍ଟ୍ରିଟ୍ ଲାଇଟ୍ ପ୍ରକଳ୍ପ

[15] କାଶୀପୁର ପଞ୍ଚାୟତ ସମିତିର ଟିକ୍ରି ଗ୍ରାମପଞ୍ଚାୟତ; ଭେଟିଆପଡ଼ା ଏବଂ ବିଷମକଟକ ପଞ୍ଚାୟତ ସମିତିର ଦୁର୍ଗୀ ଗ୍ରାମ ପଞ୍ଚାୟତ: ଏବଂ ଚମ୍ପୁଆ ପଞ୍ଚାୟତ ସମିତିର ଭୂଇଁପୁର ଗ୍ରାମ ପଞ୍ଚାୟତ

[16] କାଶୀପୁର ପିଏସ୍:ତଳଝରୀ, ପୋପାଡି ଏବଂ ଟିକ୍ରି ଜିପିଗୁଡ଼ିକ; ମୁନିଗୁଡ଼ା ପିଏସ୍; କୁମୁଦାବାଲି ଏବଂ ଶିବପଦର ଜିପିଗୁଡ଼ିକ; ସିମୁଳିଆ ପିଏସ୍:କଞ୍ଚପଡ଼ା ଜିପି; ଚମ୍ପୁଆ ପିଏସ୍: ବଦାନି, ଭୂଇଁପୁର ଏବଂ ରଜିଆ ଜିପିଗୁଡ଼ିକ; କୋଇରା ପିଏସ୍: ଗୋପନା, କେ. ବଳଙ୍ଗା ଏବଂ ପାଟମୁଣ୍ଡା ଜିପିଗୁଡ଼ିକ; ହେମଗିରି ପିଏସ୍: ଅଙ୍କେଲବିରା, କୁଚେଦେଗା ଏବଂ ସୁମୁରା ଜିପିଗୁଡ଼ିକ; ରାଜଗାଙ୍ଗପୁର ପିଏସ୍: ବୁଟୁକୁପଡ଼ା ଏବଂ ପାନପୋଷ ଜିପି; ବସ୍ତା ପିଏସ୍; ଗଡ଼ପଡ଼ା ଜିପି; ଜଳେଶ୍ୱର ପିଏସ୍: ଖୁଆଡ, କେଏମ୍ ସାହି ଏବଂ ଶିଖରପୁର ଜିପି; ସୁକିନ୍ଦା ପିଏସ୍: ଦୁଧୁଜୋରୀ ଜିପି; ଦାନଗଦି ପିଏସ୍: ରାଚିପୁର ଜିପି; ଏବଂ ବିଷମକଟକ ପିଏସ୍: ଚଞ୍ଚଡ଼ଗୁଡ଼ା ଜିପି

(2017-22) ରେ 35.85 ଲକ୍ଷ ଟଙ୍କା ବ୍ୟୟ ଅଟକଳ କରି କାର୍ଯ୍ୟ କରିବା ପାଇଁ ସ୍ଥିର କରାଯାଇଥିଲା । ପ୍ରତ୍ୟେକ ମାମଲାରେ ଆନୁମାନିକ ମୂଲ୍ୟ 5.00 ଲକ୍ଷ ଟଙ୍କାରୁ ଅଧିକ, ତେବେ ଏହି ସବୁ କ୍ଷେତ୍ରରେ ଖୋଲା ବିଜ୍ଞାପନ ଟେଣ୍ଡରକୁ ଯିବା ପରିବର୍ତ୍ତେ ଜିପି ଗୋଟିଏ ସଂସ୍ଥାଠାରୁ କୋଟେସନ୍ ଆଦାୟ କରିଥିଲେ । କିନ୍ତୁ, କୌଣସି ନୋଟିସ୍ ପ୍ରକାଶ ପାଇନଥିଲା । କାଶୀପୁର ପଞ୍ଚାୟତ ସମିତି ଅନ୍ତର୍ଗତ ଦୁଇଟି ଜିପି (ପୋଡାପଦି ଓ ଟିକିରି)ରେ 23ଟି ସୋଲାର ଲାଇଟ୍ ଲଗାଇବାକୁ ଜିଏସଟି ପୋର୍ଟାଲରୁ ଯାଞ୍ଚ କରାଯାଇଥିବା ବେଳେ ସୋଲାର ଲାଇଟ୍ କାରବାର କରି ନଥିବା 3ଟି ସଂସ୍ଥାରୁ କୋଟେସନ୍ ସଂଗ୍ରହ କରାଯାଇଥିଲା ।

***ଫୋଟୋଗ୍ରାଫ୍ ସଂଖ୍ୟା.- 2.11***



***ହେମଗିରି ପିଏସ୍‌ର ସୁମୁରା ଜିପିର ଖମାରପଡ଼ା ଗ୍ରାମରେ ଅଚଳ ସୌର ଲାଇଟ୍***

ଆହୁରି ମଧ କାର୍ଯ୍ୟନିର୍ବାହୀ ଯନ୍ତାଂଶ ପାଇଁ କୌଣସି ୱାରେଣ୍ଟି ପ୍ରଦାନ କରିନଥିଲେ କିମ୍ବା କାର୍ଯ୍ୟନିର୍ବାହୀ ଯନ୍ତାଂଶ ସହିତ କାର୍ଯ୍ୟନିର୍ବାହୀ ୱାରେଣ୍ଟି ସମୟ ମଧ୍ୟରେ ଷ୍ଟ୍ରିଟ୍ ଲାଇଟ୍ ରକ୍ଷଣାବେକ୍ଷଣ ପାଇଁ କୌଣସି ଚୁକ୍ତି ସାକ୍ଷର କରିନଥିଲେ । ତେଣୁ ଆବଶ୍ୟକ ଦକ୍ଷତାର ଅଭାବ ଏବଂ ୱାରେଣ୍ଟି ଦ୍ୱାରା କଭରେଜ ନହେବା କାରଣରୁ ଏହି ଷ୍ଟ୍ରିଟ୍ ଲାଇଟ୍ ଗୁଡିକ ଅଚଳ ହୋଇ ପଡିଥିଲା । ଯାହା ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଛି ।

ସଂପୃକ୍ତ ପିଇଓ ତଥ୍ୟକୁ ନିଶ୍ଚିତ କରି (ଡିସେମ୍ବର 2022) ଦର୍ଶାଇଛନ୍ତି ଯେ ଜିପିରେ ଟେଣ୍ଡର ପ୍ରକ୍ରିୟାକୁ ପରିଚାଳନା କରିବା ପାଇଁ ବୈଷୟିକ କର୍ମଚାରୀ ନଥିବାରୁ କୋଟେସନ୍ କଲ ନୋଟିସ ମାଧ୍ୟମରେ କାର୍ଯ୍ୟନିର୍ବାହୀଙ୍କୁ ଚୟନ କରାଯାଇଥିଲା । ଏହାର ଉତ୍ତର ଆଦୌ ଗ୍ରହଣୀୟ ନୁହେଁ, ଯେହେତୁ ଜିପି କାର୍ଯ୍ୟ ପିଏସ ର ବୈଷୟିକ ସହାୟତାରେ ସମ୍ପାଦନ ହୋଇଥିଲା ଯାହା ପାଖରେ ଆବଶ୍ୟକ ଦକ୍ଷତା ଥିଲା ।

### *2.5.6.3 ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନରେ ଅସଫଳ ବ୍ୟୟ*

ସୋଲାର ଲାଇଟ୍ ଗୁଡିକ ସୋଲାର ପ୍ୟାନେଲ ଆସେମ୍ବଲି, ସୋଲାର ବ୍ୟାଟେରୀ ଆସେମ୍ବଲି ଲାଇଟ୍ କଣ୍ଟ୍ରୋଲ, ସୋଲାର ଲାଇଟ୍ ଫିକ୍ଚର, ଫିକ୍ଚର ମାଉଣ୍ଟିଂ ବ୍ରାକେଟ ଇତ୍ୟାଦି ସହିତ ସଜିତ ହୋଇ ସ୍ୱୟଂଚାଳିତ ଏବଂ ତାର ଦ୍ୱାରା ପରସ୍ପର ସହିତ ସଂଯୁକ୍ତ ଯେକୌଣସି ଫିକ୍ଚର ତ୍ରୁଟି ହେଲେ ସୋଲାର ଆଲୋକର ଅନ୍ତର୍ନିହିତ କାର୍ଯ୍ୟ ବାଧା ହୋଇପାରେ ।

ସୁନ୍ଦରଗଡ ଜିଲ୍ଲାର ନମୁନା ଯାଞ୍ଚ ହୋଇଥିବା ଦୁଇଟି ପଞ୍ଚାୟତ ସମିତି (କୋଇଡା ଓ ହେମଗିରି) ଛଅଟି[18] ଗ୍ରାମ ପଞ୍ଚାୟତରେ ଦୁଇଟି ସଂସ୍ଥା ଦ୍ୱାରା 74.75 ଲକ୍ଷ ଟଙ୍କା ବିନିଯୋଗ କରି 2017-20 ମଧ୍ୟରେ 290ଟି ସୋଲାର ଲାଇଟ୍ ପଏଣ୍ଟ ସ୍ଥାପନ କରାଯାଇଥିଲା । 121ଟି ଷ୍ଟ୍ରିଟ୍ ଲାଇଟ୍ ପଏଣ୍ଟର ଜେପିଆଇରୁ ଜଣାପଡ଼ିଥିଲା ଯେ ସମସ୍ତ ଲାଇଟ୍ ପଏଣ୍ଟ ସ୍ଥାପନର ଛଅ ମାସ ପରେ ଅଚଳ ହୋଇଥିଲା । ଜିପି ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ଏବଂ ୱାରେଣ୍ଟି ଦ୍ୱାରା ସେମାନଙ୍କର କଭରେଜ୍ ନଥିବାରୁ ଅଚଳ ଲାଇଟ୍ ପଏଣ୍ଟଗୁଡିକ କାର୍ଯ୍ୟକ୍ଷମ ହୋଇନଥିଲା । ଫଳରେ 121ଟି ସୋଲାର ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ଖର୍ଚ୍ଚ ହୋଇଥିବା 40 .90 ଲକ୍ଷ ଟଙ୍କା ଅସଫଳ ହୋଇପଡିଥିଲା ।

---

[17] ପୋଦାପୋଡ଼ି ଟିକ୍ରି ଜିପି, କାଶୀପୁର ପିଏସ୍ ଏବଂ ଚାନ୍ଦୁଆ ପିଏସ୍‌ର ବଦାନାଇ ଓ ଭୂଇଁପୁର ଜିପି

[18] ଗୋପନା, କେ. ବଲଙ୍ଗା ଏବଂ କୋଇଡା ବ୍ଲକର ପାଟମୁଣ୍ଡା ଓ ହେମଗିରି ବ୍ଲକର ଆଙ୍କେଲବିରା, କୁଚେଦେଗା ଏବଂ ସୁମୁରା ଜିପି

**ଫଟୋଗ୍ରାଫ ସଂଖ୍ୟା - 2.12&2.13**





**ହେମଗିରି ବ୍ଲକର ସୁମୁରା ଜିପିର ଡିହୁରିଆଠାରେ ଏବଂ କୁଚଦେଗା ଗ୍ରାମ ପଞ୍ଚାୟତର ଦଳବାଲିରେ ଅକାମୀ ସୋଲାର ଲାଇଟ୍**

ଏସବୁ ତଥ୍ୟକୁ ନିଶ୍ଚିତ କରି ସଂପୃକ୍ତ ପିଇଓ (ଡିସେମ୍ବର 2022) ଉଲ୍ଲେଖ କରିଥିଲେ ଯେ କାର୍ଯ୍ୟକ୍ଷମ ନ ଥିବା ଲାଇଟ୍ ପଏଣ୍ଟଗୁଡିକର ମରାମତି ପାଇଁ ପଦକ୍ଷେପ ନିଆଯିବ । ଏହି ଉତ୍ତର ଗ୍ରହଣୀୟ ନୁହେଁ, କାରଣ ପ୍ରକଳ୍ପଗୁଡିକର ଦୁଇ ବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ମଧ୍ୟ କୌଣସି ମରାମତି କରାଯାଇ ନାହିଁ । .

### 2.5.6.4 ଷ୍ଟ୍ରିଟ୍ ଲାଇଟ୍ ଗୁଡ଼ିକର ମିଳିତ ଭୌତିକ ନିରୀକ୍ଷଣର ଫଳାଫଳ

355 ଟି ଲାଇଟ୍ ପଏଣ୍ଟ (ଉଭୟ ବିଦ୍ୟୁତ୍ ଓ ସୌର)ର ମିଳିତ ଭୌତିକ ନିରୀକ୍ଷଣ, ସମ୍ପୃକ୍ତ ପିଇଓଙ୍କ ସହ କରାଯାଇଥିଲା । ପ୍ରକଳ୍ପର ସ୍ଥିତି ଏବଂ କାର୍ଯ୍ୟକାରିତା ନିମ୍ନରେ ଉଲ୍ଲେଖ କରାଯାଇଛି:

- 191 ଟି ଲାଇଟ୍ ପଏଣ୍ଟ (54 ପ୍ରତିଶତ) କାର୍ଯ୍ୟକ୍ଷମ ଥିଲା ।
- 124 ଟି ଲାଇଟ୍ ପଏଣ୍ଟ (35 ପ୍ରତିଶତ) ଅଚଳ ଥିଲା ।
- 40 ଟି ଲାଇଟ୍ ପଏଣ୍ଟ (11 ପ୍ରତିଶତ) ମିଳୁ ନଥିଲା ।

ଏହିସବୁ ତଥ୍ୟକୁ ସତ୍ୟ ବୋଲି ପ୍ରମାଣିତ କରି ପିଇଓମାନେ ଅଚଳ ଲାଇଟ୍ ପଏଣ୍ଟଗୁଡ଼ିକର ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଉତ୍ତର ଗ୍ରହଣୀୟ ହୋଇନଥିଲା, କାରଣ ହିତାଧିକାରୀମାନେ ଏହି ଲାଇଟ୍ ପଏଣ୍ଟ ଗୁଡ଼ିକ କାର୍ଯ୍ୟକ୍ଷମ ନହେବା କାରଣରୁ ଉଦ୍ଦିଷ୍ଟ ସେବା ପାଇବାରୁ ବଞ୍ଚିତ ହୋଇଥିଲେ ।

### 2.5.6.5 ସମ୍ପୂର୍ଣ୍ଣ ଦେୟ ପ୍ରଦାନ ସତ୍ତ୍ୱେ ସୌର ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ ନହେବା

2019-20 ଆର୍ଥିକ ବର୍ଷରେ 14 ତମ ସିଏଫ୍‌ସି ଅନୁଦାନ ମଧ୍ୟରୁ କାଶୀପୁର ପଞ୍ଚାୟତ ସମିତି ଟାଳଝରୀ ଜିପିରେ ଦୁଇଟି ସୌର ଷ୍ଟ୍ରିଟ୍ ଲାଇଟ୍ ପ୍ରକଳ୍ପ[19] ପାଇଁ (ନଭେମ୍ବର 2019) ପ୍ରଶାସନିକ ଅନୁମୋଦନ ଏବଂ ବୈଷୟିକ ଅନୁମୋଦନ ବିନା ଏକ ସଂସ୍ଥାକୁ[20] ଏକକ କୋଟେସନ୍ ଆଧାରରେ ଚୟନ କରାଯାଇଥିଲା ଏବଂ ଏହି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ପାଇଁ (ଡିସେମ୍ବର 2019) 4.39 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା ।

ଅଡିଟ୍ ଦ୍ୱାରା ଉପରୋକ୍ତ ପ୍ରକଳ୍ପଗୁଡ଼ିକର ମିଳିତ ଭୌତିକ ନିରୀକ୍ଷଣ (ଅକ୍ଟୋବର 2022) କରାଯାଇଥିଲା । ପିଇଓ, ଟାଳଝରୀ ଜିପିଙ୍କ ଉପସ୍ଥିତିରେ ଏହି ଟିମ୍ ସଂପୃକ୍ତ ଗ୍ରାମରେ କୌଣସି ସୋଲାର ଲାଇଟ୍ ଲଗାଇଥିବାର ଦେଖିପାରି ନଥିଲେ । ଉପରୋକ୍ତ ପ୍ରକଳ୍ପ ଗୁଡ଼ିକ ସ୍ଥାପନ ସମୟରେ ଗ୍ରାମ ପଞ୍ଚାୟତ ଦାୟିତ୍ୱରେ ଥିବା ପୂର୍ବତନ ପିଇଓ କହିଥିଲେ ଯେ ଏଜେନ୍ସିକୁ ସମ୍ପୂର୍ଣ୍ଣ ମୂଲ୍ୟ (ଡିସେମ୍ବର 2019) ପ୍ରଦାନ ସତ୍ତ୍ୱେ କୌଣସି ସୌର ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇ ନଥିଲା । ପ୍ରକୃତ ସ୍ଥାପନ ବିନା ସମ୍ପୂର୍ଣ୍ଣ ମୂଲ୍ୟ ପ୍ରଦାନ କରିବାର କାରଣ ରେକର୍ଡରେ ଉପଲବ୍ଧ ହୋଇନଥିଲା ।

ଏହା ସୂଚାଇ ଦେଇଛି ଯେ କାର୍ଯ୍ୟର ପ୍ରକୃତ କାର୍ଯ୍ୟକାରିତା ବିନା ଖର୍ଚ୍ଚର ଅନଧିକୃତ ବୁକିଂ ଏବଂ ଦେୟ ପ୍ରଦାନ

[19] ଟେନ୍ତୁଳିପଡ଼ା ଏବଂ ମହାଜନ ଗ୍ରାମରେ ସୌର ଲାଇଟ୍ ପ୍ରକଳ୍ପ ସ୍ଥାପନ

[20] ଶ୍ରୀ ବିନାୟକ ଏଣ୍ଟରପ୍ରାଇଜେସ୍, ରାୟଗଡ଼ା

କରାଯାଇଥିଲା ।

ଏହି ତଥ୍ୟକୁ ନିଶ୍ଚିତ କରି କାଶୀପୁର ବିଡିଓ (ଅକ୍ଟୋବର 2022) କହିଲେ ଯେ, ଏହି ତଥ୍ୟର ତଦନ୍ତ କରାଯିବ ଏବଂ ଅଡିଟ୍‌କୁ ପ୍ରକୃତ ସ୍ଥିତି ଜଣାଇ ଦିଆଯିବ ।

***ସୁପାରିଶ :***

***4. ଅଯଥା ଖର୍ଚ୍ଚ ବହନ କରିବା, ଅବାସ୍ତବ ଆକଳନ ପ୍ରସ୍ତୁତ ହେତୁ କାର୍ଯ୍ୟ ସମାପ୍ତ ନହେବା ଏବଂ ଏକ ଅଣ-କାର୍ଯ୍ୟକ୍ଷମ ସମ୍ପତ୍ତି ଉପରେ ଅପଚୟ ବ୍ୟୟ ଘଟାଇବା ପାଇଁ ଦାୟୀ ଥିବା କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରାଯାଉ ।***

***5. ନିମ୍ନୋକ୍ତ କର୍ମଚାରୀଙ୍କ ବିରୁଦ୍ଧରେ ଅନୁସନ୍ଧାନ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉ -***

***i) ଯେଉଁମାନେ ନକଲି ଭାଉଚର ଦ୍ୱାରା ପରିବହନ ଦେୟରେ ସଂପୃକ୍ତ,***

***ii) ଦେୟ ପ୍ରଦାନ ସତ୍ତ୍ୱେ ଷ୍ଟ୍ରିଟ୍ ଲାଇଟ୍ କାର୍ଯ୍ୟ ନ କରିବା, ଷ୍ଟ୍ରିଟ୍ ଲାଇଟ୍ ପଏଣ୍ଟ ନଥିବା, ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ ନ କରିବାରେ ସଂପୃକ୍ତ ।***

## 2.6 ତଦାରଖ ଓ ପର୍ଯ୍ୟବେକ୍ଷଣ

### *2.6.1 ସାମାଜିକ ସମୀକ୍ଷା ନକରିବା*

ଚତୁର୍ଦ୍ଦଶ ଆର୍ଥିକ ଆୟୋଗ ଏବଂ ପଞ୍ଚଦଶ ଆର୍ଥିକ ଆୟୋଗର ନିର୍ଦ୍ଦେଶାବଳୀ ତୃଣମୂଳ ସ୍ତରରେ ସାମାଜିକ ସମୀକ୍ଷାକୁ ଗ୍ରହଣ କରିବା । କାର୍ଯ୍ୟ ସମ୍ପାଦନରେ ଆର୍ଥିକ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ଏବଂ ସରକାରୀ ଖର୍ଚ୍ଚରେ ଗୁଣାତ୍ମକ ଉନ୍ନତି ଆଣିବା ପାଇଁ ପ୍ରୋତ୍ସାହିତ କରିଥିଲା ।

ଆର୍ଥିକ ବର୍ଷ 2017-22 ଅଡିଟ୍‌ରୁ ଦର୍ଶାଯାଇଥିଲା ଯେ, ଆର୍ଥିକ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଦକ୍ଷତା ସୁନିଶ୍ଚିତ କରିବା ପାଇଁ ଏଫ୍‌ସି ଅନୁଦାନ ମାଧ୍ୟମରେ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ସୁନିଶ୍ଚିତ ପାଇଁ କୌଣସି ସାମାଜିକ ସମୀକ୍ଷା କରାଯାଇନଥିଲା । ସାମାଜିକ ସମୀକ୍ଷା ଅଭାବରୁ ଆର୍ଥିକ ସ୍ୱଚ୍ଛତା ସୁନିଶ୍ଚିତ ହୋଇପାରି ନଥିଲା ଏବଂ ଅଡିଟ୍ ବିଭିନ୍ନ ଅନିୟମିତତାକୁ ଲକ୍ଷ୍ୟ କରିଥିଲା ଯାହା ପୁର୍ବ ଅନୁଚ୍ଛେଦରେ ଆଲୋଚନା କରାଯାଇଥିଲା ।

ଏହି ତଥ୍ୟକୁ ନିଶ୍ଚିତ କରି ସଂପୃକ୍ତ ପିଇଓ, କହିଲେ (ଡିସେମ୍ବର 2022) ଯେ, ଭବିଷ୍ୟତରେ ସାମାଜିକ ସମୀକ୍ଷା କରାଯିବ । ସାମାଜିକ ସମୀକ୍ଷା ଅଭାବରୁ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ସ୍ଥାନୀୟ ଜନସାଧାରଣଙ୍କର ଅଂଶ ଗ୍ରହଣ ସୁନିଶ୍ଚିତ ହୋଇପାରୁ ନ ଥିବାରୁ, ଏହି ଉତ୍ତର ଗ୍ରହଣୀୟ ନଥିଲା ।

### *2.6.2 ପ୍ରକଳ୍ପର ପର୍ଯ୍ୟାପ୍ତ ତଦାରଖ ଓ ଭୌତିକ ଯାଞ୍ଚ ନ କରିବା*

ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ନିର୍ଦ୍ଦେଶ ଅନୁସାରେ (ଅଗଷ୍ଟ 2015) ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ମାସିକ ସମୀକ୍ଷା, ଜିପି ସ୍ତରରେ ଦାୟିତ୍ୱ ଗ୍ରହଣ କରିଥିଲେ । ସଂପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ଗ୍ରହଣ କରାଯିବାର ଥିଲା । ମାସର ପ୍ରଥମ ସପ୍ତାହରେ ଏବଂ ସେ ସଂପର୍କରେ ଏକ ରିପୋର୍ଟ ସଂପୃକ୍ତ ସିଡିଓ-କମ୍- ଇଓମାନଙ୍କୁ ପ୍ରଦାନ କରାଯିବାର ଥିଲା । ଏହାର ଏକ ନକଲ ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କ ନିକଟକୁ ପଠାଯିବାର ଥିଲା ।

ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ ହୋଇଥିବା ସମୀକ୍ଷା ବୈଠକର ସମର୍ଥନରେ କୌଣସି ରେକର୍ଡ ପ୍ରମାଣ ନାହିଁ । ଯାହା ଜିପି ଏବଂ ପିଏସ୍ ଗୁଡ଼ିକ ପରୀକ୍ଷା ଦ୍ୱାରା ସମୀକ୍ଷା ପାଇଁ ପ୍ରସ୍ତୁତ କରାଯାଇଥିଲା । ଅଧିକନ୍ତୁ, ଆଲୋଚନା ସମୟରେ ଆଲୋଚନା ବିଷୟ ଏବଂ ତ୍ରୁଟି ଗୁଡ଼ିକ ରେକର୍ଡ କରିବା ପାଇଁ କୌଣସି ରେଜିଷ୍ଟରର ରକ୍ଷଣାବେକ୍ଷଣ କରାଯାଇ ନଥିଲା ।

ଏହି ତଥ୍ୟକୁ ନିଶ୍ଚିତ କରି ସଂପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ପିଇଓ (ଡିସେମ୍ବର 2022) ନିଶ୍ଚିତ କରିଥିଲେ ଯେ ଭବିଷ୍ୟତରେ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରାଯିବ । ଏହି ଉତ୍ତର ଗ୍ରହଣୀୟ ନଥିଲା, କାରଣ ନିୟମିତ ତଦାରଖ ଅଭାବରୁ କାର୍ଯ୍ୟ ସମ୍ପାଦନରେ ଅନିୟମିତତା ହୋଇଥିଲା ।

***ସୁପାରିଶ :***

***6. କାର୍ଯ୍ୟାନ୍ୱୟନରେ ସ୍ୱଚ୍ଛତା ଆଣିବା ଲାଗି ସାମାଜିକ ସମୀକ୍ଷା ସୁନିଶ୍ଚିତ କରିବା ଦ୍ୱାରା (ମନିଟରିଂ) ନିୟନ୍ତ୍ରଣ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇପାରିବ ।***

# ଅଧ୍ୟାୟ 3

## ରାଜ୍ୟ ଅର୍ଥ ଆୟୋଗ ଅନୁଦାନରୁ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକ ଦ୍ୱାରା ପ୍ରାପ୍ତ ଅର୍ଥର ବିନିଯୋଗ

# ଅଧ୍ୟାୟ 3

# ରାଜ୍ୟ ଅର୍ଥ ଆୟୋଗ ଅନୁଦାନରୁ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଦ୍ୱାରା ପ୍ରାପ୍ତ ଅର୍ଥର ବିନିଯୋଗ

## 3.1 ଉପକ୍ରମ

ସ୍ଥାନୀୟ ନିକାୟମାନଙ୍କ ମଧ୍ୟରେ ଆର୍ଥିକ ସମ୍ବଳଗୁଡିକ ବିସ୍ତାର କରିବାକୁ ସୁପାରିଶ କରିବା ପାଇଁ ଏବଂ ସେମାନଙ୍କ ନିଜର ରାଜସ୍ୱ ଉତ୍ସଗୁଡ଼ିକର ବୃଦ୍ଧି କରିବା ପାଇଁ ଭାରତୀୟ ସମ୍ବିଧାନର ନିୟମ 243 (I) ଏବଂ (Y) ଅଧୀନରେ ରାଜ୍ୟପାଳଙ୍କ ଦ୍ୱାରା ରାଜ୍ୟ ଅର୍ଥ କମିଶନ ସଂସ୍ଥାପନା କରାଯାଇଥିଲା ।

ସ୍ଥାନୀୟ ନିକାୟ ଗୁଡିକର ଆର୍ଥିକ ଅବସ୍ଥାର ଉନ୍ନତି ପାଇଁ ଚତୁର୍ଥ ରାଜ୍ୟ ଅର୍ଥ କମିଶନ (2015-20) ଏବଂ ପଞ୍ଚମ ରାଜ୍ୟ ଅର୍ଥ କମିଶନ (2020-26) ବିଭିନ୍ନ ମାପକ ଗୁଡିକ ସୁପାରିଶ କରିଛନ୍ତି ।

ରାଜ୍ୟ ଅର୍ଥ କମିଶନଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ପାଣ୍ଠିକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ଜିପି, ପିଏସ, ଜେଡପି ମାନଙ୍କୁ ପ୍ରତ୍ୟକ୍ଷ ଭାବରେ ଅନୁମୋଦିତ ରାଜ୍ୟ ଅର୍ଥ କମିଶନଙ୍କ ହିସାବକୁ ଦୁଇଟି ଭାଗରେ ଯଥା ପ୍ରଥମ କିସ୍ତି ମଇ ଏବଂ ଜୁନ ମାସରେ ଏବଂ ଦ୍ୱିତୀୟ କିସ୍ତି ଅକ୍ଟୋବର ଏବଂ ନଭେମ୍ବର ମାସରେ ପ୍ରତ୍ୟେକ ଆର୍ଥିକ ବର୍ଷ ମଧ୍ୟରେ ପ୍ରଦାନ କରିବା ଆବଶ୍ୟକ ।

## 3.2 ପାଣ୍ଠିର ବ୍ୟବସ୍ଥା

ପଞ୍ଚାୟତି ରାଜ ଅନୁଷ୍ଠାନଗୁଡିକ ଉଭୟ ଚତୁର୍ଥ ଏବଂ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଅନୁଦାନ ଗୁଡିକୁ ନିମ୍ନଲିଖିତ ତିନୋଟି ଉପାଦାନ ଅଧୀନରେ ପ୍ରାପ୍ତ କରିଥାନ୍ତି:

(i) **କ୍ଷମତାର ହସ୍ତାନ୍ତର:** ନାଗରିକମାନଙ୍କୁ ମୌଳିକ ସେବାଗୁଡିକ ପ୍ରଦାନ କରିବା ପାଇଁ ସ୍ଥାନୀୟ ଆବଶ୍ୟକତାକୁ ଅଗ୍ରାଧିକାର ଦେଇ ଉପଯୋଗ କରିବା ।

(ii) **କର ଗୁଡିକର ନିରୂପଣ କରିବା** : ନିର୍ବାଚିତ ପ୍ରତିନିଧି ଓ କର୍ମଚାରୀମାନଙ୍କର ଦରମା, ପ୍ରତିଷ୍ଠାନ ବ୍ୟୟ, ବୈଠକ ଯୋଗଦାନ ଫିସ୍, ମାନଦେୟ, ଗସ୍ତ ଭତ୍ତା ତଥା ମହଙ୍ଗା ଭତ୍ତା ପାଇଁ ଏବଂ ରାସ୍ତା ଭିତ୍ତିଭୂମିର ଉନ୍ନତିକରଣ ।

(iii) **ସହାୟକ ଅନୁଦାନ (ଜିଆଇଏ):** ବଛା ଯାଉଥିବା ସେକ୍ଟରଗୁଡିକର ପାଣ୍ଠିର ଆବଶ୍ୟକତାକୁ ପୁରଣ କରିବା ଯେପରିକି ପ୍ରତ୍ୟେକ ଋତୁ ପାଇଁ ସଂଯୋଗୀକରଣ, ରାସ୍ତା ଅଲୋକୀକରଣର ବ୍ୟବସ୍ଥା, ସ୍ଥାୟୀ ସମ୍ପତ୍ତିର ରକ୍ଷଣାବେକ୍ଷଣ, ପିଇବା ପାଣିର ବ୍ୟବସ୍ଥା ଇତ୍ୟାଦି ।

ଆର୍ଥିକ ବର୍ଷ 2017-18 ଠାରୁ 2021-22କୁ ଅନ୍ତର୍ଭୁକ୍ତ କରି ସାତଟି ଜେଡପି, 21ଟି ପିଏସ୍, 63 ଟି ଜିପିର ନଥିପତ୍ରକୁ ସମୀକ୍ଷା ପରୀକ୍ଷଣ ଯାଞ୍ଚ କରିଥିଲେ । ଯାହାର ସବିଶେଷ ବିବରଣୀ ***ପରିଶିଷ୍ଟ 2.1*** ରେ ଦର୍ଶାଯାଇଛି ଏବଂ ପାଣ୍ଠିର ଉପଯୋଗରେ କେତେକ ଦୋଷ ତ୍ରୁଟି ଲକ୍ଷ୍ୟ କଲେ, ଯାହା ପରବର୍ତ୍ତୀ ଅନୁଚ୍ଛେଦ ଗୁଡିକରେ ଉଲ୍ଲିଖିତ ହୋଇଅଛି ।

## 3.3 ପାଣ୍ଠି ପରିଚାଳନା

2017-22 ବିତ୍ତୀୟ ବର୍ଷରେ ରାଜ୍ୟ 9,911.47 କୋଟି ପ୍ରାପ୍ତ କରିଥିଲା ଏବଂ ସେହି ରାଶିକୁ ପ୍ରଦାନ ମଧ୍ୟ କରିଥିଲା । ଏହାର ବିବରଣୀ **ସାରଣୀ 3.1** ରେ ପ୍ରଦତ୍ତ ହୋଇଅଛି ।

***ସାରଣୀ 3.1: 2017-22 ମଧ୍ୟରେ ରାଜ୍ୟ ଦ୍ୱାରା ପ୍ରାପ୍ତ ପାଣ୍ଠି ଏବଂ ବ୍ୟୟ***

*(ଟଙ୍କା କୋଟିରେ)*

| ଆର୍ଥିକ ବର୍ଷ | ପ୍ରାପ୍ତି | ପ୍ରଦାନ |
|---|---|---|
| 2017-18 | 1,509.01 | 1,509.01 |
| 2018-19 | 1,645.25 | 1,645.25 |
| 2019-20 | 1,762.12 | 1,762.12 |
| 2020-21 | 2,461.54 | 2,461.54 |
| 2021-22 | 2,533.55 | 2,533.55 |
| ମୋଟ | **9,911.47** | **9,911.47** |

*ଉତ୍ସ: ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗରୁ ସଂଗୃହୀତ ସୂଚନା*

**ସାରଣୀ 3.2: ପରୀକ୍ଷଣ ଯାଞ୍ଚ ପଞ୍ଚାୟତ ସମିତି ଗୁଡ଼ିକରେ ଉପଲବ୍ଧ ଥିବା ପାଣ୍ଠି ଏବଂ ତାହାର ବ୍ୟୟ**

*(ଟଙ୍କା କୋଟିରେ)*

| ଆର୍ଥିକ ବର୍ଷ | ପ୍ରାରମ୍ଭିକ ଜମା | ରାଜ୍ୟ ଅର୍ଥ କମିଶନ ପ୍ରାପ୍ତି | ଅନ୍ୟାନୀ ପ୍ରାପ୍ତି[24] | ମୋଟ ଉପଲବ୍ଧ ପାଣ୍ଠି | ବ୍ୟୟ | ଶେଷ ଅବଶେଷ (ଉପଯୋଗ ହୋଇପାରି ନଥିବା ପାଣ୍ଠିର ପ୍ରତିଶତ) |
|---|---|---|---|---|---|---|
| 2017-18 | 28.71 | 30.70 | 2.10 | 61.51 | 17.09 | 44.42 *(72)* |
| 2018-19 | 44.42 | 26.55 | 2.03 | 73.00 | 21.18 | 51.82 *(71)* |
| 2019-20 | 51.82 | 18.84 | 2.85 | 73.51 | 17.88 | 55.63 *(76)* |
| 2020-21 | 55.63 | 42.88 | 4.04 | 102.55 | 41.92 | 60.63 *(59)* |
| 2021-22 | 60.63 | 77.76 | 0.63 | 139.02 | 38.62 | 100.40 *(72)* |

*ଉତ୍ସ: ପରୀକ୍ଷଣ ଯାଞ୍ଚ ହୋଇଥିବା ପଞ୍ଚାୟତ ସମିତିଗୁଡ଼ିକର ନଥିପତ୍ରରୁ*

**ସାରଣୀ 3.3: ପରୀକ୍ଷଣ ଯାଞ୍ଚ ହୋଇଥିବା ଗ୍ରାମ ପଞ୍ଚାୟତ ଗୁଡ଼ିକରେ ଉପଲବ୍ଧ ପାଣ୍ଠି ଏବଂ ତାହାର ବ୍ୟୟ**

*(ଟଙ୍କା କୋଟିରେ)*

| ଆର୍ଥିକ ବର୍ଷ | ପ୍ରାରମ୍ଭିକ ଜମା | ରାଜ୍ୟ ଅର୍ଥ କମିଶନ ପ୍ରାପ୍ତି | ଅନ୍ୟାନଣ ପ୍ରାପ୍ତି[25] | ମୋଟ ଉପଲବ୍ଧ ପାଣ୍ଠି | ବ୍ୟୟ | ଶେଷ ଅବଶେଷ (ଉପଯୋଗ ହୋଇପାରି ନଥିବା ପାଣ୍ଠିର ପ୍ରତିଶତ) |
|---|---|---|---|---|---|---|
| 2017-18 | 9.88 | 5.95 | 1.28 | 17.11 | 6.60 | 10.51*(61)* |
| 2018-19 | 10.51 | 7.20 | 1.73 | 19.44 | 7.41 | 12.03*(62)* |
| 2019-20 | 12.03 | 5.63 | 1.56 | 19.22 | 6.72 | 12.50*(65)* |
| 2020-21 | 12.50 | 7.88 | 0.86 | 21.24 | 7.99 | 13.25*(62)* |
| 2021-22 | 13.25 | 6.40 | 0.62 | 20.27 | 8.89 | 11.38*(56)* |

ଉତ୍ସ: ପରୀକ୍ଷଣ ଯାଞ୍ଚ ହୋଇଥିବା ପଞ୍ଚାୟତ ସମିତିଗୁଡ଼ିକର ନଥିପତ୍ରରୁ

ତେଣୁ ଆର୍ଥିକ ବର୍ଷ 2017-22 ମଧ୍ୟରେ ଉପଲବ୍ଧ ଥିବା ପାଣ୍ଠି ମଧ୍ୟରୁ ପଞ୍ଚାୟତ ସମିତିଗୁଡିକ 59 ଠାରୁ 76 ପ୍ରତିଶତ ଉପଯୋଗ କରିପାରି ନଥିଲେ ଏବଂ ଜିପି ଗୁଡିକ 56 ରୁ 65 ପ୍ରତିଶତ ଉପଯୋଗ କରିପାରି ନଥିଲେ । କମ୍ ଉପଯୋଗ ହୋଇଥିବାର କାରଣ ହେଉଛି ଜିପି ଗୁଡିକର ଜିପି ଉନ୍ନୟନ ଯୋଜନା ଏବଂ ପିଏସ୍ ଗୁଡିକର ବାର୍ଷିକ କାର୍ଯ୍ୟାନୁଷ୍ଠାନ ଯୋଜନା ପ୍ରସ୍ତୁତିରେ ବିଳମ୍ବ । ଫଳସ୍ୱରୂପ ଗ୍ରାମୀଣ ଜନତାଙ୍କୁ ଆବଶ୍ୟକୀୟ ମୌଳିକ ସେବା ଯୋଗାଇ ଦେବାର ଉଦ୍ଦେଶ୍ୟ ହାସଲ ହୋଇ ପାରିନଥିଲା ।

ସମୀକ୍ଷା ନିରୀକ୍ଷଣ ସ୍ୱୀକାର କରି ରାଜ୍ୟ ସରକାର କହିଥିଲେ ଯେ (ଅକ୍ଟୋବର 2023), ପଞ୍ଚାୟତ ସ୍ତରରେ ମାନବ ସମ୍ବଳର ଅଭାବ, ସ୍ଥାନ ନିରୂପଣ, ପ୍ରକଳ୍ପ ଚୂଡାନ୍ତ କରଣ, ଗ୍ରାମ ସଭାର ଅନୁମୋଦନ, ଜିପିଡିପିରେ ଅପଲୋଡ୍, ଇତ୍ୟାଦି ବିଳମ୍ବ ହୋଇଥିବା ହେତୁ ପାଣ୍ଠିର ବିନିଯୋଗ ସ୍ୱଳ୍ପ ହୋଇଥିଲା । ଯାହାବି ହେଉ, ଜିପି ଏବଂ ପିଏସ୍ ଗୁଡିକ ପାଣ୍ଠିର ଯଥା ସମୟରେ ବିନିଯୋଗ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଛନ୍ତି ।

### *3.3.1 ବକେୟା ଅଗ୍ରୀମର ବ୍ୟବସ୍ଥାପନ ନ ହେବା*

ଓଡିଶା ଗ୍ରାମ ପଞ୍ଚାୟତ ସମିତି ହିସାବ ପଦ୍ଧତି (ଓପିଏସଏପି) ନିୟମ-2002 ର ନିୟମ 41 ରେ ପ୍ରଥମ ନେଇଥିବା ଅଗ୍ରୀମର ହିସାବ ନହେବା ପର୍ଯ୍ୟନ୍ତ ଦ୍ୱିତୀୟ ଅଗ୍ରୀମ ମଞ୍ଜୁର ହେବାକୁ ନିଷିଦ୍ଧ କରାଯାଇଅଛି । ପୁନଶ୍ଚ ଅର୍ଥ ବିଭାଗ ଅନୁଦେଶ ଦେଇଥିଲେ (ମାର୍ଚ୍ଚ 2022) ଯେ, ଏକ ବର୍ଷରୁ ଅଧିକ ଥିବା ବ୍ୟବସ୍ଥାପନ ନ ହୋଇ ରହିଥିବା ଅଗ୍ରୀମକୁ ସରକାରୀ ହିସାବର କ୍ଷତି ଭାବେ ଗଣ୍ୟ କରାଯିବ ଏବଂ ସେହି ସରକାରୀ ହିସାବର କ୍ଷତିକୁ ଆଦାୟ / ବ୍ୟବସ୍ଥାପନ ଜରିଆରେ ଭରଣା କରାଯିବା ପାଇଁ ଆବଶ୍ୟକୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ।

[24] ନିର୍ବାହୀ ସଂସ୍ଥାମାନଙ୍କ ଠାରୁ ଫେରସ୍ତ ପ୍ରାପ୍ତ ହୋଇଥିବା ସୁଧ ଏବଂ ପାଣ୍ଠି

[25] ନିର୍ବାହୀ ସଂସ୍ଥାମାନଙ୍କ ଠାରୁ ଫେରସ୍ତ ପ୍ରାପ୍ତ ହୋଇଥିବା ସୁଧ ଏବଂ ପାଣ୍ଠି

ଅଡିଟ୍‌ରେ ଲକ୍ଷ୍ୟ କରାଗଲା ଯେ, 21ଟି ପରୀକ୍ଷଣ ଯାଞ୍ଚ ପିଏସ ମଧ୍ୟରୁ ଦୁଇଟିରେ[26] ଏବଂ 63ଟି ପରୀକ୍ଷଣ ଯାଞ୍ଚ ଜିପି ମଧ୍ୟରୁ ଦୁଇଟିରେ[27] ପୂର୍ବରୁ ଦିଆଯାଇଥିବା ଅଗ୍ରୀମ ବ୍ୟବସ୍ଥାପନ ହେବା ପୂର୍ବରୁ ଦ୍ୱିତୀୟ ଏବଂ ପରବର୍ତ୍ତୀ ଅଗ୍ରୀମ ପ୍ରଦାନ କରାଯାଇଅଛି । ପୁନଶ୍ଚ କୌଣସି ଅଗ୍ରୀମ ରେଜିଷ୍ଟରର ଅନୁରକ୍ଷଣ କରାଯାଉନଥିଲା କିମ୍ବା ନିଆଯାଇଥିବା ଅଗ୍ରୀମର ଆଦାୟ ବାବଦରେ କୌଣସି ନଜର ରଖାଯାଇନଥିଲା । ତେଣୁ ମାର୍ଚ୍ଚ 2022 ସୁଦ୍ଧା 32.04 ଲକ୍ଷ ଟଙ୍କା ବିଭିନ୍ନ ସରକାରୀ କର୍ମଚାରୀଙ୍କ ପାଖରେ ବକେୟା ଅଗ୍ରୀମ ରହିଥିଲା । ଏହି ଅଗ୍ରୀମ ଗୁଡିକ ଆର୍ଥିକ ବର୍ଷ 2015-20 ମଧ୍ୟରେ ବିଭିନ୍ନ କାର୍ଯ୍ୟ ଉଦ୍ଦେଶ୍ୟରେ ବିତରଣ କରାଯାଇଥିଲା, ଯାହାର ସବିଶେଷ ବିବରଣୀ ***ପରିଶିଷ୍ଟ 3.1*** ରେ ପ୍ରଦାନ କରାଯାଇଅଛି । ବର୍ଷାଧିକ ବ୍ୟବସ୍ଥାପନ ହୋଇ ପାରି ନଥିବା ପାଣ୍ଠି ଯୋଗୁଁ ଆତ୍ମସାତ୍ କରାଯାଇପାରେ ।

ସମୀକ୍ଷା ନିରୀକ୍ଷଣକୁ ସ୍ୱୀକାର କରି ସରକାର ମତ ପୋଷଣ କରିଥିଲେ (ଅକ୍ଟୋବର 2023) ଯେ ବ୍ଲକ ଉନ୍ନୟନ ଅଧିକାରୀ ମାନଙ୍କୁ ବକେୟା ଅଗ୍ରୀମ ଗୁଡିକର ନିୟମିତ ନିରୀକ୍ଷଣ କରିବା ପାଇଁ ତଥା ବକେୟା ଅଗ୍ରୀମ ଗୁଡିକର ବ୍ୟବସ୍ଥାପନ କରିବା ପାଇଁ ଅନୁଦେଶ ଦିଆହୋଇଅଛି ।

### *3.3.2 ରୋକଡ ବହିରେ ପ୍ରାରମ୍ଭିକ ଅବଶେଷ ଏବଂ ଶେଷ ଅବଶେଷ ମଧ୍ୟରେ ଥିବା ବ୍ୟବଧାନ*

ଓଡିଶା ପଞ୍ଚାୟତ ସମିତି ହିସାବ ପଦ୍ଧତି, ନିୟମ 2002 ଅନୁଯାୟୀ ବ୍ଲକ ଉନ୍ନୟନ ଅଧିକାରୀମାନେ ନିଜେ ସନ୍ତୁଷ୍ଟ ହେବା ଦରକାର ଯେ, ପୂର୍ବ ଦିନର ନେଣ ଦେଣ ଶେଷ ଅବଶେଷ ପରବର୍ତ୍ତୀ ନେଣ ଦେଣ ପ୍ରାରମ୍ଭିକ ଅବଶେଷକୁ ସଠିକ୍ ଭାବରେ ଅଗ୍ରୋନୀତ ହୋଇଥିବା ଦରକାର । ସେହିପରି ଓଡିଶା ଜିପି ନିୟମ 2014 ଅନୁଯାୟୀ, ଦିନ ସମାପ୍ତିର ନେଣ ଦେଣର ଶେଷ ଅବଶେଷର ବିଶ୍ଳେଷଣ ରୋକଡ ବହିରେ ସ୍ପଷ୍ଟ ଭାବରେ ସୂଚିତ ହେବା ଦରକାର ଏବଂ ଜିପିରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ସରପଞ୍ଚ ଦ୍ୱାରା ଦସ୍ତଖତ ହୋଇଥିବା ଦରକାର ।

ଅଡିଟ୍‌ରେ ଲକ୍ଷ୍ୟ କରାଗଲା ଯେ ଦୁଇଟି ୟୁନିଟରେ[28] ସାମଗ୍ରୀକ ଶେଷ ଅବଶେଷ 3.26 କୋଟି ଟଙ୍କା ହେବା ବାବଦରେ ପରବର୍ତ୍ତୀ ନେଣ ଦେଣ ପ୍ରାରମ୍ଭିକ ଅବଶେଷକୁ 1.35 କୋଟି ଟଙ୍କା ଅଗ୍ରୋନୀତ ହୋଇଥିଲା । ଫଳସ୍ୱରୂପ ପ୍ରାରମ୍ଭିକ ଅବଶେଷରେ 1.91 କୋଟି ଟଙ୍କା ମୂଲ୍ୟ କମ୍ ହୋଇଯାଇଥିଲା, ଯାହାର ସବିଶେଷ ବିବରଣୀ ***ପରିଶିଷ୍ଟ-3.2*** ରେ ଦର୍ଶାଯାଇଅଛି । ଏହା ସଂପୃକ୍ତ ବ୍ଲକ ଉନ୍ନୟନ ଅଧିକାରୀ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଅନୁଶୀଳନତାରେ ପର୍ଯ୍ୟାପ୍ତତାରେ ଅଭାବ ଯୋଗୁଁ ଘଟିଥିଲା । ପାଣ୍ଠିର କମ୍ ପ୍ରଦର୍ଶନ କରିବା ସରକାରୀ ପାଣ୍ଠିର ଆତ୍ମସାତକରଣ ହେବାରେ ସୂଚିତ କରୁଥିଲା, ଯାହାର ଅନୁସନ୍ଧାନ ହେବା ଦରକାର ।

ତଥ୍ୟକୁ ସୁନିଶ୍ଚିତ କରି ସରକାର ଜଣାଇଥିଲେ (ଅକ୍ଟୋବର 2023) ଯେ, ରୋକଡ ବହିର ପ୍ରାରମ୍ଭିକ ଅବଶେଷ ଏବଂ ଶେଷ ଅବଶେଷ ମଧ୍ୟରେ ଥିବା ଅମେଳକୁ ଠିକ୍ କରିବା ପାଇଁ ପଞ୍ଚାୟତ ଅନୁଷ୍ଠାନଗୁଡିକୁ ସଚେତନ କରାଯିବ ।

### *3.3.3 ସୁଧର ହିସାବ ନ ହେବା*

ଓଡିଶା ଟ୍ରେଜେରୀ ସଂହିତା (ଓଟିସି) ଭାଗ-1 ର ନିୟମ 37 (I) ଅନୁଯାୟୀ ସମସ୍ତ ଆର୍ଥିକ ନେଣ ଦେଣର ଘଟିତ ହେବା ସଂଗେ ସଂଗେ ରୋକଡ ବହିରେ ଦରଜ ହେବା ଆବଶ୍ୟକ ।

ଅଡିଟ୍‌ରେ ଲକ୍ଷ୍ୟ କରାଗଲା ଯେ, ପରୀକ୍ଷଣ ଯାଞ୍ଚ ହୋଇଥିବା ପଞ୍ଚାୟତ ସମିତି ମଧ୍ୟରୁ ପାଞ୍ଚଟି ପଞ୍ଚାୟତ ସମିତି ଏବଂ ତିନୋଟି ଜିପିରେ ଆର୍ଥିକ ବର୍ଷ 2017-22 ମଧ୍ୟରେ ବ୍ୟାଙ୍କ ହିସାବ ଖାତାରୁ ମୋଟ ଉପାର୍ଜିତ ହୋଇଥିବା 1.44 କୋଟି ଟଙ୍କା ସୁଧ ମଧ୍ୟରୁ 1.05 କୋଟି ଟଙ୍କା ମାର୍ଚ୍ଚ 2022 ସୁଦ୍ଧା ନିଜନିଜ ରୋକଡ ବହିରେ ହିସାବ ଦର୍ଶାଇଥିଲେ, ଯାହାର ସବିଶେଷ ବିବରଣୀ ***ପରିଶିଷ୍ଟ- 3.3*** ରେ ଦର୍ଶାଯାଇଅଛି । ଏହି କାରଣ ଯୋଗୁଁ 0.40 କୋଟି ଟଙ୍କା ହିସାବ ଖାତାର ସୀମା ବାହାରେ ରହିଥିଲା ଏବଂ ରୋକଡ ବହିର ଅବଶେଷରେ କମ୍ ଦର୍ଶାଯାଇଥିଲା ।

ତଥ୍ୟକୁ ଗ୍ରହଣ କରି ସରକାର ଜଣାଇଥିଲେ (ଅକ୍ଟୋବର 2023) ଯେ ଉପାର୍ଜିତ ସୁଧ ହିସାବକୁ ସମୟାନୁବର୍ତ୍ତୀ ଭାବେ ରୋକଡ଼ ବହିରେ ନିଆଯିବା ପାଇଁ ସଂପୃକ୍ତ ପଞ୍ଚାୟତି ରାଜ ଅନୁଷ୍ଠାନଗୁଡିକୁ ଜଣାଇ ଦିଆଯିବ ।

[26] ବେଗୁନିଆପଡ଼ା ପିଏସ୍, ଗଞ୍ଜାମ ଜିଲ୍ଲାର ଏବଂ ରାୟଗଡ଼ା ଜିଲ୍ଲାର କାଶୀପୁର ପିଏସ୍

[27] ମୁନିଗୁଡ଼ା ପିଏସ୍‌ର ଶିବପଦର ଜିପି ଏବଂ ବସ୍ତା ପିଏସ୍‌ର ସଦାନନ୍ଦପୁର ଜିପି

[28] କେନ୍ଦୁଝର ସଦର ପିଏସ୍ ଏବଂ କାଶୀପୁର ପିଏସ୍‌ର ପୋଡ଼ାପଦି ଜିପି

### 3.3.4 ସରକାରୀ ରାଜସ୍ୱର ଦାଖଲ ନ ହେବା

ଓଡିଶା ଟ୍ରେଜେରୀ ସଂହିତା ଖଣ୍ଡ-1ର ନିୟମ 6(1) ଅନୁଯାୟୀ ରାଜ୍ୟର ରାଜସ୍ୱ ଆକାରରେ ପ୍ରାପ୍ତ ହୋଇଥିବା ସମସ୍ତ ଅର୍ଥ ପ୍ରାପ୍ତ ହେବାର ତିନି ଦିନ ମଧ୍ୟରେ ବ୍ୟାଙ୍କ ଅଥବା ଟ୍ରେଜେରୀରେ ସଂପୂର୍ଣ୍ଣ ଭାବରେ ଜମା ହେବା ଦରକାର ଏବଂ ରାଜ୍ୟର ସରକାରୀ ହିସାବରେ ନିଆଯିବା ଦରକାର।

ଅଡିଟ୍‌ରେ ଲକ୍ଷ୍ୟ କରାଗଲା ଯେ, ଆର୍ଥିକ ବର୍ଷ 2017-22 ମଧ୍ୟରେ ପରୀକ୍ଷଣ ଯାଞ୍ଚ ପଞ୍ଚାୟତ ସମିତି ଏବଂ ଗ୍ରାମ ପଞ୍ଚାୟତଗୁଡିକ ମଧ୍ୟରୁ ନଅଟି ପିଏସ ଏବଂ 38ଟି ଜିପି ଗୁଡିକ କାର୍ଯ୍ୟ ବିଲ୍ ଗୁଡିକରୁ ରୟାଲିଟି, କଲ୍ୟାଣ ସେସ୍, ଆୟକର (ଟିଡିଏସ୍) ଏବଂ ଭାଟ ଆକାରରେ 1.33 କୋଟି ଟଙ୍କା ପାଇଥିଲେ ଏବଂ ସେହି ଅର୍ଥକୁ ଯଥା ଯୋଗ୍ୟ ପ୍ରାଧିକାରୀ ନିକଟରେ ଜମା ନ କରି ବ୍ୟାଙ୍କ ହିସାବ ଖାତାରେ ରଖିଥିଲେ, ଯାହାର ସବିଶେଷ ବିବରଣୀ ***ପରିଶିଷ୍ଟ 3.4*** ରେ ପ୍ରଦାନ କରାଯାଇଥିଲା।

ଅଡିଟ୍‌ର ତଥ୍ୟକୁ ସୁନିଶ୍ଚିତ କରି ଉତ୍ତରରେ ସରକାର ଜଣାଇଥିଲେ (ଅକ୍ଟୋବର 2023) ଯେ ସରକାରୀ ରାଜସ୍ୱ ଗୁଡିକ ଯଥାଯୋଗ୍ୟ ପ୍ରାଧିକାରୀଙ୍କ ପାଖରେ ଜମା କରିବା ପାଇଁ ପଞ୍ଚାୟତ ଅନୁଷ୍ଠାନଗୁଡିକୁ ଅନୁଦେଶ ଦିଆଯାଇଅଛି।

### 3.3.5 ରାଜ୍ୟ ଅର୍ଥ କମିଶନ ଅନୁଦାନ ଗୁଡିକର ଅଗ୍ରାହ୍ୟ ବ୍ୟୟ

ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗ ମାର୍ଗଦର୍ଶିକା (ଜାରି କରାଯାଇଥିବା ପତ୍ର ସଂଖ୍ୟା-18530, ତାରିଖ 2.7.2015 ) ଅନୁଯାୟୀ ଉତ୍ତରାଧିକାରୀ ସୂତ୍ରେ ପ୍ରଦତ୍ତ ହୋଇଥିବା ପାଣ୍ଠିକୁ ଭିତ୍ତିଭୂମି ଜନିତ ବ୍ୟବଧାନକୁ ପୂରଣ କରିବା ପାଇଁ ଏବଂ ଗୋଷ୍ଠୀ ପାଇଁ ଆବଶ୍ୟକୀୟ କଲ୍ୟାଣ, ଜନତାଙ୍କର ଆବଶ୍ୟକତା ଆଧାରରେ ସେବା ଯୋଗାଇ ଦେବାରେ ଉପଯୋଗ କରିବା ଦରକାର।

ଅଡିଟ୍‌ରେ ଲକ୍ଷ୍ୟ କରାଗଲା ଯେ ପରୀକ୍ଷଣ ଯାଞ୍ଚ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡିକ ମଧ୍ୟରୁ ଗୋଟିଏ ଗ୍ରାମ ପଞ୍ଚାୟତ ଏବଂ ଛଅଟି ପଞ୍ଚାୟତ ସମିତି ଗୁଡିକ ରାଜ୍ୟ ଅର୍ଥ କମିଶନଙ୍କ ପାଣ୍ଠିରୁ 1.09 କୋଟି ଟଙ୍କା କାର୍ଯ୍ୟାଳୟର ଲିଖନ ସାମଗ୍ରୀ, ସିସି ଟିଭି କ୍ୟାମେରାର ସଂଯୋଗ, କମ୍ପ୍ୟୁଟର, ଏୟାର କଣ୍ଡିସନର, ମୋ ସରକାର[29] କୋଠରୀ ଇତ୍ୟାଦି ପାଇଁ ଉପଯୋଗ କରିଥିଲେ, ଯାହା **ସାରଣୀ 3.4** ରେ ଦର୍ଶାଯାଇଛି।

***ସାରଣୀ 3.4: ରାଜ୍ୟ ଅର୍ଥ କମିଶନ ଅନୁଦାନର ଅଗ୍ରାହ୍ୟ ବ୍ୟୟ***

| କ୍ର.ସଂ. | ଜିଲ୍ଲା | ବ୍ଲକ୍ | ୟୁନିଟ୍ | ହୋଇଥିବା ବ୍ୟୟ (ଲକ୍ଷ ଟଙ୍କାରେ) |
|---|---|---|---|---|
| 1 | ଗଞ୍ଜାମ | ବେଗୁନିଆପଡ଼ା | ବେଗୁନିଆପଡ଼ା, ପିଏସ୍ | 3.49 |
| 2 | ଗଞ୍ଜାମ | ରଙ୍ଗେଇଲୁଣ୍ଡା | ରଙ୍ଗେଇଲୁଣ୍ଡା, ପିଏସ୍ | 14.71 |
| 3 | ଗଞ୍ଜାମ | ରଙ୍ଗେଇଲୁଣ୍ଡା | ଗୋଲନ୍ଥରା ଜିପି | 0.91 |
| 4 | ରାୟଗଡ଼ା | ବିଷମକଟକ | ବିଷମକଟକ, ପିଏସ୍ | 50.02 |
| 5 | ରାୟଗଡ଼ା | ବାଂଶପାଳ | ବାଂଶପାଳ, ପିଏସ୍ | 0.65 |
| 6 | କେନ୍ଦୁଝର | କେନ୍ଦୁଝର ସଦର | କେନ୍ଦୁଝର ସଦର, ପିଏସ୍ | 11.30 |
| 7 | ରାୟଗଡ଼ା | ମୁନିଗୁଡ଼ା | ମୁନିଗୁଡ଼ା, ପିଏସ୍ | 27.68 |
| ମୋଟ | | | | **108.76** |

***ଉତ୍ସ: ସଂପୃକ୍ତ ପଞ୍ଚାୟତ ସମିତି ଏବଂ ଗ୍ରାମ ପଞ୍ଚାୟତ ଗୁଡ଼ିକର ନଥିପତ୍ରରୁ***

ଏହି ଅଗ୍ରାହ୍ୟ ବ୍ୟୟ ଯୋଗୁଁ ରାଜ୍ୟ ଅର୍ଥ କମିଶନ ମାର୍ଗଦର୍ଶିକା ଅନୁସାରେ ଲୋକମାନେ ଅଭିଳଷିତ ଗ୍ରାମୀଣ ଆବଶ୍ୟକୀୟ ଆଧାରରେ ସେବା ପାଇବାରେ ବଞ୍ଚିତ ହୋଇଥିଲେ।

ସମୀକ୍ଷା ତଥ୍ୟକୁ ସୁନିଶ୍ଚିତ କରି ସରକାର (ଅକ୍ଟୋବର 2023) ଜଣାଇଥିଲେ ଯେ, ଭବିଷ୍ୟତରେ ପଞ୍ଚାୟତ ସମିତି ଗୁଡିକ ଅଗ୍ରାହ୍ୟ ବସ୍ତୁରେ ବ୍ୟୟ କରିବେ ନାହିଁ।

[29] 'ମୋ ସରକାର' ହେଉଛି ଓଡ଼ିଶା ସରକାରଙ୍କର ପଦକ୍ଷେପ ବୃତ୍ତିଗତ କାର୍ଯ୍ୟ ଏବଂ ସରକାରୀ କାର୍ଯ୍ୟାଳୟ ଏବଂ କାର୍ଯ୍ୟକର୍ତ୍ତାମାନଙ୍କର ଆଚରଣଗତ ପରିବର୍ତ୍ତନ ଏକ ମତାମତ ମାଧ୍ୟମରେ ସରକାରଙ୍କୁ ସିଧାସଳଖ ନାଗରିକ ସହ ଯୋଡ଼ିଥାଏ।

*ସୁପାରିଶ:*

*7. ବକେୟା ଅଗ୍ରୀମର ବ୍ୟବସ୍ଥାପନା ନ ହେବା, ସରକାରୀ ରାଜସ୍ୱର ଦାଖଲ ନ ହେବା ଏବଂ ଅଗ୍ରାହ୍ୟ ପ୍ରକଳ୍ପଗୁଡିକର ନିର୍ବାହ କରିବାର ଦାୟିତ୍ୱବୋଧତା ସ୍ଥିରୀକୃତ କରିବା*

## 3.4 କାର୍ଯ୍ୟ ନିର୍ବାହ

### *3.4.1 ନିର୍ମାଣ ସାମଗ୍ରୀ କ୍ରୟରେ ଅନିୟମିତତା*

ପଞ୍ଚାୟତି ରାଜ ଓ ପାନୀୟଜଳ ବିଭାଗ (ପତ୍ର ସଂଖ୍ୟା 17434 ସେପ୍ଟେମ୍ବର 2017 ଏବଂ 13220 ଜୁଲାଇ 2018) ଅନୁଦେଶ ଦେଇଥିଲେ ଯେ କାର୍ଯ୍ୟ ନିର୍ବାହ ଦାୟୀତ୍ୱରେ ଥିବା ବିଭାଗୀୟ ଅଧୀକାରୀମାନେ ସଠିକ ଜିଏସଟି ପଞ୍ଜୀକୃତ ସଂଖ୍ୟା ଥିବା ପ୍ରାଧୀକୃତ ଯୋଗାଣକାରୀମାନଙ୍କ ଠାରୁ ସାମଗ୍ରୀ ଗୁଡ଼ିକର ସଂଗ୍ରହ କରିବେ । ତାହାକୁ ସହାୟତା କରୁଥିବା ବିଲ ପ୍ରଦାନ କରିବା ଦରକାର । ପ୍ରକଳ୍ପ ଗୁଡ଼ିକର ସାମଗ୍ରୀ ମୂଲ୍ୟ ଏବଂ ଶ୍ରମିକ ମଜୁରୀକୁ ସଂପୃକ୍ତ ଯୋଗାଣକାରୀ ଏବଂ ଶ୍ରମିକ ମାନଙ୍କର ବ୍ୟାଙ୍କ ହିସାବ ଖାତାକୁ ପଠାଇବା ଦରକାର ଏବଂ କୌଣସି କ୍ଷେତ୍ରରେ କାର୍ଯ୍ୟ ବିଲ ଟଙ୍କା ଦାୟୀତ୍ୱରେ ରହିଥିବା ସରକାରୀ ଅଧୀକାରୀଙ୍କ ନିଜସ୍ୱ ହିସାବ ଖାତାରେ ଜମା ହେବନାହିଁ ।

ଅଡିଟ୍‌ରେ ଯାଞ୍ଚ ହୋଇଥିବା 37ଟି ଗ୍ରାମ ପଞ୍ଚାୟତ[30] ଏବଂ 13ଟି ପଞ୍ଚାୟତ ସମିତିରେ[31] ଅଟକଳ ମୂଲ୍ୟ 13.25 କୋଟି ଟଙ୍କାରେ 445ଟି କାର୍ଯ୍ୟ 12.72 କୋଟି ଟଙ୍କା ବିନିଯୋଗରେ 2017-22 ମଧ୍ୟରେ ସମ୍ପୂର୍ଣ୍ଣ ହୋଇଥିଲା ଏବଂ ନିମ୍ନ ଲିଖିତ ଅନିୟମିତତା ଗୁଡ଼ିକ ଲକ୍ଷ୍ୟ କରାଯାଇଥିଲା:

- ସାମଗ୍ରୀଗୁଡ଼ିକ ଯେପରିକି ସିମେଣ୍ଟ ଏବଂ ପଥର ଜାତୀୟ ଉତ୍ପନ୍ନ ଦ୍ରବ୍ୟ 3.19 କୋଟି ଟଙ୍କା ନଗଦ ଅର୍ଥ ପ୍ରଦାନ ମାଧ୍ୟମରେ ସଂଗ୍ରହ କରାଯାଇଥିଲା ।
- ସାମଗ୍ରୀ ଯଥା ସିମେଣ୍ଟ ଏବଂ ପଥର ଜାତୀୟ ଉତ୍ପନ୍ନ ଦ୍ରବ୍ୟ 1.06 କୋଟି ଟଙ୍କା ର ଅଣ ପଞ୍ଜୀକୃତ ବ୍ୟବସାୟୀଙ୍କ ଠାରୁ ହାତ ଲେଖା ରସିଦ ମାଧମରେ ଅଣାଯାଇଥିଲା ।
- ସାମଗ୍ରୀ ଯଥା ସିମେଣ୍ଟ ଏବଂ ପଥର ଜାତୀୟ ଉତ୍ପନ୍ନ ଦ୍ରବ୍ୟ 39.81 ଲକ୍ଷ ଟଙ୍କା ସଠିକ୍ ଜିଏସଟି ପଞ୍ଜୀକୃତ ସଂଖ୍ୟା ନଥିବା ବ୍ୟବସାୟୀମାନଙ୍କ ଠାରୁ ଅଣାଯାଇଥିଲା ।
- ସାମଗ୍ରୀ ଯଥା ସିମେଣ୍ଟ ଏବଂ ପଥର ଜାତୀୟ ଉତ୍ପନ୍ନ ଦ୍ରବ୍ୟ 22.39 ଲକ୍ଷ ଟଙ୍କାର ଜିଏସଟି ପଞ୍ଜୀକୃତ ସଂଖ୍ୟା ଥିବା ବ୍ୟବସାୟୀଙ୍କ ଠାରୁ ଅଣାଯାଇଥିଲା, କିନ୍ତୁ ସେମାନେ ଏହିସବୁ ନିର୍ମାଣ ସାମଗ୍ରୀ ବ୍ୟବସାୟ କରୁ ନଥିବାର ଜିଏସଟି ୱେବ୍ ସାଇଟ ପୋର୍ଟାଲ ଯାଞ୍ଚ ସମୟରେ ଜଣା ପଡିଥିଲା ।

  ଉପରୋକ୍ତ ତ୍ରୁଟିଗୁଡିକ ଯେ କେବଳ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ଜାରି କରାଯାଇଥିବା ଅନୁଦେଶର ଉଲ୍ଲଘନ କରାଯାଇଥିଲା ତାହା ନୁହେଁ ବରଂ ଜିଏସଟି ବାବଦ ସରକାରଙ୍କ ରାଜସ୍ୱ ପ୍ରାପ୍ତିରେ ମଧ କ୍ଷତି ପରିଲକ୍ଷିତ ହୋଇଥିଲା । ତେଣୁ ଏହିପରି ତ୍ରୁଟି ପାଇଁ ଉତ୍ତରଦାୟୀ ବ୍ୟକ୍ତି ବିଶେଷଙ୍କ ଉପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବିଧେୟ ଅଟେ ।

ତଥ୍ୟକୁ ସୁନିଶ୍ଚିତ କରି ସରକାର ଜଣାଇଥିଲେ (ଅକ୍ଟୋବର 2023) ଯେ ଭବିଷ୍ୟତରେ ନିର୍ମାଣ ସାମଗ୍ରୀ ସଂଗ୍ରହଣ ବେଳେ ସଂପୃକ୍ତ ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତମାନେ ଯଥୋଚିତ ପଦ୍ଧତି ଅନୁସରଣ କରିବେ ।

### *3.4.2 ମଜୁରୀ ପ୍ରଦାନରେ ଅନିୟମିତତା*

କାର୍ମିକ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା ସରକାର ସମୟକୁ ସମୟ ବିଭିନ୍ନ ବର୍ଗର ଶ୍ରମିକମାନଙ୍କ ପାଇଁ ନ୍ୟୁନ୍ୟତମ ମଜୁରୀ ଦର ପୁନଃ ନିରୀକ୍ଷଣ କରିଥିଲେ (ଏପ୍ରିଲ 2018, ଅକ୍ଟୋବର 2018, ନଭମ୍ବେର 2019, ଅକ୍ଟୋବର 2020 ଏବଂ ନଭେମ୍ବର 2021) ।

---

30 **ଗ୍ରାମ ପଞ୍ଚାୟତ ଗୁଡ଼ିକ:** ବାଂଶପାଳ, କରଙ୍ଗଡିହି, ଉପେରାଇଗୁଡ଼ା, ବଉନଈ, ଭୂଇଁପୁର, ରାଜିଆ, ଭେଟିଆପଡ଼ା, ଚାଚରଗୁଡ଼ା, ଦୁର୍ଗୀ, ପୋଦାପଦି, ତଳଝିରୀ, ତିକିରା, କୁମୁଦାବାଲି, ପାତ୍ରଗୁଡ଼ା, ସିବାପାଦର, ଡିହାପାଡାଲ, ସାନାକୋଦଣ୍ଡା, ଦୁରା, ରନ୍ଧା, ପୁକାଲି, ଗଙ୍ଗାରାଜପୁର, ପୋଟାଙ୍ଗି, ଲକ୍ଷ୍ମୀପୁର, ବୁର୍ଜା, ତୋୟାପୁଟ, ଦଶମନ୍ତପୁର, ପର୍ଜାବେଦାପଦର, ଚଣାବଡ଼, ଗୋପନା, କେ, ବଲଙ୍ଗା, ପାଟମୁଣ୍ଡା, ଅଙ୍କେଲବିରା, କୁଚେଡେଗା, ସୁମୁରା, ମାର୍କୋଣା, କାଞ୍ଚପଡ଼ା ଏବଂ ବରି

31 **ପଞ୍ଚାୟତ ସମିତି:** ବାଂଶପାଳ, ଚମ୍ପୁଆ, ବିଷମକଟକ, କାଶୀପୁର, ମୁନିଗୁଡ଼ା, ବେଗୁନିଆପଡ଼ା, ରଙ୍ଗେଇଲୁଣ୍ଡା, ପଟ୍ଟାଙ୍ଗି, ଲକ୍ଷ୍ମୀପୁର, ଦଶମନ୍ତପୁର, କୋଇରା, ହେମଗିରି ଏବଂ ରାଜଗାଙ୍ଗପୁର

ସମୀକ୍ଷାରେ ଲକ୍ଷ୍ୟ କରାଗଲା 21ଟି ପରୀକ୍ଷଣ ଯାଞ୍ଚ ପଞ୍ଚାୟତ ସମିତି ମଧ୍ୟରୁ ପାଞ୍ଚଟି ଏବଂ ଏହି ପାଞ୍ଚଟି ପଞ୍ଚାୟତ ସମିତିର 10ଟି ପରୀକ୍ଷଣ ଯାଞ୍ଚ ଗ୍ରାମ ପଞ୍ଚାୟତରେ 2017-22 ମଧ୍ୟରେ 97.50 କୋଟି ଟଙ୍କା ବିନିଯୋଗ କରି 49ଟି କାର୍ଯ୍ୟରେ 28.07 ଲକ୍ଷ ଟଙ୍କା ମଜୁରୀ ପ୍ରଦାନ କରି କାର୍ଯ୍ୟ ନିର୍ବାହ କରାଯାଇଥିଲା । ଯାହାହେଉ ବିହିତ ନ୍ୟୁନତମ ମଜୁରୀ ଦର ଅନୁଯାୟୀ ଶ୍ରମିକମାନେ 29.92 ଲକ୍ଷ ଟଙ୍କା ପାଇବାକୁ ଯୋଗ୍ୟ ଥିଲେ । ଅତଏବ 1.85 ଲକ୍ଷ ଟଙ୍କା କମ୍ ମଜୁରୀ ପ୍ରଦାନ କରାଯାଇଥିଲା ଯାହାର ସବିଶେଷ ବିବରଣୀ ***ପରିଶିଷ୍ଟ 3.5*** ରେ ପ୍ରଦାନ କରାଯାଇଅଛି ।

ତଥ୍ୟକୁ ସୁନିଶ୍ଚିତ କରି ସରକାର ଜଣାଇଥିଲେ (ଅକ୍ଟୋବର 2023) ଯେ ଭବିଷ୍ୟତରେ ମଜୁରୀ ପ୍ରଦାନରେ ପଞ୍ଚାୟତ ସମିତି ଏବଂ ଗ୍ରାମ ପଞ୍ଚାୟତଗୁଡ଼ିକ ଯଥୋଚିତ ପଦ୍ଧତି ଅନୁସରଣ କରିବେ ।

### *3.4.3 ସମ୍ପୂର୍ଣ୍ଣ ହୋଇଥିବା ସମ୍ପତ୍ତିରେ ଅଫଳପ୍ରଦ ବ୍ୟୟ*

ଓଡ଼ିଶା ରାଜସ୍ୱ ସମ୍ବନ୍ଧୀୟ ଦାୟୀତ୍ୱ ଏବଂ ବଜେଟ ପରିଚାଳନା ଅଧିନିୟମ 2005 ର ଅନୁଭାଗ 4(ଏମ୍) ଅନୁଯାୟୀ ସରକାରୀ ସମ୍ବଳଗୁଡ଼ିକ ଏପରି ଭାବରେ ବ୍ୟବହାର ହେବା ଦରକାର ଯାହା ସୁଯୋଗ୍ୟ ମୂଲ୍ୟ ଦେବ ଏବଂ ସରକାରୀ ସମ୍ପତ୍ତି ଗୁଡ଼ିକର (ଭଲଭାବରେ) ଯଥୋଚିତ ବ୍ୟବହାର ହୋଇପାରିବ । ପୁନଶ୍ଚ ପଞ୍ଚାୟତିରାଜ ଏବଂ ପନୀୟ ଜଳ ବିଭାଗ ଅନୁଦେଶ ଦେଇଥିଲେ (ଜୁନ 2015) ଯେ, କେନ୍ଦ୍ର ଏବଂ ରାଜ୍ୟ ପାଣ୍ଠିରୁ ସୃଷ୍ଟି ହୋଇଥିବା ସମ୍ପତ୍ତି ଯଥା ଦୋକାନ ସମୂହ, ବଡ଼ ପୋଖରୀ ଇତ୍ୟାଦି ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ଅନୁମୋଦନରେ ଗ୍ରାମ ସଭାରେ ସରକାରୀ ସମ୍ପତ୍ତିଗୁଡ଼ିକର ମାସିକ ଭଡ଼ା ନିର୍ଣ୍ଣୟ କରିବେ । ଯଦି କୌଣସି ମାମଲାରେ ଏହି ସମ୍ପତ୍ତିଗୁଡ଼ିକର ଅନଧିକୃତ ଦଖଲ ହୋଇଥାଏ ତେବେ ଏହି ଅନଧିକୃତ ଦଖଲକାରୀଙ୍କୁ ଦଖଲଚ୍ୟୁତ କରିବା ପାଇଁ ଏକ ମାସ ବିଜ୍ଞପ୍ତି ଜାରି କରାଯିବ ଅନ୍ୟଥା ଉଚିତ ପଦକ୍ଷେପ ଗ୍ରହଣ କରାଯିବ ।

ଅଡିଟ୍‌ରେ ଲକ୍ଷ୍ୟ କରାଗଲା ଯେ ଆର୍ଥିକ ବର୍ଷ 2017-20 ମଧ୍ୟରେ 12ଟି ଗ୍ରାମ ପଞ୍ଚାୟତ[32] 1.05 କୋଟି ଟଙ୍କାରେ ଉପଯୋଗରେ ସମ୍ପତ୍ତି ଯଥା: କଲ୍ୟାଣ ମଣ୍ଡପ[33] ଗୋଷ୍ଠି କେନ୍ଦ୍ର, ଦୋକାନ ସମୂହ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଆବାସ ନିର୍ମାଣ କରିଥିଲେ ।

ଏହି ସମ୍ପତ୍ତି ଗୁଡ଼ିକ ସମ୍ପୂର୍ଣ୍ଣ ହେବାପରେ ଗ୍ରାମ ସଭାରେ ଦୋକାନ ସମୂହର ମାସିକ ଭଡ଼ା ନିର୍ଣ୍ଣୟ ହୋଇନଥିଲା ଏବଂ ଏହି ସରକାରୀ ଆବାସକୁ ଯଥୋଚିତ ସରକାରୀ ମାନଙ୍କୁ ବ୍ୟବହାର ପାଇଁ ଆବଣ୍ଟନ ହୋଇଥିଲା । ଅତଏବ 1.05 କୋଟି ଟଙ୍କା ଉପଯୋଗ ହେବା ସତ୍ତ୍ୱେ ବ୍ୟବହାର ନହେବା ଯୋଗୁଁ ନିଜସ୍ୱ ରାଜସ୍ୱ ଆୟ କରିନପାରି ଏହି ସମ୍ପତ୍ତି ଗୁଡ଼ିକ ଅକାମୀ ହୋଇ ପଡ଼ିରହିଥିଲା ।

| ***ଫଟୋଗ୍ରାଫ୍ ସଂଖ୍ୟା –3.1*** | ***ଫଟୋଗ୍ରାଫ୍ ସଂଖ୍ୟା- 3.2*** |
|---|---|
|  |  |
| ***ସିମୁଳିଆ ପିଏସ୍ ଅଧିନସ୍ଥ କାଞ୍ଚପଡ଼ା ଜିପିରେ ଅଚଳ ମାର୍କେଟ କମ୍ପ୍ଲେକ୍ସ*** | ***ବିଷମକଟକ ପିଏସ୍ ଅଧିନସ୍ଥ ଭେଟିଆପଡ଼ା ଜିପିରେ ଅଚଳ ପିଇଓ କ୍ୱାର୍ଟର*** |

ଏହି ତଥ୍ୟ ଗୁଡ଼ିକୁ ସୁନିଶ୍ଚିତ କରି ସରକାର ଜଣାଇଥିଲେ (ଅକ୍ଟୋବର 2023) ଯେ ସମ୍ପୂର୍ଣ୍ଣ ହୋଇଥିବା ସମ୍ପତ୍ତି ଗୁଡ଼ିକର ସୁବିନିଯୋଗ ପାଇଁ ସଂପୃକ୍ତ ପଞ୍ଚାୟତ ଅନୁଷ୍ଠାନ ଗୁଡ଼ିକ ବିହିତ ପଦକ୍ଷେପ ଗ୍ରହଣ କରିବେ

---

32 ବିଷମକଟକ ପିଏସ୍‌ର ଭେଟିଆପଡ଼ା ଏବଂ ଦୁର୍ଗୀ, ମୁନିଗୁଡ଼ା ପିଏସ୍‌ର କୁମୁଡ଼ାବାଲି, କେନ୍ଦୁଝର ପିଏସ୍‌ର ପଳାଶପଙ୍ଗା, ବେଗୁନିଆ ପଡ଼ା ପିଏସ୍‌ର ମର୍ଦକୋଟ, ରାଜଗାଙ୍ଗପୁର ପିଏସ୍‌ର ପାନପୋଷ, ସୁକିନ୍ଦା ପିଏସ୍‌ର ଦୁଧୋଜୋରି, ଦାନଗଦି ପିଏସ୍‌ର ତ୍ରିଜଙ୍ଗା, ଧର୍ମଶାଳା ପିଏସ୍‌ର କୁମାରୀ, ବସ୍ତା ପିଏସ୍‌ର ସଦାନନ୍ଦପୁର, ସିମୁଳିଆ ପିଏସ୍‌ର କଞ୍ଚପଡ଼ା ଏବଂ ବରୀ

33 ସାମାଜିକ କାର୍ଯ୍ୟ କରିବା ପାଇଁ କଲ୍ୟାଣ ମଣ୍ଡପ ଗୋଟିଏ ଭେନ୍ୟୁ

ପୁନଶ୍ଚ, ଏକ ଗ୍ରାମ ପଞ୍ଚାୟତ (ବେଗ୍ଣା ପଞ୍ଚାୟତ ସମିତିର ସଦାନନ୍ଦପୁର ଗାମ ପଞ୍ଚାୟତ)ର ଦୋକାନ ସମୂହର ମିଳିତ ଭୌତିକ ନିରୀକ୍ଷଣରୁ ଏହା ଅବଲୋକନ କରାଗଲା ଯେ ସମସ୍ତ ତିନୋଟି ଦୋକାନ ଗ୍ରାମ ପଞ୍ଚାୟତକୁ ଭଡ଼ା ନଦେଇ ଅନଧିକାର ଭାବରେ ବ୍ୟବସାୟ କାର୍ଯ୍ୟରେ ବ୍ୟବହୃତ ହେଉଅଛି । ନଭେମ୍ବର 2022 ସୁଦ୍ଧା ଗ୍ରାମ ପଞ୍ଚାୟତ ଦ୍ୱାରା ଏହି ଅନଧିକୃତ ଦଖଲକାରୀଙ୍କ ଦୋକାନ ଘରକୁ ଖାଲି କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିଲା । ଉତ୍ତରରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଦାନନ୍ଦପୁର ଜଣାଇଥିଲେ (ଡିସେମ୍ବର 2022) ଯେ ଦୋକାନ ଗୁଡ଼ିକୁ ଆବଣ୍ଟନ କରିବା ପାଇଁ ଶୀଘ୍ର ପଦକ୍ଷେପ ଗ୍ରହଣ କରିବେ । ଯାହାହେଉ ଏହି ଅନଧିକୃତ ଦଖଲ ବାବଦରେ କୌଣସି ଉତ୍ତର ପ୍ରଦାନ କରି ନଥିଲେ ।

ଉତ୍ତର ଗ୍ରହଣୀୟ ନଥିଲା, କାରଣ ଅନଧିକୃତ ଦଖଲକାରୀ ବାହାର କରିବା ବିନା ଆବଣ୍ଟନ ସମ୍ଭବ ନୁହେଁ । ତେଣୁ ସମ୍ପତ୍ତି ଗୁଡ଼ିକ ଉପଯୋଗ କରିବାରେ ଜିପି ମାନଙ୍କର ବିଫଳତା କେବଳ ଯେ ଅନାବଶ୍ୟକ ଖର୍ଚ୍ଚ ଥିଲା ତାହା ନୁହେଁ ବରଂ ଉପଯୋଗୀ ଉଦ୍ଦେଶ୍ୟ ପାଇଁ ବ୍ୟବହାର କରାଯିବା ଟଙ୍କାକୁ ମଧ୍ୟ ଅଟକାଇ ଦିଆଯାଇଥିଲା । ଏହିପରି ଅନିୟମିତତା ପାଇଁ ଉତ୍ତରଦାୟୀ ଅଧୀକାରୀଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ହେବା ଆବଶ୍ୟକ ।

### *3.4.4 ରାସ୍ତା ଆଲୋକୀକରଣର ସଂସ୍ଥାପନାରେ ଅନିୟମିତତା*

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଅନୁଦେଶ (ଜୁଲାଇ 2015) ଅନୁଯାୟୀ ଗ୍ରାମଗୁଡିକର ରାସ୍ତା ଆଲୋକୀକରଣ କ୍ଷେତ୍ର ଅଧିକାରୀମାନଙ୍କର ପ୍ରାପ୍ତ ପ୍ରସ୍ତାବକୁ ଆଧାର କରି ସଂସ୍ଥାପନ କରାଯିବ । ବଛା ଯାଇଥିବା ଗ୍ରାମଗୁଡିକରେ ରାସ୍ତା ଆଲୋକୀକରଣର ଯୋଜନା, କାର୍ଯ୍ୟକ୍ରମକୁ ସମ୍ୟକ୍ ପରୀକ୍ଷଣ କରିବା ପାଇଁ ଏକ ବୈଷୟିକ କମିଟି ଜୋନର ନିର୍ବାହୀ ଯନ୍ତ୍ରୀ, ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆରଡିଏ), ଜିଲ୍ଲା ପଞ୍ଚାୟତ ଅଧିକାରୀ (ଡିପିଓ) ଏବଂ ଦୁଇଜଣ ବ୍ଲକ ଉନ୍ନୟନ ଅଧିକାରୀ ମାନଙ୍କ ସହିତ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ ବୈଷୟିକ କମିଟି ଗଠନ କରିବାର ଥିଲା । ରାସ୍ତା ଆଲୋକୀକରଣ ପାଇଁ ବ୍ଲକ ଉନ୍ନୟନ ଅଧିକାରୀଙ୍କ ଯଥୋଚିତ ଅନୁମୋଦନ ଏବଂ ଡିପିଓଙ୍କର ପ୍ରତି ସ୍ୱାକ୍ଷର ସହିତ ଅନୁମୋଦନ ପାଇଁ ଜିଲ୍ଲାପାଳଙ୍କ ଜରିଆରେ ସରକାରଙ୍କ ଅନୁମୋଦନ ପାଇଁ ଦାଖଲ କରାଯିବା ଦରକାର । ପୁନଶ୍ଚ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ନିର୍ଦ୍ଧାରଣ (ଜୁଲାଇ 2018) ଅନୁଯାୟୀ କାର୍ଯ୍ୟ ଦାୟିତ୍ୱରେ ରହିଥିବା ବିଭାଗୀୟ ଅଧିକାରୀ ସାମଗ୍ରୀ ସଂଗ୍ରହଣ ସମୟରେ ସଠିକ୍ ଜିଏସଟି ପଞ୍ଜୀକୃତ ସଂଖ୍ୟା ଥିବା ଯୋଗାଣକାରୀଙ୍କ ଠାରୁ ସାମଗ୍ରୀ ସଂଗ୍ରହଣ ବାବଦରେ ସହାୟତାକୁ ଥିବା ଭାଉଚର/ ବିଲ୍ ପ୍ରଦାନ କରିବା ଦରକାର ।

ଅଡିଟ୍‌ରେ ଲକ୍ଷ୍ୟ କରାଗଲା ଯେ ପାଞ୍ଚ[34] ପରୀକ୍ଷଣ ଯାଞ୍ଚ ହୋଇଥିବା ଜିପି ଏବଂ ଗୋଟିଏ[35] ପରୀକ୍ଷଣ ପିଏସ୍‌ରେ (କେଉଁଝର ଓ ରାୟଗଡା ଜିଲ୍ଲାର) ଆର୍ଥିକ ବର୍ଷ 2018-22 ମଧ୍ୟରେ 34.21 ଲକ୍ଷ ଟଙ୍କାର ଅଟକଳ ମୂଲ୍ୟରେ ରାସ୍ତା ଆଲୋକୀକରଣ ପ୍ରକଳ୍ପର କାର୍ଯ୍ୟ ନିର୍ବାହ ପାଇଁ ହାତକୁ ନିଆଯାଇଥିଲା ଏବଂ ମାର୍ଚ୍ଚ 2022 ସୁଦ୍ଧା 34.21 ଲକ୍ଷ ଟଙ୍କା ଉପଯୋଗରେ କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିଲା । ସମୀକ୍ଷା ସମସ୍ତ 19ଟି[36] ପ୍ରକଳ୍ପର ପରୀକ୍ଷଣ ଯାଞ୍ଚ କରିବା ସମୟରେ ନିମ୍ନଲିଖିତ ଅନିୟମିତତା ଗୁଡିକୁ ଲକ୍ଷ୍ୟ କରିଥିଲେ ।

- ରାସ୍ତା ଆଲୋକୀକରଣ ସଂସ୍ଥାପନା ପାଇଁ ଯୋଜନାକୁ ସମ୍ୟକ୍ ପରୀକ୍ଷା କରିବା ପାଇଁ ଜିଲ୍ଲା ସ୍ତରରେ କୌଣସି ବୈଷୟିକ କମିଟି ଗଠନ କରାଯାଇନଥିଲା ।
- ଏହି ପ୍ରକଳ୍ପଗୁଡିକୁ ହାତକୁ ନେବା ପୂର୍ବରୁ ରାସ୍ତା ଆଲୋକୀକରଣର ଆବଶ୍ୟକତାକୁ ନିର୍ଦ୍ଧାରଣ କରିବା ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀ ମାନଙ୍କ ଦ୍ୱାରା କୌଣସି ବୈଷୟିକ ସର୍ବେକ୍ଷଣ କରାଯାଇନଥିଲା । ପୁନଶ୍ଚ ସଂପୃକ୍ତ ଜିପି ଗୁଡିକର ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ଲକ୍ଷ୍ୟରେ ରଖି ରାସ୍ତା ଆଲୋକଗୁଡିକର ବିନିର୍ଦ୍ଦିଷ୍ଟ ପରିମାଣ ଏବଂ ପ୍ରକାର ଚିହ୍ନଟ କରାଯାଇନଥିଲା । ପୁନଶ୍ଚ ପ୍ରାଧିକୃତ ବୈଷୟିକ ପ୍ରାଧିକାରୀଙ୍କ ଦ୍ୱାରା କୌଣସି ଅଟକଳ ପ୍ରସ୍ତୁତ କରାଯାଇନଥିଲା । ପ୍ରକଳ୍ପଗୁଡିକ କ୍ଷମତାପନ୍ନ ପ୍ରାଧିକାରୀଙ୍କ ଦ୍ୱାରା ପ୍ରଶାସନିକ ଅନୁମୋଦନ ଏବଂ ବୈଷୟିକ ମଞ୍ଜୁରୀ ମଧ୍ୟ ପ୍ରାପ୍ତ କରାଯାଇନଥିଲା । ସେହି ଭାବରେ କାର୍ଯ୍ୟ ନିର୍ବାହ ପୂର୍ବରୁ ପ୍ରକଳ୍ପଗୁଡିକ ଏବଂ ତାହାର ବୈଷୟିକ ଜୀବନ କ୍ଷମତାର ପ୍ରକୃତ ଆବଶ୍ୟକତାକୁ ନିର୍ଦ୍ଧାରଣ କରାଯାଇନଥିଲା ।

[34] ଚମ୍ପୁଆ ପିଏସ୍: ବଡ଼ନଇ ଏବଂ ରାଜିଆ; ମୁନିଗୁଡ଼ା ପିଏସ୍: ସିବାପଦର; କାଶୀପୁର ପିଏସ୍; ତଳଝିରୀ ଏବଂ ଟିକିରି

[35] ମୁନିଗୁଡ଼ା ପିଏସ୍

[36] ତିନୋଟି ବୈଦ୍ୟୁତିକ ପ୍ରକଳ୍ପ ଏବଂ16 ସୌର ରାସ୍ତା ଲାଇଟ୍ ପ୍ରକଳ୍ପ

➢ ପୁନଶ୍ଚ ସମସ୍ତ 19ଟି ପ୍ରକଳ୍ପ ଗୁଡିକରେ ବଛାଯାଇଥିବା ଫାର୍ମମାନେ ସାଜ ସରଞ୍ଜାମର ବ୍ୟବହାରରେ କୌଣସି ୱାରେଣ୍ଟି ପ୍ରଦାନ କରିନଥିଲେ କିମ୍ବା ଜିପିଗୁଡିକ ରକ୍ଷଣାବେକ୍ଷଣ ପାଇଁ କୌଣସି ଚୁକ୍ତି ନିର୍ବାହ କରିନଥିଲେ । ସମୀକ୍ଷାର ମିଳିତ ଭୌତିକ ନିରୀକ୍ଷଣରେ ବହୁ ସଂଖ୍ୟକ ରାସ୍ତା ଆଲୋକଗୁଡିକ ଅଚଳ ହୋଇ ପଡିଥିବାର ଲକ୍ଷ୍ୟ କରାଯାଇଥିଲା ।

ତଥ୍ୟ ସୁନିଶ୍ଚିତ କରି ସରକାର ଜଣାଇଥିଲେ (ଅକ୍ଟୋବର 2023) ଯେ ରାସ୍ତା ଆଲୋକୀକରଣ ସମୟରେ ଜିପି ସ୍ତରରେ ବୈଷୟିକ କାର୍ଯ୍ୟକର୍ତ୍ତାଙ୍କ ଅଭାବ ହେତୁ ପଞ୍ଚାୟତ ଗୁଡିକ ବୈଷୟିକ ମାନଦଣ୍ଡ ଗୁଡିକୁ ପୁରଣ କରିବାରେ ବିଫଳ ହୋଇଥିଲେ । ଉତ୍ତର ଗ୍ରହଣୀୟ ନ ଥିଲା କାରଣ ରାସ୍ତା ଆଲୋକ ଓ ସଂସ୍ଥାପନ ପାଇଁ ମାର୍ଗଦର୍ଶନ ପ୍ରଦାନକାରୀ ଜିଲ୍ଲା ସ୍ତରୀୟ ବୈଷୟିକ ସମିତି ଗଠନ କରାଯାଇନଥିଲା ।

### 3.4.5 ରାସ୍ତା ଆଲୋକଗୁଡିକର ମିଳିତ ଭୌତିକ ନିରୀକ୍ଷଣର ଫଳାଫଳ

63ଟି ନମୁନା ଯାଞ୍ଚ ଜିପି ମଧ୍ୟରୁ 5ଟି[37] ଏବଂ 21ଟି ନମୁନା ଯାଞ୍ଚ ପିଏଏସ୍ ମଧ୍ୟରୁ ଗୋଟିଏ (ମୁନିଗୁଡା)ରେ 7ଟି ରାସ୍ତା ଆଲୋକୀକରଣ ପ୍ରକଳ୍ପଗୁଡିକର ଅବସ୍ଥା ଏବଂ କାର୍ଯ୍ୟକାରିତାକୁ ନିରୂପଣ କରିବା ପାଇଁ ସମୀକ୍ଷା ଦ୍ୱାରା ବ୍ଲକ ଉନ୍ନୟନ ଅଧିକାରୀଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ 38ଟି ସୌରଚାଳିତ ରାସ୍ତା ଆଲୋକ ପଏଣ୍ଟ ଏବଂ 18ଟି ବୈଦ୍ୟୁତିକ ଆଲୋକ ପଏଣ୍ଟର ମିଳିତ ଭୌତିକ ନିରୀକ୍ଷଣ କରାଯାଇଥିଲା (ସେପ୍ଟେମ୍ବର ଏବଂ ଡିସେମ୍ବର 2022 ମଧ୍ୟରେ) । ଏହି ବିଷୟ ଉପରେ ଲକ୍ଷ୍ୟ କରାଗଲା ଯେ:

- 38ଟି ସୌରଚାଳିତ ରାସ୍ତା ଆଲୋକ ପଏଣ୍ଟ ମଧ୍ୟରୁ 34 ଟି କାର୍ଯ୍ୟ କରୁଥିଲା । ଦୁଇଟି କାର୍ଯ୍ୟ କରୁନଥିଲା , ଏବଂ ଦୁଇଟି ରହିଥିଲା ।

- 18ଟି ବୈଦ୍ୟୁତିକ ରାସ୍ତା ଆଲୋକ ପଏଣ୍ଟ ମଧ୍ୟରୁ ଆଠଟି ଆଲୋକ ପଏଣ୍ଟ କାର୍ଯ୍ୟ କରୁଥିଲା, ନଅଟି କାର୍ଯ୍ୟ କରୁନଥିଲା ଏବଂ ଗୋଟିଏ ନିରୁଦ୍ଦିଷ୍ଟ ରହିଥିଲା ।
- ପ୍ରତ୍ୟେକ ବୈଦ୍ୟୁତିକ ଆଲୋକ ପଏଣ୍ଟଗୁଡ଼ିକୁ ଆଗରୁ ଥିବା ସ୍ୱଳ୍ପ ଟ୍ରାନସମିଶନ୍ (ଏଲଟି) ଲାଇନରେ ବିଦ୍ୟୁତ ବିତରଣ କମ୍ପାନୀ ଠାରୁ ପୂର୍ବ ଅନୁମତି ନ ନେଇ ଲଗାଯାଇଥିଲା । କେତେ ପରିମାଣର ବିଦ୍ୟୁତ ବ୍ୟବହାର ହେଉଅଛି ତାକୁ ଲିପିବଦ୍ଧ କରିବା ପାଇଁ କୌଣସି ବୈଦ୍ୟୁତିକ ମିଟର ସଂଯୋଗ କରାଯାଇନଥିଲା ଏବଂ କୌଣସି ମାସିକ ଶୁଳ୍କ ଜିପି ମାନଙ୍କ ଦ୍ୱାରା ବିଦ୍ୟୁତ ବିତରଣ କମ୍ପାନୀକୁ (ଡିଆଇଏସସିଓଏମ୍) ଦିଆଯାଇନଥିଲା ।

ଫଟୋଗ୍ରାଫ୍ ସଂଖ୍ୟା- 3.3



ରାୟଗଡ଼ା ଜିଲ୍ଲା ଅଧିନରେ ମୁନିଗୁଡ଼ା ପିଏସ୍‌ର ଗୋବର୍ଦ୍ଧନ ଛକରେ ହନୁମାନ ମନ୍ଦିର ନିକଟରେ ଉଚ୍ଚଶକ୍ତି ଆଲୋକକୁ ଅପ୍ରାଧିକୃତ ଭାବରେ ବିଦ୍ୟୁତ୍ ସଂଯୋଗ

- ନିରୀକ୍ଷଣ ସମୟରେ ଉପସ୍ଥିତ ଥିବା ସ୍ଥାନୀୟ ଜନତା ଜଣାଇଥିଲେ ଯେ, କାର୍ଯ୍ୟକର୍ତ୍ତା ଅଥବା ଜିପି ଦ୍ୱାରା କୌଣସି ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯାଉ ନାହିଁ ।

ତଥ୍ୟକୁ ସୁନିଶ୍ଚିତ କରି ସରକାର ଜଣାଇଥିଲେ (ଅକ୍ଟୋବର 2023) ଯେ ସଂପୃକ୍ତ ଗ୍ରାମ ପଞ୍ଚାୟତଗୁଡିକ ଅଚଳ ରହିଥିବା ଲାଇଟ୍ ପଏଣ୍ଟ ଗୁଡିକର ମରାମତି କାର୍ଯ୍ୟ ପାଇଁ ପଦକ୍ଷେପ ଗ୍ରହଣ କରିବେ ।

[37] ଭେଟିଆପଡ଼ା, ଭୂଇଁପୁର, କୁମୁଡ଼ାବାଲି, ସିବପଦର, ଏବଂ ତଳଝିରୀ

### *3.4.6 ସମାପନ କ୍ଷତିର ଆରୋପଣ ନ କରିବା*

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ସ୍ଥିର କରିଥିଲେ (ଫେବୃଆରୀ 2019)ପ୍ରତ୍ୟେକ ଗ୍ରାମ ପଞ୍ଚାୟତର ଏକ ଗ୍ରାମରେ ଟର୍ଣ୍ଣ କି[38] ଆଧାରରେ ଏଲ୍‌ଇଡି ରାସ୍ତା ଆଲୋକୀକରଣ କରାଯିବ । ଏହି ଉଦ୍ଦେଶ୍ୟ ପାଇଁ ରାଜ୍ୟ ସ୍ତରରୁ କାର୍ଯ୍ୟକର୍ତ୍ତାମାନଙ୍କୁ ଟେଣ୍ଡର ଆଧାରରେ ବଛାଯାଇଥିଲା ଏବଂ ଜିଲ୍ଲା ପରିଷଦ ଗୁଡ଼ିକର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀମାନଙ୍କୁ ସଂପୃକ୍ତ କାର୍ଯ୍ୟକର୍ତ୍ତା ମାନଙ୍କ ସହିତ ଚୁକ୍ତି ନିର୍ବାହ କରି କାର୍ଯ୍ୟ ନିର୍ବାହ କରିବା ପାଇଁ ଅନୁଦେଶ ଦିଆଯାଇଥିଲା (ଫେବୃଆରୀ 2019) । ଏହି ରାଜିନାମା ଅନୁଯାୟୀ ଯଦି ଏହି ଚୁକ୍ତି ବିଫଳ ହୁଏ ଅଥବା କାର୍ଯ୍ୟ ଆରମ୍ଭ ହେବାର ଛଅମାସ ମଧ୍ୟରେ ସମ୍ପୂର୍ଣ୍ଣ ନ ହୁଏ 0.5 ପ୍ରତିଶତ ହାରରେ (ଅସମ୍ପୂର୍ଣ୍ଣ ରହିଥିବା କାର୍ଯ୍ୟର ଭାଗର ମୋଟ ମୂଲ୍ୟ ଉପରେ) ବିଳମ୍ବ ପ୍ରତି ସପ୍ତାହ ଅଥବା ତାହାର ଅଂଶ ବିଶେଷ ଅଥବା ଅସମ୍ପୂର୍ଣ୍ଣ ରହିଥିବା କାର୍ଯ୍ୟ ଭାଗ ମୂଲ୍ୟର ଅଧିକ ତମ 10 ପ୍ରତିଶତକୁ ସୀମିତ କରି ସମାପନ କ୍ଷତିର ଆକଳନ କରାଯିବ ।

ସାତଟି ନମୁନା ଯାଞ୍ଚ ଜିଲ୍ଲା ମଧ୍ୟରୁ ଦୁଇଟିରେ (କେଉଁଝର ଏବଂ ବାଲେଶ୍ୱର) 657 ଟି ଗ୍ରାମରେ 8.75 କୋଟି ଟଙ୍କା ଅଟକଳ ମୂଲ୍ୟରେ ରାସ୍ତା ଆଲୋକୀକରଣର ସଂସ୍ଥାପନ କରାଯିବା ପାଇଁ ବଛାଯାଇଥିଲା ।

କେଉଁଝର ଜିଲ୍ଲାରେ ସେପ୍ଟେମ୍ବର 2019 ସୁଦ୍ଧା କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ମେସର୍ସ ଆଖଣ୍ଡଳମଣି ଇଲେକ୍ଟ୍ରିକାଲ୍‌ସ କନଷ୍ଟ୍ରକସନ କଟକ ଏବଂ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ଏଜେନ୍ସି (ଡିଆରଡିଏ) କେଉଁଝରଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା (ମାର୍ଚ୍ଚ 2019)। ଏଜେନ୍ସି ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରି ପାରି ନଥିଲା । ବାଲେଶ୍ୱର ଜିଲ୍ଲାରେ 8 ଜୁଲାଇ 2021 ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଡିଆରଡିଏ. ବାଲେଶ୍ୱର ଓ ମେସର୍ସ ଏସ୍.କେ ଇଞ୍ଜିନିୟରର୍ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍, ଭୁବନେଶ୍ୱର ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।

ଅଡିଟ୍‌ରେ ଲକ୍ଷ୍ୟ କରାଗଲା ଯେ 249ଟି ଗ୍ରାମରେ (କେଉଁଝର: 69 ଏବଂ ବାଲେଶ୍ୱର: 180) ରାସ୍ତା ଆଲୋକୀକରଣ ପଦ୍ଧତି ସାମଗ୍ରୀକ ଚୁକ୍ତି ମୂଲ୍ୟ 3.23 କୋଟି ଟଙ୍କା ମାର୍ଚ୍ଚ 2022 ସୁଦ୍ଧା ସମ୍ପୂର୍ଣ୍ଣ ହୋଇପାରିନଥିଲା । ମାର୍ଚ୍ଚ 2022 ସୁଦ୍ଧା ଏହି ବିଳମ୍ବ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ନିର୍ଦ୍ଧାରିତ/ବର୍ଦ୍ଧିତ ତାରିଖ ଠାରୁ 38 ସପ୍ତାହ ଠାରୁ 134 ସପ୍ତାହ ମଧ୍ୟରେ ରହିଥିଲା । ଅଧିକତମ 10 ପ୍ରତିଶତ 32.32 ଲକ୍ଷ ଟଙ୍କା ସମାପନ କ୍ଷତି ଏଜେନ୍ସି ଗୁଡ଼ିକୁ ଆରୋପଣ କରାଯାଇ ଆଦାୟ କରିବା ଆବଶ୍ୟକ ଥିଲା । ଜିଲ୍ଲା ପରିଷଦ ଗୁଡ଼ିକ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ପାଇଁ କୌଣସି ଆରୋପ କରିନଥିଲା କି ସମାପନ କ୍ଷତିର ଆଦାୟ କରିନଥିଲା ।

ତଥ୍ୟକୁ ସୁନିଶ୍ଚିତ କରି ସରକାର ଜଣାଇଥିଲେ(ଅକ୍ଟୋବର2023) ଯେ ସଂପୃକ୍ତ ଜିଲ୍ଲା ପରିଷଦ ବିଫଳ କାର୍ଯ୍ୟକର୍ତ୍ତାମାନଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

**ସୁପାରିଶ :**

**8. ନିର୍ମାଣ ସାମଗ୍ରୀଗୁଡିକର ଅନିୟମିତ କ୍ରୟ, ବିନିଯୋଗ ହୋଇ ନଥିବା ବିଫଳ ବ୍ୟୟ, ବିଳମ୍ବିତ କାର୍ଯ୍ୟ ସଂପନ୍ନ ପାଇଁ ସମାପନ କ୍ଷତିର ଆରୋପଣ ନ କରିବା ଇତ୍ୟାଦି ପାଇଁ ଉତ୍ତର ଦାୟିତ୍ୱ ଧାର୍ଯ୍ୟ କରିବା ।**

## 3.5 ତଦାରଖ ଏବଂ ପର୍ଯ୍ୟବେକ୍ଷଣ

### *3.5.1* ସାମାଜିକ ସମୀକ୍ଷା ସଞ୍ଚାଳନ ନ ହେବା

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଦ୍ୱାରା ଜାରି କରାଯାଇଥିବା ରାଜ୍ୟ ଅର୍ଥ କମିଶନ ମାର୍ଗଦର୍ଶିକା ଅନୁଯାୟୀ ପଲ୍ଲୀ ସଭା[39] ଆୟୋଜନ କରି ତୃଣମୂଳ ସ୍ତରରୁ ଉତ୍ସାହିତ କରି ସାମାଜିକ ଅଡିଟ୍ ସଞ୍ଚାଳନ ହେବା ଦରକାର ।

[38] ଟର୍ଣ୍ଣ-କି ପ୍ରକଳ୍ପ ଏଜେନ୍ସି/ ଠିକାଦାର ମାନଙ୍କ ଦ୍ୱାରା ପରିକଳ୍ପନା କରାଯାଉଥିଲା ଏବଂ ଯେତେବେଳେ ଏହା କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ ହୋଇଯିବ ସେତେବେଳେ ଏହା ମାଲିକଙ୍କୁ ହସ୍ତାନ୍ତର କରାଯିବ

[39] 'ପଲ୍ଲୀସଭା ଏକ ରାଜସ୍ୱ ଗ୍ରାମର ନିର୍ବାଚନ ମଣ୍ଡଳର ବୈଠକ ଅଟେ । ଏହି ବୈଠକରେ 18 ବର୍ଷ ବୟସରୁ ଅଧିକ ବ୍ୟକ୍ତି ଯେଉଁମାନଙ୍କର ନାମ ପଞ୍ଚାୟତର ଭୋଟର ଲିଷ୍ଟରେ ଲିପିବଦ୍ଧ ହୋଇଥିବ, ଅନ୍ତର୍ଭୁକ୍ତ ହୋଇପାରିବ

ଆର୍ଥିକ ବର୍ଷ 2017-22 ମଧ୍ୟରେ ସମୀକ୍ଷାରେ ଲକ୍ଷ୍ୟ କରାଗଲା ଯେ, ନମୁନା ଯାଞ୍ଚ ହୋଇଥିବା କୌଣସି ପିଏସ୍ ଏବଂ ଜିପି ଗୁଡିକରେ ରାଜ୍ୟ ଅର୍ଥ କମିଶନଙ୍କ ଅନୁଦାନ ଅର୍ଥରେ କାର୍ଯ୍ୟ ନିର୍ବାହ କରାଯାଇଥିବା ପ୍ରକଳ୍ପଗୁଡିକର ସାମାଜିକ ସମୀକ୍ଷା କରାଯାଇନଥିଲା । ତେଣୁ ପରିକଳ୍ପନାର ପରିଚାଳନାରେ, ସରକାରୀ ଦାୟିତ୍ୱାଧୀନତାର ଉଦ୍ଦେଶ୍ୟ ହାସଲ ହୋଇପାରିନଥିଲା । ଏହାଦ୍ୱାରା ତଦାରଖ ପଦ୍ଧତିରେ ଜନତା ପ୍ରକୃତରେ ଅଂଶ ଗ୍ରହଣ କରିପାରିନଥିଲେ ।

ଅଡିଟ୍ ତଥ୍ୟକୁ ସୁନିଶ୍ଚିତ କରିବା ସମୟରେ ସରକାର କହିଥିଲେ (ଅକ୍ଟୋବର 2023) ଯେ ଆର୍ଥିକ ବର୍ଷ 2022-23 ଠାରୁ ରାଜ୍ୟ ଅର୍ଥ କମିଶନ ପାଣ୍ଠିରୁ ନିର୍ମିତ ପ୍ରକଳ୍ପଗୁଡିକର ସାମାଜିକ ସମୀକ୍ଷା ପ୍ରାରମ୍ଭ କରାଯାଇଅଛି ।

### *3.5.2 ଅତର୍କିତ ନିରୀକ୍ଷଣରେ ଅଭାବ*

ରାଜ୍ୟ ଅର୍ଥ କମିଶନ ମାର୍ଗଦର୍ଶିକା ଅନୁଯାୟୀ ବ୍ଲକ ଉନ୍ନୟନ ଅଧିକାରୀ ଏବଂ ଜିଲ୍ଲା ପଞ୍ଚାୟତ ଅଧିକାରୀମାନେ ଅତି କମରେ କାର୍ଯ୍ୟର 10 ପ୍ରତିଶତ ଅତର୍କିତ ପରିଦର୍ଶନର ସଞ୍ଚାଳନ କରିବା ଦରକାର ଏବଂ ସର୍ବୋପରି ତଦାରଖ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀମାନଙ୍କ ଦ୍ୱାରା ସେମାନଙ୍କର ଜିପି ଗୁଡିକର ଅତର୍କିତ ପରିଦର୍ଶନ କରିବା ଦରକାର ।

ଅଡିଟ୍‌ରେ ଲକ୍ଷ୍ୟ କରାଗଲା ଯେ ପିଏସ୍ ଏବଂ ଜିପି ସ୍ତରରେ ପର୍ଯ୍ୟବେକ୍ଷଣୀୟ ଅଧିକାରୀମାନଙ୍କ ଦ୍ୱାରା କେତେ ପରିମାଣର ନିରୀକ୍ଷଣ କରିଛନ୍ତି ତାହାର କୌଣସି ତଥ୍ୟ ଭିତ୍ତିକ ସୂଚନା ମିଳିନଥିଲା । ଅଧିକନ୍ତୁ, ନିରୀକ୍ଷଣ କରାଯାଇଥିବାର କୌଣସି ନିରୀକ୍ଷଣ ସମ୍ବନ୍ଧୀୟ ରିପୋର୍ଟ ଉପଲବ୍ଧ ହୋଇନଥିଲା । ସମୀକ୍ଷାରେ ନିଶ୍ଚିତ ହେଲା ଯେ କୌଣସି ନିରୀକ୍ଷଣର ସଞ୍ଚାଳନ କରାଯାଇନଥିଲା ।

ସରକାର ଉତ୍ତର ରଖିଥିଲେ (ଅକ୍ଟୋବର 2023) ଯେ ଜିପିରେ ସଂପୂର୍ଣ୍ଣ ହୋଇଥିବା କାର୍ଯ୍ୟଗୁଡିକର ଭୌତିକ ସତ୍ୟାପନ ଏବଂ ପର୍ଯ୍ୟବେକ୍ଷଣ, ବ୍ଲକ ଉନ୍ନୟନ ଅଧିକାରୀମାନେ କରୁଛନ୍ତି । ଏହି ଉତ୍ତର ଗ୍ରହଣୀୟ ନଥିଲା, ଯେହେତୁ ସମ୍ପତ୍ତିଗୁଡିକର ସତ୍ୟାପନର କୌଣସି ରେକର୍ଡ, ନିରୀକ୍ଷଣ ସମୟରେ ପରିଲକ୍ଷିତ ତ୍ରୁଟି, ଏବଂ ସେହି ତ୍ରୁଟିଗୁଡିକ ସଂଶୋଧନ କରିବା ପାଇଁ ନେଇଥିବା ପଦକ୍ଷେପ କାର୍ଯ୍ୟ କୌଣସି ସମ୍ବନ୍ଧୀୟ ରେକର୍ଡକୁ ସମୀକ୍ଷକଙ୍କ ପାଖରେ ପ୍ରଦାନ କରାଯାଇନଥିଲା ।

***ସୁପାରିଶ :***

***9. ପ୍ରକଳ୍ପଗୁଡିକର ସମୟାନୁଯାୟୀ ସଂପୂର୍ଣ୍ଣ ହେବା ଏବଂ ଉପଲବ୍ଧ ସମ୍ବଳଗୁଡିକର ଫଳପ୍ରଦ ଉପଯୋଗ ସୁନିଶ୍ଚିତ କରି ପରିଚାଳନା ସଂକ୍ରିୟାକୁ ମଜଭୁତ୍ କରିବା ।***

# ଅଧ୍ୟାୟ 4

# ଗୋପବନ୍ଧୁ ଗ୍ରାମୀଣ ଯୋଜନାର କାର୍ଯ୍ୟାନ୍ୱୟନ

# ଅଧ୍ୟାୟ 4

# ଗୋପବନ୍ଧୁ ଗ୍ରାମୀଣ ଯୋଜନାର କାର୍ଯ୍ୟାନ୍ୱୟନ

## 4.1 ଉପକ୍ରମ

ଗୋପବନ୍ଧୁ ଗ୍ରାମୀଣ ଯୋଜନା (ଜିଜିୱାଇ) ଏକ ସମ୍ପୂର୍ଣ୍ଣ ରାଜ୍ୟ ଯୋଜନା ପରିକଳ୍ପନା ପାଣ୍ଠି ଯାହାକି ରାଜ୍ୟ ସରକାରଙ୍କ ଦ୍ୱାରା 2006-07 ଆର୍ଥିକ ବର୍ଷରେ 10 ଟି ଜିଲ୍ଲାରେ (ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି (ବିଆର୍‌ଜିଏଫ୍)[41] ଅଧିନରେ ଅତିରିକ୍ତ ଉନ୍ନୟନମୂଳକ ସହାୟତା ଯୋଗାଇ ଦିଆଯାଉ ନଥିବା ଜିଲ୍ଲା) ଆରମ୍ଭ କରାଯାଇଥିଲା । ଆର୍ଥିକ ବର୍ଷ 2015-16 ଠାରୁ ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି ନିରବଚ୍ଛିନ୍ନତାକୁ ବନ୍ଦ କରିବା ପାଇଁ ରାଜ୍ୟରେ ସମସ୍ତ 30 ଟି ଜିଲ୍ଲାରେ ଗୋପବନ୍ଧୁ ଗ୍ରାମୀଣ ଯୋଜନା ବ୍ୟାପ୍ତ ହୋଇଥିଲା, ଯାହାର ପ୍ରମୁଖ ଉଦ୍ଦେଶ୍ୟ ଥିଲା ଦରକାର ଅନୁସାରେ ପ୍ରତ୍ୟେକ ଗ୍ରାମରେ ଭିତ୍ତିଭୂମିରେ ଥିବା ଗୁରୁତର ବ୍ୟବଧାନକୁ ଦୂର କରିବା । ଗ୍ରାମାଞ୍ଚଳରେ ବିଦ୍ୟମାନଥିବା ସମ୍ବଳର ସମାନ ଏବଂ ଅନୁପୂରଣ କରିବା, ତିନୋଟି କ୍ଷେତ୍ରରେ ସ୍ୱତନ୍ତ୍ର ଧ୍ୟାନ ଦେବା ଯଥା- ବିଜୁଳି (ବିଦ୍ୟୁତିକରଣ) ସଡ଼କ (ରାସ୍ତା ଭିତ୍ତିଭୂମି ଏବଂ ସେତୁ) ଏବଂ ପାଣି (ଜଳସେଚନ ଏବଂ ଜଳ ଯୋଗାଣ) ।

ପ୍ରତ୍ୟେକ ବର୍ଷ ପାଇଁ ଏହି ପରିକଳ୍ପନା ଅଧିନରେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ, ମୁଖ୍ୟ ବିଭାଗ ହୋଇଥିବା ଯୋଗୁଁ ବଜେଟର ପ୍ରାବଧାନ କରିଥାଏ । ରାଜ୍ୟର ଗ୍ରାମୀଣ ତୁଳନାରେ ଜିଲ୍ଲାଗୁଡ଼ିକର ଗ୍ରାମୀଣ ଜନସଂଖ୍ୟାର ଭାଗକୁ ଆଧାର କରି ଜିଲ୍ଲାଗୁଡ଼ିକ ପାଇଁ ମୋଟ ଆବଣ୍ଟନର 50 ପ୍ରତିଶତ ବିଭାଗ ପ୍ରଦାନ କରିଥାଏ । ବଳକା 50 ପ୍ରତିଶତ ରାଜ୍ୟର ସମୁଦାୟ ଗ୍ରାମୀଣ ଅଞ୍ଚଳ ଜିଲ୍ଲାର ଗ୍ରାମୀଣ ଅଞ୍ଚଳଗୁଡ଼ିକର ଭାଗକୁ ଆଧାର କରି ରାଜ୍ୟ ପ୍ରଦାନ କରିଥାଏ । ଜିଲ୍ଲାର ଜିଲ୍ଲାପାଳଙ୍କ ଦ୍ୱାରା ସମାନ ନିୟମ ଅନୁଯାୟୀ ପାଣ୍ଠିର ବିଭାଗୀକରଣ ଗ୍ରାମୀଣ ଜନସଂଖ୍ୟା ଓ ଅଞ୍ଚଳକୁ ଆଧାର କରି ଜିଲ୍ଲାଗୁଡ଼ିକ ଠାରୁ ବ୍ଲକ୍‌ମାନଙ୍କୁ ପାଣ୍ଠିର ଇ-ସ୍ଥାନାନ୍ତରଣ କରାଯାଇଥାଏ ।

## 4.2 ସମୀକ୍ଷା ପରିସର ଏବଂ ପଦ୍ଧତି

ଆର୍ଥିକ ବର୍ଷ 2017-18 ଠାରୁ 2021-22 ପର୍ଯ୍ୟନ୍ତ ସାତଟି[42] ଜିଲ୍ଲା ପରିଷଦ ଏବଂ 21[43] ଟି ପଞ୍ଚାୟତ ସମିତିମାନଙ୍କର ନଥିପତ୍ରକୁ ସମୀକ୍ଷା ଦ୍ୱାରା ନମୁନା ଯାଞ୍ଚ (ମଇ-2022 – ଡିସେମ୍ବର 2022) କରାଯାଇଥିଲା । ପୂର୍ବ ଅଡିଟ୍‌କୁ ଆଧାର କରି ପାଣ୍ଠିର ବିନିଯୋଗ ଅନୁସାରେ ନମୁନାରେ ବଛାଯାଇଥିବା ଜିଲ୍ଲା ପରିଷଦ ଏବଂ ପଞ୍ଚାୟତ ସମିତି ଗୁଡ଼ିକୁ ବଛାଯାଇଥିଲା । ପରିକଳ୍ପନାର କାର୍ଯ୍ୟାନ୍ୱୟନରେ କେତେକ ଦୋଷତ୍ରୁଟି ଲକ୍ଷ୍ୟ କରାଯାଇଅଛି, ଯାହା ପରବର୍ତ୍ତୀ ଅନୁଚ୍ଛେଦ ଗୁଡ଼ିକରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଅଛି ।

## 4.3 ଯୋଜନା

### *4.3.1 ଯୋଜନାରେ ଅଭାବ*

ଗୋପବନ୍ଧୁ ଗ୍ରାମୀଣ ଯୋଜନାର ମାର୍ଗଦର୍ଶିକାରେ **ଅନୁଚ୍ଛେଦ 7.2** ରୁ **7.6** ଏବଂ **7.8** ରେ ବ୍ୟବସ୍ଥା କରାଯାଇଅଛି ଯେ ଗ୍ରାମ ପଞ୍ଚାୟତ ମାନଙ୍କ ପାଇଁ ପରବର୍ତ୍ତୀ ଆର୍ଥିକ ବର୍ଷ ପାଇଁ ଗୋପବନ୍ଧୁ ଗ୍ରାମୀଣ ଯୋଜନା ଅଧିନରେ ପଲ୍ଲୀ ସଭା[44] ଏକ ଯୋଜନା ୟୁନିଟ୍ ଯାହାକୁ ପ୍ରକଳ୍ପ ଗୁଡ଼ିକର ତାଲିକାକୁ ଆଧାର କରି ଅନୁମୋଦନ କରିଥାଏ । ଗ୍ରାମ ପଞ୍ଚାୟତ ଗୁଡ଼ିକ ପ୍ରକଳ୍ପଗୁଡ଼ିକର ତାଲିକାକୁ ଏକାଠି କରି ଏବଂ ଅନୁମୋଦନ ପାଇଁ ପଞ୍ଚାୟତ ସମିତି ମାନଙ୍କୁ ପଠାଇ ଥାଏ ଓ ପରେ ସେହି ତାଲିକା ଜିଲ୍ଲାର ଜିଲ୍ଲାପାଳଙ୍କର ଅନୁମୋଦନ ପାଇଁ ପ୍ରତ୍ୟେକ ବର୍ଷ ପ୍ରାୟତଃ ଡିସେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ପଠାଯାଇଥାଏ । ଜିଲ୍ଲା ଗୁଡ଼ିକ ସେହି ସମସ୍ତ ପ୍ରସ୍ତାବଗୁଡ଼ିକୁ ଜାନୁଆରୀ ଶେଷ ସୁଦ୍ଧା ପ୍ରଥମ ପସନ୍ଦ ଭାବରେ ଜିଲ୍ଲା

---

41 ଆଞ୍ଚଳିକ ବିକାଶରେ ଅସନ୍ତୁଳନର ପ୍ରତିକାର କରିବା ପାଇଁ ଆର୍ଥିକ ସମ୍ବଳ ଯୋଗାଇ ଦେବା ସ୍ୱରୂପ ଚିହ୍ନିତ ପଛୁଆ ଅଞ୍ଚଳ ଜିଲ୍ଲାଗୁଡ଼ିକରେ ଅନୁପୂରଣ ଏବଂ ଏକାଭିମୁଖୀ ପ୍ରଚଳିତ ଉନ୍ନୟନମୂଳକ ଧାରା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଜାନୁଆରୀ 2007 ରେ ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି ଆରମ୍ଭ କରିଥିଲେ ।

42 ଯାଜପୁର, କେନ୍ଦୁଝର, କୋରାପୁଟ, ରାୟଗଡ଼ା ଏବଂ ସୁନ୍ଦରଗଡ଼

43 ବସ୍ତା, ସିମୁଳିଆ, ଜଳେଶ୍ୱର, ବେଗୁନିଆ ପଡ଼ା, ଭଞ୍ଜନଗର, ରଙ୍ଗେଇଲୁଣ୍ଡା, ସୁକିନ୍ଦା, ଦାନଗଦି, ଧର୍ମଶାଳା, କେନ୍ଦୁଝର ସଦର, ବାଂଶପାଳ, ଚମ୍ପୁଆ, ପଟ୍ଟାଙ୍ଗୀ, ଲକ୍ଷ୍ମୀପୁର, ଦଶମନ୍ତପୁର, କାଶୀପୁର, ବିଷମକଟକ, ମୁନିଗୁଡ଼ା, କୋଇରା, ହେମଗିରି ଏବଂ ରାଜଗାଙ୍ଗପୁର

44 ସମସ୍ତ ନିର୍ବାଚନ ମଣ୍ଡଳ ରାଜସ୍ୱ ଗ୍ରାମ ଏବଂ ଏକ ୱାର୍ଡକୁ ନେଇ ପଲ୍ଲୀ ସଭା ଗଠିତ ହୋଇଥାଏ । ଏହା ହେଉଛି ଗାଁର ଲୋକମାନଙ୍କର ସଭା, ଯେଉଁମାନେ 18 ବର୍ଷରୁ ଅଧିକ ବୟସର ଏବଂ ସେମାନଙ୍କର ନାମ ପଞ୍ଚାୟତ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି ।

ଯୋଜନା କମିଟି(ଡିପିସି)ର ବିଚାର ଏବଂ ଅନୁମୋଦନ ପାଇଁ ପ୍ରଦାନ କରିଥାଏ । ଅନୁମୋଦନ ହେବା ପରେ ତାଲିକାଗୁଡ଼ିକୁ ପଞ୍ଚାୟତ ସମିତିମାନଙ୍କୁ ଫେବୃଆରୀ ମାସ ଶେଷ ସୁଦ୍ଧା କାର୍ଯ୍ୟନିର୍ବାହ ପାଇଁ ଜଣାଇ ଦିଆଯାଇଥାଏ ।

ଅଡିଟ୍‌ରେ ଲକ୍ଷ୍ୟ କରାଯାଇଥିଲା ଯେ, 21 ଟି ନମୁନା ଯାଞ୍ଚ ପଞ୍ଚାୟତ ସମିତି ମଧ୍ୟରୁ 18[45] ଟିରେ ନମୁନା ଯାଞ୍ଚ ଜିଲ୍ଲା ପରିଷଦ ମଧ୍ୟରୁ ସାତଟିରେ ଆର୍ଥିକ ବର୍ଷ 2017-19 ମଧ୍ୟରେ ଯଦିଓ 2,940 ଟି ପ୍ରକଳ୍ପକୁ 57.72 କୋଟି ଟଙ୍କାରେ ଆକଳନ କରାଯାଇଥିଲା ଏବଂ ଜିଲ୍ଲା ଯୋଜନା କମିଟି ଦ୍ୱାରା ଅନୁମୋଦନ ହୋଇଥିଲା କିନ୍ତୁ, ପ୍ରକଳ୍ପ ଗୁଡ଼ିକର ଚୟନ ପାଇଁ ଗ୍ରାମ ପଞ୍ଚାୟତ ସ୍ତରରେ କୌଣସି ପଲ୍ଲୀ ସଭା ସଂଚାଳନ କରାଯାଇନଥିଲା । ତାହା ପରିବର୍ତ୍ତେ ଜିଲ୍ଲା ଯୋଜନା କମିଟିର ଅନୁମୋଦନ ପାଇଁ ସେମାନଙ୍କର ନିର୍ବାଚିତ ପ୍ରତିନିଧିଙ୍କ ସହିତ ପରାମର୍ଶ କରି ପ୍ରକଳ୍ପ ଗୁଡ଼ିକର ପ୍ରସ୍ତାବ ପଞ୍ଚାୟତ ସମିତି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ।

ପରିକଳ୍ପନା ଅଧିନରେ ପ୍ରକଳ୍ପର ଚୟନ ଠିକ୍ ଅନୁଯାୟୀ ହେବା କଥା, ଯାହାକି ତଳ ସ୍ତର ଠାରୁ ଉପର ସ୍ତର ପର୍ଯ୍ୟନ୍ତ ଯିବା ପରିବର୍ତ୍ତେ ଉପର ଠାରୁ ତଳ ସ୍ତରକୁ କରାଯାଇଥିଲା । ତାହା ପରବର୍ତ୍ତୀ ଅନୁଚ୍ଛେଦ ଗୁଡ଼ିକରେ ଆଲୋଚନା କରାଯାଇଅଛି । ତୃଣମୂଳ ସ୍ତରରୁ ପଞ୍ଚାୟତ ଅନୁଷ୍ଠାନ ଗୁଡ଼ିକ ସ୍ୱୟଂଶାସିତ ସଭା ଭାବରେ, ସ୍ୱାଧୀନ ଭାବରେ ନିଷ୍ପତ୍ତି ନେବାର କ୍ଷମତାକୁ 73ତମ ସାମ୍ବିଧାନିକ ସଂଶୋଧନ ଅଧିନିୟମର ମୌଳିକ ଉଦ୍ଦେଶ୍ୟକୁ ଅନବଧାରିତ କରୁଅଛି ।

ଯଦିଓ, ଏହି ତଥ୍ୟଗୁଡ଼ିକ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା (ସେପ୍ଟେମ୍ବର 2022) ରେ ନିଶ୍ଚିତ କରାଯାଇଥିଲା । କିନ୍ତୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀମାନେ ଜୁଲାଇ 2024 ସୁଦ୍ଧା କୌଣସି ଉତ୍ତର ପ୍ରଦାନ କରିନଥିଲେ ।

### *4.3.2 ପ୍ରକଳ୍ପ ପ୍ରସ୍ତାବ ଉପସ୍ଥାନରେ ବିଳମ୍ବ*

ଗୋପବନ୍ଧୁ ଗ୍ରାମୀଣ ଯୋଜନା ମାର୍ଗଦର୍ଶିକାର ଅନୁଚ୍ଛେଦ ସଂଖ୍ୟା 7 ଅନୁଯାୟୀ ପରବର୍ତ୍ତୀ ଆର୍ଥିକ ବର୍ଷ ପାଇଁ ପଲ୍ଲୀ ସଭାଠାରୁ ପ୍ରକଳ୍ପ ପ୍ରସ୍ତାବ ଗୁଡ଼ିକ ପ୍ରାପ୍ତ କରି ପଞ୍ଚାୟତ ସମିତି ମାନଙ୍କ ଦ୍ୱାରା ଡିସେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ପାଖରେ ପ୍ରଦାନ କରିବା ଦରକାର । ଜାନୁଆରୀ ଶେଷ ସୁଦ୍ଧା ସେହି ସମସ୍ତ ପ୍ରସ୍ତାବ ଗୁଡ଼ିକୁ ଜିଲ୍ଲାର ଜିଲ୍ଲାପାଳ ଜିଲ୍ଲା ଯୋଜନା କମିଟିର ବିଚାର ଏବଂ ଅନୁମୋଦନ ପାଇଁ ପ୍ରଦାନ କରିବା ଦରକାର । ଫେବୃଆରୀ ମାସ ଶେଷ ସୁଦ୍ଧା ଅନୁମୋଦିତ ତାଲିକା ଗୁଡ଼ିକ ପଞ୍ଚାୟତ ସମିତି ମାନଙ୍କୁ ଜଣାଇ ଦିଆଯିବା କଥା ।

ଅଡିଟ୍‌ରୁ ଜଣାପଡ଼ିଲା ଯେ, ସାତଟି ପରୀକ୍ଷା ଯାଞ୍ଚ ଜିଲ୍ଲାଗୁଡ଼ିକର ଆକଳନ ହୋଇଥିବା 256.06 କୋଟି ଟଙ୍କାର 11,895 ଟି ଅନୁମୋଦିତ ପ୍ରକଳ୍ପ ଗୁଡ଼ିକୁ ଆର୍ଥିକ ବର୍ଷ 2017-18 ଏବଂ 2018-19 ରେ ଜିଲ୍ଲା ଯୋଜନା କମିଟି 201 ଦିନ ଠାରୁ 344 ଦିନ ବିଳମ୍ବରେ ଅନୁମୋଦନ କରିଥିଲେ ଯାହାର ସବିଶେଷ ବିବରଣୀ **ସାରଣୀ 4.1** ରେ ଦର୍ଶାଗଲା ।

***ସାରଣୀ 4.1: ପ୍ରକଳ୍ପ ଅନୁମୋଦନରେ ବିଳମ୍ବ***

| ଆର୍ଥିକ ବର୍ଷ | ଡିପିସି ଦ୍ୱାରା ପ୍ରକଳ୍ପ ଅନୁମୋଦନର ଧାର୍ଯ୍ୟ ତାରିଖ | ଡିପିସି ଦ୍ୱାରା ପ୍ରକଳ୍ପ ଅନୁମୋଦନର ତାରିଖ | ଅନୁମୋଦନରେ ବିଳମ୍ବ (ଦିନ ହିସାବରେ) | ପଞ୍ଚାୟତ ସମିତି ମାନଙ୍କୁ ପ୍ରଦାନ କରାଯାଇଥିବା ପାଣ୍ଠିର ତାରିଖ |
|---|---|---|---|---|
| 2017-18 | 31-01-2017 | 22-09-2017 ରୁ 10-01-2018 | 234 ରୁ 344 | 07-11-2017 ରୁ 28-02-2018 |
| 2018-19 | 31-01-2018 | 20-08-2018 ରୁ 21-12-2018 | 201 ରୁ 324 | 13-08-2018 ରୁ 06-08-2019 |

*ଉତ୍ସ: ଜିଲ୍ଲା ପରିଷଦ ଗୁଡ଼ିକର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରିଙ୍କ ନଥିପତ୍ରରୁ*

ପ୍ରକଳ୍ପ ଅନୁମୋଦନରେ ବିଳମ୍ବ ଯାହାକି **ସାରଣୀ 4.1** ରେ ଦର୍ଶାଯାଇଅଛି, ଫଳସ୍ୱରୂପ ପଞ୍ଚାୟତ ସମିତି ମାନଙ୍କୁ ପାଣ୍ଠି ପ୍ରଦାନରେ ବିଳମ୍ବ ହୋଇଥିଲା । ଏହି କାରଣ ପାଇଁ ସଂପୃକ୍ତ ବଜେଟାରୀ ହୋଇ ରହିଯାଇଅଛି ଯାହା **ସାରଣୀ 4.4** ରେ ଦର୍ଶାଯାଇଅଛି । ଫଳସ୍ୱରୂପ ପାଣ୍ଠିର ଅବଣ୍ଟନ ଏବଂ ପ୍ରକୃତ ଉପଯୋଗ ମଧ୍ୟରେ ତାତ୍ପର୍ଯ୍ୟପୂର୍ଣ୍ଣ ବ୍ୟବଧାନ ରହିଯାଇଅଛି ।

[45] ବେଗୁନିଆପଡ଼ା, ଭଞ୍ଜନଗର, ରଙ୍ଗେଇଲୁଣ୍ଡା, ସୁକିନ୍ଦା, ଦାନଗଦି, ଧର୍ମଶାଳା, କେନ୍ଦୁଝର ସଦର, ବାଂଶପାଳ, ଚମ୍ପୁଆ, ପଟ୍ଟାଙ୍ଗୀ, ଲକ୍ଷ୍ମୀପୁର, ଦଶମନ୍ତପୁର, କାଶୀପୁର, ବିଷମକଟକ, ମୁନିଗୁଡ଼ା, କୋଇରା, ହେମଗିରି ଏବଂ ରାଜଗାଙ୍ଗପୁର

ଜିଲ୍ଲା ପରିଷଦ ମାନଙ୍କର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଘଟଣାର ସତ୍ୟତାକୁ ଗ୍ରହଣ କରି ଜଣାଇଥିଲେ (ଜୁନ୍ 2022) ଯେ, ଜିଲ୍ଲା ଯୋଜନା କମିଟିର ଅଧକ୍ଷଙ୍କ ବ୍ୟସ୍ତ ବହୁଳ କାର୍ଯ୍ୟ ହେତୁ ସମୟ ଅନୁସାରେ ପ୍ରକଳ୍ପ ଗୁଡ଼ିକର ଅନୁମୋଦନ ହୋଇପାରି ନଥିଲା ଏବଂ ଭବିଷ୍ୟତରେ ଅଳ୍ପ ସମୟ ମଧ୍ୟରେ ଏହାକୁ କରିବା ପାଇଁ ଆଶ୍ୱାସନା ଦେଇଥିଲେ ।

### *4.3.3 ଡିପିସିଗୁଡ଼ିକର ବିନା ଅନୁମୋଦନରେ ପ୍ରକଳ୍ପଗୁଡ଼ିକର ଅନଧୀକୃତ ମଞ୍ଜୁର କରିବା*

ଗୋପବନ୍ଧୁ ଗ୍ରାମୀଣ ଯୋଜନା ମାର୍ଗଦର୍ଶିକାର **ଅନୁଚ୍ଛେଦ 7.5** ଏବଂ **7.6** ଅନୁଯାୟୀ ପଞ୍ଚାୟତ ସମିତିମାନଙ୍କ ମାଧମରେ ପଲ୍ଲୀ ସଭାରୁ ପ୍ରାପ୍ତ ହୋଇଥିବା ପ୍ରସ୍ତାବ ଗୁଡ଼ିକୁ ଜିଲ୍ଲା ଯୋଜନା କମିଟିର ବିଚାର ଏବଂ ଅନୁମୋଦନ ନିମନ୍ତେ ଜିଲ୍ଲାର ଜିଲ୍ଲାପାଳମାନେ ପ୍ରସ୍ତାବ ଦେବା କଥା । ଗୋପବନ୍ଧୁ ଗ୍ରାମୀଣ ଯୋଜନା ଅଧିନରେ ପ୍ରକଳ୍ପଗୁଡ଼ିକର ଚୂଡ଼ାନ୍ତକରଣ ଜିଲ୍ଲା ଯୋଜନା କମିଟି ଗୁଡ଼ିକ ପାଖରେ ନ୍ୟସ୍ତ ଅଟେ ।

ଯାହାହେଉ, ଅଡିଟ୍‌ରେ ଲକ୍ଷ୍ୟ କରାଗଲା ଯେ, ସାତଟି ପରୀକ୍ଷଣ ଯାଞ୍ଚ ଜିଲ୍ଲା ମଧ୍ୟରୁ ତିନୋଟି ଜିଲ୍ଲା ପରିଷଦରେ (କେନ୍ଦୁଝର, ଯାଜପୁର ଏବଂ ଗଞ୍ଜାମ) ଆକଳନ କରାଯାଇଥିବା 19.64 କୋଟି ଟଙ୍କାର 1,002[46] ପ୍ରକଳ୍ପଗୁଡ଼ିକୁ ଜିଲ୍ଲା ଯୋଜନା କମିଟିର ବିନା ଅନୁମୋଦନରେ ଜିଲ୍ଲାପାଳ ମାନଙ୍କ ଦ୍ୱାରା ମଞ୍ଜୁରୀ ପ୍ରାପ୍ତ କରାଯାଇ କାର୍ଯ୍ୟ ନିର୍ବାହ ପାଇଁ ପଞ୍ଚାୟତ ସମିତି ମାନଙ୍କୁ ପାଣ୍ଠି ପ୍ରଦାନ କରାଯାଇଥିଲା । ବିନା ଅନୁମୋଦନରେ ଦକ୍ଷ ନିକାୟର (ଜିଲ୍ଲା ଯୋଜନା କମିଟିଗୁଡ଼ିକ) ଫଳସ୍ୱରୂପ ଅସ୍ୱୀକୃତି ପ୍ରାପ୍ତ 19.64 କୋଟି ଟଙ୍କା ମଞ୍ଜୁରୀ କାଯାଇଥିଲା । ତୃଣମୂଳ ସ୍ତରରୁ ପଞ୍ଚାୟତି ରାଜ ଅନୁଦାନଗୁଡ଼ିକ ସ୍ୱୟଂଚାଳିତ ନିକାୟ ସଂପୃକ୍ତ ଜିଲ୍ଲା ପରିଷଦ ଗୁଡ଼ିକର ଅଧିନିୟମର ଉଦ୍ଦେଶ୍ୟକୁ ବିଫଳ କରୁଅଛି । ଏହା 73 ତମ ସାମିଧାନିକ ନିୟମ ଉଦ୍ଦେଶ୍ୟକୁ ପୂରଣ କରୁନାହିଁ, ଯାହାକି ତୃଣମୂଳ ସ୍ତରରେ ସ୍ୱୟଂଶାସିତ ନିଷ୍ପତ୍ତି ସଂସ୍ଥା ଭାବରେ ପଞ୍ଚାୟତିରାଜ ଅନୁଷ୍ଠାନକୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି ।

ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଘଟଣାଗୁଡ଼ିକୁ ନିଶ୍ଚିତ କରି ଜଣାଇଥିଲେ (ଜୁନ୍ 2022) ଯେ ଅନବଧାନତା ଯୋଗୁଁ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରକଳ୍ପ ଗୁଡ଼ିକର ଅନୁମୋଦନ ପାଇଁ ଜିଲ୍ଲା ଯୋଜନା କମିଟି ସଭାରେ ପ୍ରସ୍ତାବ ଦିଆଯାଇ ନଥିଲା ।

***ସୁପାରିଶ:***

***10. ପଲ୍ଲୀ ସଭା ସ୍ତରରୁ ପ୍ରକଳ୍ପ ପ୍ରସ୍ତାବର ପ୍ରସ୍ତୁତି ସହିତ ପ୍ରକଳ୍ପ ଗୁଡ଼ିକର ପ୍ରସ୍ତୁତିରେ ଯୋଗଦାନକୁ ସୁନିଶ୍ଚିତ କରିବା ।***

### 4.4 ପାଣ୍ଠି ପରିଚାଳନା

ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗ ଦ୍ୱାରା ଆର୍ଥିକ ବର୍ଷ 2017-22 ମଧ୍ୟରେ ପ୍ରାପ୍ତି ଏବଂ ପ୍ରଦାନ **ସାରଣୀ 4.2** ରେ ଦର୍ଶାଯାଇଅଛି ।

***ସାରଣୀ 4.2: ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗ ଦ୍ୱାରା ଗୋପବନ୍ଧୁ ଗ୍ରାମୀଣ ଯୋଜନା ଅଧୀନରେ ପାଣ୍ଠିର ପ୍ରାପ୍ତି ଏବଂ ପ୍ରଦାନ***

*(ଟଙ୍କା କୋଟିରେ)*

| ଆର୍ଥିକ ବର୍ଷ | ପ୍ରାପ୍ତି | ପ୍ରଦାନ |
|---|---|---|
| 2017-18 | 300.00 | 300.00 |
| 2018-19 | 500.00 | 500.00 |
| 2019-20 | 0 | 0 |
| 2020-21 | 0 | 0 |
| 2021-22 | 24.37 | 24.37 |
| **ମୋଟ** | **824.37** | **824.37** |

*ଉତ୍ସ: ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗରୁ ସଂଗୃହୀତ ସୂଚନା*

[46] ଆର୍ଥିକ ବର୍ଷ 2018-19 ପାଇଁ ଆକଳନ ମୂଲ୍ୟ 17.85 କୋଟି ଟଙ୍କାର 954 ପ୍ରକଳ୍ପ-କେନ୍ଦୁଝର, 2020-21 ଆର୍ଥିକ ବର୍ଷ ପାଇଁ ଆକଳନ ମୂଲ୍ୟ 11.66 କୋଟି ଟଙ୍କାର 46 ଟି ପ୍ରକଳ୍ପ ଏବଂ ଗଞ୍ଜାମ -ଆର୍ଥିକ ବର୍ଷ 2018-19 ପାଇଁ ଆକଳନ ମୂଲ୍ୟ 0.13 କୋଟି ଟଙ୍କାର ଦୁଇଟି ପ୍ରକଳ୍ପ

ଆର୍ଥିକ ବର୍ଷ 2017-22 ମଧ୍ୟରେ ସମସ୍ତ ପରୀକ୍ଷଣ ଯାଞ୍ଚ ଜିଲ୍ଲା ପରିଷଦ ଏବଂ ପଞ୍ଚାୟତ ସମିତିଗୁଡ଼ିକ ପ୍ରାପ୍ତ ଥିବା ପାଣ୍ଠି ଏବଂ ତାହାର ବିନିଯୋଗ **ସାରଣୀ 4.3** ଏବଂ **4.4** ରେ ପ୍ରଦାନ କରାଯାଇଅଛି । ଯାଞ୍ଚ କରାଯାଇଥିବା ଜିଲ୍ଲା ପରିଷଦ ଏବଂ ପଞ୍ଚାୟତ ସମିତିଗୁଡ଼ିକରେ ଖର୍ଚ୍ଚ ଯଥାକ୍ରମେ 11 ଓ 91 ପ୍ରତିଶତ ଏବଂ 18 ଓ 45 ପ୍ରତିଶତ ଥିଲା । ଏହା ସୂଚିତ କଲା ଯେ ରାଜ୍ୟ ସ୍ତରୀୟ ବ୍ୟୟ, ଜିଲ୍ଲା ପରିଷଦମାନଙ୍କ ଦ୍ୱାରା ପ୍ରକୃତ ବ୍ୟୟ ଉପରେ ପର୍ଯ୍ୟବେଶିତ ନଥିଲା ।

***ସାରଣୀ 4.3: ପରୀକ୍ଷଣ ଯାଞ୍ଚ ଜିଲ୍ଲା ପରିଷଦଗୁଡ଼ିକର ପାଣ୍ଠିର ପ୍ରାପ୍ତି ଏବଂ ବିନିଯୋଗ***

*(ଟଙ୍କା କୋଟିରେ)*

| ଆର୍ଥିକ ବର୍ଷ | ପ୍ରାରମ୍ଭିକ ଜମା | ଅନୁଦାନ ପ୍ରାପ୍ତି | ଉପାର୍ଜିତ ସୁଧ | ଅନ୍ୟାନ୍ୟ ପ୍ରାପ୍ତି | ମୋଟ ପ୍ରାପ୍ତ ପାଣ୍ଠି | ମୋଟ ବ୍ୟୟ (ପ୍ରତିଶତ) | ଶେଷ ଅବଶେଷ |
|---|---|---|---|---|---|---|---|
| 2017-18 | 20.13 | 119.97 | 1.43 | 0.17 | 141.70 | 128.46*(91)* | 13.24 |
| 2018-19 | 13.24 | 152.50 | 3.31 | 1.99 | 171.04 | 141.08*(82)* | 29.96 |
| 2019-20 | 29.96 | 17.36 | 2.34 | 5.54 | 55.20 | 31.68*(57)* | 23.52 |
| 2020-21 | 23.52 | 0 | 0.76 | 2.95 | 27.23 | 2.97*(11)* | 24.26 |
| 2021-22 | 24.26 | 0 | 0.31 | 2.49 | 27.06 | 18.95*(70)* | 8.11 |

*ଉତ୍ସ: ପରୀକ୍ଷିତ ଯାଞ୍ଚ ଜିଲ୍ଲା ପରିଷଦ ଗୁଡ଼ିକର କ୍ୟାସ୍ ବହିରୁ*

***ସାରଣୀ 4.4: ପରୀକ୍ଷିତ ଯାଞ୍ଚ ପଞ୍ଚାୟତ ସମିତିଗୁଡ଼ିକର ପାଣ୍ଠିର ପ୍ରାପ୍ତି ଏବଂ ବିନିଯୋଗ***

*(ଟଙ୍କା କୋଟିରେ)*

| ଆର୍ଥିକ ବର୍ଷ | ପ୍ରାରମ୍ଭିକ ଜମା | ଅନୁଦାନ ପ୍ରାପ୍ତି | ମୋଟ ପ୍ରାପ୍ତ ପାଣ୍ଠି | ମୋଟ ବ୍ୟୟ (ପ୍ରତିଶତ) | ଶେଷ ଅବଶେଷ |
|---|---|---|---|---|---|
| 2017-18 | 61.58 | 34.42 | 96.00 | 43.11*(45)* | 52.89 |
| 2018-19 | 52.89 | 34.27 | 87.16 | 38.00*(44)* | 49.16 |
| 2019-20 | 49.16 | 11.49 | 60.65 | 29.84*(49)* | 30.81 |
| 2020-21 | 30.81 | 5.65 | 36.46 | 15.38*(42)* | 21.08 |
| 2021-22 | 21.08 | 3.09 | 24.17 | 4.43*(18)* | 19.74 |

*ଉତ୍ସ: ପରୀକ୍ଷିତ ଯାଞ୍ଚ ଜିଲ୍ଲା ପରିଷଦ ଗୁଡ଼ିକର କ୍ୟାସ୍ ବହିରୁ*

ସାରଣୀ-**4.2** ଏବଂ **4.3** ରୁ ଦେଖାଗଲା ଯେ ଯଦିଓ ଆର୍ଥିକ ବର୍ଷ 2017-22 ମଧ୍ୟରେ ରାଜ୍ୟ ସ୍ତରୀୟ ବ୍ୟୟ 100 ପ୍ରତିଶତ ହୋଇଥିବା ବେଳେ ପରୀକ୍ଷଣ ଯାଞ୍ଚ ଜିଲ୍ଲା ପରିଷଦ ଏବଂ ପଞ୍ଚାୟତ ସମିତି ଗୁଡ଼ିକର ବ୍ୟୟ ଯଥାକ୍ରମେ 11 ଏବଂ 91 ପ୍ରତିଶତ ମଧ୍ୟରେ ଥିଲା । ରାଜ୍ୟ ସ୍ତରୀୟ ବ୍ୟୟ ପ୍ରକୃତ ଭାବରେ ଜିଲ୍ଲା ପରିଷଦ ସ୍ତରୀୟ ବ୍ୟୟରେ ଆଧାରିତ ନଥିବାର ସୂଚୀତ କରୁଅଛି ।

ସମୀକ୍ଷାରେ ପାଣ୍ଠି ପରିଚାଳନାରେ ନିମ୍ନଲିଖିତ ଅନିୟମିତତା ଲକ୍ଷ୍ୟ କରାଯାଇଥିଲା:

### *4.4.1 ରାଜ୍ୟ ମୁଖ୍ୟ ହିସାବ ଖାତାକୁ ଖର୍ଚ୍ଚ ହୋଇପାରି ନଥିବା ପାଣ୍ଠି ଫେରସ୍ତ ନକରିବା*

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଅନୁଦେଶ (ଡିସେମ୍ବର 2019 ଏବଂ ଜୁଲାଇ 2021) ଦେଇଥିଲେ ଯେ ଜିଲ୍ଲା ପରିଷଦ ଏବଂ ପଞ୍ଚାୟତ ସମିତି ଗୁଡ଼ିକ ଗୋପବନ୍ଧୁ ଗ୍ରାମୀଣ ଯୋଜନା ଅଧିନରେ ଖର୍ଚ୍ଚ ହୋଇପାରି ନଥିବା ବଳକା ପାଣ୍ଠି ଏବଂ ଉପାର୍ଜିତ ସୁଧକୁ ରାଜ୍ୟ ମୁଖ୍ୟ ହିସାବକୁ ଫେରସ୍ତ କରିବେ ।

ଅଡିଟ୍‌ରେ ଲକ୍ଷ୍ୟ କରାଗଲା ଯେ, ସମସ୍ତ ପରୀକ୍ଷଣ ଯାଞ୍ଚ ଜିଲ୍ଲା ପରିଷଦ ଏବଂ 21 ଟି ପଞ୍ଚାୟତ ସମିତି ମାର୍ଚ୍ଚ 2022 ସୁଦ୍ଧା ଉପଯୋଗ ହୋଇପାରି ନଥିବା 27.88 କୋଟି ଟଙ୍କା ରାଜ୍ୟ ମୁଖ୍ୟ ହିସାବ ଖାତାକୁ ଫେରସ୍ତ କରିନଥିଲେ । ବଳକା ପାଣ୍ଠି ଫେରସ୍ତ ନହେବା ଯୋଗୁଁ ପାଣ୍ଠିର ଆବଶ୍ୟକତା ଥିବା ଜିଲ୍ଲାଗୁଡ଼ିକୁ ଆବଣ୍ଟନ ନକରିବା ଯୋଗୁଁ ସେମାନେ ପାଣ୍ଠି ପାଇବାରୁ ବଞ୍ଚିତ ହୋଇଥିଲେ ।

ତଥ୍ୟକୁ ସୁନିଶ୍ଚିତ କରି ସଂପୃକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଏବଂ ବ୍ଲକ୍ ଉନ୍ନୟନ ଅଧିକାରୀ ମାନେ ଆଶ୍ୱାସନା ଦେଇଥିଲେ ଯେ (ଜୁନ୍ 2022) ଖର୍ଚ୍ଚ ହୋଇ ପାରିନଥିବା ପାଣ୍ଠିକୁ ଫେରସ୍ତ କରାଯିବ ।

### 4.4.2 ଗୋପବନ୍ଧୁ ଗ୍ରାମୀଣ ଯୋଜନାରୁ ଅନ୍ୟ ଯୋଜନାକୁ ପାଣ୍ଠିର ଗତି ପରିବର୍ତ୍ତନ କରିବା

ଓଡ଼ିଶା ପଞ୍ଚାୟତ ସମିତି ହିସାବ ପଦ୍ଧତି 2002 ର ନିୟମ 10 (1) ଅନୁଯାୟୀ ବିଭିନ୍ନ ଯୋଜନାରେ ପଞ୍ଚାୟତ ସମିତିଗୁଡ଼ିକୁ ଅନୁଦାନ ଆକାରରେ ଦିଆଯାଇଥିବା ଅର୍ଥକୁ ସରକାରଙ୍କ ବିନା ଅନୁମୋଦନରେ ଗୋଟିଏ ଯୋଜନାରୁ ଅନ୍ୟ ଯୋଜନାକୁ ପରିବର୍ତ୍ତନ କରାଯାଇପାରିବ ନାହିଁ।

ଆର୍ଥିକ ବର୍ଷ 2017-22 ବର୍ଷ ମଧ୍ୟରେ ସମୀକ୍ଷାରେ ଲକ୍ଷ୍ୟ କରାଗଲା ଯେ, ପାଞ୍ଚୋଟି[47] ପରୀକ୍ଷଣ ଯାଞ୍ଚ ପଞ୍ଚାୟତ ସମିତିରେ ଗୋପବନ୍ଧୁ ଗ୍ରାମୀଣ ଯୋଜନା ପାଣ୍ଠିରୁ 2.82 କୋଟି ଟଙ୍କା ସରକାରଙ୍କ ଅନୁମୋଦନ ବିନା ଅନ୍ୟ ଯୋଜନା ଓ କାର୍ଯ୍ୟକ୍ରମ ଯେପରିକି ମଧୁବାବୁ ପେନ୍‌ସନ୍ ଯୋଜନା ଆମ ଗାଁ ଆମ ବିକାଶ, ସ୍ୱୟଂ ସହାୟକ ଗୋଷ୍ଠୀ ମୁକ୍ତ ରୋଷେଇ ଘର, ବିଜୁ ପକ୍କା ଘର ଯୋଜନା ଇତ୍ୟାଦିର ପରିକଳ୍ପନା ଅଧୀନରେ ଖର୍ଚ୍ଚ କରିବା ପାଇଁ ପାଣ୍ଠିର ଗତି ପରିବର୍ତ୍ତନ କରାଯାଇଥିଲା। ମାର୍ଚ୍ଚ 2022 ସୁଦ୍ଧା ଯଦିଓ 2.42 କୋଟି ଟଙ୍କା ଭରଣା କରାଯାଇଥିଲା। ତଥାପି, 0.40 କୋଟି ଟଙ୍କା ଭରଣା ପାଇଁ ବକେୟା ରହିଥିଲା।

ସଂପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀମାନେ ତଥ୍ୟକୁ ସୁନିଶ୍ଚିତ କରି ଜଣାଇଥିଲେ (ଡିସେମ୍ବର 2022) ଯେ, ଜରୁରୀ ଅବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ଅନ୍ୟ କୌଣସି ଉତ୍ସ ନଥିବାରୁ ଗୋପବନ୍ଧୁ ଗ୍ରାମୀଣ ଯୋଜନା ପାଣ୍ଠିର ଗତିକୁ ପରିବର୍ତ୍ତନ କରାଯାଇଥିଲା। ଯାହାହେଉ, ଉତ୍ତର ଗ୍ରହଣୀୟ ନଥିଲା କାରଣ ପରିକଳ୍ପନା ପାଣ୍ଠିର ଗତି ପରିବର୍ତ୍ତନ କରିବା ଦ୍ୱାରା କାର୍ଯ୍ୟ ନିର୍ବାହରେ ପ୍ରଭାବ ପକାଇବା ସହିତ ସୁଧର କ୍ଷତି ହୋଇଥିଲା।

### 4.4.3 ଫ୍ଲେକ୍ସି ଆକାଉଣ୍ଟରେ ପାଣ୍ଠିକୁ ନ ରଖିବା ଯୋଗୁଁ ସୁଧରେ କ୍ଷତି

ଅର୍ଥ ବିଭାଗ ଆଦେଶ ଦେଇଥିଲେ (ପତ୍ର ସଂଖ୍ୟା 35425 ତାରିଖ 12 ଅକ୍ଟୋବର 2012) ଯେ, ସମସ୍ତ ଡିଡିଓମାନେ ବଭିନ୍ନ ପରିକଳ୍ପନା ପାଣ୍ଠିକୁ ସଂପୃକ୍ତ ସଞ୍ଚୟ ବ୍ୟାଙ୍କ ଖାତାରେ ନରଖି ଅଧିକ ସୁଧ ପାଇବା ପାଇଁ ଫ୍ଲେକ୍ସି ଆକାଉଣ୍ଟରେ ରଖିବେ। ପୁନଶ୍ଚ ଗୋପବନ୍ଧୁ ଗ୍ରାମୀଣ ଯୋଜନା ମାର୍ଗଦର୍ଶିକାର ଅନୁଚ୍ଛେଦ 5.5 ଅନୁଯାୟୀ ଉପାର୍ଜିତ ସୁଧ ପରିକଳ୍ପନା ପାଣ୍ଠିର ଏକ ଭାଗ ଏବଂ ଏହା ସେଥିରେ ବିନିଯୋଗ ହେବ।

ଆର୍ଥିକ ବର୍ଷ 2017-22 ମଧ୍ୟରେ ସମୀକ୍ଷାରେ ଅବଲୋକନ କରାଗଲା ଯେ ପରୀକ୍ଷଣ ଯାଞ୍ଚ ହୋଇଥିବା ଗୋଟିଏ ଜିଲ୍ଲା ପରିଷଦ (କେଉଁଝର) ଏବଂ 11[48] ଟି ପଞ୍ଚାୟତ ସମିତିମାନେ ଗୋପବନ୍ଧୁ ଗ୍ରାମୀଣ ଯୋଜନା ପାଣ୍ଠିକୁ ଫ୍ଲେକ୍ସି ମୋଡରେ ରଖିବା ପରିବର୍ତ୍ତେ ସଞ୍ଚୟ ହିସାବ ଖାତାରେ ରଖିଥିଲେ। ଫଳରେ ପରିକଳ୍ପନା ଜମା ଉପରେ ଉପାର୍ଜିତ ହେବାକୁ ଥିବା 5.21 କୋଟି ଟଙ୍କା ସୁଧ (ସମୟାନୁସାରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଦ୍ୱାରା ଜାରି କରାଯାଉଥିବା ଫ୍ଲେକ୍ସି ଜମାର ସୁଧ ହାର ଅନୁଯାୟୀ) ପରିବର୍ତ୍ତେ କେବଳ 2.87 କୋଟି ଟଙ୍କା ଉପାର୍ଜିତ ହୋଇଥିଲା (ସଂଚୟ ହିସାବ ଖାତାରୁ ପ୍ରକୃତ ଉପାର୍ଜିତ ହୋଇଥିବା ସୁଧ ଫଳରେ 2.34 କୋଟି ଟଙ୍କା କ୍ଷତି ହୋଇଥିଲା ଯାହାର ସବିଶେଷ ବିବରଣୀ ***ପରିଶିଷ୍ଟ 4.1*** ରେ ଦର୍ଶାଯାଇଛି। ଫଳସ୍ୱରୁପ, ପରିକଳ୍ପନା ପାଣ୍ଠିରେ ଅତିରିକ୍ତ ପାଣ୍ଠିର କ୍ଷତି ହୋଇଥିଲା।

ସଂପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀମାନେ ତଥ୍ୟକୁ ସୁନିଶ୍ଚିତ କରି ଆଶ୍ୱାସନା ଦେଇଥିଲେ (ଡିସେମ୍ବର 2022) ଯେ, ପରିକଳ୍ପନା ପାଣ୍ଠିକୁ ଫ୍ଲେକ୍ସି ମୋଡରେ ରଖିବେ।

***ସୁପାରିଶ:***

***11. ସୁଧର କ୍ଷତିକୁ ପରିହାର କରିବା ପାଇଁ ବ୍ୟାଙ୍କର ସଞ୍ଚୟ ଖାତାରେ ରଖିବା ପରିବର୍ତ୍ତେ ପାଣ୍ଠିକୁ ଫ୍ଲେକ୍ସି ହିସାବ ଖାତାରେ ରଖିବା ଦରକାର।***

## 4.5 କାର୍ଯ୍ୟ ନିର୍ବାହ

### 4.5.1 ଅନ୍ୟାନ୍ୟ ପରିକଳ୍ପନା କାର୍ଯ୍ୟରେ ବ୍ୟୟ

ଗୋପବନ୍ଧୁ ଗ୍ରାମୀଣ ଯୋଜନା ମାର୍ଗଦର୍ଶିକାର ଅନୁଚ୍ଛେଦ ସଂଖ୍ୟା 1.1 ଅନୁଯାୟୀ ଗ୍ରାମୀଣ ଅଞ୍ଚଳ ପରିକଳ୍ପନା ଅଧୀନରେ ଥିବା ପାଣ୍ଠିକୁ ଗ୍ରାମାଞ୍ଚଳରେ ଥିବା ଭିତ୍ତିଭୂମିର ଅଭାବକୁ ଦୂର କରିବା ପାଇଁ ବ୍ୟବହାର କରିବା ଦରକାର ଯାହାକି ପ୍ରକଳ୍ପ ଗୁଡ଼ିକ ପଲ୍ଲୀ ସଭା ଦ୍ୱାରା ସୁପାରିଶ ହୋଇଥିବା ଏବଂ ଜିଲ୍ଲା ସମନ୍ୱୟ କମିଟି ଦ୍ୱାରା ଚୂଡ଼ାନ୍ତ ହୋଇଥିବା ଦରକାର।

[47] କେନ୍ଦୁଝର ସଦର, ବଡ୍ସା, ପଟ୍ଟାଙ୍ଗି, ସିମୁଳିଆ ଏବଂ ମୁନିଗୁଡ଼ା

[48] କେନ୍ଦୁଝର ସଦର, ବାଂଶପାଳ, ଚମ୍ପୁଆ, କାଶୀପୁର, ବିଷମକଟକ, ମୁନିଗୁଡ଼ା, ଦାନଗଦି, ସିମୁଳିଆ, କୋଇରା, ପଟ୍ଟାଙ୍ଗି ଏବଂ ଲକ୍ଷ୍ମୀପୁର

ଯାହାହେଉ ସମୀକ୍ଷାରେ ଲକ୍ଷ୍ୟ କରାଗଲା ଯେ ଆର୍ଥିକ ବର୍ଷ 2017-22 ମଧ୍ୟରେ ଦୁଇଟି ଜିଲ୍ଲା ମଧ୍ୟରୁ ତିନୋଟି[49] ପଞ୍ଚାୟତ ସମିତିରେ 84.44 ଲକ୍ଷ୍ୟ ଟଙ୍କା ଆମ ଗାଁ ଆମ ବିକାଶ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଇତ୍ୟାଦି ସମ୍ବନ୍ଧୀୟ ପରିକଳ୍ପନାର କାର୍ଯ୍ୟ ନିର୍ବାହ ପାଇଁ ଗୋପବନ୍ଧୁ ଗ୍ରାମୀଣ ଯୋଜନା ପରିକଳ୍ପନା ପାଣ୍ଠିରୁ ପ୍ରଦାନ କରାଯାଇଥିଲା । କ୍ଷମତାପନ୍ନ ନିକାୟଙ୍କ ବିନା ଅନୁମୋଦନରେ ଗୋପବନ୍ଧୁ ଗ୍ରାମୀଣ ପାଣ୍ଠିରୁ ଅନ୍ୟାନ୍ୟ ପରିକଳ୍ପନା କାର୍ଯ୍ୟ ପାଇଁ ପାଣ୍ଠି ପ୍ରଦାନ କରିବାର ଫଳାଫଳ ହେଉଛି ଅନିୟମିତ ବ୍ୟୟ ।

ସଂପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ତଥ୍ୟକୁ ସୁନିଶ୍ଚିତ କରି ଜଣାଇଥିଲେ (ନଭେମ୍ବର 2022) ଯେ, ଜରୁରୀ ପାଇଁ ଏହି ପରିକଳ୍ପନା ଅଧିନରେ ଏହି କାର୍ଯ୍ୟଗୁଡ଼ିକ କରାଗଲା । ଉତ୍ତର ଗ୍ରହଣୀୟ ନୁହେଁ ଯେହେତୁ ମାର୍ଗଦର୍ଶିକାର ଉଲ୍ଲଂଘନ ହୋଇଥିଲା ।

### 4.5.2 ସରକାରୀ ରାଜସ୍ୱ ଯଥାଯୋଗ୍ୟ ପ୍ରାଧିକାରୀଙ୍କ ପାଖରେ ଜମା ନହେବା

ଗୋପବନ୍ଧୁ ଗ୍ରାମୀଣ ଯୋଜନାର ମାର୍ଗଦର୍ଶିକାର ଅନୁଚ୍ଛେଦ ସଂଖ୍ୟା 5.6 ଅନୁଯାୟୀ କାର୍ଯ୍ୟରୁ ଆଦାୟ କରାଯାଉଥିବା କର, ରୟାଲିଟି ଏବଂ ଲେବର ସେସ୍ ଇତ୍ୟାଦି ଯଥାଯୋଗ୍ୟ ପ୍ରାଧିକାରୀଙ୍କ ପାଖରେ ଦାଖଲ କରିବା ଦରକାର ।

ଅଡିଟ୍‌ରେ ଲକ୍ଷ୍ୟ କରାଗଲା ଯେ ତିନୋଟି ଜିଲ୍ଲା (ଗଞ୍ଜାମ, କେନ୍ଦୁଝର ଏବଂ କୋରାପୁଟ) ମଧ୍ୟରୁ ପରୀକ୍ଷଣ ଯାଞ୍ଚ ହୋଇଥିବା ଆଠଟି[50] ପଞ୍ଚାୟତ ସମିତିରେ ଆର୍ଥିକ ବର୍ଷ 2017-18 ଠାରୁ କାର୍ଯ୍ୟରୁ ଆଦାୟ କରି ରଖାଯାଇଥିବା 80.29 ଲକ୍ଷ ଟଙ୍କା ଯଥାଯୋଗ୍ୟ ପ୍ରାଧିକାରୀଙ୍କ ପାଖରେ ଦାଖଲ ନ ହୋଇ ବ୍ୟାଙ୍କରେ ପଡ଼ିରହିଥିଲା (ଡିସେମ୍ବର 2022 ସୁଦ୍ଧା) । ଏହି ଟଙ୍କା ମଧ୍ୟରେ ରୟାଲିଟି 50.54 ଲକ୍ଷ ଟଙ୍କା, ଶ୍ରମ କଲ୍ୟାଣ ସେସ୍ 18.60 ଲକ୍ଷ ଟଙ୍କା ଏବଂ ଭ୍ୟାଟ୍ 11.15 ଲକ୍ଷ ଟଙ୍କା ଅଟେ । ଏହାର ଫଳସ୍ୱରୁପ ସରକାରୀ ରାଜସ୍ୱକୁ ଅନୁଚିତ ଭାବରେ ରଖାଯାଇଥିଲା ।

ସଂପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀମାନେ ତଥ୍ୟକୁ ସୁନିଶ୍ଚିତ କରି ଆଶ୍ୱାସନା ଦେଲେ (ନଭେମ୍ବର 2022) ଯେ, ରାଜସ୍ୱକୁ ଯଥାଯୋଗ୍ୟ ପ୍ରାଧିକାରୀଙ୍କ ପାଖରେ ଦାଖଲ କରିବେ ।

### 4.5.3 ରାସ୍ତା ଆଲୋକୀକରଣରେ ଅନିୟମିତତା

ଅଡିଟ୍‌ରେ ଲକ୍ଷ୍ୟ କରାଗଲା 21 ଟି ପରୀକ୍ଷଣ ଯାଞ୍ଚ ପଞ୍ଚାୟତ ସମିତି ମଧ୍ୟରୁ ଆଠଟିରେ[51], ସାତଟି ପରୀକ୍ଷଣ ଯାଞ୍ଚ ଜିଲ୍ଲା ମଧ୍ୟରୁ ଚାରୋଟି[52] ଜିଲ୍ଲାରେ ଆର୍ଥିକ ବର୍ଷ 2017-19 ମଧ୍ୟରେ ମଇ 2022 ସୁଦ୍ଧା 4.14 କୋଟି ଟଙ୍କା ବିନିଯୋଗ କରି 245 ଟି ପ୍ରକଳ୍ପ ନିର୍ବାହ ହୋଇଥିଲା । ଏହି ପ୍ରକଳ୍ପ ଗୁଡ଼ିକ ମଧ୍ୟରୁ ଅଡିଟ୍‌ରେ 1.65 କୋଟି ଟଙ୍କା ବିନିଯୋଗ କରି ସମ୍ପୂର୍ଣ୍ଣ ହୋଇଥିବା 100 ଟି ବିଦ୍ୟୁତ୍ ରାସ୍ତା ଆଲୋକ ପ୍ରକଳ୍ପ ଏବଂ 34.79 ଲକ୍ଷ ଟଙ୍କା ବିନିଯୋଗ କରି ସମ୍ପୂର୍ଣ୍ଣ ହୋଇଥିବା 11 ଟି ସୌର ରାସ୍ତା ଆଲୋକୀକରଣ ପ୍ରକଳ୍ପ ପରୀକ୍ଷଣ ଯାଞ୍ଚ ହୋଇଥିଲା । ଏହି ସବୁ ରାସ୍ତା ଆଲୋକୀକରଣ ପ୍ରକଳ୍ପ ଗୁଡ଼ିକରେ ନିମ୍ନଲିଖିତ ଅନିୟମିତତା ଲକ୍ଷ୍ୟ କରାଯାଇଥିଲା ।

#### 4.5.3.1 ରାସ୍ତା ଆଲୋକୀକରଣ ପ୍ରକଳ୍ପଗୁଡ଼ିକ ପାଇଁ ଅଟକଳ ପ୍ରସ୍ତୁତିରେ ଅନିୟମିତତା

ଗୋପବନ୍ଧୁ ଗ୍ରାମୀଣ ଯୋଜନା ମାର୍ଗଦର୍ଶିକାର ଅନୁଚ୍ଛେଦ ସଂଖ୍ୟା 6.1 ଅନୁଯାୟୀ ବ୍ଲକ୍ ଉନ୍ନୟନ ଅଧିକାରୀମାନେ ବୈଦ୍ୟୁତିକ ପ୍ରକଳ୍ପ ପ୍ରସ୍ତାବ ଯୋଜନା ଏବଂ ଆକଳନ ଗୁଡ଼ିକର କ୍ଷେତ୍ର ସର୍ବେକ୍ଷଣ ପରିଚାଳନା କରିବା ପାଇଁ ବିଦ୍ୟୁତ୍ ବିତରଣ କମ୍ପାନୀ (ଡିସ୍‌କମ୍)ମାନଙ୍କୁ ସୁବିଧା କରିବା ଦରକାର । ଯୋଗ୍ୟ ପ୍ରସ୍ତାବ ଗୁଡ଼ିକୁ ବ୍ଲକ୍ ସ୍ତରୀୟ କମିଟି[53] ଦ୍ୱାରା ଯାଞ୍ଚ କରାଯିବା ଦରକାର ଏବ ତା'ପରେ ଡିପିସିଙ୍କର ଅନୁମୋଦନ ପାଇଁ ଜିଲ୍ଲାରେ ଦାଖଲ କରାଯିବା ଦରକାର । ପୁନଶ୍ଚ ବିଦ୍ୟୁତ୍ ବିତରଣ କମ୍ପାନୀର ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ସୂଚୀଭୁକ୍ତ ହୋଇଥିବା ପଞ୍ଜୀକୃତ ବୈଦ୍ୟୁତିକ ଠିକାଦାରମାନଙ୍କୁ ବ୍ଲକ୍ ଉନ୍ନୟନ ଅଧିକାରୀମାନେ ଦ୍ୱାରା ଟେଣ୍ଡର ଆହ୍ୱାନ କରି କାର୍ଯ୍ୟରେ ଲଗାଯିବା ଉଚିତ୍ । ଯାହାହେଉ ଏହି ସବୁ କାର୍ଯ୍ୟ କରିବା ପୂର୍ବରୁ ସଂପୃକ୍ତ ଗ୍ରାମ ପଞ୍ଚାୟତ ଅଥବା ସରକାରୀ ଅନୁଷ୍ଠାନ ଲିଖିତ ଅଙ୍ଗୀକାର

[49] କେନ୍ଦୁଝର ସଦର, କାଶୀପୁର ଏବଂ ବିଷମକଟକ

[50] କେନ୍ଦୁଝର ସଦର, ବାଂଶପାଳ, ଚମ୍ପୁଆ, ପଟ୍ଟାଙ୍ଗୀ, ଲକ୍ଷ୍ମୀପୁର, ଦଶମନ୍ତପୁର, ବେଗୁନିଆପଡ଼ା ଏବଂ ଭଞ୍ଜନଗର

[51] ସୁକିନ୍ଦା, ଦାନଗଦି, ଧର୍ମଶାଳା, ସିମୁଳିଆ, କେନ୍ଦୁଝର ସଦର, ବାଂଶପାଳ, ଚମ୍ପୁଆ ଏବଂ ବିଷମକଟକ

[52] ବାଲେଶ୍ୱର, ଯାଜପୁର, କେନ୍ଦୁଝର ଏବଂ ରାୟଗଡ଼ା

[53] ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଶିକ୍ଷାୟନ ଉନ୍ନତି ଅଧିକାରୀ, ବ୍ଲକ ସହାୟକ ନିର୍ବାହୀ ଯନ୍ତ୍ରୀ ଏବଂ ବିଦ୍ୟୁତ ବିତରଣ କମ୍ପାନୀର କନିଷ୍ଠ ଯନ୍ତ୍ରୀ ସଦସ୍ୟ ରହିବେ

ଦେବା ଦରକାର ଯେ, କରାଯାଇଥିବା ସମ୍ପତ୍ତିଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ଆବର୍ତ୍ତୀ ଖର୍ଚ୍ଚ ଯଥା-ଶକ୍ତି ଖର୍ଚ୍ଚ, ମରାମତି ଏବଂ ରକ୍ଷଣାବେକ୍ଷଣ ଇତ୍ୟାଦି ସେମାନଙ୍କ ଦ୍ୱାରା ବହନ କରାଯିବ । ଏହି ଅଙ୍ଗୀକାର ବିନା ବୈଦ୍ୟୁତିକ କାର୍ଯ୍ୟ କରିବା ଉଚିତ୍ ନୁହେଁ ।

ଅଡିଟ୍, ଏହି ବିଷୟ ଉପରେ ଲକ୍ଷ୍ୟ କରାଗଲା ଯେ ନା କୌଣସି ବ୍ଲକ୍ ସ୍ତରୀୟ କମିଟି ଗଠନ ହୋଇଥିଲା ନା ଉପରେ ଅନୁଚ୍ଛେଦ 4.5.3 ଉଲ୍ଲେଖ କରାଯାଇଥିବା ଅନୁଯାୟୀ ବ୍ଲକ୍ ଉନ୍ନୟନ ଅଧିକାରୀମାନଙ୍କ ଦ୍ୱାରା ବିଦ୍ୟୁତ୍ ବିତରଣ କମ୍ପାନୀକୁ ରାସ୍ତା ଆଲୋକୀକରଣ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟକାରିତାକୁ ଆକଳନ କରିବା ପାଇଁ ଅନୁରୋଧ କରାଯାଇଥିଲା । ପ୍ରକଳ୍ପଗୁଡ଼ିକର ଯୋଜନା ଏବଂ ଅଟକଳ କରିବା ପରିବର୍ତ୍ତେ ଯଦିଓ ବିଦ୍ୟୁତ୍ ବିତରଣ କମ୍ପାନୀ (ଡିସ୍କମ୍) ଦ୍ୱାରା ପ୍ରସ୍ତୁତ କରିବାର ଥିଲା କିନ୍ତୁ ଗ୍ରାମ ଚାରୋଟି[54] ବ୍ଲକର ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ / ଗ୍ରାମ ପଞ୍ଚାୟତ ବୈଷୟିକ ସହାୟକମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା ଏବଂ ସଂପୃକ୍ତ ବ୍ଲକ୍ ଗୁଡ଼ିକର ସହାୟକ ମନ୍ତ୍ରୀ ମାନଙ୍କ ଦ୍ୱାରା ବୈଷୟିକ ମଞ୍ଜୁର କରାଯାଇଥିଲା । ପୁନଶ୍ଚ, ବିଦ୍ୟୁତ୍ ଦେୟର ଆକଳନ କରିବା ପାଇଁ ବିଦ୍ୟୁତ୍ ମିଟର ସଂସ୍ଥାପନ କରାଯାଇ ନଥିଲା ଏବଂ ଭବିଷ୍ୟତର ରକ୍ଷଣାବେକ୍ଷଣ ପାଇଁ ଅଙ୍ଗୀକାର କରି କୌଣସି ପ୍ରାଧିକାରୀଙ୍କୁ ହସ୍ତାନ୍ତର କରାଯାଇ ନଥିଲା ।

**ଫଟୋଗ୍ରାଫ୍ ସଂଖ୍ୟା- 4.1**



*କେନ୍ଦୁଝର ସଦର ଅଧିନସ୍ଥ ପଳାଶପଙ୍ଗା ଗ୍ରାମପଞ୍ଚାୟତର ମଙ୍ଗଳାପୋଷୀ ଠାରେ ରାସ୍ତା ଆଲୋକୀକରଣ ହୋଇଛି କିନ୍ତୁ ବିଦ୍ୟୁତ୍ ସଂଯୋଗ ବିଛିନ୍ନ ହୋଇଛି*

ଛଅଟି[55] ନମୁନା ଯାଞ୍ଚ ପଞ୍ଚାୟତି ସମିତିର ଗୁଡ଼ିକର 18 ଟି ଆଲୋକୀକରଣ ପ୍ରକଳ୍ପରେ ଥିବା 137 ଟି ଆଲୋକ ପଏଣ୍ଟର ଅଡିଟ୍ ଦ୍ୱାରା ମିଳିତ ଭୌତିକ ନିରୀକ୍ଷଣରୁ ଜଣାଗଲା ଯେ ବିଦ୍ୟୁତ୍ ବିତରଣ କମ୍ପାନୀ ଠାରୁ ଆବଶ୍ୟକୀୟ ଅନୁମତି ବିନା ରାସ୍ତା ଆଲୋକୀକରଣ ପଏଣ୍ଟ ବିଦ୍ୟୁତ୍ ଯୋଗାଣ କରାଯାଇଥିଲା । ବୈଦୁତିକ ମିଟର ଲଗାଣ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନଥିଲା ଏବଂ ଅଧିକ ବିଦ୍ୟୁତ୍ ପ୍ରବାହ ସମୟରେ ମିଟରର ସୁରକ୍ଷା ପାଇଁ ଆର୍ଥିଙ୍ଗର କୌଣସି ସୁରକ୍ଷା ବ୍ୟବସ୍ଥା କରାଯାଇ ନଥିଲା । ରାସ୍ତା ଆଲୋକୀକରଣ ପ୍ରକଳ୍ପ ଗୁଡ଼ିକୁ ବିନା ଆଇନ୍ ସମ୍ମତ ଶକ୍ତ ଯୋଗାଣ ପଦ୍ଧତି ଯୋଗୁଁ ବାଂଶପାଳ ବ୍ଲକ୍ ଅଧିନରେ ଥିବା ସମସ୍ତ 17 ଟି ଗ୍ରାମ ପଞ୍ଚାୟତ ଗୁଡ଼ିକର 48 ଟି ଲାଇଟ୍ ପୋଷ୍ଟର ବିଦ୍ୟୁତ୍ ଯୋଗାଣ ଉପ-ପ୍ରଭାଗୀୟ ଅଧିକାରୀ, ସଂଖ୍ୟା II, ବୈଦ୍ୟୁତିକ ଉପ-ପ୍ରଭାଗ, କେନ୍ଦୁଝର 2018-19 ରୁ ବନ୍ଦ କରି ଦେଇଥିଲେ ଏବଂ ଆହୁରି ମଧ 6.51 ଲକ୍ଷ ଟଙ୍କାର ଜୋରିମାନା ଏହି ଗ୍ରାମ ପଞ୍ଚାୟତ ମାନଙ୍କ ଉପରେ ଲଗା ଯାଇଥିଲା ।

ସେହିପରି 2018-19 ରେ ବିଦ୍ୟୁତ୍ ବିତରଣ କମ୍ପାନୀର ବିନା ଅନୁମତିରେ ବିଷମ କଟକ ପଞ୍ଚାୟତ ସମିତିର ଝିଗିଡ଼ି ଗ୍ରାମ ପଞ୍ଚାୟତରେ 19 ଟି ରାସ୍ତା ବିଦ୍ୟୁତ୍ ଆଲୋକ ପୂର୍ବରୁ ବିଦ୍ୟୁତ ଆଲୋକ ଥିବା ଖୁଣ୍ଟରେ ସଂସ୍ଥାପନ କରାଯାଇଥିଲା । ଏଗୁଡ଼ିକ ମଧ୍ୟରୁ ବିଦ୍ୟୁତ୍ ଯୋଗାଣ ପାଇଁ କେବୁଲ୍ ସଂଯୋଗୀକରଣ କେବଳ ନଅଟି ପଏଣ୍ଟରେ ହୋଇଥିଲା । ଅଡିଟ୍ର ନିରୀକ୍ଷଣ ସମୟରେ ଉପସ୍ଥିତ ଥିବା ସ୍ଥାନୀୟ ଅଧିବାସୀ କହିଥିଲେ ଯେ ସଂସ୍ଥାପନ ହେବା ତାରିଖ ଠାରୁ ବିଦ୍ୟୁତ୍ ଯୋଗାଣ ନହେବା ଯୋଗୁଁ କୌଣସି ଏଲ୍ଇଡି ଲାଇଟ୍ କାର୍ଯ୍ୟ କରୁନଥିଲା ।

**ଫଟୋଗ୍ରାଫ୍ ସଂଖ୍ୟା- 4.2**



*ବିଷମ କଟକ ପଞ୍ଚାୟତର ଝିଗିଡ଼ି ଗ୍ରାମରେ ସଂସ୍ଥାପନ ହୋଇଥିବା ରାସ୍ତା ଆଲୋକ*

ପୁନଶ୍ଚ, ମିଳିତ ଭୌତିକ ନିରୀକ୍ଷଣରେ ଏହା ଲକ୍ଷ୍ୟ କରାଗଲା ଯେ 58 ଟି ଲାଇଟ୍ ପଏଣ୍ଟ (42 ପ୍ରତିଶତ) କାର୍ଯ୍ୟ କରୁଥିଲା, 48 ଟି ଲାଇଟ୍ ପଏଣ୍ଟ (35 ପ୍ରତିଶତ) କାର୍ଯ୍ୟ କରୁନଥିଲା, 23ଟି ଲାଇଟ୍ ପଏଣ୍ଟକୁ (17 ପ୍ରତିଶତ)

---

[54] କେନ୍ଦୁଝର ସଦର, ବାଂଶପାଳ, ଚମ୍ପୁଆ ଏବଂ ବିଷମକଟକ

[55] ବାଂଶପାଳ, ବିଷମକଟକ, ଚମ୍ପୁଆ, ଧର୍ମଶାଳା, କେନ୍ଦୁଝର ସଦର ଏବଂ ସିମୁଳିଆ

ଅସ୍ୱୀକୃତ ସଂଯୋଗୀକରଣ ଯୋଗୁଁ ବିଦ୍ୟୁତ୍ ଯୋଗାଣ ବନ୍ଦ କରାଯାଇଥିଲା ଏବଂ ପାଞ୍ଚୋଟି ଲାଇଟ୍ ପଏଣ୍ଟ (6 ପ୍ରତିଶତ) ନଥିଲା ।

ସଂପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀମାନେ ତଥ୍ୟକୁ ସୁନିଶ୍ଚିତ କରି (ନଭେମ୍ବର 2022) ଜଣାଇଥିଲେ ଯେ କାର୍ଯ୍ୟରେ ବିଳମ୍ବ ନହେବା ପାଇଁ ଯୋଜନାଏବଂ ଅଟକଳ କନିଷ୍ଠ ଯନ୍ତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା ଏବଂ ବ୍ଲକର ସହାୟକ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ବୈଷୟିକ ମଞ୍ଜୁରୀ ପ୍ରଦାନ କରାଯାଇଥିଲା । ଯାହାହେଉ ଏହି ଉତ୍ତର ଗୁଡ଼ିକ ଗ୍ରହଣୀୟ ନଥିଲା କାରଣ ଗୋପବନ୍ଧୁ ଗ୍ରାମୀଣ ଯୋଜନା ମାର୍ଗଦର୍ଶିକାର ଅନୁଚ୍ଛେଦ 6.1 ରେ ଏହି ଅଧିକାରୀମାନେ ଯୋଜନା ଏବଂ ଆକଳନ ପ୍ରସ୍ତୁତ କରିବା ପାଇଁ ପ୍ରାଧିକୃତ ନୁହଁନ୍ତି ବୋଲି ଉଲ୍ଲେଖିତ ହୋଇଅଛି ।

### *4.5.3.2 ବିଭାଗୀୟ କାର୍ଯ୍ୟ ନିର୍ବାହରେ ଜାଲ୍ ଭାଉଚର ପ୍ରଦାନରେ ସନ୍ଦେହ/ ଭାଉଚର ଦାଖଲ ନକରିବା*

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଅନୁଦେଶ ଦେଇଥିଲେ (ଜୁଲାଇ 2018) ଯେ, କାର୍ଯ୍ୟ ନିର୍ବାହ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀମାନେ ବିଧିମାନ୍ୟ ଜିଏସ୍‌ଟି ପଞ୍ଜୀକୃତ ସଂଖ୍ୟା ଥିବା ସ୍ୱୀକୃତିପ୍ରାପ୍ତ ଯୋଗାଣକାରୀ ମାନଙ୍କ ଠାରୁ ସାମଗ୍ରୀ ସଂଗ୍ରହ କଲାବେଳେ ତା ବାବଦରେ ଭାଉଚର/ ବିଲ୍ ପ୍ରଦାନ କରିବା ଦରକାର । ପୁନଶ୍ଚ, ଯୋଗାଣକାରୀ ମାନଙ୍କୁ ସାମଗ୍ରୀ ବାବଦରେ ପ୍ରଦାନ ତତ୍ ସହିତ ଶ୍ରମିକମାନଙ୍କୁ ମଞ୍ଜୁରୀ ପ୍ରଦାନ କରିବା ସମୟରେ ପ୍ରକୃତ ବିଲ୍/ ଭାଉଚର ଏବଂ ମଷ୍ଟର ରୋଲରେ ନିର୍ବାହ କର୍ତ୍ତାମାନଙ୍କ ଦ୍ୱାରା ପ୍ରଦାନ କରିବା ଦରକାର ।

ଅଡିଟ୍‌ରେ ଲକ୍ଷ୍ୟ କରାଗଲା ଯେ 2017-19 ମଧ୍ୟରେ 21 ଟି ପରୀକ୍ଷଣ ଯାଞ୍ଚ ପଞ୍ଚାୟତ ସମିତି ମଧ୍ୟରୁ ଚାରୋଟି[56] ରେ 56 ଟି ପରୀକ୍ଷଣ ଯାଞ୍ଚ ରାସ୍ତା ଆଲୋକୀକରଣ ପ୍ରକଳ୍ପ 94.96 ଲକ୍ଷ ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ କରାଯାଇଥିଲା । ଯାହାହେଉ କେବଳ 9.00 ଲକ୍ଷ ଟଙ୍କାର ଭାଉଚର ସମୀକ୍ଷକଙ୍କ ପାଖରେ ପ୍ରଦାନ କରିଥିଲେ ଏବଂ ବଳକା 85.96 ଲକ୍ଷ ଟଙ୍କାର ଭାଉଚର ପ୍ରଦାନ କରିପାରି ନଥିଲେ ।

ଅଡିଟ୍ 9.00 ଲକ୍ଷ ଟଙ୍କାର ଭାଉଚର ଯାଞ୍ଚ କରିବା ସମୟରେ ଲକ୍ଷ୍ୟ କଲେ ଯେ, 7.11 ଲକ୍ଷ ଟଙ୍କାର ବୈଦ୍ୟୁତିକ ସାମଗ୍ରୀ ଯେଉଁ ଏକ ଯୋଗାଣକାରୀଙ୍କ ପାଖରୁ କିଣା ଯାଇଥିଲା ଜିଏସ୍‌ଟି ୱେବ୍ ପୋର୍ଟାଲ ଯାଞ୍ଚ କରିବାରୁ ଜଣାଗଲା ଯେ ଯିଏକି ବୈଦ୍ୟୁତିକ ସାମଗ୍ରୀ ନେଣଦେଣ କରୁନାହାଁନ୍ତି । ପୁନଶ୍ଚ, ଯଦିଓ କାର୍ଯ୍ୟଗୁଡିକ ବିଭାଗ ଦ୍ୱାରା ସଂପାଦିତ ହୋଇଥିଲା, ସ୍ଥାପନ ଦେୟ ବାବଦକୁ 0.94 ଲକ୍ଷ ଟଙ୍କା ଆକାରରେ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ପ୍ରଦାନ କରାଯାଇଥିଲା । ସେଥିପାଇଁ 8.05 ଲକ୍ଷ ଟଙ୍କାର ପ୍ରଦାନ ସନ୍ଦେହଜନକ ଥିଲା ।

ସଂପୃକ୍ତ ବ୍ଲକ ଉନ୍ନୟନ ଅଧିକାରୀମାନେ ତଥ୍ୟକୁ ସୁନିଶ୍ଚିତ କରି ଜଣାଇଥିଲେ (ଜୁନ୍ 2022) ଯେ ପ୍ରତ୍ୟେକ ଭାଉଚର ଗୁଡ଼ିକୁ ଭବିଷ୍ୟତରେ ଦାଖଲ କରିବାପାଇଁ ପଦକ୍ଷେପ ଗ୍ରହଣ କରିବେ ।

### *4.5.3.3 କାର୍ଯ୍ୟ ସାମଗ୍ରୀରେ ଅବାସ୍ତବ ମୂଲ୍ୟ ଦେୟ*

21 ଟି ନମୁନା ଯାଞ୍ଚ ହୋଇଥିବା ପଞ୍ଚାୟତ ସମିତି (କେନ୍ଦୁଝର ସଦର, ବାଂଶପାଳ ଏବଂ ସିମୁଳିଆ) ମଧ୍ୟରୁ ତିନୋଟିର ନଥିପତ୍ର ଯାଞ୍ଚରୁ ସମୀକ୍ଷାରେ ଜଣାଗଲା ଯେ 2017-19 ଆର୍ଥିକ ବର୍ଷ ମଧ୍ୟରେ 80.66 ଲକ୍ଷ ଟଙ୍କା ବିନିଯୋଗରେ 45 ଟି ଲାଇଟ୍ ପୋଷ୍ଟ ବିଭାଗ ଦ୍ୱାରା ସଂଯୋଗ କରାଯାଇଥିଲା, ଯେଉଁଥିରେ କି ସାମଗ୍ରୀ ମୂଲ୍ୟ ଏବଂ ଗଢଣ ସମାନ ଆକାରର କିନ୍ତୁ କାର୍ଯ୍ୟ ମୂଲ୍ୟ ଭିନ୍ନ ଥିଲା ଯାହାର ସବିଶେଷ ବିବରଣୀ ***ପରିଶିଷ୍ଟ 4.2*** ରେ ପ୍ରଦାନ କରାଯାଇଅଛି । ଉଦାହରଣ ସ୍ୱରୂପ 18 ଟି ଆଠ ମିଟର ଲମ୍ବର ତ୍ୱରିତ ବେଗରେ ପ୍ରବାହିତ ଅଷ୍ଟଭୁଜା ଏମ୍‌ଏସ୍ ପୋଲ, 3 ଏମ୍‌ଏମ୍ ମୋଟେଇର ଏକ ପାଇପ୍ ସହ ଟ୍ୟାପ୍, 150 ଏମ୍‌ଏମ୍ X 150 ଏମ୍‌ଏମ୍ X 16 ଏମ୍‌ଏମ୍ ମୋଟେଇର ମୂଲ୍ୟରେ 11,000 ଟଙ୍କା ରୁ 17,700 ଟଙ୍କା ପର୍ଯ୍ୟନ୍ତ ଯୋଗାଣ ମୂଲ୍ୟରେ ଭିନ୍ନତା ଥିଲା । ସୁତରାଂ କମ୍ ମୂଲ୍ୟର ଆଧାରକୁ ନଜରରେ ରଖି ଏହା ଲକ୍ଷ୍ୟ କରାଗଲା ଯେ 4.68 ଲକ୍ଷ ଟଙ୍କା ଅଧିକ ଖର୍ଚ୍ଚ ହୋଇଗଲା । (ଯାହା କେବଳ ଦୃଷ୍ଟାନ୍ତଭାବେ ଥିଲା ଏବଂ ସୁବିସ୍ତୃତ ନଥିଲା ।

ସଂପୃକ୍ତ ବ୍ଲକ ଉନ୍ନୟନ ଅଧିକାରୀମାନେ ତଥ୍ୟକୁ ସୁନିଶ୍ଚିତ କରି ଆଶ୍ୱାସନା ଦେଇଥିଲେ (ନଭେମ୍ବର 2022) ଯେ ଭବିଷ୍ୟତରେ କାର୍ଯ୍ୟ ପାଇଁ ଏକ ପ୍ରକାରର ମୂଲ୍ୟ ଦେୟ କରାଯିବ ।

### *4.5.3.4 ରାସ୍ତା ଆଲୋକ ସଂଯୋଗୀକରଣରେ ସନ୍ଦେହ ଜନକ ଦେୟ*

[56] କେନ୍ଦୁଝର ସଦର, ବାଂଶପାଳ, ଚମ୍ପୁଆ ଏବଂ ବିଷମକଟକ

ଆର୍ଥିକ ବର୍ଷ 2017-18 ମଧ୍ୟରେ କେନ୍ଦୁଝର ସଦର ପଞ୍ଚାୟତ ସମିତି ଅଧୀନରେ ଡିମୋ ଗ୍ରାମ ପଞ୍ଚାୟତରେ 1.45 ଲକ୍ଷ ଟଙ୍କା ଅଟକଳ ମୂଲ୍ୟର ଏକ ପ୍ରକଳ୍ପ "ଡିମିରିମୁଣ୍ଡା ଡିମୋ ଛକ ପର୍ଯ୍ୟନ୍ତ ରାସ୍ତା ଆଲୋକର ସଂଯୋଗୀକରଣ କାର୍ଯ୍ୟ" ହାତକୁ ନିଆଯାଇଥିଲା । କାର୍ଯ୍ୟର ପରିସର ମଧ୍ୟରେ ତିନୋଟି ରାସ୍ତାର ଆଲୋକ ସଂଯୋଗୀକରଣ (ପ୍ରତ୍ୟେକର ଏକ ଆଠ ମିଟର ଅଷ୍ଟଭୂଜା ଜିଆଇ ପୋଲ, ଯାହାର ଉପରେ ତ୍ରିବାହୁ ବିଶିଷ୍ଟ କ୍ଷମତା ସଂଯୁକ୍ତ ହୋଇ 45 ୱାଟର ତିନୋଟି ଏଲଇଡି ଲାଇଟ୍ ଲଗାଯାଇଥିବା) ଅନ୍ତର୍ଭୁକ୍ତ ଥିଲା । ଏହି କାର୍ଯ୍ୟ (ନଭେମ୍ବର 2018) ରେ ଏକ ଜିପିଟିଏ[57]ଙ୍କୁ ପ୍ରଦାନ କରାଯାଇଥିଲା । କାର୍ଯ୍ୟ ସଂପୂର୍ଣ୍ଣ ହେଲା ପରେ ସହାୟକ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ମାପର ଯାଞ୍ଚ (ଡିସେମ୍ବର 2018) କରାଯାଇ 1.45 ଲକ୍ଷ ଟଙ୍କା କାର୍ଯ୍ୟକର୍ତ୍ତାଙ୍କୁ ନିଜସ୍ୱ ହିସାବ ମାଧ୍ୟମରେ ପ୍ରଦାନ କରାଯାଇଥିଲା ।

କାର୍ଯ୍ୟକର୍ତ୍ତାଙ୍କ (ଜିପିଟିଏ) ଉପସ୍ଥିତିରେ ମିଳିତ ଭୌତିକ ନିରୀକ୍ଷଣ (ଜୁନ 2022) କରାଯାଇଥିଲା ଏବଂ ଏହା ଲକ୍ଷ୍ୟ କରାଗଲା ଯେ, ଦୁଇଟି ଜାଗାରେ ଅର୍ଥାତ୍ ଡିମୋ ଜିପିରେ ଡିମୋ ଛକ (ବଂଶୀ ଛକ) ଏବଂ ଡିମିରିମୁଣ୍ଡା ସ୍କୁଲ ଛକ ଠାରେ କେବଳ ଦୁଇଟି ଲାଇଟ ପୋଷ୍ଟ ସ୍ଥାପନ କରାଯାଇଥିଲା । ତୃତୀୟ ୟୁନିଟ୍ ସ୍ଥାପନ ହୋଇଥିବାର ଦେଖିବାକୁ ମିଳି ନଥିଲା । ନିରୀକ୍ଷଣ ସମୟରେ ଉପସ୍ଥିତ ଥିବା ସ୍ଥାନୀୟ ଜନତା ଏବଂ ଡିମୋ ଜିପିରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁନିଶ୍ଚିତ କରିଥିଲେ ଯେ ଡିମୋ ଜିପିରେ କେବଳ ଦୁଇଟି ଲାଇଟ୍ ପୋଷ୍ଟ ସ୍ଥାପନ କରାଯାଇଥିଲା । ତେଣୁ ଏଥିରୁ ପ୍ରମାଣିତ ହେଲା ଯେ କାର୍ଯ୍ୟକର୍ତ୍ତାଙ୍କୁ, ସଂପୂର୍ଣ୍ଣ ପ୍ରାପ୍ୟ ପ୍ରଦାନ ପରେ ମଧ୍ୟ ତୃତୀୟ ଲାଇଟ୍ ପୋଷ୍ଟ ସଂଯୋଗ ହୋଇ ନାହିଁ । ଏହାର ଫଳରେ ପ୍ରକଳ୍ପ ମୂଲ୍ୟ 0.48 ଟଙ୍କା ପ୍ରଦାନରେ ସନ୍ଦେହ ରହିଅଛି ।

ସେହିପରି ଯାଜପୁର ଜିଲ୍ଲାର ଧର୍ମଶାଳା ପଞ୍ଚାୟତ ସମିତିର ଚହଟା ଜିପିରେ 7.00 ଲକ୍ଷ ଟଙ୍କା ବିନିଯୋଗରେ ପ୍ରତ୍ୟେକ 60 ୱାଟ ରାସ୍ତା ଆଲୋକ ସହିତ 12ଟି ଅଷ୍ଟଭୁଜା ପୋଲ୍ ସଂଯୋଗୀକରଣ (ଜୁନ୍ 2019) ହୋଇଥିଲା । ପ୍ରକଳ୍ପର ମିଳିତ ଭୌତିକ ନିରୀକ୍ଷଣରୁ (ସେପ୍ଟେମ୍ବର 2022) ଜଣାଗଲା ଯେ କେବଳ 11 ଟି ପୋଲ୍ ସହିତ ଏଲଇଡି ଲାଇଟ୍ ସଂଯୋଗୀକରଣ ହୋଇଥିବା ଏବଂ ଗୋଟିଏ ପୋଲ୍ ସହିତ ରାସ୍ତା ଆଲୋକ ନ ଥିଲା । ଏହିପରି 0.58 ଲକ୍ଷ ଟଙ୍କା ବ୍ୟୟରେ ସନ୍ଦେହ ରହିଥିଲା ।

ବ୍ଲକ୍ ଉନ୍ନୟନ ଅଧିକାରୀ, କେଉଁଝର ସଦର ପଞ୍ଚାୟତ ସମିତି ତଥ୍ୟକୁ ଟିପ୍ପଣୀ କୃତ କରି କୌଣସି ମନ୍ତବ୍ୟ ପ୍ରଦାନ କରିନଥିଲେ । ଯାହାହେଉ ଧର୍ମଶାଳା ପଞ୍ଚାୟତ ସମିତିର ବ୍ଲକ ଉନ୍ନୟନ ଅଧିକାରୀ ଜଣାଇଥିଲେ (ଅକ୍ଟୋବର 2022) ଯେ ତଥ୍ୟର ଅନୁସନ୍ଧାନ କରାଯାଇ ପ୍ରତିକାର ଗ୍ରହଣ କରାଯିବ ।

### *4.5.4 ମଷ୍ଟର ରୋଲ ମାଧ୍ୟମରେ ନିର୍ମାଣ କାର୍ଯ୍ୟ ନିର୍ବାହରେ କାର୍ଯ୍ୟ କରିଥିବା ଶ୍ରମିକ ମାନଙ୍କୁ ମଜୁରୀ ପ୍ରଦାନରେ ସନ୍ଦେହ*

ବିଭାଗ ଦ୍ୱାରା କାର୍ଯ୍ୟ ନିର୍ବାହ କରିବା ପାଇଁ ଏବଂ ମଷ୍ଟର ରୋଲ୍ ମାଧ୍ୟମରେ ମଜୁରୀ ପ୍ରଦାନ କରିବା ପାଇଁ ଓପିଡବ୍ଲ୍ୟୁଡି କୋଡ୍ ଭାଗ-11 ରେ **ପରିଶିଷ୍ଟ- XIV** ରେ ମଷ୍ଟର ରୋଲରେ ମେସିନ୍ ଛପା ସଂଖ୍ୟା, ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ, ନିର୍ଦ୍ଦିଷ୍ଟ ଅବଧି ପାଇଁ ସଂପୃକ୍ତ ଡିଭିଜନାଲ ଅଧିକାରୀଙ୍କ ଦସ୍ତଖତ ଥାଇ ମଷ୍ଟର ରୋଲରେ ପିତାଙ୍କ ନାମ, ଶ୍ରମିକମାନଙ୍କର ଠିକଣା, ମଜୁରୀ ପ୍ରଦାନ ପାଇଁ ବାମ ଆଙ୍ଗୁଠି ଛାପର ଅନୁପ୍ରମାଣନ ହୋଇଥିବା ଦରକାର । ଶ୍ରମିକ ମାନଙ୍କୁ ବ୍ୟାଙ୍କ ହିସାବ ଖାତା ମାଧ୍ୟମରେ ମଜୁରୀ ପ୍ରଦାନ କରିବା ଏବଂ ତାହା ଏମଜିଏନଆରଇଜିଏସ୍ ଅଧୀନରେ ହୋଇଥିବା ଦରକାର ।

ଅଡିଟ୍‌ରେ ଲକ୍ଷ୍ୟ କରାଗଲା ଯେ ଆର୍ଥିକ ବର୍ଷ 2017-19 ରେ ନଅଟି[58] ନମୁନା ଯାଞ୍ଚ ପଞ୍ଚାୟତ ସମିତିର 175 ଟି ନମୁନା ଯାଞ୍ଚ ମାମଲାରେ 1.08 କୋଟି ଟଙ୍କାର ମଜୁରୀ ବିତରଣ ପାଇଁ 662ଟି ମଷ୍ଟର ରୋଲ ଜାରି କରାଯାଇଥିଲା । ମଷ୍ଟର ରୋଲ ରକ୍ଷଣାବେକ୍ଷଣରେ ନିମ୍ନଲିଖିତ ଦୋଷତ୍ରୁଟି ଗୁଡିକ ଲକ୍ଷ୍ୟ କରାଯାଇଥିଲା ।

- ଏହି ସବୁ ନମୁନା ଯାଞ୍ଚ ମାମଲାରେ ମଷ୍ଟରରୋଲ ଗୁଡିକ ମେସିନ୍ ଦ୍ୱାରା ନମ୍ବର ହୋଇ ନ ଥିଲା କିମ୍ବା ନିର୍ମାଣ ପ୍ରାଧିକାରୀଙ୍କ ଦ୍ୱାରା ଦୀକ୍ଷିତ କରାଯାଇ ନଥିଲା । ଅଧିକନ୍ତୁ ଶ୍ରମିକ ମାନଙ୍କର ଉପସ୍ଥାନକୁ ଲେଖି ରଖିବା ପାଇଁ ନିର୍ଦ୍ଧାରିତ ଫର୍ମାଟ୍ ମଧ୍ୟ ବ୍ୟବହାର କରାଯାଇନ ଥିଲା ।
- ଏହି ସବୁ ନମୁନା ଯାଞ୍ଚ ମାମଲାରେ ଯଦିଓ 662ଟି ମଷ୍ଟର ରୋଲ ବ୍ୟବହାର କରାଯାଇ 1.08 କୋଟି ଟଙ୍କା ମଜୁରୀ ପ୍ରଦାନ କରାଯାଇଥିଲା, କାର୍ଯ୍ୟ କରିଥିବା ସଂପୃକ୍ତ ଶ୍ରମିକମାନଙ୍କ କର୍ଯ୍ୟ ଅବଧି ଉଲ୍ଲେଖିତ ହୋଇନଥିଲା ।

[57] ଗ୍ରାମ ପଞ୍ଚାୟତ ବୈଷୟିକ ସହାୟକ

[58] ଦାନଗଦି, ବସ୍ତା, ସିମୁଳିଆ, କେନ୍ଦୁଝର ସଦର, ବାଂଶପାଳ, ଚମ୍ପୁଆ, କାଶୀପୁର, ବିଷମକଟକ ଏବଂ ରଙ୍ଗେଇଲୁଣ୍ଡା

- ଏହି ସବୁ ନମୁନା ଯାଞ୍ଚ ମାମଲାରେ ଯଦିଓ 662ଟି ମଷ୍ଟର ରୋଲ ବ୍ୟବହାର କରାଯାଇ 1.08 କୋଟି ଟଙ୍କା ପ୍ରଦାନ କରାଯାଇଥିଲା, ଶ୍ରମିକ ମାନଙ୍କର ଚିହ୍ନିତ ସଂଖ୍ୟା ଯଥା ଭୋଟର ଆଇ ଡି କାର୍ଡ/ ଜବ୍ କାର୍ଡ/ ଆଧାର କାର୍ଡ ଇତ୍ୟାଦି ଉଲ୍ଲେଖିତ ହୋଇନଥିଲା । ପୁନଶ୍ଚ ମଷ୍ଟର ରୋଲରେ ଉଲ୍ଲେଖିତ ହୋଇଥିବା ଶ୍ରମିକ ଏବଂ ମଜୁରୀ ବାବଦରେ କୌଣସି ପ୍ରମାଣ ପତ୍ର ନଥିଭୁକ୍ତ ହୋଇନଥିଲା ଏବଂ ଦାୟିତ୍ୱରେ ଥିବା ଅଧିକାରୀ ଦ୍ୱାରା ସଠିକ୍ ଚିହ୍ନିତ କରି ମଜୁରୀ ପ୍ରଦାନ କରାଯାଇଥିଲା । କୌଣସି ମାମଲାରେ ବାମ ଆଙ୍ଗୁଠି ଟିପ ଚିହ୍ନକୁ ଅନୁପ୍ରମାଣ କରି ମଜୁରୀ ପ୍ରଦାନ କରାଯାଇନଥିଲା ।
- ପାଞ୍ଚଟି ପଞ୍ଚାୟତ ସମିତିରେ 6 ଟି କାମ ପାଇଁ (କେଉଁଝର ସଦର 1; ବଂଶପାଳ 1, ଚମ୍ପୁଆ 2; , କାଶୀପୁର 1; ଏବଂ ରଙ୍ଗେଇଲୁଣ୍ଡା 1) ; 13ଟି ମଷ୍ଟର ରୋଲ ବ୍ୟବହାର କରାଯାଇ 123 ଜଣ ଶ୍ରମିକମାନଙ୍କୁ 2.73 ଲକ୍ଷ ଟଙ୍କା ମଜୁରୀ ପ୍ରଦାନ କରାଯାଇଥିଲା । ସେଗୁଡିକ ମଧ୍ୟରୁ 1.63 ଲକ୍ଷ ଟଙ୍କା ମଜୁରୀ ପ୍ରଦାନ କରାଯିବାର ପ୍ରାପ୍ତି ସ୍ୱୀକାର ହାସଲ କରାଯାଇନଥିଲା । କୌଣସି ମାମଲାରେ ବ୍ୟାଙ୍କ ହିସାବ ଖାତା ମାଧ୍ୟମରେ ପ୍ରଦାନ କରାଯାଇନଥିଲା ।
- ତିନୋଟି ପଞ୍ଚାୟତ ସମିତି (କେଉଁଝର ସଦର, ବାଂଶପାଳ ଏବଂ ଚମ୍ପୁଆ)ର ଛଅଟି କାର୍ଯ୍ୟର ଯଦିଓ 22ଟି ମଷ୍ଟର ରୋଲରେ ସଂପୃକ୍ତ ଶ୍ରମିକମାନଙ୍କ ଠାରୁ 3.06 ଲକ୍ଷ ଟଙ୍କା ପ୍ରଦାନ କରାଯିବାର ପ୍ରାପ୍ତି ସ୍ୱୀକାର ହାସଲ କରାଯାଇଥିଲା, କିନ୍ତୁ ସମ୍ବନ୍ଧୀୟ ମଷ୍ଟର ରୋଲରେ ପ୍ରାସଙ୍ଗିକ ପ୍ରଦାନର ସବିଶେଷ ବିବରଣୀ ଉଲ୍ଲେଖିତ ହୋଇନଥିଲା ।
- ଗୋଟିଏ ମାମଲାରେ ମଷ୍ଟର ରୋଲରେ ଶ୍ରମିକ ମାନଙ୍କର ବାମ ଆଙ୍ଗୁଠି ଟିପ ଚିହ୍ନ କରାଯାଇଥିଲା । କିନ୍ତୁ ଶ୍ରମିକ ମାନଙ୍କର ନାମ, କରିଥିବା କାର୍ଯ୍ୟ ଦିବସ ଏବଂ ମଜୁରୀ ପ୍ରଦାନ ବାବଦରେ ସବିଶେଷ ତଥ୍ୟ ଇତ୍ୟାଦି ସୂଚିତ ହୋଇନଥିଲା । ଏହା ସୂଚିତ କରୁଅଛି ଯେ ଆଗୁଆ ଭାବରେ ଶ୍ରମିକମାନଙ୍କର ସ୍ୱୀକୃତିକୁ କାର୍ଯ୍ୟ କର୍ତ୍ତାଙ୍କ ଦ୍ୱାରା ହାସଲ କରି ପରେ ମଷ୍ଟର ରୋଲରେ ସବିଶେଷ ବିବରଣୀ ପୂରଣ କରାଯାଇଥିଲା । .

ସ୍ୱଚ୍ଛତାର ଅଭାବ ଏବଂ ମଷ୍ଟର ରୋଲ ରକ୍ଷଣାବେକ୍ଷଣରେ ଔଚିତ୍ୟତାର ଅଭାବକୁ ଉପରୋକ୍ତ ଅନିୟମିତତା ସୂଚିତ କରୁଅଛି ।

ସଂପୃକ୍ତ ବ୍ଲକ ଉନ୍ନୟନ ଅଧିକାରୀ ମାନେ ତଥ୍ୟକୁ ସୁନିଶ୍ଚିତ କରି ଆଶ୍ୱାସନା ଦେଇଥିଲେ (ନଭେମ୍ବର 2022) ଯେ ଭବିଷ୍ୟତରେ ମଷ୍ଟର ରୋଲ ଗୁଡିକୁ ସଠିକ୍ ଭାବରେ ପ୍ରସ୍ତୁତ କରାଯିବ ।

### *4.5.5 କମ୍ ମଜୁରୀ ପ୍ରଦାନ*

ଖାଉଟି ମୂଲ୍ୟ ନିର୍ଦ୍ଧାରଣ ସୂଚକକୁ ଆଧାର କରି ମଜୁରୀ ପୁନଃ ନିରୀକ୍ଷଣ ପଦ୍ଧତିକୁ ଓଡିଶା ସରକାରଙ୍କ ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗ (ଜୁଲାଇ 2015) ରେ ଅନୁସରଣ କରିଥିଲେ । ସେହି ଅନୁଯାୟୀ ଓଡିଶାର ଶ୍ରମ କମିଶନର ବିଭିନ୍ନ ସମୟରେ[59] ବିଭିନ୍ନ ବର୍ଗର ଶ୍ରମିକମାନଙ୍କ ପାଇଁ ନ୍ୟୁନତମ ମଜୁରୀ ଦରର ପୁନଃ ନିରୀକ୍ଷଣ କରିଥିଲେ ।

ନମୁନା ଯାଞ୍ଚ ପଞ୍ଚାୟତ ସମିତି ମଧ୍ୟରୁ ଆଠଟି[60] ର ନମୁନା ଯାଞ୍ଚ ନଥିପତ୍ରରୁ ଜଣାଗଲା ଯେ 155ଟି କାର୍ଯ୍ୟର 31,308 ମନୁଷ୍ୟ ଦିବସ ପାଇଁ 6.66 ଲକ୍ଷ ଟଙ୍କାର କମ୍ ମଜୁରୀ ପ୍ରଦାନ କରାଯାଇଥିଲା । ଯାହାକି ନିର୍ଦ୍ଧାରିତ ନ୍ୟୁନତମ ମଜୁରୀ ଠାରୁ କମ୍ ଥିଲା ଯାହାର ସବିଶେଶ ବିବରଣୀ ***ପରିଶିଷ୍ଟ- 4.3*** ରେ ପ୍ରଦାନ କରାଗଲା ।

ସଂପୃକ୍ତ ବ୍ଲକ ଉନ୍ନୟନ ଅଧିକାରୀମାନେ ତଥ୍ୟଗୁଡିକୁ ସୁନିଶ୍ଚିତ କରି ଆଶ୍ୱାସନା ଦେଇଥିଲେ (ନଭେମ୍ବର 2022) ଯେ ଭବିଷ୍ୟତରେ ମଜୁରୀ ପ୍ରଦାନରେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ।

### *4.5.6 ସ୍ୱଚ୍ଛତା ପଦ୍ଧତିକୁ ନ ମାନି ନିର୍ମାଣ ସାମଗ୍ରୀ କ୍ରୟ ।*

ଅର୍ଥ ବିଭାଗର ଓଏମ୍ ସଂଖ୍ୟା -4939/ ଏଫ୍ ତା 13.2. 2012 ଅନୁଯାୟୀ ଯେତେବେଳେ ସାମଗ୍ରୀ ସଂଗ୍ରହଣରେ ଅଟକଳ ମୂଲ୍ୟ 5 ଲକ୍ଷ ଟଙ୍କାରୁ କମ୍ ହୋଇଥିବ, ନିଲାମ ଦସ୍ତାବିଜର ନକଲ ଗୁଡିକ ପ୍ରତ୍ୟେକ୍ଷ ଭାବରେ ତିନୋଟିରୁ ଅଧିକ ପଞ୍ଜୀକୃତ ଫାର୍ମମାନଙ୍କୁ ପଠାଇବା ଦରକାର । ସେହିପରି ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗ, ଅନୁଦେଶ

[59] ଓଡ଼ିଶା ଲେବର କମିଶନରଙ୍କ ବିଜ୍ଞାପନ , 30 ଏପ୍ରିଲ୍ 2018, 7 ନଭେମ୍ବର 2019, 21 ଅକ୍ଟୋବର 2020 ଏବଂ 2 ନଭେମ୍ବର 2021.

[60] ବସ୍ତା, ସିମୁଳିଆ, ଜଳେଶ୍ୱର, କେନ୍ଦୁଝର ସଦର, ବାଂଶପାଳ, ଚମ୍ପୁଆ, କାଶୀପୁର ଏବଂ ବିଷମକଟକ

(ସେପ୍ଟେମ୍ବର 2017 ଏବଂ ଜୁଲାଇ 2018) ଅନୁଯାୟୀ କାର୍ଯ୍ୟ ନିର୍ବାହ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ସାମଗ୍ରୀ ଯୋଗାଡ ବେଳେ ସଠିକ୍ ଜିଏସ୍‌ଟି ପଞ୍ଜୀକୃତ ସଂଖ୍ୟା ଥିବା ସ୍ୱୀକୃତି ପ୍ରାପ୍ତ ଯୋଗାଣ କାରୀମାନଙ୍କ ଠାରୁ ସାମଗ୍ରୀ ବାବଦରେ ଭାଉଚର/ବିଲ୍ ପ୍ରଦାନ କରିବା ଦରକାର। ପ୍ରକଳ୍ପର ସାମଗ୍ରୀ ଏବଂ ଶ୍ରମ ମୂଲ୍ୟ ଗୁଡିକୁ ଟିଆଇଏନ୍ ପଞ୍ଜୀକୃତ ଜିଏସ୍‌ଟି ନିକାସ ପ୍ରମାଣପତ୍ର ଥିବା ସଂପୃକ୍ତ ଯୋଗାଣକାରୀ ଏବଂ ଶ୍ରମିକମାନଙ୍କର ବ୍ୟାଙ୍କ ହିସାବ ଖାତାକୁ କ୍ରମାନୁସାରେ ପଠାଇବା ଦରକାର। କୌଣସି ମାମଲାରେ କାର୍ଯ୍ୟ ବିଲ୍ ଟଙ୍କା ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀଙ୍କର ନିଜସ୍ୱ ବ୍ୟାଙ୍କ ଖାତା ରେ ଜମା ହେବ ନାହିଁ।

12[61]ଟି ରେ ପରୀକ୍ଷଣ ଯାଞ୍ଚ୍ ପଞ୍ଚାୟତ ସମିତିର 6.24 କୋଟି ଟଙ୍କା ଅଟକଳ ମୂଲ୍ୟର 230ଟି ପରୀକ୍ଷଣ ଯାଞ୍ଚ କାର୍ଯ୍ୟରେ ନିମ୍ନଲିଖିତ ଅନିୟମିତତା ଗୁଡିକ ପ୍ରକଟ ହୋଇଥିଲା:

- **ଅଣ-ବିଦ୍ୟମାନ ଜିଏସ୍‌ଟିଏନ୍ ପଞ୍ଜୀକୃତ ଫର୍ମ/ ଅଣ ବିଦ୍ୟମାନ ଫାର୍ମ ମାନଙ୍କ ଠାରୁ ନିର୍ମାଣ କାର୍ଯ୍ୟ ସାମଗ୍ରୀ ଯୋଗାଡ଼:** 91 ଟି କାର୍ଯ୍ୟରେ (44 ପ୍ରତିଶତ) 62.04 ଲକ୍ଷ ଟଙ୍କାର ପଥର ଦ୍ରବ୍ୟ ଯୋଗାଣକାରୀ ମାନଙ୍କ ଠାରୁ ସଂଗ୍ରହ କରାଯାଇଥିଲା ଯେଉଁମାନେ କି ବିଦ୍ୟମାନ ନଥିଲେ।
- 6.24 କୋଟି ଟଙ୍କାର ଅଟକଳ ହୋଇଥିବା 230 ଟି କାର୍ଯ୍ୟରେ 1.58 କୋଟି ଟଙ୍କାରେ 23,091 କୁଇଣ୍ଟାଲ୍ ସିମେଣ୍ଟ କିଣା ଯାଇଥିଲା, ଏହା ମଧ୍ୟରୁ 1.58 କୋଟି ଟଙ୍କା ମୂଲ୍ୟର 10,369 କୁଇଣ୍ଟାଲ ସିମେଣ୍ଟ (67.67 ଲକ୍ଷ ଟଙ୍କାର) ଯେଉଁ ବିକ୍ରେତାଙ୍କ ପାଖରୁ ସଂଗ୍ରହ କରାଯାଇଥିଲା ଜିଏସ୍‌ଟି ୱେବ୍ ପୋର୍ଟାଲ ଯାଞ୍ଚ କରିବା ଦ୍ୱାରା ଜଣାପଡ଼ିଲା ଯେ ସେ ଜିଏସ୍‌ଟି ଅଧିନରେ ପଞ୍ଜୀକୃତ ନୁହଁନ୍ତି, ଏଥିରୁ ସୂଚୀତ ହେଉଅଛି ଯେ ଦାଖଲ କରାଯାଇଥିବା ବିଲ୍ ଅସଲି ନୁହେଁ।
- **ହାତ ରସିଦରେ ସାମଗ୍ରୀ ମୂଲ୍ୟ ପ୍ରଦାନ**: 81 ଟି କାର୍ଯ୍ୟରେ 56.84 ଲକ୍ଷ ଟଙ୍କାର ନିର୍ମାଣ ସାମଗ୍ରୀ ସ୍ଥାନୀୟ ଯୋଗାଣକାରୀଙ୍କ ଠାରୁ ହାତ ରସିଦ୍ ଉପରେ କ୍ରୟ କରାଯାଇଥିଲା।
- **ମୋଟର ବାଇକ୍, କାର ଇତ୍ୟାଦିରେ ନିର୍ମାଣ ସାମଗ୍ରୀର ପରିବହନ ଇତ୍ୟାଦି :** 190 ଟି କାର୍ଯ୍ୟରେ 82.16 ଲକ୍ଷ ଟଙ୍କା ହାତ ରସିଦ ଉପରେ ପ୍ରଦାନ କରାଯାଇଥିଲା ବୋଲି ଦର୍ଶାଯାଇଥିଲା। ସେଥିମଧ୍ୟରୁ 42 ଟି କାର୍ଯ୍ୟରେ ଭାରି ଓଜନ ସାମଗ୍ରୀ ଯଥା: ବାଲି, ଚିପ୍ସ, ମେଟାଲ ଇତ୍ୟାଦି ମୋଟର ବାଇକ୍/କାର/ବସ୍/ଫିଟନେସ୍ ଅବଧି ଶେଷ ହୋଇଯାଇଥିବା ଗାଡ଼ି ଗୁଡ଼ିକରେ ପରିବହନ କରାଯାଇଥିବା ଦର୍ଶାଇ 8.64 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ସଂପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀମାନେ ପଞ୍ଜୀକୃତ ବ୍ୟବସାୟୀଙ୍କୁ ବିନା ଛପା ରସିଦ ମାଧ୍ୟମରେ ଟଙ୍କା ପ୍ରଦାନ କରି ଯଥାର୍ଥତାକୁ ସୁନିଶ୍ଚିତ କରିବାରେ ବିଫଳ ହୋଇଥିଲେ।

ଉପରୋକ୍ତ ଦୃଷ୍ଟାନ୍ତରୁ ଏହା ସୂଚୀତ ହେଉଥିଲା ଯେ ସାମଗ୍ରୀ ସଂଗ୍ରହରେ ସ୍ୱଚ୍ଛତାର ଅଭାବ ଥିଲା ଏବଂ ଯଥାର୍ଥ ଧ୍ୟାନ ଦିଆ ନ ଯାଇ ଅର୍ଥ ପ୍ରଦାନ କରାଯାଇଥିଲା।

ସଂପୃକ୍ତ ବ୍ଲକ ଉନ୍ନୟନ ଅଧିକାରୀମାନେ ତଥ୍ୟକୁ ସୁନିଶ୍ଚିତ କରି ଜଣାଇଥିଲେ (ନଭେମ୍ବର 2022) ଯେ ବିଭାଗ ଦ୍ୱାରା ଏହି କାମ ନିର୍ବାହ କରାଯାଇଥିଲା। ଏହି କାର୍ଯ୍ୟର ଦାୟୀତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇ ସାରିଅଛି। ଉତ୍ତର ଗ୍ରହଣୀୟ ନଥିଲା ଏହା ବିଭାଗର ଅନୁଦେଶକୁ ଉଲ୍ଲଙ୍ଘନ କରୁଥିଲା। ଏଣୁ ଏହିସବୁ ସନ୍ଦେହଜନକ ଯୋଗାଣ ମାମଲା ଗୁଡ଼ିକର ସବିଶେଷ ଅନୁସନ୍ଧାନ କରି ଦାୟୀତ୍ୱରେ ଥିବା ଅଧିକାରୀମାନଙ୍କ ବିରୋଧରେ ଉପରୋକ୍ତ ଅନିୟମିତତା ପାଇଁ କାର୍ଯ୍ୟାନୁଷ୍ଠାନ ଧାର୍ଯ୍ୟ କରାଯିବା ଆବଶ୍ୟକ।

### *4.5.7 ସିମେଣ୍ଟ କଂକ୍ରିଟ୍ ରାସ୍ତାର ଅଧିକ ଓସାର ଯୋଗୁଁ ପରିହାର୍ଯ୍ୟ ଖର୍ଚ୍ଚ*

ଗୋପବନ୍ଧୁ ଗ୍ରାମୀଣ ଯୋଜନା ମାର୍ଗଦର୍ଶିକାର ଅନୁଚ୍ଛେଦ 6.2.3 ଅନୁଯାୟୀ ସିମେଣ୍ଟ କଂକ୍ରିଟ୍ ରାସ୍ତାର ଓସାର 3 ରୁ 3.5 ମିଟର ହେବା ସହିତ ପ୍ରତ୍ୟେକ ପାଞ୍ଚ ମିଟର ବ୍ୟବଧାନରେ ପ୍ରସାରଣ ଯୋଡ଼ ରହିବା ଦରକାର। ପୁନଶ୍ଚ ମାର୍ଗଦର୍ଶିକାର ଅନୁଚ୍ଛେଦ 6.2.8 ଠାରୁ 6.2.9 ଅନୁଯାୟୀ ସଂପୃକ୍ତ କନିଷ୍ଠ ଯନ୍ତ୍ରୀ/ ସହାୟକ ଯନ୍ତ୍ରୀ/ ଜିପିଟିଏ କାର୍ଯ୍ୟକ୍ଷେତ୍ରକୁ ନିଜେ ପରିଦର୍ଶନ କରି ଯୋଜନା ଅନୁଯାୟୀ ସିମେଣ୍ଟ କଂକ୍ରିଟ୍ ରାସ୍ତାର ଚିତ୍ରାଙ୍କନ ପ୍ରସ୍ତୁତ କରି କଂକ୍ରିଟ୍ ଢଳେଇ ସମୟରେ କାର୍ଯ୍ୟସ୍ଥଳରେ ନିଜେ ଉପସ୍ଥିତ ରହିବା ପାଳନୀୟ ଅଟେ।

---

[61] ବସ୍ତା, ଦାନଗଦି, ସିମୁଳିଆ, ଜଳେଶ୍ୱର, କୋଏରା, ହେମଗିରି, କେନ୍ଦୁଝର ସଦର, ବାଂଶପାଳ, ଚମ୍ପୁଆ, କାଶୀପୁର, ବିଷମକଟକ ଏବଂ ମୁନିଗୁଡ଼ା

ଦୁଇଟି ନମୁନା ଯାଞ୍ଚ ବ୍ଲକ୍ (ବିଷମକଟକ ଏବଂ ମୁନିଗୁଡ଼ା) ରେ 76.11 ଲକ୍ଷ ଟଙ୍କା ଅଟକଳରେ 40 ଟି ନମୁନା ଯାଞ୍ଚ କାର୍ଯ୍ୟ 76.08 ଲକ୍ଷ ଟଙ୍କା ବ୍ୟୟରେ ନିର୍ବାହ କରାଯାଇଥିଲା । ଯାହା ହେଉନା କାହିଁକି ରାସ୍ତାର ଓସାର 3.6 ମିଟର ରୁ 9 ମିଟର ପର୍ଯ୍ୟନ୍ତ ରହିଥିଲା । ଏହି ଅଧିକ ଓସାର ପାଇଁ 15.79 ଲକ୍ଷ ଟଙ୍କା ଅଧିକ ଖର୍ଚ୍ଚ ହୋଇଥିଲା ଯାହାକି ପରିହାର୍ଯ୍ୟ କରାଯାଇପାରିଥାନ୍ତା ତାହାର ସବିଶେଷ ବିବରଣୀ ***ପରିଶିଷ୍ଟ 4.4*** ର ପ୍ରଦାନ କରାଗଲା ।

ସଂପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀମାନେ ତଥ୍ୟକୁ ସୁନିଶ୍ଚିତ କରି ଜଣାଇଥିଲେ (ନଭେମ୍ବର 2022) ଯେ ସିମେଣ୍ଟ କଂକ୍ରିଟ୍ ରାସ୍ତାର ଅଧିକ ଓସାର ସ୍ଥାନୀୟ ଲୋକଙ୍କ ଦାବୀ ଯୋଗୁଁ ନିର୍ବାହ କରାଯାଇଥିଲା । ଉତ୍ତର ଗ୍ରହଣୀୟ ନଥିଲା କାରଣ ଏହା ମାର୍ଗଦର୍ଶିକାର ଉଲ୍ଲଙ୍ଘନ ହୋଇଥିଲା ଏବଂ ଯେଉଁ ଅଧିକ ଖର୍ଚ୍ଚ ହୋଇଥିଲା ସେହି ଖର୍ଚ୍ଚରେ ରାସ୍ତାର ଲମ୍ବା ଅଧିକ ହୋଇପାରିଥାନ୍ତା ।

### *4.5.8 ଧାଡ଼ି କେନାଲର ଶଯ୍ୟା ଏବଂ ପାର୍ଶ୍ୱ କାନ୍ଥ ଗୁଡ଼ିକର ଅଧିକ ମୋଟେଇ ଯୋଗୁଁ ପରିହାର୍ଯ୍ୟ ଖର୍ଚ୍ଚ*

ଭାରତୀୟ ମାନକ 12379 (ଜଳ ଆସ୍ତର ବିଷୟ ଏବଂ କ୍ଷେତ୍ର ପ୍ରଣାଳୀ ପାଇଁ କାର୍ଯ୍ୟ ପଦ୍ଧତିର ନିୟମ କୋଡ) ରେ ବିହିତ କରାଯାଇଅଛି ଯେ କ୍ଷେତ୍ର ପ୍ରଣାଳୀର ମାନକ ଧାଡ଼ି/ ସ୍ତର ଉପରେ କେନାଲର ସିମେଣ୍ଟ କଂକ୍ରିଟ୍ (50 ମିମି ମୋଟେଇ) ହୋଇ ଏକ 100 ମାଇକ୍ରନ୍ ତଳୁଆ ସାନ୍ଦ୍ରତା ପଲି ଇଥାଇଲିନ୍ (ଏଲ୍‌ଡିପିଇ) ଫିଲ୍ମ ରହିବା କଥା । ଯେତେବେଳେ ଏଲ୍‌ଡିପିଇ ଫିଲ୍ମର ବ୍ୟବହାର ହୋଇ ନ ପାରିବ ସେତେବେଳେ କାନ୍ଥରେ ସିଧା ପାର୍ଶ୍ୱ 75 ଏମ୍‌ଏମ୍ ମୋଟେଇ ସିମେଣ୍ଟ କଂକ୍ରିଟ୍ (1:3:6)[62] ଅଥବା ପଥରରେ / ଇଟାରେ (150 ଏମ୍‌ଏମ୍ ମୋଟେଇ) ରେ ନିର୍ମାଣ ହେବା ଦରକାର ।

ତିନୋଟି ନମୁନା ଯାଞ୍ଚ ପଞ୍ଚାୟତ ସମିତିରେ 53.58 ଲକ୍ଷ ଟଙ୍କା ବ୍ୟୟରେ କାର୍ଯ୍ୟ ନିର୍ବାହ ହୋଇଥିବା 21 ଟି ଲାଇନ୍ କେନାଲ କାର୍ଯ୍ୟର ପରୀକ୍ଷଣ ଯାଞ୍ଚରୁ ଜଣାଗଲା ଯେ ସମସ୍ତ ଅଂଶ ପାଇଁ ଶଯ୍ୟା ଏବଂ ସିଧା ପାର୍ଶ୍ୱ କାନ୍ଥଗୁଡ଼ିକ ସିମେଣ୍ଟ କଂକ୍ରିଟ୍ (1:3:6) ବ୍ୟବସ୍ଥା କରାଯାଇଥିଲା । କେନାଲ ଶଯ୍ୟାର ମୋଟେଇ 50 ଏମ୍ ଏମ୍ ପରିବର୍ତ୍ତେ 700 ରୁ 2100 ଏମ୍‌ଏମ ମୋଟେଇର ନିର୍ମାଣ ହୋଇଥିଲା, ପାର୍ଶ୍ୱ କାନ୍ଥର ମୋଟେଇ 75 ଏମ୍‌ଏମ୍ ପରିବର୍ତ୍ତେ 100 ଏମ୍‌ଏମ୍‌ରୁ 1,650 ଏମ୍‌ଏମ୍ ମୋଟେଇର ନିର୍ମାଣ ହୋଇଥିଲା ।

ତେଣୁ, ଶଯ୍ୟା ଏବଂ କାନ୍ଥର ଅଧିକ ମୋଟେଇର ବ୍ୟବସ୍ଥା ଯୋଗୁଁ 739 କ୍ୟୁବିକ୍ ମିଟର ସିମେଣ୍ଟ କଂକ୍ରିଟ୍ (1:3:6) ଅଧିକ ବିନିଷ୍ଟ ହୋଇଥିଲା । ଫଳସ୍ୱରୁପ, 27.89 ଲକ୍ଷ ଟଙ୍କା ପରିହାର୍ଯ୍ୟ କରାଯାଇପାରିଥାନ୍ତା ଯାହାର ସବିଶେଷ ବିବରଣୀ ***ପରିଶିଷ୍ଟ- 4.5*** ରେ ଦର୍ଶାଯାଇଅଛି ।

ସଂପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀମାନେ ତଥ୍ୟଗୁଡ଼ିକୁ ସୁନିଶ୍ଚିତ କରି ଜଣାଇଥିଲେ (ନଭେମ୍ବର 2022) ଯେ, କେନାଲର ଶଯ୍ୟା ଏବଂ କାନ୍ଥର ଅଧିକ ମୋଟେଇ ସ୍ଥାନୀୟ ଦାବି ଯୋଗୁଁ ବ୍ୟବସ୍ଥା କରାଯାଇଥିଲା ଏବଂ ଆଶ୍ୱାସନା ଦେଇଥିଲେ ଯେ ଭବିଷ୍ୟତରେ କେନାଲ ନିର୍ମାଣ କାର୍ଯ୍ୟରେ ଆବଶ୍ୟକ ଯତ୍ନ ନିଆଯିବ । ଉତ୍ତର ଗ୍ରହଣୀୟ ନଥିଲା କାରଣ ଅଧିକ ମୋଟେଇର ବ୍ୟବସ୍ଥା ବିହିତ ମାନକର ଉଲ୍ଲଂଘନ ହୋଇଥିଲା ।

### *4.5.9 କାର୍ଯ୍ୟ ନିର୍ବାହରେ ଖର୍ଚ୍ଚର ଅପବ୍ୟୟ*

ଗୋପବନ୍ଧୁ ଗ୍ରାମୀଣ ଯୋଜନର ମାର୍ଗଦର୍ଶିକା ଅନୁଯାୟୀ ଗ୍ରାମ ପଞ୍ଚାୟତ ପାଇଁ ବାର୍ଷିକ ଅନୁଯୋଜନାରେ ପଲ୍ଲୀ ସଭାରେ ସୁପାରିଶ ହୋଇଥିବା ପ୍ରୟୋଜନ ଆଧାରିତ ପ୍ରକଳ୍ପଗୁଡ଼ିକୁ ସାମିଲ୍ କରିବା ଦରକାର । ପୁନଶ୍ଚ ମାର୍ଗଦର୍ଶିକା ଚେକ୍ ଡ୍ୟାମ୍ ନିର୍ମାଣ ପାଇଁ[63] ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ଦ୍ୱାରା ଜାରି (ଅଗଷ୍ଟ 2010) ହୋଇଥିବା ମାର୍ଗଦର୍ଶିକା ଅନୁଯାୟୀ କାର୍ଯ୍ୟାନ୍ୱୟନ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ସ୍ଥାନୀୟ ଜନତାଙ୍କ ସହିତ ପରାମର୍ଶ କରି ଜଳସ୍ରୋତ ଉପରେ ଅସ୍ଥାୟୀ ବନ୍ଧ ନିର୍ମାଣ କରି ପାରମ୍ପରିକ ଜଳସେଚନ କରୁଥିବା ସ୍ଥାନରେ ଚେକ୍ ଡ୍ୟାମ୍ ନିର୍ମାଣ ହେବା ଆବଶ୍ୟକ ।

---

[62] କ୍ରମାନୁସାରେ ସିମେଣ୍ଟ, ଚିପ୍ସ ଏବଂ ବାଲି ମିଶ୍ରଣର ସମାନୁପାତ ଯଥାକ୍ରମେ 1:3:6

[63] 'ଚେକ୍ ଡ୍ୟାମ ଗୁଡ଼ିକ ଛୋଟ ଡ୍ୟାମ୍ ଯାହା ଛୋଟ ନଦୀ/ ପ୍ରବାହ ଉପରେ ନିର୍ମାଣ ହୋଇଥିଲା ଯାହା ପ୍ରାଥମିକ ଭାବରେ ଭୂତଳ ଜଳକୁ ରିଚାର୍ଜ କରି ଉଠା ଜଳସେଚନ ମାଧ୍ୟମରେ ନିକଟବର୍ତ୍ତୀ ଗ୍ରାମ ମାନଙ୍କୁ ପିଇବା ପାଣି ସୁବିଧା ।

କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ପଞ୍ଚାୟତ ସମିତିରେ ସମୀକ୍ଷାରେ ଲକ୍ଷ୍ୟ କରାଗଲା ଯେ, 18.00 ଲକ୍ଷ ଟଙ୍କା ବିନିଯୋଗରେ ସ୍ଥାନୀୟ କୃଷକମାନଙ୍କୁ ଜଳସେଚନ ସୁବିଧାର ବ୍ୟବସ୍ଥା ପାଇଁ ଦୁଇଟି[64] ଚେକ୍ ଡ୍ୟାମ୍ ସହିତ କ୍ଷେତ୍ର ଚାନେଲ୍[65] ଏବଂ ଦୁଇଟି[66] କ୍ଷେତ୍ର ଚାନେଲ୍ ନିର୍ମାଣ ହୋଇଥିଲା (ଜାନୁଆରୀ ଏବଂ ଡିସେମ୍ବର 2018 ମଧ୍ୟରେ) ।

**ଫଟୋଗ୍ରାଫ୍ ସଂଖ୍ୟା- 4.3**



**ଲକ୍ଷ୍ମୀପୁର ପିଏସ୍‌ର ଗୌଡ଼ଗୁଡ଼ା ଜିପିର ଖଜୁରୀପୁଟଠାରେ ଚେକ୍ ଡ୍ୟାମ୍‌ରେ ଜଳ ଗଚ୍ଛିତ କରି ରଖିବା ପାଇଁ ସ୍ଥାନ ନାହିଁ**

ଉପରୋକ୍ତ ସମ୍ପତ୍ତିଗୁଡ଼ିକର ମିଳିତ ଭୌତିକ ନିରୀକ୍ଷଣରୁ (ଡିସେମ୍ବର 2022) ଜଣାଗଲା ଯେ ଏହି ଚେକ୍ ଡ୍ୟାମ୍ ଗୁଡ଼ିକରେ ଜଳ ଭଣ୍ଡାର ପାଇଁ କୌଣସି ସୁବିଧା ନଥିଲା ଏବଂ ଚେକ୍ ଡ୍ୟାମ୍ ଚାରିପଟେ କୌଣସି ଚାଷ ଜମି ନଥିଲା । ପୁନଶ୍ଚ ଏହି କ୍ଷେତ୍ର ଚାନେଲ୍ ପଡ଼ିଆ ଜମି ଉପରେ ନିର୍ମାଣ କରାଯାଇଥିଲା, ଯେଉଁଠାରେ କୌଣସି ଚାଷ କାର୍ଯ୍ୟ ହୋଇପାରିବ ନାହିଁ । ତେଣୁ, କ୍ଷେତ୍ର ବାଛିବାରେ ସଠିକ୍ ହୋଇ ନଥିବା ଯୋଗୁଁ ଏହି ପ୍ରକଳ୍ପ ଗୁଡ଼ିକ ଜଳ ଭଣ୍ଡାରରେ ଜଳ ଧାରଣ କରି ଜଳସେଚନ କରିବାରେ ବିଫଳ ହେବା ଯୋଗୁଁ 18 ଲକ୍ଷ ଟଙ୍କାର ବ୍ୟୟ ବିଫଳ ହୋଇଥିଲା ।

ସେହିପରି, କୋରାପୁଟ ଜିଲ୍ଲାର ପଟ୍ଟାଙ୍ଗୀ ପଞ୍ଚାୟତ ସମିତିର ସୁଙ୍କି ଗ୍ରାମ ପଞ୍ଚାୟତରେ 50 ଲକ୍ଷ ଟଙ୍କା ବ୍ୟୟ ଅଟକଳରେ 49.25 ଲକ୍ଷ ଟଙ୍କା ବିନିଯୋଗରେ ଏକ ବକ୍ସ ସେଲ୍ ସେତୁ[67] କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା (ମଇ 2019) । ଅଡିଟ୍‌ରେ ସମ୍ପତ୍ତିଗୁଡ଼ିକର ମିଳିତ ଭୌତିକ ନିରୀକ୍ଷଣ ସଞ୍ଚାଳନରୁ (ଡିସେମ୍ବର 2022) ଦେଖାଗଲା ଯେ, ସେତୁଟି ଭଗ୍ନ ଅବସ୍ଥାରେ ଅଛି ଏବଂ ଏହାର ଚାରି ପାଖରେ ଥିବା ସ୍ଥାନୀୟ ଜନତାଙ୍କର ଯୋଗାଯୋଗ ସୁବିଧାରେ ବ୍ୟାଘାତ୍ ସୃଷ୍ଟି ହେଉଛି । ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ପାଖରେ ଥିବା ନଥିପତ୍ରରୁ ସେତୁ କ୍ଷତି ହେବାର କାରଣ ଏବଂ କେତେ ଦିନ ହେଲା କ୍ଷତି ହେଲାଣି ଦେଖିବାକୁ ମିଳି ନଥିଲା । ସମୀକ୍ଷାରେ ଲକ୍ଷ୍ୟ କରାଗଲା ଯେ, କାର୍ଯ୍ୟ ନିର୍ବାହ ପୂର୍ବରୁ ଅଧିକ ବନ୍ୟା ସମୟରେ ଜଳର ସ୍ତରକୁ ଆକଳନ କରି ଏବଂ ଜଳ ଗ୍ରହଣ ଅଞ୍ଚଳକୁ ଜଳ ନିଷ୍କାସନ ହେବା ପାଇଁ ଜଳଚାଳିତ ଅଧ୍ୟୟନର ସଂଚାଳନ କରାଯାଇନଥିଲା । ଏହା ବ୍ୟତୀତ ମାଟିର ସୁରକ୍ଷା ବହନ କରୁଥିବା ଦକ୍ଷତାର କାର୍ଯ୍ୟକାରୀ ଅଧ୍ୟୟନ ବାବଦରେ ଏକ ଅଂଶ ଭାବରେ ଅନୁସନ୍ଧାନ କରାଯାଇନଥିଲା । ପୁନଶ୍ଚ ଏହା ଦେଖିବାକୁ ମିଳିଲା ଯେ, ଏହି ପ୍ରକଳ୍ପଗୁଡ଼ିକ ପଲ୍ଲୀସଭା ଦ୍ୱାରା ସୁପାରିଶ ହୋଇନଥିଲା, ଯାହାର ଅର୍ଥ ହେଉଛି ସ୍ଥାନୀୟ ଜନସାଧାରଣଙ୍କ ପ୍ରକୃତ ଆବଶ୍ୟକତା ଏବଂ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତାକୁ ହିସାବକୁ ନିଆଯାଇନଥିଲା । ପରିଣାମ ସ୍ୱରୁପ 49.25 ଲକ୍ଷ ଟଙ୍କାର ବିଫଳ ବ୍ୟୟ ହୋଇଥିଲା ।

**ଫଟୋଗ୍ରାଫ୍ ସଂଖ୍ୟା- 4.4**



**ପଟ୍ଟାଙ୍ଗି ପଞ୍ଚାୟତ ସମିତିର ସୁଙ୍କି ଗ୍ରାମ ପଞ୍ଚାୟତରେ ଭୁଷୁଡ଼ି ପଡ଼ିଥିବା ବକ୍ସ ସେଲ ସେତୁ**

ସଂପୃକ୍ତ ଲକ୍ଷ୍ମୀପୁର ବ୍ଲକ୍ ଉନ୍ନୟନ ଅଧିକାରୀ, ତଥ୍ୟ ସୁନିଶ୍ଚିତ କରି ଜଣାଇଥିଲେ (ଜାନୁଆରୀ 2023) ଯେ, ଗ୍ରାମବାସୀମାନଙ୍କର ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ଚେକ୍ ଡ୍ୟାମ୍ କ୍ଷେତ୍ର ପ୍ରଣାଳୀ କ୍ରମେ ଅଚଳ ହୋଇପଡ଼ିଥିଲା । ବିଡିଓ, ପଟ୍ଟାଙ୍ଗୀ ଜଣାଇଥିଲେ (ଡିସେମ୍ବର 2022) ଯେ, ଝଡ଼ ବାତ୍ୟା, 'ଗୁଲାବ-21[68]' ଯୋଗୁଁ ସେତୁଟି ଭୁଷୁଡ଼ି ପଡ଼ିଥିଲା ଏବଂ ପୁନଃ ପ୍ରତିଷ୍ଠା ପ୍ରସ୍ତାବ ଉଚ୍ଚ ଅଧିକାରୀଙ୍କ ପାଖରେ ଦାଖଲ କରାଯାଇଅଛି । ଉତ୍ତର ଗ୍ରହଣୀୟ ନଥିଲା

---

64 ଗୌଡ଼ ପଡ଼ା ଗ୍ରାମ ପଞ୍ଚାୟତରେ ଖଜୁରୀପୁଟ ଏବଂ ଗୌଡ଼ାଲାଚି ଠାରେ ପ୍ରତ୍ୟେକ ପ୍ରକଳ୍ପ ପାଇଁ 5.00 ଲକ୍ଷ ଟଙ୍କା ଅଟକଳରେ କ୍ଷେତ୍ର ଚାନେଲ ସହିତ ଚେକ୍ ଡ୍ୟାମ୍ ନିର୍ମାଣ କରାଯାଇଥିଲା ।

65‘ କ୍ଷେତ୍ର ଚାନେଲ୍ ଗୁଡ଼ିକ ଛୋଟ ଚାନେଲ୍ ଚାଷୀମାନଙ୍କ ଦ୍ୱାରା ସେମାନଙ୍କଜମିରେ ଖୋଳାଯାଏ

66 କୁସୁମଗୁଡ଼ା ଗ୍ରାମ ପଞ୍ଚାୟତର କୁଟୁନୀପଦର ଠାରେ 5.00 ଲକ୍ଷ ଟଙ୍କାର ଅଟକଳରେ କ୍ଷେତ୍ର ଚାନେଲ୍ ନିର୍ମାଣ ଏବଂ ପିପିଲାପଡ଼ା ଗ୍ରାମ ପଞ୍ଚାୟତରେ ସତୀଗୁଡ଼ା ଠାରେ 3.00 ଲକ୍ଷ ଟଙ୍କା ଅଟକଳରେ ଆକାନଳାଠାରେ କ୍ଷେତ୍ର ଚାନେଲ ନିର୍ମାଣ

67 'ବକ୍ସ ସେଲ୍' ସେତୁ ଏକ ପ୍ରକାର କଂକ୍ରିଟ୍ ଗଢଣ ଅଟେ ଯାହା ସାଧାରଣଙ୍କ ଜଳ ପ୍ରଣାଳୀରେ ପ୍ରାରମ୍ଭରେ ନିଷ୍କାସନ ପଦ୍ଧତିର ଅଂଶ ଭାବରେ ବ୍ୟବହୃତ ହୋଇଥାଏ ।

68 'ବାତ୍ୟା' ଏକ ଝଡ଼ ଅଥବା ପବନର ପ୍ରଣାଳୀ ଅଟେ ଯାହା ତଳୁଆ ବାୟୁମଣ୍ଡଳୀୟ ଚାପରେ ଘୁରିବୁଲେ । ଗୁଲାବୀ-21 ଝଡ଼ବାତ୍ୟା ଓଡ଼ିଶାରେ 26 ସେପ୍ଟେମ୍ବର 2021 ରେ ମାଡ଼ ହୋଇଥିଲା ।

କାରଣ ଗ୍ରାମବାସୀମାନେ ଚେକ୍ ଡ୍ୟାମ୍ ଏବଂ କ୍ଷେତ୍ର ପ୍ରଣାଳୀର ରକ୍ଷଣାବେକ୍ଷଣ ଏବଂ ପରିଚାଳନା ପାଇଁ ଦାୟୀ ନୁହଁନ୍ତି । ପୁନଶ୍ଚ, ବକ୍ସ ସେଲ୍ ସେତୁ ନିର୍ମାଣ ପୂର୍ବରୁ କୌଣସି କାର୍ଯ୍ୟକାରିତା ଅଧ୍ୟୟନ ନିର୍ବାହ କରାଯାଇନଥିଲା ।

### *4.5.10 କାର୍ଯ୍ୟ ସମ୍ପୂର୍ଣ୍ଣର ବିଳମ୍ବ*

ଗୋପବନ୍ଧୁ ଗ୍ରାମୀଣ ଯୋଜନା ମାର୍ଗଦର୍ଶିକାର ଅନୁଚ୍ଛେଦ ସଂଖ୍ୟା. 6.2.11 ଅନୁଯାୟୀ ସାଧାରଣତଃ ପ୍ରକଳ୍ପଗୁଡ଼ିକ କାର୍ଯ୍ୟାଦେଶ ଜାରି ହେବାର ତାରିଖର ଛଅ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବାର ଆବଶ୍ୟକ ।

21 ଟି ନମୁନା ଯାଞ୍ଚ ପଞ୍ଚାୟତ ସମିତି ମଧ୍ୟରୁ 20 ଟିରେ ସମୀକ୍ଷାରେ ଲକ୍ଷ୍ୟ କରାଗଲା ଯେ, 362 ଟି ପରୀକ୍ଷଣ ଯାଞ୍ଚ କାର୍ଯ୍ୟ ମଧ୍ୟରୁ 219 ଟି କାର୍ଯ୍ୟ 7.90 କୋଟି ଟଙ୍କା ବ୍ୟୟ ହୋଇ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରି ନଥିଲା । ଏହି କାର୍ଯ୍ୟ ଗୁଡ଼ିକର ବିଳମ୍ବର ଅବଧି 30 ରୁ 1,438 ଦିନ ପର୍ଯ୍ୟନ୍ତ ରହିଥିଲା ।

ପର୍ଯ୍ୟାପ୍ତ ପାଣ୍ଠି ରହିଥିବା ସତ୍ତ୍ୱେ କାର୍ଯ୍ୟକର୍ତ୍ତାମାନଙ୍କ[69] ଦ୍ୱାରା ପର୍ଯ୍ୟବେକ୍ଷଣୀୟ ସ୍ତରରେ ପର୍ଯ୍ୟାଲୋଚନାର ଅଭାବ ଯୋଗୁଁ ଏହି କାର୍ଯ୍ୟଗୁଡ଼ିକ ସମ୍ପୂର୍ଣ୍ଣ ହୋଇପାରି ନଥିଲା । ଏହି ବିଷୟରେ ପରବର୍ତ୍ତୀ ଅନୁଚ୍ଛେଦ ଗୁଡ଼ିକରେ ଆଲୋଚନା କରାଯାଇଅଛି । 7.90 କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସତ୍ତ୍ୱେ ଏହିସବୁ କାରଣ ଯୋଗୁଁ ପ୍ରକଳ୍ପ ଗୁଡ଼ିକ ସମୟାନୁସାରେ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟରେ ବ୍ୟବହାର ହୋଇ ପାରିନଥିଲା ।

ସଂପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀମାନେ ତଥ୍ୟକୁ ସୁନିଶ୍ଚିତ କରି ଜଣାଇଥିଲେ (ନଭେମ୍ବର 2022) ଯେ, ଭବିଷ୍ୟତରେ ସମୟାନୁସାରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଯତ୍ନଶୀଳ ହେବେ ।

***ସୁପାରିଶ :***

***12. ପ୍ରବଞ୍ଚନାତ୍ମକ ଭାଉଚର ପ୍ରଦାନ, ଅତ୍ୟଧିକ ସାମଗ୍ରୀ ମୂଲ୍ୟ ପ୍ରଦାନ, ଏବଂ ସମ୍ପୂର୍ଣ୍ଣ ଟଙ୍କା ପ୍ରଦାନ ସତ୍ତ୍ୱେ ନିମ୍ନମାନର କାର୍ଯ୍ୟନିର୍ବାହ ଘଟଣାର ସବିଶେଷ ଅନୁସନ୍ଧାନ କରିବା ଦରକାର । ଏହି ଅନିୟମିତତା ପାଇଁ ଦାୟୀ ଅଧିକାରୀଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍ ।***

***13. ଫଳପ୍ରଦ ହେଉ ନଥିବା ବ୍ୟୟକୁ ପରିହାର୍ଯ୍ୟ କରିବା ପାଇଁ ପୂର୍ବର କ୍ଷେତ୍ର ଅଧ୍ୟୟନକୁ ବ୍ୟବହାର କରି ନିଆଯାଇଥିବା କାର୍ଯ୍ୟଗୁଡ଼ିକର ସଫଳତାକୁ ସୁନିଶ୍ଚିତ କରିବା ଉଚିତ୍ ।***

## 4.6 ତଦାରଖ ଏବଂ ପର୍ଯ୍ୟବେକ୍ଷଣ

### *4.6.1 ସାମାଜିକ ସମୀକ୍ଷା ସଞ୍ଚାଳନ ନହେବା*

ଗୋପବନ୍ଧୁ ଗ୍ରାମୀଣ ଯୋଜନା ମାର୍ଗଦର୍ଶିକାର ଅନୁଚ୍ଛେଦ 11 ଅନୁଯାୟୀ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ନିର୍ବାହ ହେଉଥିବା କାର୍ଯ୍ୟର ସାମାଜିକ ସମୀକ୍ଷା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପରି ପଲ୍ଲୀ ସଭାରୁ ଆରମ୍ଭ କରିବା ଦରକାର । ପଲ୍ଲୀ ସଭାର ରିପୋର୍ଟକୁ ଏକତ୍ରୀକୃତ କରି ଗ୍ରାମ ପଞ୍ଚାୟତ ସ୍ତରରେ ସାମାଜିକ ସମୀକ୍ଷା ବିଚାର ପୀଠରେ ପାରିତ କରିବା ଏବଂ ପ୍ରତିବର୍ଷ ରାଜ୍ୟ ନିକଟରେ ପ୍ରଦାନ କରିବା ଦରକାର ।

ଅଡିଟ୍‌ରେ ଲକ୍ଷ୍ୟ କରାଗଲା ଯେ, ଗ୍ରାମ ପଞ୍ଚାୟତ ସ୍ତରରେ ଆର୍ଥିକ ବର୍ଷ 2017-22 ମଧ୍ୟରେ କୌଣସି ପରୀକ୍ଷଣ ଯାଞ୍ଚ ପଞ୍ଚାୟତ ସମିତିରେ ସାମାଜିକ ସମୀକ୍ଷା ସଂଚାଳନ ହୋଇ ନଥିଲା ଯାହା ଗୋପବନ୍ଧୁ ଗ୍ରାମୀଣ ଯୋଜନା ଅଧିନରେ ନିର୍ବାହ ହୋଇଥିବା ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟରେ ସ୍ୱଚ୍ଛତା, ଦାୟୀତ୍ୱ ବୋଧତା ଏବଂ ଦକ୍ଷତାକୁ ସୁନିଶ୍ଚିତ କରିପାରି ନଥିଲା । ପୁନଶ୍ଚ ସାମାଜିକ ସମୀକ୍ଷା ସଞ୍ଚାଳନ ନ ହେବାର କାରଣ ନଥିପତ୍ରରେ ଦେଖିବାକୁ ମିଳିନଥିଲା । ସାମାଜିକ ସମୀକ୍ଷା ସଞ୍ଚାଳନ ନହେବା ପର୍ଯ୍ୟବେକ୍ଷଣ ସ୍ତରରେ ଦୁର୍ବଳ ପର୍ଯ୍ୟାଲୋଚନା ଓ ପର୍ଯ୍ୟବେକ୍ଷଣକୁ ସୂଚିତ କରୁଥିଲା । ସେପ୍ଟେମ୍ବର 2024 ସୁଦ୍ଧା ବିଭାଗ ପକ୍ଷରୁ କୌଣସି ଉତ୍ତର ପ୍ରାପ୍ତ ହୋଇନଥିଲା ।

### *4.6.2 ପ୍ରକଳ୍ପ ଗୁଡ଼ିକର ଭୌତିକ ନିରୀକ୍ଷଣ ଏବଂ ପର୍ଯ୍ୟବେକ୍ଷଣରେ ପର୍ଯ୍ୟାପ୍ତତାରେ ଅଭାବ*

ଗୋପବନ୍ଧୁ ଗ୍ରାମୀଣ ଯୋଜନା ମାର୍ଗଦର୍ଶିକାର ଅନୁଚ୍ଛେଦ 9.2 ରେ ନିର୍ଦ୍ଧାରଣ କରାଯାଇଅଛି ଯେ ଜିଲ୍ଲାପାଳ ନିରୀକ୍ଷଣର ଅନୁସୂଚୀ ପ୍ରସ୍ତୁତ କରିବା ଦରକାର, ଯେଉଁଥିରେ ପ୍ରତ୍ୟେକ କାର୍ଯ୍ୟକର୍ତ୍ତାଙ୍କର ପର୍ଯ୍ୟବେକ୍ଷଣ ସ୍ତରରେ ନ୍ୟୁନତମ ସଂଖ୍ୟକ କ୍ଷେତ୍ର ପରିଦର୍ଶନର ଉଲ୍ଲେଖ ରହିବ ଏବଂ ସେହି ନିରୀକ୍ଷଣର ଅନୁସୂଚୀ ନିୟମାନୁସାରେ ଅନୁସରଣ କରାଯିବାକୁ

[69] ବିଡିଓ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳ

ସୁନିଶ୍ଚିତ କରିବା ଦରକାର । ପୁନଶ୍ଚ ମାର୍ଗଦର୍ଶିକାର **ଅନୁଚ୍ଛେଦ** 6.2.13 ଏବଂ 6.3.5 ଅନୁଯାୟୀ ବ୍ଲକ୍ ଉନ୍ନୟନ ଅଧିକାରୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଏବଂ ଜିଲ୍ଲାପାଳ ପ୍ରକଳ୍ପ ଗୁଡ଼ିକର ପର୍ଯ୍ୟବେକ୍ଷଣ ଏବଂ ଭୌତିକ ଯାଞ୍ଚ କ୍ରମାନୁସାରେ 25 ପ୍ରତିଶତ, ପାଞ୍ଚ ପ୍ରତିଶତ ଏବଂ ଏକ ପ୍ରତିଶତ କରିବା ଦରକାର ।

ଅଡିଟ୍‌ରେ ଦେଖାଗଲା ଯେ ପରୀକ୍ଷଣ ଯାଞ୍ଚ ପଞ୍ଚାୟତ ସମିତି ଗୁଡ଼ିକ ପାଇଁ ଡିପିସି ଦ୍ୱାରା ଆର୍ଥିକ ବର୍ଷ 2017-19 ମଧ୍ୟରେ 3,357 ଟି ପ୍ରକଳ୍ପର ମଞ୍ଜୁରୀ ପ୍ରଦାନ କରାଯାଇଥିଲା । କିନ୍ତୁ, ପରୀକ୍ଷିତ ଜିଲ୍ଲା ଏବଂ ପଞ୍ଚାୟତ ସମିତି ଗୁଡ଼ିକରେ, ସଂପୃକ୍ତ ଜିଲ୍ଲାପାଳମାନେ, ପ୍ରତ୍ୟେକ ସ୍ତରର ପର୍ଯ୍ୟବେକ୍ଷକମାନଙ୍କ ପାଇଁ କୌଣସି ପର୍ଯ୍ୟବେକ୍ଷଣ ସୂଚୀ ସ୍ଥିର କରିନଥିଲେ । ଯଦିଓ ବ୍ଲକ୍ ଉନ୍ନୟନ ଅଧିକାରୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଏବଂ ଜିଲ୍ଲାପାଳ ମାନେ ପରୀକ୍ଷଣ ଯାଞ୍ଚ ପଞ୍ଚାୟତ ସମିତି ଗୁଡ଼ିକରେ କ୍ରମାନ୍ୱୟରେ 839, 168 ଏବଂ 34 ଟି ପ୍ରକଳ୍ପ ଗୁଡ଼ିକର ନିରୀକ୍ଷଣ କରିବା ଦରକାର, ସେହି ପରିଦର୍ଶନ ଗୁଡ଼ିକର କୌଣସି ପ୍ରମାଣ ନଥିପତ୍ରରେ ଦେଖିବାକୁ ମିଳି ନଥିଲା । ପ୍ରକଳ୍ପ ସ୍ଥାନ ପରିଦର୍ଶନ ଓ ପରିଦର୍ଶନର ପରିମାଣକୁ ଲିପିବଦ୍ଧ କରିବା ପାଇଁ କୌଣସି ରେଜିଷ୍ଟର ନଥିଲା । ଅଧିକନ୍ତୁ, ନିରୀକ୍ଷଣ କରାଯାଇଥିବା ବାବଦରେ କୌଣସି ନିରୀକ୍ଷଣ ରିପୋର୍ଟ ପ୍ରସ୍ତୁତ ହୋଇନଥିଲା । ଏହି ସୂଚନା ବିନା ଭୌତିକ ଯାଞ୍ଚର ପରିମାଣକୁ ସୁନିଶ୍ଚିତ କରାଯାଇ ପାରିନଥିଲା ।

ତେଣୁ, 362ଟି ପରୀକ୍ଷଣ ଯାଞ୍ଚ କାର୍ଯ୍ୟ ମଧ୍ୟରୁ 219ଟି କାର୍ଯ୍ୟ ପର୍ଯ୍ୟବେକ୍ଷଣୀୟ ଅଧିକାରୀଙ୍କ ଦ୍ୱାରା ସଠିକ ଭାବରେ ପରିଚାଳନା ଏବଂ ପର୍ଯ୍ୟବେକ୍ଷଣ ନହେବା ଯୋଗୁଁ, 7.90 କୋଟି ଟଙ୍କା ବିନିଯୋଗ ହୋଇଥିବା ସତ୍ତ୍ୱେ, ସମୟ ମଧ୍ୟରେ କାର୍ଯ୍ୟ ଗୁଡ଼ିକ ସମ୍ପୂର୍ଣ୍ଣ ହୋଇପାରିନଥିଲା ।

ସଂପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀମାନେ ତଥ୍ୟ ଗୁଡ଼ିକୁ ସୁନିଶ୍ଚିତ କରି ଆଶ୍ୱାସନା ଦେଇଥିଲେ (ଡିସେମ୍ବର 2022) ଯେ, ଭବିଷ୍ୟତରେ ଗସ୍ତ ରେଜିଷ୍ଟରରେ, ନିରୀକ୍ଷଣ କାର୍ଯ୍ୟ ଚ୍ଛକରାଯାଇଥିବା କାର୍ଯ୍ୟର ସଂଖ୍ୟା ଉଲ୍ଲିଖିତ କରିବେ ।

***ସୁପାରିଶ:***

***14. ବିନା କାର୍ଯ୍ୟ ନିଷ୍ପାଦନରେ ଏବଂ ଜାଲ ଦସ୍ତାବିଜ ଦାଖଲ କରି ଟଙ୍କା ପ୍ରଦାନକୁ ରୋକିବା ପାଇଁ ପର୍ଯ୍ୟାପ୍ତ ତଦାରଖ ଓ ପର୍ଯ୍ୟବେକ୍ଷଣ ସୁନିଶ୍ଚିତ କରିବା ଉଚିତ୍ ।***

ଭୁବନେଶ୍ୱର
ତାରିଖ

**(ରାଜ କୁମାର)**
**ପ୍ରଧାନ ମହାଲେଖାକାର (ଲେଖାପରୀକ୍ଷା-I)**
**ଓଡ଼ିଶା**

ପ୍ରତିସ୍ୱାକ୍ଷରିତ

ନୂଆ ଦିଲ୍ଲୀ
ତାରିଖ

**(ଗିରୀଶ ଚନ୍ଦ୍ର ମୁର୍ମୁ)**
**ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ**

# ପରିଶିଷ୍ଟ

## ପରିଶିଷ୍ଟ- 1.1

### (ଦ୍ରଷ୍ଟବ୍ୟ ଅନୁଚ୍ଛେଦ ସଂଖ୍ୟା: 1.3; ପୃଷ୍ଠାସଂଖ୍ୟା: 3)

### ରାଜ୍ୟ ସରକାରଙ୍କର ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ଉତ୍ତରାଧିକାରୀସୂତ୍ରେ ପ୍ରବର୍ତ୍ତିତ 29ଟି କାର୍ଯ୍ୟ ସ୍ଥିତିର ବିବରଣ ( ମାର୍ଚ୍ଚ2022ସୁଦ୍ଧା)

| କ୍ରମିକସଂଖ୍ୟା | ପ୍ରବର୍ତ୍ତନ ହେବାକୁ ଥିବାକାର୍ଯ୍ୟ | ହସ୍ତାନ୍ତରରସ୍ଥିତି |
|---|---|---|
| 1 | କୃଷି,କୃଷିସମ୍ବନ୍ଧୀୟସମ୍ପ୍ରସାରଣ ଅନ୍ତର୍ଭୁକ୍ତ | ସ୍ଥାନାନ୍ତରହୋଇଅଛି |
| 2 | ଭୂମିଉନ୍ନତିକରଣ, ଭୂସଂସ୍କାରକାର୍ଯ୍ୟାନ୍ୱୟନ, ଚକବନ୍ଦି ଓ ମୃତ୍ତିକାସଂରକ୍ଷଣ | ସ୍ଥାନାନ୍ତରହୋଇଅଛି |
| 3 | କ୍ଷୁଦ୍ର ଜଳସେଚନ, ଜଳ ପରିଚାଳନାଏବଂଜଳଛାୟାଉନ୍ନତିକରଣ | ସ୍ଥାନାନ୍ତରହୋଇଅଛି |
| 4 | ପଶୁପାଳନ, ଗୋପାଳନ ଏବଂକୁକୁଡ଼ା ପାଳନ | ସ୍ଥାନାନ୍ତରହୋଇଅଛି |
| 5 | ମତ୍ସ୍ୟ ଚାଷ | ସ୍ଥାନାନ୍ତରହୋଇଅଛି |
| 6 | ସାମାଜିକବନୀକରଣଏବଂପ୍ରତିଷ୍ଠାନବନୀକରଣ | ଏପର୍ଯ୍ୟନ୍ତ ସ୍ଥାନାନ୍ତରହୋଇନାହିଁ |
| 7 | ଲଘୁବନଜାତଉତ୍ପାଦ | ସ୍ଥାନାନ୍ତରହୋଇଅଛି |
| 8 | କ୍ଷୁଦ୍ର ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣଶିଳ୍ପ ଅନ୍ତର୍ଭୁକ୍ତ | ଏପର୍ଯ୍ୟନ୍ତ ସ୍ଥାନାନ୍ତରହୋଇନାହିଁ |
| 9 | ଖଦୀ, ଗ୍ରାମ୍ୟ କୁଟୀରଶିଳ୍ପ | ଏପର୍ଯ୍ୟନ୍ତ ସ୍ଥାନାନ୍ତରହୋଇନାହିଁ |
| 10 | ଗ୍ରାମ୍ୟ ଗୃହ ଯୋଗାଣ | ସ୍ଥାନାନ୍ତରହୋଇଅଛି |
| 11 | ପାନୀୟଜଳ | ସ୍ଥାନାନ୍ତରହୋଇଅଛି |
| 12 | ଜାଳେଣି ଓ ଗୋ ଖାଦ୍ୟ | ଏପର୍ଯ୍ୟନ୍ତ ସ୍ଥାନାନ୍ତରହୋଇନାହିଁ |
| 13 | ରାସ୍ତା, ନଳାପୋଲ, ପୋଲ, ଘାଟ, ଜଳପଥଏବଂ ଅନ୍ୟାନ୍ୟ ଯାତାୟତବ୍ୟବସ୍ଥା | ସ୍ଥାନାନ୍ତରହୋଇଅଛି |
| 14 | ଗ୍ରାମ୍ୟ ବିଦ୍ୟୁତକରଣ, ବିଦ୍ୟୁତ୍ ବଣ୍ଟନ ଅନ୍ତର୍ଭୁକ୍ତ | ଏପର୍ଯ୍ୟନ୍ତ ସ୍ଥାନାନ୍ତରହୋଇନାହିଁ |
| 15 | ଅଣ ପାରମ୍ପରିକଶକ୍ତି ଉତ୍ସ | ସ୍ଥାନାନ୍ତରହୋଇଅଛି |
| 16 | ଦାରିଦ୍ର୍ୟ ଦୂରୀକରଣ ଯୋଜନା | ସ୍ଥାନାନ୍ତରହୋଇଅଛି |
| 17 | ପ୍ରାଥମିକଶିକ୍ଷା | ସ୍ଥାନାନ୍ତରହୋଇଅଛି |
| 18 | ବୈଷୟିକତାଲିମଏବଂ ଧନ୍ଦାମୂଳକଶିକ୍ଷା | ଏପର୍ଯ୍ୟନ୍ତ ସ୍ଥାନାନ୍ତରହୋଇନାହିଁ |
| 19 | ପ୍ରୌଢ଼ ଓ ଅଣ ଆନୁଷ୍ଠାନିକ ଶିକ୍ଷା | ସ୍ଥାନାନ୍ତରହୋଇଅଛି |
| 20 | ପାଠାଗାର | ଏପର୍ଯ୍ୟନ୍ତ ସ୍ଥାନାନ୍ତରହୋଇନାହିଁ |
| 21 | ସାଂସ୍କୃତିକକାର୍ଯ୍ୟକ୍ରମ | ଏପର୍ଯ୍ୟନ୍ତ ସ୍ଥାନାନ୍ତରହୋଇନାହିଁ |
| 22 | ବଜାର ଓ ମେଳା | ସ୍ଥାନାନ୍ତରହୋଇଅଛି |
| 23 | ସ୍ୱାସ୍ଥ୍ୟ ଏବଂ ପରିମଳସମେତଚିକିତ୍ସାଳୟ, ପ୍ରାଥମିକସ୍ୱାସ୍ଥ୍ୟ କେନ୍ଦ୍ରଏବଂଡାକ୍ତରଖାନା | ସ୍ଥାନାନ୍ତରହୋଇଅଛି |
| 24 | ପରିବାରକଲ୍ୟାଣ | ସ୍ଥାନାନ୍ତରହୋଇଅଛି |
| 25 | ମହିଳା ଓ ଶିଶୁବିକାଶ | ସ୍ଥାନାନ୍ତରହୋଇଅଛି |
| 26 | ସମାଜକଲ୍ୟାଣଯେଉଁଥିରେଶାରୀରିକ ଅକ୍ଷମ ଏବଂମାନସିକବିକଳାଙ୍ଗକଲ୍ୟାଣ ଅନ୍ତର୍ଭୁକ୍ତ | ସ୍ଥାନାନ୍ତରହୋଇଅଛି |
| 27 | ନିର୍ଦ୍ଦିଷ୍ଟଭାବରେ ଅନୁସୂଚିତ ଜାତିଏବଂଜନଜାତିସମେତ ଦୁର୍ବଳଶ୍ରେଣୀଙ୍କକଲ୍ୟାଣ | ସ୍ଥାନାନ୍ତରହୋଇଅଛି |
| 28 | ସାଧାରଣ ବଣ୍ଟନ ବ୍ୟବସ୍ଥା | ସ୍ଥାନାନ୍ତରହୋଇଅଛି |
| 29 | ଗୋଷ୍ଠୀ ସମ୍ପତ୍ତିରରକ୍ଷଣାବେକ୍ଷଣ | ସ୍ଥାନାନ୍ତରହୋଇଅଛି |

*<u>ଉତ୍ସ</u>: ପଞ୍ଚାୟତିରାଜବିଭାଗରୁସଂଗୃହିତତଥ୍ୟ*

## *ପରିଶିଷ୍ଟ- 1.2*

### *(ଦ୍ରଷ୍ଟବ୍ୟ ଅନୁଚ୍ଛେଦ ସଂଖ୍ୟା: 1.5; ପୃଷ୍ଠା ସଂଖ୍ୟା: 4)*

### ସ୍ଥାୟୀ କମିଟିର କାର୍ଯ୍ୟକାରିତା ବିବରଣୀ

| ସ୍ତର | କ୍ରମିକସଂଖ୍ୟା | ପ୍ରତ୍ୟେକକମିଟିଅଧିନରେ ଥିବାବିଷୟ |
|---|---|---|
| ଜିଲ୍ଲା ପରିଷଦ | 1 | ଯୋଜନା, ଅର୍ଥ, ଦାରିଦ୍ର୍ୟ ନିରାକରଣ ଯୋଜନା ଏବଂସମନ୍ୱୟ |
| | 2 | କୃଷି, ପଶୁପାଳନ, ମୃତ୍ତିକାସଂରକ୍ଷଣ ଉଦ୍ୟାନ କୃଷି, ଜଳଛାୟାଉନ୍ନୟନ ଏବଂ ମତ୍ସ୍ୟଚାଷ |
| | 3 | ନିର୍ମାଣ, ଜଳସେଚନ, ବିଦ୍ୟୁତ୍, ପାନୀୟଜଳ ଯୋଗାଣ ଏବଂଗ୍ରାମ୍ୟ ପରିମଳ |
| | 4 | ସ୍ୱାସ୍ଥ୍ୟ, ସମାଜମଙ୍ଗଳସମେତମହିଳାଏବଂଶିଶୁବିକାଶ |
| | 5 | ସାଧାରଣ ବଣ୍ଟନ ବ୍ୟବସ୍ଥା, ଦୁର୍ବଳଶ୍ରେଣୀକଲ୍ୟାଣ, ଜଙ୍ଗଲ, ଜାଳେଣୀଏବଂ ଗୋଖାଦ୍ୟ |
| | 6 | ହସ୍ତଶିଳ୍ପ, କୁଟୀରଶିଳ୍ପ, ଖଦୀ ଏବଂଗ୍ରାମ ଉଦ୍ୟୋଗ ଏବଂଗ୍ରାମ୍ୟ ଗୃହ ନିର୍ମାଣ |
| | 7 | ଶିକ୍ଷା, କ୍ରୀଡ଼ାଏବଂସଂସ୍କୃତି |
| ପଞ୍ଚାୟତସମିତି | 1 | ଯୋଜନା, ଅର୍ଥ, ଦାରିଦ୍ର୍ୟ ନିରାକରଣ ଯୋଜନା ଏବଂସମନ୍ୱୟ |
| | 2 | କୃଷି, ପଶୁପାଳନ, ମୃତ୍ତିକାସଂରକ୍ଷଣ ଉଦ୍ୟାନ କୃଷି, ଜଳଛାୟାଉନ୍ନୟନ ଏବଂ ମତ୍ସ୍ୟଚାଷ |
| | 3 | ନିର୍ମାଣ, ଜଳସେଚନ, ବିଦ୍ୟୁତ୍, ପାନୀୟଜଳ ଯୋଗାଣ ଏବଂଗ୍ରାମ୍ୟ ପରିମଳ |
| | 4 | ସ୍ୱାସ୍ଥ୍ୟ, ସମାଜମଙ୍ଗଳସମେତମହିଳାଏବଂଶିଶୁବିକାଶ |
| | 5 | ସାଧାରଣ ବଣ୍ଟନ ବ୍ୟବସ୍ଥା, ଦୁର୍ବଳଶ୍ରେଣୀକଲ୍ୟାଣ, ଜଙ୍ଗଲ, ଜାଳେଣୀଏବଂ ଗୋଖାଦ୍ୟ |
| | 6 | ହସ୍ତଶିଳ୍ପ, କୁଟୀରଶିଳ୍ପ, ଖଦୀ ଏବଂଗ୍ରାମ ଉଦ୍ୟୋଗ ଏବଂଗ୍ରାମ୍ୟ ଗୃହ ନିର୍ମାଣ |
| | 7 | ଶିକ୍ଷା, କ୍ରୀଡ଼ାଏବଂସଂସ୍କୃତି |
| ଗ୍ରାମ ପଞ୍ଚାୟତ | 1 | ଯୋଜନା, ଅର୍ଥ, ଦାରିଦ୍ର୍ୟ ନିରାକରଣ ଯୋଜନା ଏବଂସମନ୍ୱୟ |
| | 2 | କୃଷି, ପଶୁପାଳନ, ମୃତ୍ତିକାସଂରକ୍ଷଣ ଉଦ୍ୟାନ କୃଷି, ଜଳଛାୟାଉନ୍ନୟନ ଏବଂ ମତ୍ସ୍ୟଚାଷ |
| | 3 | ନିର୍ମାଣ, ଜଳସେଚନ, ବିଦ୍ୟୁତ୍, ପାନୀୟଜଳ ଯୋଗାଣ ଏବଂଗ୍ରାମ୍ୟ ପରିମଳ |
| | 4 | ସ୍ୱାସ୍ଥ୍ୟ, ସମାଜମଙ୍ଗଳସମେତମହିଳାଏବଂଶିଶୁବିକାଶ |
| | 5 | ସାଧାରଣ ବଣ୍ଟନ ବ୍ୟବସ୍ଥା, ଦୁର୍ବଳଶ୍ରେଣୀକଲ୍ୟାଣ, ଜଙ୍ଗଲ, ଜାଳେଣୀଏବଂ ଗୋଖାଦ୍ୟ |
| | 6 | ହସ୍ତଶିଳ୍ପ, କୁଟୀରଶିଳ୍ପ, ଖଦୀ ଏବଂଗ୍ରାମ ଉଦ୍ୟୋଗ ଏବଂଗ୍ରାମ୍ୟ ଗୃହ ନିର୍ମାଣ |
| | 7 | ଶିକ୍ଷା, କ୍ରୀଡ଼ାଏବଂସଂସ୍କୃତି |

*ଉତ୍ସ: ଜିଲ୍ଲା ପରିଷଦ, ପଞ୍ଚାୟତସମିତି ଏବଂଗ୍ରାମ ପଞ୍ଚାୟତ (ସ୍ଥାୟୀକମିଟିର ଗଠନ) ନିୟମ*

## ପରିଶିଷ୍ଟ–2.1

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ ସଂଖ୍ୟା:2.2 &3.2; ପୃଷ୍ଠାସଂଖ୍ୟା: 13&29)*

### ପରୀକ୍ଷିତ ୟୁନିଟ୍‌ଗୁଡ଼ିକର ତାଲିକା

| କ୍ରମିକସଂଖ୍ୟା | ଜିଲ୍ଲା ପରିଷଦ(7) | ପଞ୍ଚାୟତସମିତି (21) | ଗ୍ରାମ ପଞ୍ଚାୟତ (63) |
|---|---|---|---|
| 1 | ବାଲେଶ୍ୱର | ବସ୍ତା | ଗଡ଼ପଡ଼ା, ନଟକଟା, ସଦାନନ୍ଦପୁର |
| | | ସିମୁଳିଆ | କଞ୍ଚପଡ଼ା, ମାର୍କୋଣା, ବରୀ |
| | | ଜଳେଶ୍ୱର | ଖୁଆଡ଼, ଖୁଦିଆମାଝିସାହି, ଶିଖରପୁର |
| 2 | ଗଞ୍ଜାମ | ବେଗୁନିଆପଡ଼ା | ଖଣ୍ଡିଆନଇ, ମର୍ଦାକୋଟ, ମରଦାମେଖା |
| | | ଭଞ୍ଜନଗର | ଡିହପଧାଲ, ମୁଜାଗଡ଼, ସାନକୋଦଣ୍ଡା |
| | | ରଙ୍ଗେଇଲୁଣ୍ଡା | ଦୁରା, ଗୋଲନ୍ଥରା, ରନ୍ଧା |
| 3 | ଯାଜପୁର | ସୁକିନ୍ଦା | ସୁକିନ୍ଦାଗଡ଼, ଚିଙ୍ଗୁଡ଼ିପାଳ, ଦୁଧୁଜୋରୀ |
| | | ଦାନଗଦି | ନଦୀଆଭଙ୍ଗା, ରାଛିପୁର, ତ୍ରିଜଙ୍ଗା |
| | | ଧର୍ମଶାଳା | କୋଟପୁର, କୁମାରୀ, ଅଭୟପୁର |
| 4 | କେଓଁଝର | କେନ୍ଦୁଝର ସଦର | ଡିମ୍ବୋ, ରଘୁନାଥପୁର, ପଳାଶପଙ୍ଗା |
| | | ବାଂଶପାଳ | ଉପରରାଇଗୋଦା, ବାଂଶପାଳ, କରାଙ୍ଗଡିହି |
| | | ଚମ୍ପୁଆ | ରାଜିଆ, ଭୂଇଁପୁର, ବଦାନୀ |
| 5 | କୋରାପୁଟ | ପଟାଙ୍ଗି | ପଟାଙ୍ଗିଗଙ୍ଗାରାଜପୁର, ପୁକାଲି |
| | | ଲକ୍ଷ୍ମୀପୁର | ଲକ୍ଷ୍ମୀପୁର, ତୋୟାପୁଟ, ବୁର୍ଜା |
| | | ଦଶମନ୍ତପୁର | ଚଣାବାଡ଼, ପ୍ରଜା ବେଦପଦର, ଦଶମନ୍ତପୁର |
| 6 | ରାୟଗଡ଼ା | କାଶୀପୁର | ପୋଡ଼ାପୋଡ଼ି, ଟିକିରି, ତଳଝରୀ |
| | | ଇଷମକଟକ | ଚାଞ୍ଚରଗୁଡ଼ା, ଭେଟିଆପଡ଼ା, ଦୁର୍ଗୀ |
| | | ମୁନିଗୁଡ଼ା | ଏମ୍. ପତ୍ରଗୁଡ଼ା, ଶିବପଦର, କୁମୁଡ଼ାବାଲି |
| 7 | ସୁନ୍ଦରଗଡ଼ | କୋଇରା | ଗୋପନା, କେ.ବଲଙ୍ଗା, ପାଟମୁଣ୍ଡା |
| | | ହେମଗିରି | ଆଙ୍ଗେଲବିରା, କୁଚେଡେଗା, ସୁମୁରା |
| | | ରାଜଗାଙ୍ଗପୁର | ବୁଚୁକପଡ଼ା, କୁକୁଡ଼ା, ପାନପୋଷ |

## *ପରିଶିଷ୍ଟ–2.2*

### *(ଦ୍ରଷ୍ଟବ୍ୟ ଅନୁଚ୍ଛେଦ ସଂଖ୍ୟା.:2.4.1; ପୃଷ୍ଠାସଂଖ୍ୟା: 15)*

### ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ ପ୍ରଦାନରେବିଳମ୍ବ ହେତୁସୁଧର ଭାର (ମାର୍ଚ୍ଚ2022ସୁଦ୍ଧା)

| ଅନୁଦାନ | ଜିଓଆଇ ଦ୍ୱାରା ପ୍ରଦତ୍ତ ପରିମାଣ (ଟଙ୍କାକୋଟିରେ) | ବଣ୍ଟନର ଶେଷତାରିଖ | ବଣ୍ଟନର ପ୍ରକୃତତାରିଖ | ବଣ୍ଟନ/ ଆବଣ୍ଟନର ପରିମାଣ[70] (ଟଙ୍କାଲକ୍ଷରେ) | ବଣ୍ଟନ/ ଆବଣ୍ଟନରେ ବିଳମ୍ବ (ଦିନରେ) | ଦଣ୍ଡିତସୁଧର ଦେୟ7% ବାର୍ଷିକହାରରେ (ଟଙ୍କାଲକ୍ଷରେ) |
|---|---|---|---|---|---|---|
| ଏକୀକୃତ ଅନୁଦାନରପ୍ରଥମ କିସ୍ତି (2020-21) | 564.50 | 02.07.2020 | 16.07.2020 | 96.41 | 14 | 0.26 |
| | | | 18.07.2020 | 17.06 | 16 | 0.05 |
| | | | 21.07.2020 | 12.84 | 19 | 0.05 |
| | | | 16.07.2020 | 365.37 | 14 | 0.98 |
| | | | 16.07.2020 | 305.62 | 14 | 0.82 |
| ଟାଏଡ଼ ଅନୁଦାନରପ୍ରଥମ କିସ୍ତି (2020-21) | 564.50 | 29.07.2020 | 18.08.2020 | 83.83 | 20 | 0.32 |
| ଏକୀକୃତ ଅନୁଦାନରଦ୍ୱିତୀୟକିସ୍ତି (2020-21) | 564.50 | 08.02.2021 | 11.02.2021 | 39,515.00 | 3 | 22.73 |
| | | | 31.03.2021 | 79.52 | **51** | 0.78 |
| | | | 22.02.2021 | 220.88 | 14 | 0.59 |
| ମୋଟ | | | | | | **26.58** |

*<u>ଉତ୍ସ</u>: ପଞ୍ଚାୟତିରାଜଏବଂ ପାନୀୟଜଳବିଭାଗରନଥିପତ୍ରରୁ*

[70]ଯେହେତୁବୈଷୟିକସମସ୍ୟାହେତୁ ପ୍ରଥମ ପର୍ଯ୍ୟାୟରେକେତେକ ପଞ୍ଚାୟତିରାଜ ପ୍ରତିଷ୍ଠାନରଖାତାକୁଏହି ଅନୁଦାନ ପ୍ରଦାନ କରାଯାଇପାରି ନଥିଲା, ଏହି ଅନୁଦାନଗୁଡ଼ିକ ସେମାନଙ୍କଖାତାରେ ପୁନଃଜମାକରାଯାଇଥିଲା।

## ପରିଶିଷ୍ଟ – 2.3

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ ସଂଖ୍ୟା.:2.4.4; ପୃଷ୍ଠାସଂଖ୍ୟା: 17)*

**ବକେୟା ଅଗ୍ରୀମ (ମାର୍ଚ୍ଚ2022 ପର୍ଯ୍ୟନ୍ତ)**

*(ଟଙ୍କାଲକ୍ଷରେ)*

| କ୍ର.ସଂ. | ଜିଲ୍ଲା ପରିଷଦ | ପଞ୍ଚାୟତସମିତି | ବକେୟା ଅଗ୍ରୀମ ଥିବାୟୁନିଟ୍ | ଅଗ୍ରୀମ ପ୍ରଦାନ (ମାର୍ଚ୍ଚ2022 ପର୍ଯ୍ୟନ୍ତ) | ଅଗ୍ରୀମ ବକେୟା (ମାର୍ଚ୍ଚ2022 ପର୍ଯ୍ୟନ୍ତ) | କେଉଁ ଅବଧିରୁ ଅଗ୍ରୀମ ବକେୟା ଥିଲା |
|---|---|---|---|---|---|---|
| 1 | କୋରାପୁଟ | ପଟ୍ଟାଙ୍ଗି | ପଟ୍ଟାଙ୍ଗି ପଞ୍ଚାୟତସମିତି | 0.50 | 0.50 | 2017 |
| 2 | କୋରାପୁଟ | ଲକ୍ଷ୍ମୀପୁର | ଲକ୍ଷ୍ମୀପୁରପଞ୍ଚାୟତସମିତି | 0.27 | 0.27 | 2017 |
| 3 | କୋରାପୁଟ | ଦଶମନ୍ତପୁର | ଦଶମନ୍ତପୁର ପଞ୍ଚାୟତସମିତି | 0.48 | 0.48 | 2018 |
| 4 | କୋରାପୁଟ | ଦଶମନ୍ତପୁର | ଦଶମନ୍ତପୁର ପଞ୍ଚାୟତସମିତି | 8.07 | 8.07 | ଅଗଷ୍ଟ 2013 |
| | ମୋଟ | | | **9.32** | **9.32** | |
| 5 | ଗଞ୍ଜାମ | ଭଞ୍ଜନଗର | ସାନକୋଦଣ୍ଡା ଗ୍ରାମ ପଞ୍ଚାୟତ | 1.00 | 1.00 | ମଇ2020 |
| 6 | ରାୟଗଡ଼ା | କାଶୀପୁର | ପୋଡ଼ାପୋଡ଼ି ଗ୍ରାମ ପଞ୍ଚାୟତ | 0.36 | 0.00 | ଉପଲବ୍ଧ ନୁହେଁ |
| 7 | କେଉଁଝର | କେନ୍ଦୁଝର ସଦର | ଡିମୋଗ୍ରାମ ପଞ୍ଚାୟତ | 0.50 | 0.50 | 2017-18ପୂର୍ବରୁ |
| 8 | କେଉଁଝର | ବାଂଶପାଳ | ବାଂଶପାଳଗ୍ରାମ ପଞ୍ଚାୟତ | 2.00 | 0.87 | ମଇ2020 |
| ମୋଟ | | | | **4.36** | **2.87** | |

*ଉତ୍ସ: ସଂପୃକ୍ତ ପଞ୍ଚାୟତସମିତି ଏବଂଗ୍ରାମ ପଞ୍ଚାୟତରତଥ୍ୟ*

## ପରିଶିଷ୍ଟ–2.4

**(ଦ୍ରଷ୍ଟବ୍ୟ ଅନୁଚ୍ଛେଦ ସଂଖ୍ୟା:2.4.7; ପୃଷ୍ଠାସଂଖ୍ୟା: 19)**

## ସିଏଫ୍‌ସି ଅନୁଦାନକୁ ଯୋଜନାରେ ପରିବର୍ତ୍ତନ

| କ୍ର.ସଂ. | ଜିଲ୍ଲା ପରିଷଦ | ପଞ୍ଚାୟତସମିତି | ଗ୍ରାମ ପଞ୍ଚାୟତ | 2017-22 ମଧ୍ୟରେ ଯୋଜନାଗୁଡ଼ିକରେବିନିଯୋଗ ଅର୍ଥ (ଟଙ୍କାଲକ୍ଷରେ) | ଯେଉଁଯୋଜନାରେଅର୍ଥ ବିନିଯୋଗହୋଇଥିଲା | ମାର୍ଚ୍ଚ2022 ସୁଦ୍ଧାଫେରସ୍ତହୋଇନଥିବାରାଶି (ଟଙ୍କାଲକ୍ଷରେ) | ପରିବର୍ତ୍ତନର ଅବଧି (ଦିନରେ) |
|---|---|---|---|---|---|---|---|
| 1 | ସୁନ୍ଦରଗଡ଼ | କୋଇରା | ଗୋପନା | 2.57 | ଚତୁର୍ଥ ଏସ୍‌ଏଫ୍‌ସି | 2.57 | **1,823** |
| 2 | ସୁନ୍ଦରଗଡ | କୋଇରା | ଗୋପନା | 3.46 | ଜିପି ପାଣ୍ଠି | 3.46 | 1,399 |
| 3 | ସୁନ୍ଦରଗଡ | କୋଇରା | କେ. ବଲଙ୍ଗା | 4.79 | ଜିପି ପାଣ୍ଠି | 4.79 | 1,400 |
| 4 | ସୁନ୍ଦରଗଡ | କୋଇରା | ପାଟମୁଣ୍ଡା | 3.30 | ଜିପି ପାଣ୍ଠି | 3.30 | 1,412 |
| 5 | ସୁନ୍ଦରଗଡ | କୋଇରା | ପାଟମୁଣ୍ଡା | 0.56 | ଜିପି ପାଣ୍ଠି | 0.56 | 1,413 |
| 6 | ସୁନ୍ଦରଗଡ | କୋଇରା | ପାଟମୁଣ୍ଡା | 0.45 | ପିଡିଏସ୍ କ୍ୟାସ୍ ବୁକ୍ | 0.45 | 1,385 |
| 7 | ସୁନ୍ଦରଗଡ | କୋଇରା | ପାଟମୁଣ୍ଡା | 0.90 | ପିଡିଏସ୍ କ୍ୟାସ୍ ବୁକ୍ | 0.90 | 1,218 |
| 8 | ସୁନ୍ଦରଗଡ | ହେମଗିରି | କୁଚେଦେଗା | 0.21 | ଜିପି ପାଣ୍ଠି | 0.21 | 1,715 |
| 9 | ସୁନ୍ଦରଗଡ | ହେମଗିରି | କୁଚେଦେଗା | 0.26 | ଜିପି ପାଣ୍ଠି | 0.26 | 1,605 |
| 10 | ସୁନ୍ଦରଗଡ | ହେମଗିରି | କୁଚେଦେଗା | 0.23 | ଜିପି ପାଣ୍ଠି | 0.23 | 1,380 |
| 11 | ସୁନ୍ଦରଗଡ | ହେମଗିରି | ସୁମୁରା | 0.22 | ଏଚ୍‌ଏସ୍‌ଡ୍ୱାଇ | 0.22 | 1,693 |
| 12 | କେଉଁଝର | କେଉଁଝର ସଦର | ଡିମୋ | 1.37 | ଏସ୍‌ଏଫ୍‌ସି | 1.37 | 1,806 |
| 13 | କେଉଁଝର | କେଉଁଝର ସଦର | ଡିମୋ | 4.99 | କୋଭିଡ୍-19 | 4.99 | 535 |
| 14 | କେଉଁଝର | କେଉଁଝର ସଦର | କରଙ୍ଗାଡିହି | 0.26 | ଜେନେରାଲକ୍ୟାସ୍ ବୁକ୍ | 0.26 | 1,766 |
| 15 | କେଉଁଝର | କେଉଁଝର ସଦର | କରଙ୍ଗାଡିହି | 0.45 | ଜେନେରାଲକ୍ୟାସ୍ ବୁକ୍ | 0.45 | 1,535 |
| 16 | ରାୟଗଡ଼ା | ମୁନିଗୁଡ଼ା | କୁମୁଦବାଲି | 0.77 | ଏସ୍‌ଏଫ୍‌ସି | 0.77 | 1,549 |
| 17 | ରାୟଗଡ଼ା | ମୁନିଗୁଡ଼ା | କୁମୁଦବାଲି | 0.93 | ଏସ୍‌ଏଫ୍‌ସି | 0.93 | 1,517 |
| 18 | ରାୟଗଡ଼ା | ମୁନିଗୁଡ଼ା | କୁମୁଦବାଲି | 0.74 | ଏସ୍‌ଏଫ୍‌ସି | 0.74 | 1,512 |
| 19 | ରାୟଗଡ଼ା | ମୁନିଗୁଡ଼ା | କୁମୁଦବାଲି | 1.88 | ଏସ୍‌ଏଫ୍‌ସି | 1.88 | 1,504 |
| 20 | ରାୟଗଡ଼ା | ମୁନିଗୁଡ଼ା | କୁମୁଦବାଲି | 0.22 | ଜିପିକ୍ୟାସ୍ ବୁକ୍ | 0.22 | 1,482 |
| 21 | ରାୟଗଡ଼ା | ମୁନିଗୁଡ଼ା | କୁମୁଦବାଲି | 0.27 | ଏସ୍‌ଏଫ୍‌ସି | 0.27 | 918 |
| 22 | ରାୟଗଡ଼ା | ମୁନିଗୁଡ଼ା | ଶିବପଦର | 1.88 | ଏସ୍‌ଏଫ୍‌ସି | 1.88 | 1,387 |
| 23 | ରାୟଗଡ଼ା | ମୁନିଗୁଡ଼ା | ଶିବପଦର | 0.94 | ଏସ୍‌ଏଫ୍‌ସି | 0.94 | 1,374 |
| 24 | ରାୟଗଡ଼ା | ମୁନିଗୁଡ଼ା | ଶିବପଦର | 2.06 | ଏସ୍‌ଏଫ୍‌ସି | 2.06 | 1,165 |
| 25 | ରାୟଗଡ଼ା | ମୁନିଗୁଡ଼ା | ଶିବପଦର | 2.24 | ଏସ୍‌ଏଫ୍‌ସି | 2.24 | 1,098 |
| 26 | ଯାଜପୁରା | ସୁକିନ୍ଦା | ସୁକିନ୍ଦାଗଡ଼ | 2.95 | ଏସ୍‌ଏଫ୍‌ସି | 2.95 | 524 |
| 27 | ଯାଜପୁର | ସୁକିନ୍ଦା | ସୁକିନ୍ଦାଗଡ଼ | 4.42 | ଟିଏମ୍‌ସି | 4.42 | 521 |

| କ୍ର.ସଂ. | ଜିଲ୍ଲା ପରିଷଦ | ପଞ୍ଚାୟତସମିତି | ଗ୍ରାମ ପଞ୍ଚାୟତ | **2017-22 ମଧ୍ୟରେ** ଯୋଜନାଗୁଡ଼ିକରେବିନିଯୋଗ ଅର୍ଥ (ଟଙ୍କାଲକ୍ଷରେ) | ଯେଉଁଯୋଜନାରେଅର୍ଥ ବିନିଯୋଗହୋଇଥିଲା | ମାର୍ଚ୍ଚ**2022** ସୁଦ୍ଧାଫେରସ୍ତହୋଇନଥିବାରାଶି (ଟଙ୍କାଲକ୍ଷରେ) | ପରିବର୍ତ୍ତନର ଅବଧି (ଦିନରେ) |
|---|---|---|---|---|---|---|---|
| 28 | ଯାଜପୁର | ସୁକିନ୍ଦା | ଧୁଧୁଜୋରୀ | 0.58 | ଟିଏମ୍ସି | 0.58 | 675 |
| 29 | ଯାଜପୁର | ସୁକିନ୍ଦା | ଧୁଧୁଜୋରୀ | 1.07 | ଟିଏମ୍ସି | 1.07 | 644 |
| 30 | ଯାଜପୁର | ସୁକିନ୍ଦା | ଧୁଧୁଜୋରୀ | 3.30 | ଟିଏମ୍ସି | 3.30 | 644 |
| 31 | ଯାଜପୁର | ସୁକିନ୍ଦା | ଚିଙ୍ଗୁଡ଼ିପାଳ | 1.28 | ଟିଏମ୍ସି | 1.28 | 667 |
| 32 | ଯାଜପୁର | ସୁକିନ୍ଦା | ଚିଙ୍ଗୁଡ଼ିପାଳ | 4.42 | ଟିଏମ୍ସି | 4.42 | 617 |
| 33 | ଯାଜପୁର | ଦାନଗଦି | ରଛିପୁର | 0.06 | ଏଚ୍ଏସ୍ୱାଇ | 0.06 | 1,338 |
| 34 | ଯାଜପୁର | ଦାନଗଦି | ରଛିପୁର | 0.14 | ଏଚ୍ଏସ୍ୱାଇ | 0.14 | 1,302 |
| 35 | ଯାଜପୁର | ଦାନଗଦି | ରଛିପୁର | 0.20 | ଏଚ୍ଏସ୍ୱାଇ | 0.20 | 1,172 |
| 36 | ଯାଜପୁର | ଦାନଗଦି | ରଛିପୁର | 1.00 | ଏଚ୍ଏସ୍ୱାଇ | 1.00 | 728 |
| 37 | ଯାଜପୁର | ଦାନଗଦି | ରଛିପୁର | 1.83 | ଟିଏମ୍ସି | 1.83 | 658 |
| 38 | ଯାଜପୁର | ଦାନଗଦି | ରଛିପୁର | 0.12 | ଟିଏମ୍ସି | 0.12 | 483 |
| 39 | ଯାଜପୁର | ଦାନଗଦି | ରଛିପୁର | 0.50 | ଟିଏମ୍ସି | 0.50 | **195** |
| 40 | ଯାଜପୁର | ଦାନଗଦି | ତ୍ରିଜଙ୍ଗା | 0.10 | ଏଚ୍ଏସ୍ୱାଇ | 0.10 | 1,465 |
| 41 | ଯାଜପୁର | ଦାନଗଦି | ତ୍ରିଜଙ୍ଗା | 0.06 | ଏଚ୍ଏସ୍ୱାଇ | 0.06 | 1,438 |
| 42 | ଯାଜପୁର | ଦାନଗଦି | ତ୍ରିଜଙ୍ଗା | 0.06 | ଏଚ୍ଏସ୍ୱାଇ | 0.06 | 1,359 |
| 43 | ଯାଜପୁର | ଦାନଗଦି | ତ୍ରିଜଙ୍ଗା | 0.06 | ଏଚ୍ଏସ୍ୱାଇ | 0.06 | 1,296 |
| 44 | ଯାଜପୁର | ଦାନଗଦି | ତ୍ରିଜଙ୍ଗା | 0.10 | ଏଚ୍ଏସ୍ୱାଇ | 0.10 | 1,269 |
| 45 | ଯାଜପୁର | ଧର୍ମଶାଳା | ଅଭୟପୁର | 0.35 | ଟିଏମ୍ସି | 0.35 | 549 |
| 46 | ଯାଜପୁର | ଧର୍ମଶାଳା | ଅଭୟପୁର | 0.81 | ଟିଏମ୍ସି | 0.81 | 539 |
| 47 | ଯାଜପୁର | ଧର୍ମଶାଳା | କୋଟାପୁର | 1.50 | ଟିଏମ୍ସି | 1.50 | 532 |
| 48 | ଯାଜପୁର | ଧର୍ମଶାଳା | କୋଟାପୁର | 3.50 | ଟିଏମ୍ସି | 3.50 | 532 |
| 49 | ବାଲେଶ୍ୱର | ବସ୍ତା | ଗଡ଼ାପଡ଼ା | 0.30 | ଏଚ୍ଏସ୍ୱାଇ | 0.30 | 1,625 |
| 50 | ବାଲେଶ୍ୱର | ବସ୍ତା | ଗଡ଼ାପଡ଼ା | 0.74 | ସିଟିଙ୍ଗଏଲାଓନ୍ସସରପଞ୍ଚ ଏବଂ ନାଏବସରପଞ୍ଚ | 0.74 | 1,494 |
| 51 | ବାଲେଶ୍ୱର | ବସ୍ତା | ଗଡ଼ାପଡ଼ା | 0.08 | | 0.08 | 1,388 |
| 52 | ବାଲେଶ୍ୱର | ବସ୍ତା | ଗଡ଼ାପଡ଼ା | 0.20 | ଏଚ୍ଏସ୍ୱାଇ | 0.20 | 836 |
| 53 | ବାଲେଶ୍ୱର | ବସ୍ତା | ନଟକଟା | 2.00 | ଏସ୍ଏଫ୍ସି | 2.00 | 1,409 |
| 54 | ବାଲେଶ୍ୱର | ବସ୍ତା | ନଟକଟା | 0.10 | ଏଚ୍ଏସ୍ୱାଇ | 0.10 | 1,305 |
| 55 | ବାଲେଶ୍ୱର | ବସ୍ତା | ନଟକଟା | 0.28 | ଏସ୍ଏଫ୍ସି | 0.28 | 1,125 |
| 56 | ବାଲେଶ୍ୱର | ବସ୍ତା | ନଟକଟା | 2.00 | ଟିଏମ୍ସି | 2.00 | 703 |
| 57 | ବାଲେଶ୍ୱର | ବସ୍ତା | ନଟକଟା | 2.00 | ଟିଏମ୍ସି | 2.00 | 670 |
| 58 | ବାଲେଶ୍ୱର | ବସ୍ତା | ନଟକଟା | 1.00 | ଟିଏମ୍ସି | 1.00 | 588 |
| 59 | ବାଲେଶ୍ୱର | ବସ୍ତା | ସଦାନନ୍ଦପୁର | 0.28 | ଟିଏମ୍ସି | 0.28 | 1,085 |

